# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଜୁନ୍ ୨୪/୨୦୨୦ (୨୧ ପୃଷ୍ଠା) | Rayagada, Wednesday, June 24/2020 | ★

୧୬ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଯୋଗର ଦ୍ୱିତୀୟ ମାଧ୍ୟମ ହେଉଛି ନୃତ୍ୟ**

ଅଭିନେତ୍ରୀ ମୌନୀ ରୟ ଯୋଗର ଦ୍ୱିତୀୟ ମାଧ୍ୟମ ନୃତ୍ୟ ବୋଲି କହିଛନ୍ତି। ଯେବେ ବି ସୁଯୋଗ ମିଳେ ସେ ବିଭିନ୍ନ ମୁଦ୍ରାରେ ନୃତ୍ୟ କରିବାକୁ ଭଲ ପାଇଥାନ୍ତି।

୧୦

୧୧

**ଜୋକୋଭିଚ୍ କରୋନା ପଜିଟିଭ୍**

ସର୍ବୀୟ ତାରକା ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କ କରୋନା ଟେଷ୍ଟରେ ପଜିଟିଭ୍ ଆସିଛି।



# ରଥ ପଥରେ, ବିନା ଭକ୍ତରେ

## ଶ୍ରୀମନ୍ଦିର ଇତିହାସରେ ନୂଆ ଅଧ୍ୟାୟ

**ପୁରୀ ଅଫିସ,୨୩।୬**

- କୋଭିଡ୍-୧୯ ଟେଷ୍ଟ ହୋଇଥିବା ସେବାୟତ ଟାଣିଲେ ରଥ
- ଶରଧାବାଲିରେ ଲାଗିଲା ତିନିରଥ
- ଆଜି ଆଡ଼ପ ମଣ୍ଡପ ବିଜେ

ମହାମାରୀ କରୋନା ପାଇଁ ଶ୍ରୀମନ୍ଦିର ଇତିହାସରେ ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। ଶେଷ ମୁହୂର୍ତ୍ତରେ ଲୀଳାମୟ ଦେଖାଇଲେ ତାଙ୍କ ଅପୂର୍ବ ଲୀଳା। ବଡ଼ଦାଣ୍ଡକୁ ଓହ୍ଲାଇ ଆସିଲେ ଭାବବିନୋଦିଆ। ସେ ବିଶ୍ୱନିୟନ୍ତା, ଜଗତଠାକୁର। ତାଙ୍କୁ ବା ଅଟକାଇବ କିଏ? ଏହା ପ୍ରମାଣିତ କରି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିଛନ୍ତି ମହାପ୍ରଭୁ। ହେଲେ ରଥାରୂଢ଼ ଠାକୁରଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିପାରିଲେନି ଭକ୍ତ। ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଲା ତିନିରଥ। ବଡ଼ଦାଣ୍ଡରେ ରଥ ଗଡ଼ିଲା, ଭାଉଣୀଭାଇଙ୍କୁ ସାଥିରେ ଧରି ଆଡ଼ପମଣ୍ଡପ ଅଭିମୁଖେ ଯାତ୍ରା କରିଛନ୍ତି ମହାବାହୁ। ହେଲେ ଭକ୍ତ-ଭଗବାନଙ୍କ ମହାମିଳନ ହୋଇପାରିଲାନି। ସୁପ୍ରିମ୍‌କୋର୍ଟଙ୍କ କଟକଣା ଏବଂ ନିର୍ଘଣ୍ଟ ଅନୁଯାୟୀ ନୀତିକାନ୍ତି ଯୋଗୁ ସଞ୍ଜ ନଇଁବା ପୂର୍ବରୁ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ଚତୁର୍ଦ୍ଧାବିଗ୍ରହ। ବୁଧବାର ଆଡ଼ପମଣ୍ଡପ ତଥା ଜନ୍ମବେଦୀକୁ ବିଜେ କରିବେ ମହାବାହୁ।

ମହାମାରୀ କରୋନା ପାଇଁ ଏଥର ପୁରୀରେ ରଥଯାତ୍ରା ହେବ ନା ହେବନି ଏହାକୁ ନେଇ ଲାଗିରହିଥିଲା ଦ୍ୱନ୍ଦ୍ୱ। ଶେଷ ମୁହୂର୍ତ୍ତରେ ସୁପ୍ରିମକୋର୍ଟ କେବଳ ପୁରୀରେ ସର୍ତ୍ତମୂଳକ ରଥଯାତ୍ରାକୁ ଅନୁମତି ଦେଲେ। ବିନା ଭକ୍ତରେ ରଥଯାତ୍ରା କରିବା ଲାଗି ଆରମ୍ଭ ହୋଇଥିଲା ପ୍ରଶାସନିକ ପ୍ରସ୍ତୁତି। ଜିଲାକୁ ଶଟ୍‌ଡାଉନ ଏବଂ ପୁରୀ ସହରରେ କର୍ଫ୍ୟୁ ଘୋଷଣା ହେଲା। ଠିକଣା ସମୟକୁ ସବୁକିଛି ପ୍ରସ୍ତୁତ ହୋଇଗଲା। ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଲା। ନିର୍ଦ୍ଧାରିତ ସମୟଠାରୁ ୨୫ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ପ୍ରାତଃ ୪ଟା ୨୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢିଥିଲା। ସକାଳ ୬ଟା ୪୫ରେ ସକାଳ ଧୂପ ବଢିଥିଲା। ଏହାପରେ ଦେଉଳ ପୁରୋହିତ ତିନିରଥ ପ୍ରତିଷ୍ଠା କରିଥିଲେ। ସକାଳ ୭ଟା ୧୫ରେ ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି ସରିଥିଲା। ଏହାର ଠିକ୍ ୧୦ମିନିଟ୍ ପରେ ବାଜିଉଠିଥିଲା ବିଜେ କାହାଳୀ। ସକାଳ ୭ଟା ୨୫ରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ପହଣ୍ଡି। ଭକ୍ତ ନ ଥିବାରୁ ଶୁଣିବାକୁ ମିଳି ନ ଥିଲା ହରିବୋଲ କି ହୁଳହୁଳି ଧ୍ୱନି। କିନ୍ତୁ ଘଣ୍ଟନାଦରେ ପ୍ରକମ୍ପିତ ହୋଇଥିଲା ଶ୍ରୀମନ୍ଦିର ପରିସର। ପରମ୍ପରା ଅନୁଯାୟୀ ପ୍ରଥମେ ସୁଦର୍ଶନ, ତା' ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥଲେ। ଧାର୍ଯ୍ୟ ସମୟର ୫୦ ମିନିଟ୍ ପୂର୍ବରୁ ଶେଷ ହୋଇଥିଲା ପହଣ୍ଡି। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ☞ ପୃଷ୍ଠା-୪



ପୁରୀ ସିଂହଦ୍ୱାର ସମ୍ମୁଖରୁ ସେବାୟତମାନେ ମଙ୍ଗଳବାର ତାଳଧ୍ୱଜ ରଥକୁ ଟାଣି ନେଉଛନ୍ତି। (ଫଟୋ: ଅନିଲ କୁମାର ସାହୁ)






## ଯୁବ କଂଗ୍ରେସ ସଭାପତି ଚୟନକୁ ନେଇ ଖଣ୍ଡଯୁଦ୍ଧ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

- ସ୍ମୃତିରଞ୍ଜନ ଦାୟିତ୍ୱ ନେବାବେଳେ ଗଣ୍ଡଗୋଳ

ରାଜ୍ୟ ଯୁବ କଂଗ୍ରେସରେ ସଭାପତି ଚୟନକୁ ନେଇ ବିବାଦ ମଙ୍ଗଳବାର ଉଗ୍ରରୂପ ଧାରଣ କରିଛି। କଂଗ୍ରେସ ଭବନରେ ନବନିଯୁକ୍ତ ସଭାପତି ସ୍ମୃତିରଞ୍ଜନ ଲେଙ୍କା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ୨ଗୋଷ୍ଠୀ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ୩ଜଣଙ୍କୁ ପଚରାଉଚରା କରୁଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଲାଗି-ପୂର୍ବତନ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

ସୂଚନା ମୁତାବକ, ନବନିଯୁକ୍ତ ଯୁବ କଂଗ୍ରେସ ସଭାପତି ଲେଙ୍କା ନିଜ ସମର୍ଥକଙ୍କ ଗ୍ରହଣରେ ବିଧିବଦ୍ଧ ଦାୟିତ୍ୱ ☞ ପୃଷ୍ଠା-୪


ଭାରତ-ଚାଇନା ଆଲୋଚନା
**ସେନା ପ୍ରତ୍ୟାହାର ପାଇଁ ସହମତି**

**ଟ୍ରମ୍ପଙ୍କ ନୂଆ ଭିଜା କଟକଣା**

ନବ ନିର୍ବାଚିତ ରାଜ୍ୟସଭା ସଦସ୍ୟ
**୪୪%ଙ୍କ ବିରୋଧରେ ଆପରାଧିକ ମାମଲା**

୨

**୩.୧% ଖସିଯିବ ଜିଡିପି**

**ଲିଟର ପିଛା ୧୦ଟଙ୍କା ବଢ଼ିଲାଣି ଡିଜେଲ**

**ପତଞ୍ଜଳିର କୋରୋନିଲ୍‌କୁ ନେଇ ସ୍ପଷ୍ଟୀକରଣ ଲୋଡ଼ାଗଲା**

୧୧


**ଆଜିର ସମ୍ପାଦକୀୟ**

ମଣିଷପଣିଆର ଅଭାବ

**ଆଜିର ମନ୍ତବ୍ୟ**

"ଚାଇନା ସହ ବର୍ତ୍ତମାନର ସୀମା ସଙ୍କଟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ଏହାର ଭୁଲ୍ ନୀତି ଯୋଗୁ ସୃଷ୍ଟି ହୋଇଛି।
- ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା




**ପ୍ରତି ଘରୁ ହଟିବ ଚାଇନା ମିଟର**

ଉତ୍ତରପ୍ରଦେଶର ପ୍ରତ୍ୟେକ ଘରୁ ଚାଇନା ବିଦ୍ୟୁତ୍ ମିଟର ହଟାଇବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଉପଭୋକ୍ତା ପରିଷଦର ଅନୁରୋଧକ୍ରମେ ଏପରି କରାଯାଇଛି। ଏହା ସହିତ କୌଣସି ଘରେ ନୂଆ ଚାଇନା ମିଟର ଅବା ବିଦ୍ୟୁତ୍ ଯନ୍ତ୍ରାଂଶ ନ ଲଗାଇବାକୁ କୁହାଯାଇଛି। ଗୋରଖପୁରରେ ବିଭିନ୍ନ ଘରେ ଲାଗିଥିବା ୧୫ ହଜାରରୁ ଅଧିକ ଚାଇନା ବିଦ୍ୟୁତ୍ ମିଟର ଖୁବ୍ ଶୀଘ୍ର ହଟାଯିବାର ଯୋଜନା ପ୍ରସ୍ତୁତ ହୋଇଛି।



କୋଲକାତାରେ ରଥଯାତ୍ରା ପାଳନ ଅବସରରେ ଭକ୍ତଙ୍କ ପୂଜାର୍ଚ୍ଚନା।




ହାଇଦ୍ରାବାଦରେ ରଥଯାତ୍ରା ପାଳନ କରାଯାଉ ନାହିଁ। ଭକ୍ତମାନଙ୍କୁ ଏହି ବିଷୟ ଜଣାଇବା ପାଇଁ ଜଗନ୍ନାଥ ସ୍ୱାମୀ ମନ୍ଦିର ବାହାରେ ନୋଟିସ ବୋର୍ଡ ଲଗାଉଛନ୍ତି ପୂଜକ।

# ସେନା ପ୍ରତ୍ୟାହାର ପାଇଁ ସହମତି

ନୂଆଦିଲ୍ଲୀ,୨୩।୬(ପି.ଟି.)



**ଭାରତ-ଚାଇନା ଆଲୋଚନା**
- ମୋଲଡୋରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ ବୈଠକ
- ପୂର୍ବ ଲଦାଖର ସମସ୍ତ ସଂଘର୍ଷସ୍ଥଳରୁ ହଟିବେ ଦୁଇଦେଶର ସୈନ୍ୟ
- ସୀମାରେ ଉତ୍ତେଜନା ହ୍ରାସ ଓ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ
- ଦୁଇଦିନିଆ ଲେହ ଗସ୍ତରେ ସ୍ଥଳସେନା ମୁଖ୍ୟ ନରୱଣେ

ପୂର୍ବ ଲଦାଖର ସମସ୍ତ ସଂଘର୍ଷସ୍ଥଳରୁ ସୈନ୍ୟ ପ୍ରତ୍ୟାହାର ପାଇଁ ବୁଧବାର ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ମଧ୍ୟରେ ସହମତି ପ୍ରକାଶ ପାଇଛି। ଗଲୱାନ ଉପତ୍ୟକାରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୬୩ ଜଣ ମୃତାହତ ହେବା ପରେ ଉତ୍ତେଜନା ବଢୁଥିବାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହେବ ବୋଲି କୁହାଯାଉଛି।

ଲଦାଖ ସୀମାରେ ଭାରତ-ଚାଇନା ମଧ୍ୟରେ ୬ ସପ୍ତାହ ଧରି ଲାଗିରହିଥିବା ଉତ୍ତେଜନା ହ୍ରାସ ଦିଗରେ ସକାରାତ୍ମକ ପଦକ୍ଷେପ ଆରମ୍ଭ ହୋଇଛି। ଏଲ୍ଏସିର ଚାଇନା ପଟେ ଥିବା ମୋଲଡୋରେ ଦୁଇ ଦେଶର ବରିଷ୍ଠ କମାଣ୍ଡରମାନେ ସୋମବାର ୧୧ ଘଣ୍ଟା ଧରି ବୈଠକ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସକାରାତ୍ମକ ବାତାବରଣରେ ଦୁଇପକ୍ଷ ଆଲୋଚନା କରିଥିଲେ। ପୂର୍ବ ଲଦାଖର ଯେଉଁ ସ୍ଥାନଗୁଡ଼ିକରେ ସଂଘର୍ଷ ହୋଇଥିଲା ସେହି ସମସ୍ତ ଅଞ୍ଚଳରୁ ଉଭୟ ପକ୍ଷର ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ ଏହି ଦ୍ୱିତୀୟ ବୈଠକରେ ସହମତି ପ୍ରକାଶ ପାଇଛି। ଭାରତ ପଟୁ ୧୪ କର୍ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଆଲୋଚନାର ନେତୃତ୍ୱ ନେଇଥିବାବେଳେ ତିବ୍ବତ ମିଲିଟାରି ଡିଷ୍ଟ୍ରିକ୍ଟ ମେଜର ଜେନେରାଲ ଲିଉ ଲିନ୍ ଚାଇନାର ପକ୍ଷ ରଖିଥିଲେ। ଏନେଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜୁନ ୬ରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଗଲୱାନ ଉପତ୍ୟକାରୁ ଧୀରେ ଧୀରେ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ଦୁଇପକ୍ଷ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ଦୁଇ ସେନା ପାଙ୍ଗୋଙ୍ଗ୍ ହ୍ରଦ, ଗଲୱାନ ଉପତ୍ୟକା, ଗୋଗ୍ରା ହଟ୍ ସ୍ପ୍ରିଙ୍ଗ୍ ସମେତ ଅନ୍ୟ କେତେକ ସ୍ଥାନରେ ମୁହାଁମୁହିଁ ହୋଇଥିଲେ। ସବୁଠୁ ବଡ଼ ସଂଘର୍ଷ ଜୁନ୍ ୧୫ରେ ଗଲୱାନର ପାଟ୍ରୋଲିଂ ପଏଣ୍ଟ ନମ୍ବର ୧୪ରେ ହୋଇଥିଲା। ଏଥରେ ଭାରତୀୟ ସେନାର ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍ଏର ୪୩ ମୃତାହତ ହୋଇଥିଲେ। ଫଳରେ ୩୫୦୦ କି.ମି. ବିସ୍ତୃତ ଏଲ୍ଏସିରେ ଭାରତ ଓ ଚାଇନା ଅତିରିକ୍ତ ସେନା ମୁତୟନ କରିଥିଲେ।

ଅନ୍ୟପକ୍ଷରେ ଭାରତୀୟ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ମଙ୍ଗଳବାର ଲେହ ଗସ୍ତ କରି ସମ୍ପୃକ୍ତ ଅଞ୍ଚଳରେ ସେନାର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଦୁଇଦିନିଆ ଗସ୍ତ ବେଳେ ସେ ଏଲ୍ଏସିର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଗତ ସପ୍ତାହରେ ବାୟୁସେନା ମୁଖ୍ୟ ଆର୍‌କେଏସ୍ ଭଦୋରିଆ ମଧ୍ୟ ଲଦାଖ ଓ ଶ୍ରୀନଗର ଗସ୍ତ କରି ଆଇଏଏଫ୍‌ର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ସେହିପରି ଏଲ୍ଏସିରେ ଚାଇନା ସୈନ୍ୟ କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନେଲେ କଡ଼ା ଜବାବ ଦେବା ପାଇଁ ଅସ୍ତ୍ର ବ୍ୟବହାର କରିବାକୁ ଭାରତ ପକ୍ଷରୁ ରବିବାର ସ୍ୱାଧୀନତା ଦିଆଯାଇଥିଲା।

## ମଧ୍ୟସ୍ଥତା ଲାଗି ମନାକଲା ରୁଷିଆ

### ସହାୟତା ଚାହୁଁନାହାନ୍ତି ଭାରତ-ଚାଇନା

ମସ୍କୋ,୨୩।୬(ପି.ଟି.)

ଗଲୱାନ ଉପତ୍ୟକାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଲାଗିରହିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ମଧ୍ୟସ୍ଥତା କରିବାକୁ ରୁଷିଆ ମନାକରିଦେଇଛି। ଦୁଇଦେଶ ସେମାନଙ୍କ ବିବାଦର ସମାଧାନ ପାଇଁ ମସ୍କୋଠାରୁ କୌଣସି ପ୍ରକାର ସହାୟତା ଚାହୁଁ ନାହାନ୍ତି ବୋଲି ମଙ୍ଗଳବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେୟ ଲାଭ୍‌ରୋଭ୍ କହିଛନ୍ତି।

ଭାରତ, ଚାଇନା ଓ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ମଧ୍ୟରେ ଏକ ଭର୍ଚୁଆଲ କନ୍‌ଫରେନ୍ସ ହୋଇଛି। ଏଥିରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସମେତ ରୁଷିଆ ପକ୍ଷରୁ ଲାଭ୍‌ରୋଭ ପ୍ରତିନିଧିତ୍ୱ କରିଥିଲେ। ସୀମା ବିବାଦକୁ ନେଇ ଉଭୟ ପକ୍ଷ ସାମରିକ ଓ ବହିର୍ବ୍ୟାପାର ମନ୍ତ୍ରୀ ସ୍ତରରେ ପରସ୍ପର ସହ ଆଲୋଚନା କରିଛନ୍ତି। ଏହା ଜାରି ରହିବା ଉଚିତ ବୋଲି ସେ କହିଛନ୍ତି।

## ଆକ୍ରମଣ ଲାଗି ଚାଇନା ଦେଇଥିଲା ନିର୍ଦ୍ଦେଶ

ୱାଶିଂଟନ, ୨୩।୬

**ଗଲୱାନ୍‌ରେ ଭାରତୀୟ ସେନା ସହ ସଂଘର୍ଷ ଘଟଣା**



ଜେନେରାଲ ଝାଓ ଜୋଙ୍ଗକି

ଗଲୱାନ୍ ଉପତ୍ୟକାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପଛର କାରଣ ଏବେ ଜଣାପଡ଼ିଛି। ଚାଇନା ସେନାର ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଜେନେରାଲ ଭାରତୀୟ ସେନା ଉପରେ ଆକ୍ରମଣ ଲାଗି ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।

ୱେଷ୍ଟର୍ନ ଥିଏଟର କମାଣ୍ଡ ମୁଖ୍ୟ ଜେନେରାଲ ଝାଓ ଜୋଙ୍ଗକିଙ୍କ ସହ କେତେଜଣ ବରିଷ୍ଠ ଅଧିକାରୀ ଏବେ ବି ପିଏଲ୍ଏରେ କାର୍ଯ୍ୟରତ ଅଛନ୍ତି। ଏମାନେ ଦକ୍ଷିଣ-ପଶ୍ଚିମ ଚାଇନା ଓ ଉତ୍ତର ଭାରତୀୟ ସୀମାଞ୍ଚଳର ନେତୃତ୍ୱ ନେଇଥାନ୍ତି। ଝାଓ ପୂର୍ବରୁ ଆମେରିକା ଓ ଭାରତର ଷଡ଼ଯନ୍ତ୍ରରେ ଚାଇନା ଦୁର୍ବଳ ହେବାରେ ଲାଗିଛି ବୋଲି ମତ ଦେଇଥିଲେ। ଭାରତ ବିରୋଧରେ ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ, ଯାହାର ପ୍ରତିଫଳନ ଜୁନ୍ ୧୫ ରାତିରେ ଦେଖିବାକୁ ମିଳିଲା ବୋଲି ଆମେରିକା ପକ୍ଷରୁ ଦର୍ଶାଯାଇଛି। ଗଲୱାନ୍‌ରେ ଦୁଇସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଏହି ସଂଘର୍ଷ ନେଇ ନିଷ୍ପତ୍ତି ପଛରେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ହାତ ଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ଇବୋବି ସିଂଙ୍କୁ ସିବିଆଇ ନୋଟିସ

ନୂଆଦିଲ୍ଲୀ,୨୩।୬



**୩୩୨ କୋଟିର ଏମ୍‌ଡିଏସ୍ ଦୁର୍ନୀତି**

ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଓକ୍ରାମ୍ ଇବୋବି ସିଂଙ୍କୁ ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନୋଟିସ କରିଛି। ୩୩୨ କୋଟି ଟଙ୍କାର ଏକ ଦୁର୍ନୀତି ମାମଲାରେ ସିବିଆଇ ବୁଧବାର ତାଙ୍କୁ ଜେରା କରିବ। ଏଥିପାଇଁ ଏକ ଟିମ୍ ରାଜଧାନୀ ଇମ୍ଫାଲରେ ପହଞ୍ଚିଛନ୍ତି। ଇବୋବି ସିଂ ମଣିପୁର ଡେଭେଲପ୍‌ମେଣ୍ଟ ସୋସାଇଟି (ଏମ୍‌ଡିଏସ୍) ଅଧ୍ୟକ୍ଷ ଥିବାବେଳେ ୨୦୦୯ରୁ ୨୦୧୭ ମଧ୍ୟରେ ୩୩୨ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିଲା। ଗତବର୍ଷ ନଭେମ୍ବର ୨୦ରେ ଭାଜପା ନେତୃତ୍ୱାଧୀନ ମଣିପୁରର ଏନ୍. ବୀରେନ ସିଂ ସରକାରଙ୍କ ଅନୁରୋଧ ତଥା କେନ୍ଦ୍ରର ଅନୁମତି କ୍ରମେ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ହାତକୁ ନେଇଥିଲା।

## ୭ ଦିନରେ ହାଇ କମିଶନ ଷ୍ଟାଫ୍ ୫୦% କମାଅ

ନୂଆଦିଲ୍ଲୀ,୨୩।୬(ପି.ଟି.)




**ପାକିସ୍ତାନକୁ କହିଲା ଭାରତ**

ନୂଆଦିଲ୍ଲୀସ୍ଥିତ ପାକିସ୍ତାନର ହାଇ କମିଶନ ଅଫିସରେ ଥିବା ଷ୍ଟାଫ୍ ମଧ୍ୟରୁ ୫୦% କର୍ମଚାରୀଙ୍କୁ ପ୍ରତ୍ୟାହାର କରିବା ପାଇଁ ଭାରତ ପକ୍ଷରୁ ଇସ୍‌ଲାମାବାଦକୁ କୁହାଯାଇଛି। ଅନୁରୂପ ଭାବେ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତରେ ଥିବା କର୍ମଚାରୀଙ୍କ ମଧ୍ୟରୁ ୫୦% ଊଣା ହେବେ। ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନକୁ ସମନ କରାଯାଇଛି। ପାକିସ୍ତାନ ହାଇକମିଶନ୍‌ର ଅଧିକାରୀମାନେ ଭାରତ ବିରୋଧୀ ଗୁପ୍ତଚରଗିରି କରିବା ଓ ଆତଙ୍କବାଦୀ ସଂଗଠନଗୁଡ଼ିକ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ନୂଆଦିଲ୍ଲୀ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ଟ୍ରମ୍ପଙ୍କ ନୂଆ ଭିଜା କଟକଣା

ୱାଶିଂଟନ, ୨୩।୬

**ଭାରତୀୟ ଭିଜାଧାରୀ ପ୍ରଭାବିତ ହେବେ**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଏକ ନୂଆ ଭିଜା କଟକଣା ଲଗାଇଛନ୍ତି। ପ୍ରଚଳିତ ଏଚ୍-୧ବି ଭିଜା ସମେତ ଅନ୍ୟ ଭିଜାକୁ ସେ ଅସ୍ଥାୟୀ ଭାବେ ରଦ୍ଦ କରିଛନ୍ତି। ଫଳରେ ବିଦେଶରେ ରହୁଥିବା ଅନେକ ଲୋକ ଏହାଦ୍ୱାରା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ତେବେ ଉପଯୁକ୍ତ ଭିଜାଧାରୀ କିମ୍ବା ଅନ୍ୟ ଆମେରିକୀୟ ଟ୍ରାଭେଲ ଡକ୍ୟୁମେଣ୍ଟ, ଆଡ୍‌ଭାନ୍ସ ପାରୋଲ ଥାଇ ବାହାରେ ଥିବା ଲୋକଙ୍କର କୌଣସି ଅସୁବିଧା ହେବନାହିଁ ବୋଲି କୁହାଯାଇଛି। ଜୁନ୍ ୨୪ରୁ ଏହି ଭିଜା କଟକଣା ଲାଗୁ କରାଯାଉଥିବା ବେଳେ ବର୍ଷକ ଲାଗି ଏହା ବଳବତ୍ତର ରହିବ। ଉପଯୁକ୍ତ ଭିଜା ନ ଥାଇ ଆମେରିକା ବାହାରେ ଥିବା ଛାତ୍ରୀଛାତ୍ର, ଶିକ୍ଷକ କିମ୍ବା ଛୁଟି କଟାଇବାକୁ ଯାଇଥିବା ଲୋକ ଏହାଦ୍ୱାରା ବିଶେଷ ପ୍ରଭାବିତ ହେବେ ବୋଲି ଜଣାପଡ଼ିଛି। ଏହା ସହ ନୂଆ ନିଯୁକ୍ତି କ୍ଷେତ୍ରରେ ଭିଜା ମିଳିବା କଷ୍ଟକର ହୋଇପଡ଼ିବ ବୋଲି ଜଣାପଡ଼ିଛି। ଏବେ ପ୍ରାୟ ୩ ଲକ୍ଷ ଭାରତୀୟଙ୍କ ପାଖରେ ଏଚ୍-୧ବି ଭିଜା ରହିଛି। ଆମେରିକାରେ କୁଶଳୀ କାରିଗରଙ୍କ ଆବଶ୍ୟକତା ପଡ଼ିଲେ, ଭାରତରୁ ଅଧିକ ଲୋକଙ୍କୁ ସେଠାକୁ ଯିବାକୁ ପଡ଼ପାରେ। ଫଳରେ ଏଭଳି କଟକଣା ଭାରତ ଉପରେ ସେଭଳି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଉଛି। ଆମେରିକା ବାର୍ଷିକ ୮୫ ହଜାର ଏଚ୍-୧ବି ଭିଜା ପ୍ରଦାନ କରିଥାଏ। ଏଥିରୁ ପ୍ରାୟ ୬୦ ହଜାର ଭିଜା ଭାରତୀୟଙ୍କୁ ମିଳିଥାଏ। ଏଥର ବେରୋଜଗାରୀ ସଂଖ୍ୟା ଅଧିକ ଯୋଗୁ ଆମେରିକା ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ପ୍ରଥମେ ଆମେରିକୀୟଙ୍କୁ ଅଗ୍ରାଧିକାର ଦିଆଯିବା ସ୍ୱାଭାବିକ। ହେଲେ ଆଇଟି, ବିଜ୍ଞାନ ଓ କାରିଗରି କ୍ଷେତ୍ର ହେଉ କିମ୍ବା ଅନ୍ୟ କୁଶଳୀ କାରିଗରଙ୍କ କଥା ବିଚାରକୁ ନିଆଯାଏ, ଆମେରିକା ଭାରତ ଉପରେ ନିର୍ଭର କରିବା ସ୍ୱାଭାବିକ। ତେଣୁ ଅଧିକରୁ ଅଧିକ ଭାରତୀୟଙ୍କୁ ଆମେରିକା ସାମିଲ କରିବାକୁ ବାଧ ହେବ। ଅନ୍ୟପକ୍ଷରେ ଆମେରିକାର ଏଭଳି କଟକଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗୁଗଲ ସିଇଓ ସୁନ୍ଦର ପିଚାଇ। ସେ କହିଛନ୍ତି, ପ୍ରବାସୀଙ୍କ ଦ୍ୱାରା ଆମେରିକା ଅଧିକ ଲାଭବାନ ହେଉଥିଲା। ଆମରିକାକୁ ବିଶ୍ୱର ପ୍ରମୁଖ ଶକ୍ତି ଭାବେ ଗଢ଼ି ତୋଳିବାରେ ବାହାର ଲୋକଙ୍କ ଅବଦାନ ଅଧିକ ଥିଲା। ଏଭଳି ଟ୍ରାଭେଲ ବ୍ୟାନ୍ କେବେ ବି ଠିକ୍ ପଦକ୍ଷେପ ନୁହେଁ। ଏହା ଦ୍ୱାରା ଅନେକେ ନିଯୁକ୍ତିଭିତ୍ତିକ ଭିଜା ପାଇବାରୁ ଭାରତୀୟମାନେ ବଞ୍ଚିତ ହେବେ।

## ଚିନ୍ତା ବଢ଼ାଇଲା ଦିଲ୍ଲୀ

ନୂଆଦିଲ୍ଲୀ, ୨୩।୬

- ଦେଶରେ ଗଲାଣି ୧୪,୧୯୦ ଜୀବନ
- ଆକ୍ରାନ୍ତଙ୍କ ସଂଖ୍ୟା ୪.୫୦ ଲକ୍ଷ ଟପିଲା



ଭାରତରେ ମହାମାରୀ କରୋନାର ପ୍ରକୋପ ବଢ଼ି ବଢ଼ି ଚାଲିଥିବାବେଳେ ମହାରାଷ୍ଟ୍ର, ତାମିଲନାଡୁ ଓ ରାଜଧାନୀ ଦିଲ୍ଲୀ ପରିସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ଦିଲ୍ଲୀରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୯୪୭ ନୂଆ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ୬୬ ଜଣଙ୍କ ମଙ୍ଗଳବାର ଜୀବନ ଯାଇଛି। ଏଠାରେ ଏବେ କରୋନା ରୋଗୀଙ୍କ ସଂଖ୍ୟା ୬୬,୬୦୨କୁ ବୃଦ୍ଧିପାଇଛି। ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୨,୩୦୧କୁ ବଢ଼ିଛି। କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ମଧ୍ୟରେ କରୋନା ମୁକାବିଲା ଲାଗି ଘନ ଘନ ଆଲୋଚନା ଜାରି ରହିଛି। ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୫୦ ହଜାର ଟପିଥିବା ବେଳେ ୧୪,୧୯୦ ଜଣଙ୍କ ଜୀବନ ଗଲାଣି। ପରିସ୍ଥିତି କ୍ରମଶଃ ଗମ୍ଭୀର ରୂପ ଧାରଣ କରିବାରେ ଲାଗିଥିବା କୁହାଯାଇଛି।

ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୬ ହଜାରରେ ପହଞ୍ଚି ଥିବାବେଳେ ୬,୨୮୩ ଜଣ ପ୍ରାଣ ହରାଇଲେଣି। ତାମିଲନାଡୁ ଦ୍ୱିତୀୟ ସର୍ବାଧିକ କରୋନା ଆକ୍ରାନ୍ତ ରାଜ୍ୟ ହୋଇଥିବା ବେଳେ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୪,୬୦୦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୨,୫୧୬ ନୂଆ ମାମଲା ଦେଖିବାକୁ ମିଳିଛି। ସେହିଭଳି ଗୁଜରାଟରେ ୨୮,୪୦୦, ଉତ୍ତର ପ୍ରଦେଶରେ ୨୮ ହଜାର ୫୦୦, ରାଜସ୍ଥାନରେ ୧୫, ୫୦୦, ପଶ୍ଚିମବଙ୍ଗରେ ୧୫ ହଜାର କରୋନା ରୋଗୀ ଥିବା ଜଣାପଡ଼ିଛି। ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବେ ବୃଦ୍ଧିପାଇବା ମୁଣ୍ଡବିନ୍ଧା ବଢ଼ାଇଦେଇଛି। ବିଶେଷ କରି ପ୍ରବାସୀଙ୍କ ଆଗମନ ଓ ଲକ୍‌ଡାଉନ୍ ହଟିବା ପରେ ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଛି।

## ଆର୍‌ଜେଡିକୁ ଶକ୍ତ ଝଟକା

ପାଟନା, ୨୩।୬



- ଉପାଧ୍ୟକ୍ଷ ପଦ ଛାଡ଼ିଲେ ରଘୁବଂଶ
- ୫ ଏମ୍‌ଏଲ୍‌ସି ଜେଡିୟୁରେ ସାମିଲ

ବିହାରରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିବାବେଳେ ଦଳବଦଳ ଆରମ୍ଭ ହୋଇଗଲାଣି। ଏହିକ୍ରମରେ ମଙ୍ଗଳବାର ଲାଲୁପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ଶକ୍ତ ଝଟକା ଲାଗିଛି। ଦଳର ଉପାଧ୍ୟକ୍ଷ ରଘୁବଂଶ ପ୍ରସାଦ ସିଂ ପଦ ଛାଡ଼ିଥିବା ବେଳେ ୮ରୁ ୫ ଏମ୍‌ଏଲ୍‌ସି ଜେଡିୟୁରେ ଯୋଗଦେଇଛନ୍ତି। ରଘୁବଂଶ କରୋନା ସଂକ୍ରମିତ ହୋଇଥିବା ବେଳେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଆର୍‌ଜେଡି ଛାଡ଼ି ଶାସକ ଜେଡିୟୁରେ ମିଶିଥିବା ୫ ଏମ୍‌ଏଲ୍‌ସି ହେଲେ ସଞ୍ଜୟ ପ୍ରସାଦ, ଦିଲ୍ଲିପ ରାୟ, ମହମ୍ମଦ କମର ଆଲାମ ରାଧାଚରଣ ଶାହା ଓ ରଣବିଜୟ ସିଂ। ଜୁଲାଇ ୭ରେ ବିଧାନ ପରିଷଦ ନିର୍ବାଚନ ହେବାକୁ ଥିବାବେଳେ ଏହି ନେତାମାନେ ଦଳ ପରିତ୍ୟାଗ କରିଛନ୍ତି।

## ୪୪%ଙ୍କ ବିରୋଧରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୩।୬

**ଏଡିଆର୍ ରିପୋର୍ଟରେ ୬୨ ରାଜ୍ୟସଭା ସଦସ୍ୟ**

ADR
Association for Democratic Reforms

ଚଳିତବର୍ଷ ରାଜ୍ୟ ସଭାକୁ ନିର୍ବାଚିତ ୬୨ ସଦସ୍ୟଙ୍କ ମଧ୍ୟରୁ ୪୪ ପ୍ରତିଶତଙ୍କ ବିରୋଧରେ ବିଭିନ୍ନ ପ୍ରକାର ଆପରାଧିକ ମାମଲା ରହିଛି। ୧୧ ଜଣ(୧୮%)ଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ବଳାତ୍କାର, ଚୋରି ଓ ଡକାୟତି ଭଳି ସଙ୍ଗିନ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ଜଣଙ୍କ ବିରୋଧରେ ହତ୍ୟା ମାମଲା ରହିଥିବାବେଳେ ୨ ଜଣଙ୍କ ନାଁରେ ହତ୍ୟା ଉଦ୍ୟମ, ୩ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ରହିଛି। ଜଣେ ଏମ୍‌ପିଙ୍କ ବିରୋଧରେ ବଳାତ୍କାର ମାମଲା ମଧ୍ୟ ରହିଛି। ଏହିସବୁ ଅପରାଧ ପଛରେ ଭାଜପା, କଂଗ୍ରେସ, ଏନ୍‌ସିପି, ୱାଇଏସ୍‌ଆର୍‌ସିପି ଓ ତୃଣମୂଳ କଂଗ୍ରେସ ଭଳି ଆଗଧାଡ଼ିର ନେତାମାନେ ରହିଛନ୍ତି। ସତ୍ୟପାଠରେ ସେମାନେ ଏଭଳି ତଥ୍ୟ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି।

ସେହିଭଳି ୧୬ ଜଣ(୨୬%) ସଦସ୍ୟଙ୍କ ବିରୋଧରେ ଅନ୍ୟାନ୍ୟ ଆପରାଧିକ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ(ଏଡିଆର୍) ଦ୍ୱାରା କରାଯାଇଥିବା ବିଶ୍ଳେଷଣରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ନବନିର୍ବାଚିତ ଭାଜପାର ୧୮ ଏମ୍‌ପିଙ୍କ ମଧ୍ୟରୁ ୨ ଜଣ,କଂଗ୍ରେସର ୯ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ, ଏନ୍‌ସିପିର ନିର୍ବାଚିତ ୨ଜଣ, ୱାଇଏସ୍‌ଆର୍‌ସିପିର ୪ ଏମ୍‌ପିଙ୍କ ମଧ୍ୟରୁ ୨ ଜଣ, ବିଜେଡିର ଜଣେ, ଏଆଇଟିସିର ଜଣେ, ଡିଏମ୍‌କେର ଜଣେ, ଆର୍‌ପିଆଇର ଜଣେ, ଜେଡିୟୁର ଜଣେ ଏବଂ ଜଣେ ସ୍ୱାଧୀନ ଏମ୍‌ପିଙ୍କ ବିରୋଧରେ ଏଭଳି ଆପରାଧିକ ମାମଲା ରହିଥିବା ପ୍ରକାଶ। ରାଜ୍ୟ ଅନୁଯାୟୀ ଦେଖିଲେ ମହାରାଷ୍ଟ୍ରରୁ ୪, ବିହାରରୁ ୨, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟରୁ ଜଣେ ଲେଖାଏ ଏମ୍‌ପି ଆପରାଧିକ ମାମଲାରେ ସମ୍ପୃକ୍ତ। ନବନିର୍ବାଚିତ ୬୨ ଏମ୍‌ପିଙ୍କ ମଧ୍ୟରୁ ୫୨(୮୪%) କୋଟିପତି ବୋଲି ଜଣାପଡ଼ିଛି।

# କେନ୍ଦ୍ରକୁ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ,୨୩।୬



**ସିଡବ୍ଲ୍ୟୁସି ବୈଠକ**
**ଆର୍ଥିକ ସଙ୍କଟ, କରୋନା ମୁକାବିଲା, ସୀମା ବିବାଦ ସବୁ କ୍ଷେତ୍ରରେ ମୋଦି ସରକାର ବିଫଳ: ସୋନିଆ**

ଚାଇନାର ଅନୁପ୍ରବେଶକୁ ଅସ୍ୱୀକାର କରିବା ମୋଦି ସରକାର ସୀମା ସ୍ଥିତିକୁ ଅତି ଖରାପ ଭାବେ ପରିଚାଳନା କରିଛନ୍ତି ବୋଲି କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି) ବୈଠକରେ ସମାଲୋଚନା କରାଯାଇଛି। ଏହି ଭର୍ଚୁଆଲ ବୈଠକରେ ଅଧ୍ୟକ୍ଷତା କରି କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧୀ ବିଭିନ୍ନ ପ୍ରସଙ୍ଗରେ ମୋଦି ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ସୋନିଆ କହିଛନ୍ତି, ଭାରତରେ ଘୋର ଆର୍ଥିକ ସଙ୍କଟ ଲାଗିରହିଥିବାବେଳେ ମହାମାରୀ କରୋନା ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଏଭଳି ସମୟରେ ଚାଇନା ସହ ସୀମା ବିବାଦ ଏବଂ ଦେଶର ସୁରକ୍ଷା ଓ କ୍ଷେତ୍ରୀୟ ଅଖଣ୍ଡତାକୁ ନେଇ ବିପଦ ଦେଖାଦେଇଛି। ଏହାର ମୁକାବିଲା ପାଇଁ ମୋଦି ସରକାରଙ୍କ କାର୍ଯ୍ୟରେ ପରିପକ୍ୱ କୂଟନୀତି ଓ ନିର୍ଣ୍ଣାୟକ ନେତୃତ୍ୱ ଦେଖିବାକୁ ମିଳୁନାହିଁ। ଲଦାଖରେ ଭାରତୀୟ ଭୂଖଣ୍ଡକୁ କେହି ଅନୁପ୍ରବେଶ କରିନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଯାହାକି ସମ୍ପୂର୍ଣ୍ଣ ଭାବେ ଭୁଲ୍। ସେହିପରି କୋଭିଡ୍-୧୯ ପରିଚାଳନାରେ କେନ୍ଦ୍ର ବିଫଳ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଛନ୍ତି, ମହାମାରୀର ମୁକାବିଲା ପାଇଁ ଯେପରି ଭାବେ ଉଦ୍ୟମ ହେବା କଥା ସେପରି ହେଉନାହିଁ। ସୀମା ବିବାଦକୁ ମଧ୍ୟ ଉଚିତ ଢଙ୍ଗରେ ପରିଚାଳନା କରାଯାଇ ନାହିଁ। ବୈଠକକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଛନ୍ତି, ମୋଦି ସରକାରଙ୍କ ଅଧୀନରେ ଭାରତର ବୈଦେଶିକ ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। କୂଟନୀତିର ପ୍ରତିଷ୍ଠିତ ସଂସ୍ଥାଗତ ଢାଞ୍ଚାକୁ ପ୍ରଧାନମନ୍ତ୍ରୀ ଧ୍ୱଂସ କରିଦେଇଛନ୍ତି। ଆମେରିକା ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଭାରତ ସୁସମ୍ପର୍କ ପ୍ରତିଷ୍ଠା କରୁ। ଏହାସହ ପୁରୁଣା ବନ୍ଧୁରାଷ୍ଟ୍ରଗୁଡ଼ିକ ସହିତ ମଧ୍ୟ ସମ୍ପର୍କକୁ ବଜାୟ ରଖିବା ଜରୁରୀ।



**୧୨ଫୁଟ୍‌ର ଅହିରାଜ ଉଦ୍ଧାର**

ପାତ୍ରପୁର, (ଡିଏନ.ଏ.): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ଜଗଦେବପୁର ରାସ୍ତା କଡରେ ଥିବା ଗଛ ଉପରୁ ମଙ୍ଗଳବାର ରାତିରେ ଏକ ୧୨ଫୁଟର ଅହିରାଜ ସାପ ଉଦ୍ଧାର କରାଯାଇଛି। କେତେଜଣ ଲୋକ ଗ୍ରାମକୁ ଯାଉଥିବା ବେଳେ ସାପକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଆସି ସାପକୁ ଧରିଥିଲେ।

# ଜନତାଙ୍କ ଅସୁବିଧାରେ ବିଆର୍‌ପିଏଲ୍‌କୁ ସୁବିଧା

## କମ୍ପାନୀ ଦେଉଛି ପ୍ରଦୂଷଣ, ବେରୋଜଗାରୀ

**ଯାଜପୁର ଅଫିସ/ କଳିଙ୍ଗନଗର,୨୩।୬(ଡି.ଏନ.ଏ.)**

ଶିଳ୍ପପତିଙ୍କ ଫାଇଦା ଓ ସ୍ୱାର୍ଥ ଆଗରେ ସାଧାରଣ ଜନତାଙ୍କ ଜୀବନ ମୂଲ୍ୟହୀନ। ମୁନାଫାଖୋର ଶିଳ୍ପସଂସ୍ଥାର ମାଲିକଙ୍କ ପାଇଁ ସ୍ଥାନୀୟ ସାଧାରଣ ଲୋକଙ୍କୁ ମିଳୁଛି ରୋଗ ଓ ମୃତ୍ୟୁ। ଏହା ହେଉଛି ଯାଜପୁର ଜିଲା କଳିଙ୍ଗନଗରରେ ଥିବା ଶିଳ୍ପସଂସ୍ଥା ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ୍ (ବିଆର୍‌ପିଏଲ୍)ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସ୍ଥାନୀୟ ବାସିନ୍ଦାଙ୍କ ପରିସ୍ଥିତି।

ବିଆର୍‌ପିଏଲ୍ କର୍ତ୍ତୃପକ୍ଷଙ୍କ ମନମାନି ସମ୍ପ୍ରତି ଅଣାୟତ୍ତ ହେବାରେ ଲାଗିଛି। ରାତିସମୟରେ ସୁକିନ୍ଦା ରେଲୱେ ସାଇଡିଂକୁ ଓଭରଲୋଡିଂ ପେଲେଟ୍ ପରିବହନ ଯୋଗୁ ରାସ୍ତାସାରା ଧୂଳିଧୂଆଁରେ ଆଚ୍ଛାଦିତ ହେବା ସହ ବିଆର୍‌ପିଏଲ୍‌ର ପେଲେଟ୍ ପଡ଼ି ପଥଚାରୀଙ୍କ ଜୀବନ ପ୍ରତି କାଳ ହେଉଛି। ଏହାସହ ରାଜ୍ୟ ବାହାରର ପରିବହନ ଗାଡ଼ି ନିୟୋଜିତ କରାଯାଇ ସ୍ଥାନୀୟ ଟ୍ରକ୍ ମାଲିକଙ୍କ ପେଟରେ ଲାତ ମରାଯାଉଥିବା ଅଭିଯୋଗ ହେଉଛି। ଏନେଇ ଟ୍ରକ୍ ମାଲିକମାନେ ଆନ୍ଦୋଳନ କରିବାକୁ ସଜବାଜ ହେଲେ ବିଆର୍‌ପିଏଲ୍ କର୍ତ୍ତୃପକ୍ଷଙ୍କ ଇଙ୍ଗିତରେ ପୋଲିସର ନାଲିଆଖିର ସାମ୍ନା କରିବାକୁ ପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଆର୍‌ପିଏଲ୍ କାରଖାନାର ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ରାଜ୍ୟ ସଭା ଏମ୍‌ପି ଅଶ୍ୱିନୀ ବୈଷ୍ଣବ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଆର୍‌ପିଏଲ୍ ବାର୍ଷିକ ୪ ମେଟ୍ରିକ ଟନ ଲୌହଧାତୁ ପେଲେଟ୍ କାରଖାନା ପ୍ରତିଷ୍ଠା କରିଛି। ଏଥିପାଇଁ ବଡବିଲଠାରୁ କଳିଙ୍ଗନଗର ମଧ୍ୟରେ ୨୨୦ କିଲୋମିଟର ଦୀର୍ଘ ଲୌହ ସ୍ଲରି ପାଇପ ଲାଇନରେ ଲୌହଧାତୁ ଆସୁଛି। ସେହି ଲୌହଧାତୁକୁ ବିଶୋଧନ କରି କଳିଙ୍ଗନଗର କାରଖାନାରେ ପେଲେଟ୍ ତିଆରି ହେଉଛି। ସୁକିନ୍ଦା ରେଲୱେ ସାଇଡିଂ ଓ ପାରାଦୀପ ବନ୍ଦରରୁ ଏହି ପେଲେଟ ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଉଛି। ତେବେ ସୁକିନ୍ଦା ରେଲୱେ ସାଇଡିଂ ଓ ପାରାଦୀପକୁ ଟ୍ରକ ଯୋଗେ ପରିବହନ ହେଉଥିବାବେଳେ ଏଥିରେ ବ୍ୟାପକ ଅନିୟମିତତା ହେଉଛି। ସୁକିନ୍ଦା ରେଲୱେ ସାଇଡିଂକୁ ପ୍ରାୟତଃ ୬ ଚକିଆ ଟ୍ରକ୍ ଯୋଗେ ପେଲେଟ୍ ପରିବହନ ହେଉଛି। ଦିନସାରା କ୍ଷମତା ଅନୁଯାୟୀ ଟ୍ରକ୍ ପିଛା ୧୦ଟନ ପରିବହନ ହେଉଥିବାବେଳେ ରାତିର ସୁଯୋଗ ନେଇ ଟ୍ରକ ପିଛା ପ୍ରାୟ ୧୮ ଟନ ପର୍ଯ୍ୟନ୍ତ ପେଲେଟ ପରିବହନ କରାଯାଉଛି। ଏଥିଯୋଗୁ ସମ୍ପୃକ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ଦୁର୍ଘଟଣା ଘଟୁଛି। ସମ୍ପ୍ରତି ରେଲୱେ ସାଇଡିଂରେ ପ୍ରାୟ ୨୨୦ଟି ଟ୍ରକ ନିୟୋଜିତ କରାଯାଇଛି। ନିୟମ ଅନୁଯାୟୀ ଟ୍ରକ୍ ପିଛା ୧୦ଟନ ହିସାବରେ ୨୨୦୦ ଟନ ପେଲେଟ ପରିବହନ ହୋଇପାରିବ। କିନ୍ତୁ ର୍‍ୟାକରେ ଏକାଥରକେ ପ୍ରାୟ ୩୮୦୦ ଟନ ପେଲେଟ୍ ପରିବହନର କ୍ଷମତା ରହିଛି। ତେଣୁ ଅଧିକ ଲାଭ ଆଶାରେ କମ୍ପାନୀ ଓଭରଲୋଡିଂ କରି ଏହି କ୍ଷମତାକୁ ପୂରଣ କରୁଛି ବୋଲି ଅଭିଯୋଗ ହେଉଛି। ଓଭରଲୋଡିଂ ଯୋଗୁ ବିଆର୍‌ପିଏଲ୍ ଛକରୁ ରେଲୱେ ସାଇଡିଂ ପର୍ଯ୍ୟନ୍ତ ଟ୍ରକରୁ ପେଲେଟ୍ ଉଚ୍ଛୁଳି ରାସ୍ତାରେ ପଡୁଛି। ପେଲେଟ୍ ସବୁ ଗୁଳି ସଦୃଶ ହୋଇଥିବାରୁ ବାଇକ, କାର ଆଦି ଯାନବାହନ ରାସ୍ତାରେ ଖସି ଦୁର୍ଘଟଣା ହେଉଥିବା ନଜିର ରହିଛି। ଏହାସହ ରାସ୍ତାରେ ପେଲେଟ୍ ଗୁଣ୍ଡ ଉଡି ସୃଷ୍ଟ ଉତ୍କଟ ପ୍ରଦୂଷଣ ଲୋକଙ୍କୁ ରୋଗଗ୍ରସ୍ତ କରୁଥିବା ଅଭିଯୋଗ ହେଉଛି। ରାବଣା ଓ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଗତ ୧୫ ବର୍ଷ ମଧ୍ୟରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାୟୁ, ଧୂଳିଧୂଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି।

ଅନ୍ୟପକ୍ଷେ ପାରାଦୀପକୁ ପେଲେଟ ପରିବହନ ପାଇଁ ବିଆର୍‌ପିଏଲ୍‌ର ଅନ୍ୟତମ ଅଂଶୀଦାର ତ୍ରିବେଣୀ କମ୍ପାନୀ ପକ୍ଷରୁ ବାହାର ରାଜ୍ୟର ପ୍ରାୟ ୨୦୦ଟି ୨୨ଚକିଆ ଗାଡି ନିୟୋଜିତ କରାଯାଇଛି। ଏଥିଯୋଗୁ ସ୍ଥାନୀୟ ଟ୍ରକ୍ ମାଲିକମାନେ କ୍ଷତିରେ ପଡିବା ସହିତ ସେମାନଙ୍କୁ ଅତି କମ୍ ଦରରେ ପରିବହନ ସୁଯୋଗ ଦିଆଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଯେଉଁ ସାମାନ୍ୟ ରୋଜଗାରର ସମ୍ଭାବନା ଅଛି, ତାକୁ ମଧ୍ୟ ମାରିଦିଆଯାଉଛି। କମ୍ ମୂଲ୍ୟରେ ପରିବହନ କରିବା ବା ପରିବହନ କାମ ପାଇବାରୁ ବଞ୍ଚିତ ହେବା ଫଳରେ ସ୍ଥାନୀୟ ଲୋକେ ରୋଜଗାର ହରାଉଛନ୍ତି। ଅନ୍ୟ କୌଣସି କାର୍ଯ୍ୟରେ ମଧ୍ୟ କମ୍ପାନୀ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଉନାହିଁ। ଅତୀତରେ ଏହାର ପ୍ରତିବାଦ କରିବାରୁ ପୋଲିସ ନାଲିଆଖି ଦେଖାଇ କୌଣସି ଆନ୍ଦୋଳନ କଲେ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଚେତାବନୀ ଦେଇଥିବା କେତେଜଣ ଟ୍ରକ ମାଲିକ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଆର୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ ବୈଷ୍ଣବଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



ରାସ୍ତାରେ ପଡ଼ି ରହିଥିବା ବିଆର୍‌ପିଏଲ୍‌ର ପେଲେଟ୍।

# ଆଦାନୀ ଦେବ ଓଡ଼ିଶାକୁ ଆଲୋକ

- ଓପିଜିସିର ୪୯% ଅଂଶଧନ ହାସଲ କଲା
- ଏଇଏସ୍ ସହ ଚୁକ୍ତିରେ ସାମିଲ

**ଭୁବନେଶ୍ୱର,୨୩।୬ (ବ୍ୟୁରୋ)**

ଓଡ଼ିଶା ପାୱାର ଜେନେରେଶନ ଲିମିଟେଡ୍(ଓପିଜିସି)ର ୪୯% ଅଂଶଧନ ପ୍ରମୁଖ ଘରୋଇ କ୍ଷେତ୍ର ଶକ୍ତି ଉତ୍ପାଦନକାରୀ କମ୍ପାନୀ ଆଦାନୀ ପାୱାର ଲିମିଟେଡ୍ (ଏପିଏଲ୍) ନିକଟକୁ ଯିବ। ଏଥିଲାଗି ଓପିଜିସିର ଅନୁବନ୍ଧିତ ସଂସ୍ଥା ଏଇଏସ୍ କର୍ପୋରେଶନ ସହ ଆଦାନୀ ଶେୟାର ବିକ୍ରି ଏବଂ କ୍ରୟ ଚୁକ୍ତି (ଏସ୍‌ଏସ୍‌ପିଏ)ରେ ସାମିଲ ହୋଇଥିବା ଜଣାପଡ଼ିଛି। ଏହାଦ୍ୱାରା ଆଦାନୀ ଏଇଏସ୍‌ର ଓପିଜିସି ହୋଲ୍ଡିଂ ଏବଂ ଇଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ଓପିଜିସିରେ ଥିବା ୮୯, ୩୦,୨୭୩ ଇକ୍ୱିଟି ଶେୟାରକୁ ଅଧିଗ୍ରହଣ କରିବ। ଅଧିଗ୍ରହଣର ମୋଟ ମୂଲ୍ୟ ପ୍ରାୟ ୧୦୦୦ କୋଟି ଟଙ୍କା ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି।

ଝାରସୁଗୁଡ଼ା ଜିଲା ବନହରପାଲିରେ ଓପିଜିସି ୧୭୪୦ ମେଗାୱାଟ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ପରିଚାଳନା କରୁଛି। ଉକ୍ତ ପ୍ଲାଣ୍ଟରେ ଆଦାନୀ ବର୍ତ୍ତମାନ ଅଂଶୀଦାର ହୋଇଛି। ଫଳରେ ଓଡ଼ିଶାକୁ ଶକ୍ତି ଯୋଗାଣ କରିବା କ୍ଷେତ୍ରରେ ଆଦାନୀ କାର୍ଯ୍ୟ କରିବ ବୋଲି ସୂଚନା ରହିଛି। ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଉକ୍ତ ୟୁନିଟ କାର୍ଯ୍ୟ କରୁଛି। ଉକ୍ତ ୟୁନିଟରେ କମ୍ ପ୍ରଦୂଷଣ ସହ ୧୩୨୦ ମେଗାୱାଟ୍‌ର ସୁପର କ୍ରିଟିକାଲ ଫାସିଲିଟିକୁ ନିକଟରେ କାର୍ଯ୍ୟକ୍ଷମ କରାଯାଇଛି। ନିକଟବର୍ତ୍ତୀ କ୍ୟାପ୍ଟିଭ ଖଣିଗୁଡ଼ିକରୁ ଜାଳେଣି କୋଇଲା ଏହି ପ୍ଲାଣ୍ଟକୁ ଯୋଗାଣ ହେଉଛି। ଏହାବାଦ ରାଜ୍ୟ ସରକାରଙ୍କ ଗ୍ରୀଡ୍‌କୋ ସହ ୨୫ ବର୍ଷର ଦୀର୍ଘମିଆଦୀ ଶକ୍ତି କ୍ରୟ ଚୁକ୍ତି(ପିପିଏ)ରେ ଉକ୍ତ ପ୍ଲାଣ୍ଟ ସାମିଲ ହୋଇଛି।

ଓପିଜିସିର ବଳକା ୫୧% ଅଂଶ ଓଡ଼ିଶା ସରକାରଙ୍କ ନିକଟରେ ରହିବ ବୋଲି ଜଣାପଡ଼ିଛି। ଉକ୍ତ ଅଧିଗ୍ରହଣ ଚୁକ୍ତି ଦ୍ୱାରା ଆଦାନୀ ପ୍ରଥମକରି ରାଜ୍ୟର ଶକ୍ତି ଯୋଗାଣ କ୍ଷେତ୍ରରେ ପ୍ରବେଶ କରିଛି। ଦୀର୍ଘମିଆଦୀ ଭିତ୍ତିରେ ଓଡ଼ିଶାରେ ଉଚ୍ଚ ଗୁଣବତ୍ତା ଭିତ୍ତିଭୂମି ନିର୍ମାଣ ଏବଂ ପରିଚାଳନା ଏବଂ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ କାମ କରିବାକୁ ଉଦ୍ୟମ ଜାରି ରହିବ ବୋଲି ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ସେହିଭଳି ଘରୋଇ ବଜାରରେ ଶକ୍ତି ସଂରକ୍ଷଣ ଏବଂ ଅଣପାରମ୍ପରିକ ଶକ୍ତି ଯୋଗାଣ ଦିଗରେ ଆଦାନୀ ଗ୍ରୁପ୍ ଏବଂ ଏଇଏସ୍ ମିଳିତ ହୋଇ କାମ କରିବେ। ରାଜ୍ୟରେ ସେବା ଯୋଗାଣ ନେଇ କମ୍ପାନୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କଠାରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ମଞ୍ଜୁରୀ ଲାଭ କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ୨୦୧୭, ୨୦୧୮ ଏବଂ ୨୦୧୯ ଆର୍ଥିକ ବର୍ଷରେ ଓପିଜିସିର ମୋଟ ଆୟ ଯଥାକ୍ରମେ ୭୫୮.୦୯ କୋଟି, ୬୧୩.୩୬ କୋଟି ଏବଂ ୮୮୭.୭୧ କୋଟି ଟଙ୍କା ରହିଛି।



# ଟିଭିରେ ରଥଯାତ୍ରା ଦେଖିଲେ ମୁଖ୍ୟମନ୍ତ୍ରୀ

- ଶାନ୍ତିଶୃଙ୍ଖଳା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ
- 'ଉତ୍କଳ ପ୍ରସଙ୍ଗ'ର ସ୍ୱତନ୍ତ୍ର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ସାଧାରଣ ଲୋକଙ୍କ ଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଟେଲିଭିଜନ ମାଧ୍ୟମରେ ରଥଯାତ୍ରା ଦେଖିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ପୁରୀ ଯାଇ ରଥଯାତ୍ରା ଦେଖୁଥିଲେ। ଏଥର ସେ ଲୋକସେବା ଭବନସ୍ଥିତ ନିଜ ପ୍ରକୋଷ୍ଠରେ ବସି ରଥଯାତ୍ରା ଦେଖିବା ସହ ହାତଯୋଡ଼ି ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଛନ୍ତି। ଅନ୍ୟପଟେ ସେ ଜୟ ଜଗନ୍ନାଥ ଲେଖି ଟୁଇଟ୍ କରିଛନ୍ତି। ସେଥିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ରଥରେ ମହାପ୍ରଭୁଙ୍କୁ ଦେଖି ମନ ବିଭୋର ହୋଇଯାଉଛି। ରଥାରୂଢ଼ ମହାପ୍ରଭୁଙ୍କ ଅପୂର୍ବ ଶୋଭା ହୃଦୟକୁ ଭକ୍ତି ଭାବରେ ରସାଣିତ କରିଦେଉଛି। ମହାପ୍ରଭୁ ଆମ ସମସ୍ତଙ୍କ ଗୁହାରି ଶୁଣିବେ। ଏ କଠିନ ସମୟ ଶୀଘ୍ର ଦୂରହେବ ଏବଂ ସମସ୍ତଙ୍କ କଲ୍ୟାଣ ହେବ। ସବୁ ତାଙ୍କରି ଇଚ୍ଛା ବୋଲି ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ନବୀନଙ୍କ ଏହି ଟୁଇଟ୍ ପରେ ବହୁ ପ୍ରଶଂସକ ସକାରାତ୍ମକ ବାର୍ତ୍ତା ଦେବା ସାଙ୍ଗକୁ ଜୟ ଜଗନ୍ନାଥ ଲେଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଉତ୍କଳ ପ୍ରସଙ୍ଗ'ର ସ୍ୱତନ୍ତ୍ର ରଥଯାତ୍ରା ବିଶେଷାଙ୍କ ଏବଂ ଓଡ଼ିଶା ରିଭ୍ୟୁ ଲୋକାର୍ପିତ କରିଛନ୍ତି। ଅପରପକ୍ଷରେ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଶୃଙ୍ଖଳାର ସହ ଠିକ୍ ସମୟରେ ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ବିଶେଷକରି ସେବାୟତ, ପୁରୀ ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଚମ୍ପୁଆ ରେଞ୍ଜର ନିଲମ୍ବିତ

## ୨ ହାତୀ ମୃତ୍ୟୁ ଘଟଣା

**କେନ୍ଦୁଝର, ୨୩।୬(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ଜୁରୁଡି ବିଟ୍ ଗୁରୁବେଡ଼ା ଗାଁ ପାଖ ବୈତରଣୀ(ଖ) ସଂରକ୍ଷିତ ଜଙ୍ଗଲରେ ଗତ ୧୪ ତାରିଖରେ ୨ଟି ହାତୀ ମୃତ୍ୟୁ ଘଟଣାରେ ପିସିସିଏଫ୍ (ମୁଖ୍ୟ ବନସଂରକ୍ଷକ) ଡ.ସନ୍ଦିପ ତ୍ରିପାଠୀ ଚମ୍ପୁଆ ରେଞ୍ଜର କାଶୀନାଥ ହେମ୍ବ୍ରମଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ପିସିସିଏଫ ଡ. ତ୍ରିପାଠୀ ତାଙ୍କ ପତ୍ର ସଂଖ୍ୟା ୫୯୯ ତା.୨୨।୬।୨୦୨୦ରେ ଏହି ପଦକ୍ଷେପ ନେଇଛନ୍ତି। ନିଲମ୍ବନ ସମୟରେ ରେଞ୍ଜର ହେମ୍ବ୍ରମ ରାଉରକେଲା ଆରସିସିଏଫଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଆଦେଶ ଦିଆଯାଇଛି। ଗତ ୧୬ ତାରିଖରେ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ ଏହି ଘଟଣାରେ ଯୋଡ଼ା ଫରେଷ୍ଟର ପିଅନ ନାୟକ ଓ ଜୁରୁଡି ବିଟ ଫରେଷ୍ଟ ଗାର୍ଡ ଦୋଳଗୋବିନ୍ଦ ଦେଓଙ୍କୁ ନିଲମ୍ବନ କରିଥିଲେ। ସୂଚନାଯୋଗ୍ୟ ଯେ, ଗୁରୁବେଡା ଗାଁ ପାଖ ବୈତରଣୀ(ଖ) ସଂରକ୍ଷିତ ଜଙ୍ଗଲରେ ମରିଥିବା ଗୋଟିଏ ଦନ୍ତାହାତୀର ଦାନ୍ତ କାଟି ନିଆଯାଇଥିବାବେଳେ ଅନ୍ୟଟି ମାଈ ହାତୀ ଥିଲା। ୧୫ ତାରିଖ ସକାଳେ ଅତିରିକ୍ତ ପିସିସିଏଫ(ୱାଇଲ୍ଡ ଲାଇଫ) ଶଶୀ ପଲ, ଆରସିସିଏଫ ରାଉରକେଲା ଭଞ୍ଜ କିଶୋର ସ୍ୱାଇଁ,କେନ୍ଦୁଝର ଡିଏଫଓ ଯୋଶୀ,ଏସିଏଫ ଅଜୟ କୁମାର ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବନ୍ୟଜନ୍ତୁ ଶୀକାର ପାଇଁ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ଦ୍ୱୟଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ବନ ବିଭାଗ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ମଧ୍ୟ କରିଛି।

# ମୃତ ଚିତାବାଘ ଉଦ୍ଧାର



ଜମନକିରା,୨୩।୬(ଡି.ଏନ.ଏ.): ସମ୍ବଲପୁର ଜିଲା ବାମରା ବନ୍ୟ ପ୍ରାଣୀ ଡିଭିଜନର ବଡ଼ରମା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୁତବ ଗାଁରୁ ମଙ୍ଗଳବାର ଏକ ଚିତାବାଘର ମୃତଦେହ ଉଦ୍ଧାର କରାଯାଇଛି। ବାଘଟି ଗତ ୪ରୁ ୫ ଦିନ ହେବ କୁତବ ଗାଁ ନିକଟ ଅଭୟାରଣ୍ୟର ୭ ନମ୍ବର ୱାଚ୍‌ଟାୱାର ପାଖ କୁଦାନଖୋଲ ଗୁମ୍ଫା ନିକଟରେ ମରିପଡିଥିବା ଅନୁମାନ କରାଯାଉଛି। ବାର୍ଦ୍ଧକ୍ୟ କିମ୍ବା ଅସୁସ୍ଥ କାରଣରୁ ବାଘର ମୃତ୍ୟୁ ଘଟିଥିବା ବନ ବିଭାଗ ସନ୍ଦେହ କରୁଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ସମ୍ବଲପୁର ଆରସିସିଏଫ୍ ଚିତ୍ତରଞ୍ଜନ ମିଶ୍ର ଓ ଅନ୍ୟ ଅଧିକାରୀମାନେ ପହଞ୍ଚିଥିଲେ। ଜମନକିରା ପ୍ରାଣୀଧନ ଚିକିତ୍ସକ ଡ. ଏସ୍.ପି. ସିଂ ବରିହା ବ୍ୟବଚ୍ଛେଦ କଲା ପରେ ବନ କର୍ମଚାରୀ ସେଠାରେ ମୃତଦେହ ପୋତି ଦେଇଛନ୍ତି।

# ଥାନା ପରିସରରେ ବିଷ ପିଇଥିବା ଯୁବକ ମୃତ

- ଗିରଫ ପରେ ଅଶୋକ ଜାମିନରେ ଆସିଥିଲେ
- ପୋଲିସ ସହାୟତାରେ ମଦ ବେପାର କରୁଥିବା ଅଭିଯୋଗ

**ନିଆଳି,୨୩।୬ (ଡି.ଏନ୍.ଏ)**

ନିଆଳି ଥାନା ପରିସରରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକଙ୍କ ସୋମବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଞ୍ଚଳର ଅଶୋକ ଦାସ(୪୫)। ତାଙ୍କର ଏହି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ନ ପାରି ପୁଅର ମୃତ୍ୟୁ ପାଇଁ ପୋଲିସକୁ ଦାୟୀ କରିଛନ୍ତି।

ସୂଚନା ଅନୁଯାୟୀ, ନିଆଳି ଥାନା ସମ୍ମୁଖରେ ଅଶୋକଙ୍କ ଘର ଥିବାବେଳେ ସେ ଏକ ଧାନ କଳ କରି ଜୀବିକା ନିର୍ବାହ କରୁଥିଲେ। ତେବେ କରୋନା ସମୟରେ ସେ ଚୋରା ମଦ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ପୋଲିସ ଜାଣିବା ପରେ ଗତ ୬ତାରିଖରେ ଅଶୋକଙ୍କ କଳଘର ଉପରେ ଚଢ଼ାଉ କରାଯାଇ ୭ ପେଟି ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ପରେ ପଚରାଉଚରା କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ୧୭ ତାରିଖରେ ଅଶୋକ ଜାମିନରେ ଆସିଥିଲେ। ଏହାପରେ ସେ ମାନସିକ ସ୍ତରରେ ବିଶାଦ ରହିବା ସହ ଚିନ୍ତାମଗ୍ନ ରହୁଥିଲେ। ୨୧ ତାରିଖ ବୁଧବାର ଅପରାହ୍ନ ୫ଟାରେ ସେ ଏକ ବିଷ ବୋତଲ ନେଇ ଥାନା ପରିସର ଭିତରକୁ ଯାଇଥିଲେ। ସେଠାରେ ପୋଲିସକୁ ବିଷ ବୋତଲ ଦେଖାଇ ତାଙ୍କ ସହିତ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ କାହିଁକି ଗିରଫ କରାଗଲାନି ପ୍ରଶ୍ନ କରିଥିଲେ। ଏହାସହ ମୋର ୭୦ ହଜାର ଟଙ୍କା ଦିଅ ନଚେତ ମୁଁ ଆତ୍ମହତ୍ୟା କରିବି କହି ପୋଲିସ୍ କର୍ମଚାରୀଙ୍କ ସମ୍ମୁଖରେ ବିଷପିଇ ଦେଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ଓ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ତାଙ୍କୁ ପ୍ରଥମେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ କରିଥିଲେ। ଏ ସମ୍ପର୍କରେ ତାଙ୍କର ଭାଇ ମୋହନ ଦାଶ କୁହନ୍ତି, ଅଶୋକଙ୍କ ମୃତ୍ୟୁ ପାଇଁ ନିଆଳି ପୋଲିସ ଦାୟୀ। ୨ ପୋଲିସ କର୍ମଚାରୀ ଅଶୋକଙ୍କୁ ଫାଇନାନ୍ସ କରାଇ ଦେଇ ମଦ ବେପାର ଚଳାଉଥିଲେ। ପୋଲିସ ତାଙ୍କୁ ମିଥ୍ୟାରେ ଗିରଫ କରିଥିବାରୁ ସେ ସ୍ୱାଭିମାନ ଦୃଷ୍ଟିରୁ ଆତ୍ମହତ୍ୟା କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ସେହିପରି ବଡ଼ବାପାପୁଅ ବାଙ୍କବିହାରୀ ଦାଶ କୁହନ୍ତି, ଅଶୋକ ଆତ୍ମହତ୍ୟାର କିଛିଦିନ ପୂର୍ବରୁ ମୋତେ କହିଥିଲେ କି ନିଆଳି ପୋଲିସ ତାଙ୍କଠାରୁ ୭୦ ହଜାର ଟଙ୍କା ନେଇ ଆଉ ଫେରାଉ ନାହାନ୍ତି। ସେ ବାରମ୍ବାର ମାଗି ଶେଷକୁ ନିରାଶ ହୋଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ଏ ଘଟଣା ସମ୍ପର୍କିତ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ । ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।







ଧରିତ୍ରୀ
DHARITRI
ବୁଧବାର, ୨୪ ଜୁନ୍, ୨୦୨୦

## ବିଧାୟକ ବିଷ୍ଣୁ ଦାସ ଅସୁସ୍ଥ

**ଜଗତ୍‌ସିଂହପୁର ଅଫିସ,୨୩।୬:** ତିର୍ତ୍ତୋଲ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ବିଷ୍ଣୁଚରଣ ଦାସ ଅସୁସ୍ଥ ହୋଇ ପଡ଼ିଛନ୍ତି। ସୋମବାର ଅପରାହ୍ଣରେ ତାଙ୍କର ଉଚ୍ଚ ରକ୍ତ ଚାପ ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତେବେ ମଙ୍ଗଳବାର ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପରିବାର ଲୋକେ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଓ୍ୱିକାସ
ପରିବାରବର୍ଗ


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଲଗାତର ୧୭ଦିନ ବଢ଼ିଚାଲିଛି ତେଲ ଦର




# ବନ୍ଦ ରହିଲା 'ରଥଛୁଆଁ' ପରମ୍ପରା

**ସମ୍ବଲପୁର,୨୩।୬(ବ୍ୟୁରୋ)**


ଜଣେ ଶିଶୁକୁ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଛୁଆଁ ଯାଉଛି। (ଫାଇଲ ଫଟୋ)

- ଆସନ୍ତା ରଥକୁ ଅପେକ୍ଷା
- ରଥ ନ ଛୁଇଁଲେ ମନ୍ଦିର ଯାଇପାରିବେ ନାହିଁ ଶିଶୁ

କରୋନା କଟକଣା ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ଚଳିତବର୍ଷ ପୁରୀ ବ୍ୟତୀତ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିର ପକ୍ଷରୁ ହେବାକୁ ଥିବା ରଥଯାତ୍ରାକୁ ବନ୍ଦ ରଖାଯାଇଛି। ଏଥିଯୋଗୁ ଚଳିତ ବର୍ଷ ପଶ୍ଚିମ ଓଡ଼ିଶାର ନିଆରା ପରମ୍ପରା 'ରଥଛୁଆଁ' ବନ୍ଦ ରହିଛି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଛି। ବିଶେଷ କରି ଏ ବର୍ଷ ରଥଛୁଇଁବାକୁ ଅପେକ୍ଷା କରିଥିବା ଶିଶୁମାନେ ଶ୍ରୀଜୀଉଙ୍କ ଆଶିଷରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ସେହି ପିଲାମାନଙ୍କୁ ଆସନ୍ତା ବର୍ଷକୁ ଅପେକ୍ଷା କରିବାକୁ ପଡିବ ବୋଲି ସେମାନଙ୍କ ଅଭିଭାବକମାନେ କହିଛନ୍ତି।

'ରଥଛୁଆଁ' ପରମ୍ପରା ଅନୁଯାୟୀ ଶିଶୁକୁ ୭ରୁ ୧୦ମାସ ହେବା ପରେ ପରିବାର ଲୋକେ ଏକ ଶୁଭତିଥି ଦେଖି ଅନ୍ନପ୍ରାସନ କରିଥାନ୍ତି। ସେହିଦିନଠାରୁ ପିଲାଟି ଖିରି କିମ୍ବା ଭାତ ଖାଇବା ଆରମ୍ଭ କରିଥାଏ। ଅନ୍ନପ୍ରାସନ ପରେ ଶିଶୁ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଛୁଆଁଇବାର ବିଧି ରହିଛି। ଏଥିପାଇଁ ଶିଶୁକୁ ନୂତନ ପୋଷାକ ପିନ୍ଧାଇ ଚନ୍ଦନରେ ସଜ୍ଜିତ କରାଯାଏ। ଘରର ମୁରବୀ ପିଲାଟିକୁ କାନ୍ଧରେ ବସାଇ ରଥ ପାଖକୁ ନେଇଥାନ୍ତି। ପୂଜକ ଶିଶୁକୁ ପବିତ୍ର ଜଳ ସିଞ୍ଚନ କରିବା ପରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଛୁଆଁଇଥାନ୍ତି। ରଥଛୁଆଁ ପରେ ଶିଶୁଟି ସବୁ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନକୁ ଯିବାର ନିୟମ ରହିଛି। ଚଳିତ ବର୍ଷ ରଥଛୁଆଁ ବନ୍ଦ ରହିଥିବାରୁ ସେହି ଶିଶୁମାନଙ୍କୁ ମନ୍ଦିର ଯିବା ପାଇଁ ଆଉ ଏକ ବର୍ଷ ଅପେକ୍ଷା କରିବାକୁ ପଡିବ ବୋଲି ଜଣେ ପୂଜକ କହିଛନ୍ତି।

ଏନେଇ ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରର ପୂଜକ ଅଭିଷେକ ମିଶ୍ର କହନ୍ତି, କରୋନା କଟକଣା ଯୋଗୁ ସରକାରଙ୍କ ସମସ୍ତ ନିୟମକୁ ଆମେ ମାନିଛୁ। କେବଳ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ନୀତିକାନ୍ତି ହେବ। କିନ୍ତୁ ଶିଶୁଙ୍କ ରଥଛୁଆଁ ହେବ ନାହିଁ। ସେହିପରି କ୍ଷେତରାଜପୁର ଜଗନ୍ନାଥ ମନ୍ଦିର କମିଟିର ସଞ୍ଜୟ ଷଡ଼ଙ୍ଗୀ ଓ ମୁଦିପଡା ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ଅନୁରୂପ ଭାବେ ମତ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ଦୀର୍ଘଦିନରୁ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ଆତ୍ମୀୟଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ଭୁଲ୍ ବୁଝାମଣାଜନିତ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ କର୍ମକ୍ଷେତ୍ରରେ ପରସ୍ପରକୁ ସନ୍ଦେହ କରିପାରନ୍ତି।

**ବୃଷ**
ଆଜି ଅପରାହ୍ନେ ପାଇ ଖୁସୀ ହେବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସହକର୍ମୀ କିମ୍ବା ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ମିଠା କଥା ଦ୍ୱାରା ଅନ୍ୟକୁ ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ**
ଅସୁବିଧାବଶତଃ ଅତ୍ୟାବଶ୍ୟକ କାମଗୁଡିକ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଅବଶ୍ୟ ବହୁ ଦିନରୁ ଚେଷ୍ଟା କରୁଥିବା କୌଣସି ନୂତନ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ।

**କର୍କଟ**
କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଗୃହନିର୍ମାଣ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡିକ ପୁଷ୍ୟା ପାଇଁ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। କଳା, ସାହିତ୍ୟ ଓ ବାଣିଜ୍ୟରେ ଲାଭବାନ ହେବେ।

**ସିଂହ**
ଯେଉଁ କାମରେ ହାତ ଦେବେ ଅବଶ୍ୟ ସଫଳତା ପାଇବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ପରିଶ୍ରମର ସୁଫଳ ସ୍ୱରୂପ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ସ୍ୱାସ୍ଥ୍ୟହାନି ସଙ୍ଗକୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଅତି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ପୂର୍ବ ଯୋଜନାନୁଯାୟୀ ଆତ୍ମୀୟମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ମାଲିମକଦ୍ଦମା ସମ୍ପର୍କିତ ଆଲୋଚନା ବିଗିଡି ଯାଇପାରେ।

**ତୁଳା**
ସମସ୍ୟା ସଙ୍ଗକୁ ପ୍ରତିବନ୍ଧକର ମଧ୍ୟ ସମ୍ମୁଖୀନ ହେବାକୁ ପଡିପାରେ। ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସଙ୍ଗଦୋଷର କୁପ୍ରଭାବରୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବାକୁ ପଡିପାରେ। ପରିବହନ,ପ୍ଲଟିଙ୍ଗ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା**
ଆଜି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ, ଯାହା କି ପରକ୍ଷଣରେ ଦରକାରରେ ଆସିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ।

**ଧନୁ**
ସାଧାରଣ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢାଇ ଦେଇପାରନ୍ତି। ତଥାପି ମୂଳା ନକ୍ଷତ୍ର ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରି ସଫଳ ହୋଇପାରନ୍ତି। ଶିଳ୍ପ, ବାନିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**
ଆକସ୍ମିକ ଭାବରେ ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସାମାନ୍ୟ ଯୁକ୍ତିତର୍କ ପରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ।

**କୁମ୍ଭ**
ଯେଉଁ କାମ ହାତକୁ ନେଇଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। ପରିବହନ ପାଇଁ ଦିନଟି ବହୁତ ବଢିଆ, ତଥାପି ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମୀନ**
ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି ଆଷାଢ଼ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜୁନ୍ ୨୪ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୧.୦୯ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ.୦୭.୫୨ମି.ଗତେ ଘ.୧୧.୨୨ମି. ମଧ୍ୟେ, ଘ.୦୨.୦୧ମି.ଗତେ ଘ.୦୫.୩୨ମି. ମଧ୍ୟେ, ଘ. ୦୨.୦୧ମି. ଗତେ ଘ.୦୫.୩୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୧୦.୦୧ମି. ମଧ୍ୟେ, ରାତ୍ରି ଘ.୧୨.୧୦ମି. ଗତେ ଘ.୦୧.୩୭ମି.ମଧ୍ୟେ ଅମୃତବେଳା। ଦିବା ଘ.୧୧.୪୯ମି. ଗତେ ଗ.୦୧.୨୮ମି. ମଧ୍ୟେ ରାହୁକାଳ।



# classifieds Everyday
0674-2580101, 2549302




**BRIDE WANTED**

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D-68246

ବୟସ ୩୦, Nurse ଥିବା ଦରମା 27,000/-, Widow, ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 9178910847. D-17566

**GROOM WANTED**

Wanted a beautiful Kaibarta Girl for a Handsome Boy, 36+, 5'8" wellsettled Businessman. 7978615486. D-69319

48 ବର୍ଷ ବିଧବା ମହିଳା Veterinari Doctor ଭାବରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। (ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହେଁ), 9078166327. D-68826

Age 35, Government Job କରୁଥିବା Divorcee କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। 7077495623. D-17536

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68247




**SALE**

**Earthquake proof 2BHK flat in Apartment of Avantika near Gokul Kunj Apartment on Rasulgarh GGP Pandra road for immediate sale. Contact- 9938095118, 8763935874 during office hour.** D-68090

**4000sft. GA plot immediately sale at Saheed Nagar, Bhubaneswar, only buyer Contact- DEEPAK- 9937329999.** D-68088

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner- 9090963952.** D-69112

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot** କିଣନ୍ତୁ। **9937166932.** D-69317




2BHK house, Toilet, Kitchen, Car Parking at Prime location of GGP Colony, from August 20 and 2BHK house, 2 Toilets, Kitchen, Dinning-cum-Drawing near Telephone Exchange, Chandrasekharpur, BBSR. Contact: 8336937795, 9337378719. D-17511

ସାମନ୍ତରାପୁର ପାଖ ରାସ୍ତାକଡ଼େ ଦୋକାନ, ଅଫିସ୍, ଗୋଦାମ, କଲେଜ, ସ୍କୁଲପାଇଁ ଭଡ଼ା ଦିଆଯିବ। 7609836849, 9861416754. D-67753

For Office accommodation, 7th Lane, Amalapada, Anugul. 100 Meters from NH-55, 2200 Sq.ft., 5 Rooms + DRG + CAR Parking. Contact No. 9437382320. D-17564




Full body herbal massage with refreshment expert therapist. 7381239385, 06742540855. D-69285

Ayurvedic full body massage Ladies and Gents. Contact- 9861064981. D-69516

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

**LOST**

This is to inform that I Nityananda Bala, S/o Late Udayanath Bala have lost Original Sale Deed bearing Document No.- 8689, dtd : 08.12.1976, executed by Chaturbhuja Bala, S/o- Madan Bala in favour of Prafulla Kumar Srichandan, S/o- Nilamani Srichandan and Original Sale Deed bearing Document No.- 3948, dtd: 28.05.1980, executed by Prafulla Kumar Srichandan, S/o- Nilamani Srichandan in favour of Gagan Chandra Kar, S/o- Gokul Chandra Kar, registered before the District Sub-Registrar, Khurda, at Bhubaneswar, which were handed over to me by Sri. Gagan Chandra Kar at the time of execution & registration of the Sale Deed bearing Document No.- 1859, dtd: 28.06.1995 in favour of me. But in the course of time those two sale deeds as stated above were some where lost by me and inspite of my several sincere attempts, I couldn't trace out those documents. As I was not aware of the provisions of law required to be followed for the lost of original title deeds, I had not made any declaration as required. Further, I do here by declare that I have not created any mortgage / charge / lien against those two sale deeds nor I have taken any loan against the same from any Nationalised / Private Bank, financial institution or private individual. If in future, any defect is found in the title of the said property arising out of these sale deeds then I shall be personally held liable for any loss or damage. D-69291

ଜୟ ପ୍ରକାଶ ବିଶ୍ୱାଳ ଏବଂ ଜ୍ୟୋତି ପ୍ରକାଶ ବିଶ୍ୱାଳ, ପିତା- ଜୟରାମ ବିଶ୍ୱାଳ, ବାସିନ୍ଦା- ମୌଜା: ମଳିପଡ଼ା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନାଂ. ୫୮୨, ପ୍ଲଟ ନଂ. ୯୫୬ଙ୍କ ନାମରେ ଥିବା ମୂଳ ପୁରୁଣା ଜମି ପଟ୍ଟା ଅମା ଦ୍ୱାରା ହଜିଯାଇଅଛି। ଏ ସଂକ୍ରାନ୍ତରେ ଚନ୍ଦ୍ରଶେଖରପୁର ଥାନା, ଭୁବନେଶ୍ୱରଠାରେ ଏଫ୍‌ଆଇଆର୍ ନଂ.: ଏସ୍‌କ୍ୟୁଇ ନଂ. ୧୦, ତାରିଖ: ୧୬।୦୬।୨୦୨୦ ଦାଏର କରାଯାଇଛି। ପାଇଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ- ୮୬୩୭୨୬୨୬୫୬। D-17568

**AFFIDAVIT**

By virtue of an affidavit (AR No. 11T3 Dt.22.06.20) in the Court of Executive Magistrate, Talcher. Hence forward I may kindly be taken as Arkshita Kumar Sahoo not Arabinda Sahoo as known previously. From now onwards I should be treated as Arkshita Kumar Sahoo for all purpose. D-17565

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


ପ୍ରଥମ ପୃଷ୍ଠାରୁ...

## ରଥ ପଥରେ,...

ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ଶେଷରେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେ ଧୀରେ ଟହଲି ଟହଲି ଆଗକୁ ବଢ଼ିଥିଲେ। ପ୍ରାୟ ୧ଘଣ୍ଟା ଧରି ହଲିଝୁଲି ଶେଷରେ ୯ଟା୧୦ରେ ଭାବବିନୋଦିଆ କାଳିଆ ରଥାରୂଢ଼ ହୋଇଥିଲେ। ମଦନମୋହନ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତା ଲାଗି କରାଯାଇଥିଲା। ଏହି ନୀତି ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ଓ ସାଧକଙ୍କ ସହିତ ଆସି ତିନିରଥକୁ ଯାଇ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ।

ଏହାପରେ ମହାପ୍ରଭୁଙ୍କ ବେଶ ଆରମ୍ଭ ହୋଇଥିଲା। ଠାକୁର ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଯାନରେ ଶ୍ରୀନଅରରୁ ଆସି ୧୦ଟା ୩୫ରେ ରଥ ପାଖରେ ପହଞ୍ଚିଥିଲେ। ତିନି ରଥରେ ଗଜପତି ମହାରାଜା ଛେରାପହଁରା ସାରି ୧୧ଟା ୪୦ରେ ଫେରିଯାଇଥିଲେ। ଏହାପରେ ଚାରମାଳ ଫିଟା ହୋଇ ଘୋଡ଼ା ଓ ସାରଥି ଲାଗିଥିଲା। ଏହିସବୁ ନୀତି ସଅଳ ସଅଳ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏହାର ୫ମିନିଟ୍ ପୂର୍ବରୁ ଅର୍ଥାତ୍ ୧୧ଟା ୫୫ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡ଼ଠାକୁର ତାଳଧ୍ୱଜ ରଥଟଣା ଯାଇଥିଲା। କେବଳ କୋଭିଡ୍-୧୯ ଟେଷ୍ଟ ହୋଇଥିବା ସେବାୟତମାନେ ହିଁ ରଥ ଟାଣିଥିଲେ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୧ଘଣ୍ଟା ବ୍ୟବଧାନରେ ଅର୍ଥାତ୍ ୧୨ଟା ୫୫ରେ ଦର୍ପଦଳନ ଏବଂ ଶେଷରେ ଅର୍ଥାତ ୧ଟା ୫୫ରେ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା। ଗୋଟିଏ ରଥ ଟଣାଯିବା ପରେ ଅନ୍ୟ ଏକ ରଥ ଟାଣିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ କୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ ଲାଗି ଘଣ୍ଟାଏ ଅପେକ୍ଷା କରାଯାଇଥିଲା। ତେବେ ବାଟରେ କୌଣସି ଅଟକ କରି ନ ଥିଲେ ଦାରୁବିଗ୍ରହ। ଘର୍ ଘର୍ ନାଦରେ ଆଗକୁ ଆଗକୁ ମାଡ଼ି ଚାଲିଥିଲା ତିନିରଥ। ଅପରାହ୍ନ ପ୍ରାୟ ୩ଟା ୫୦ରେ ପ୍ରଥମେ ବଡ଼ଠାକୁର ଶ୍ରୀବଳଦେବଙ୍କ ତାଳଧ୍ୱଜ ରଥ ଶରଧାବାଲିରେ ପହଞ୍ଚିଥିଲା। ଅପରାହ୍ନ ୪ଟା ୧୦ରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଶରଧାବାଲି ଛୁଇଁଥିଲା। ପଛରେ ଯାଉଥିବା ନନ୍ଦିଘୋଷ କାଁ ଭାଁ ମୋଡ଼ ନେଇଥିଲେ ବି ଉତ୍କଣ୍ଠିତ ସେବାୟତ ମହାପ୍ରଭୁଙ୍କ ରଥକୁ ଟାଣି ନେଇଥିଲେ। ଅପରାହ୍ନ ୫ଟା ୧୦ରେ ଶରଧାବାଲିରେ ଲାଗିଥିଲା ନନ୍ଦିଘୋଷ ରଥ। ଅର୍ଥାତ୍ ସଞ୍ଜ ନଇଁବା ପୂର୍ବରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ଯାଇଥିଲେ ଦାରୁଦିଅଁ। ମଙ୍ଗଳବାର ରାତିରେ ରଥ ଉପରେ ରହିଥିଲେ ଚତୁର୍ଦ୍ଧାବିଗ୍ରହ। ବୁଧବାର ଅପରାହ୍ନରେ ଅନୁଷ୍ଠିତ ହେବ ଠାକୁରମାନଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଜନ୍ମବେଦୀକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି।

## ଯୁବ କଂଗ୍ରେସ ସଭାପତି...


ରାଜ୍ୟ କଂଗ୍ରେସ ଭବନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ଦୃଶ୍ୟ।

ଗ୍ରହଣ ଲାଗି କଂଗ୍ରେସ ଭବନ ଆସୁଥିଲେ। ଏହି ସମୟରେ ତାଙ୍କ ନିଯୁକ୍ତିକୁ ବିରୋଧକରି ଯୁବ କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ କଂଗ୍ରେସ ଭବନ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ମାତ୍ର ଏହାକୁ ଲେଙ୍କାଙ୍କ ସମର୍ଥକମାନେ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା, ଗାଳିଗୁଲଜ ଏବଂ ମାରପିଟ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ସେଠାରେ ପୋଲିସ ଆସି ପହଞ୍ଚିଥିଲା। ଏହାସହ ପରିସ୍ଥିତି ନିୟନ୍ତ୍ରଣରେ ରଖିବା ଲାଗି ପୋଲିସ ଲାଠିଚାର୍ଜ ମଧ କରିଥିଲା। ଏହି ସମୟ ମଧରେ ଲେଙ୍କା ବିଧିବଦ୍ଧ ଦାୟିତ୍ୱ ନେଇଥିଲେ। ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ସେଠାରେ ପହଞ୍ଚିଥିଲେ। ମିଳିଥିବା ସୂଚନା ଅନୁସାରେ ସ୍ମୃତିରଞ୍ଜନଙ୍କୁ ସଭାପତି ଦାୟିତ୍ୱ ମିଳିବା ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ନୁହେଁ ବହୁ ଯୁବନେତା ବିରୋଧ କରିଛନ୍ତି। ପାଖାପାଖି ୬ ମାସ ତଳେ ଯିଏ ଅଧିକ ମେମ୍ବରଶିପ୍ କରିବ ତାଙ୍କୁ ସଭାପତି ଚୟନ କରାଯିବ ବୋଲି ଚୂଡ଼ାନ୍ତ ହୋଇଥିଲା। ସେହି ଅନୁସାରେ ଏହି ଦୌଡ଼ରେ ୪ଜଣରୁ ଅଧିକ ନେତା ରହିଥିଲେ। କିନ୍ତୁ ଏମାନଙ୍କ ମଧରୁ କାହାକୁ କରା ନ ଯାଇ ସ୍ମୃତିରଞ୍ଜନଙ୍କୁ ଅଚାନକ ସଭାପତି କରିବା ଘଟଣାରେ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପଟେ ପୂର୍ବତନ ଯୁବ ସଭାପତି ଲୋକନାଥ ମହାରଥୀ ଦଳର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଥିବାବେଳେ ନୂଆ ସଭାପତି ଚୟନ ସମ୍ପର୍କରେ ତାଙ୍କୁ ମଧ କୁହାଯାଇ ନ ଥିଲା। ସ୍ମୃତିରଞ୍ଜନ ସଭାପତି ହେବା ପଛରେ ବିଧାୟକ ମହମ୍ମଦ ମୋକିମଙ୍କ ସମର୍ଥନ ରହିଥିବାରୁ ନିରଞ୍ଜନଙ୍କ ଗୋଷ୍ଠୀ ଏହାକୁ ବିରୋଧ କରିଥିବା ଚର୍ଚ୍ଚା ହେଉଛି।

କଂଗ୍ରେସ ଭବନ ପରିସରରେ ଏଭଳି ପରିସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ନିରଞ୍ଜନ କହିଛନ୍ତି ଯେ, ଯେଉଁମାନେ ଗଣ୍ଡଗୋଳ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାସହ ସମସ୍ତ ଘଟଣା ସମ୍ପର୍କରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ଜଣାଯିବ। ହେଲେ ଯଦି ସମସ୍ତଙ୍କୁ ବସାଇ ଯୁବ କଂଗ୍ରେସ ସଭାପତି ଚୟନ ହୋଇଥାଆନ୍ତା ତେବେ ଏଭଳି ପରିସ୍ଥିତି ହୋଇ ନ ଥାଆନ୍ତା। ନିରଞ୍ଜନଙ୍କ ଏଭଳି ବୟାନ ପରେ ଯୁବ ସଭାପତି ନବନିଯୁକ୍ତିକୁ ନେଇ ସେ ଖୁସି ନାହାନ୍ତି ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି। ଅନ୍ୟପଟେ ଘଟଣାର ତଦନ୍ତ ଲାଗି ପିସିସି ସଭାପତି ୪ଜଣିଆ କମିଟି ଗଠନ କରିଛନ୍ତି। କମିଟିର ମୁଖ୍ୟ ଭାବେ ରଞ୍ଜୀବ ବିଶ୍ୱାଳଙ୍କୁ ଦାୟିତ୍ୱ ମିଳିଥିବାବେଳେ ତାଙ୍କ ସହ କମିଟିରେ ମାନସ ଚୌଧୁରୀ, ବିଶ୍ୱରଞ୍ଜନ ଦାସ ଏବଂ ସଂଗ୍ରାମ ଜେନା ଅଛନ୍ତି। କମିଟିକୁ ୪ଦିନ ମଧରେ ରିପୋର୍ଟ ପ୍ରଦାନ ପାଇଁ କୁହାଯାଇଛି।

## ଯୁବକଙ୍କୁ ପିଟିପିଟି ହତ୍ୟା

ସୋରଡା,୨୩।୬(ଡି.ଏନ୍.ଏ.)-ଗଞ୍ଜାମ ଜିଲା ସୋରଡା ବ୍ଲକ ହାତୀଗଡା ଗ୍ରାମରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। କେରଳ ଫେରନ୍ତା ଜଣେ ଯୁବକଙ୍କୁ ଗ୍ରାମର କେତେଜଣ ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଅରୁଣ ଗୌଡ (୨୮)। ମୃତଦେହକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ଅରୁଣ କେରଳରେ ରହି କାମ କରୁଥିଲେ। କାରୋନା ଲାଗି ଗାଁକୁ ଫେରିଥିଲେ। ଅରୁଣ ମଙ୍ଗଳବାର ଗାଁରେ ଏକ ବାହାଘର ଭୋଜି ଖାଇବାକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ କେତେଜଣ ବ୍ୟକ୍ତିଙ୍କ ସହ ତାଙ୍କର ବଚସା ହୋଇଥିଲା। ସେମାନେ ଅରୁଣଙ୍କୁ ଠେଙ୍ଗାରେ ପିଟିବାରୁ ଘର ଆଗରେ ତାଙ୍କର ମୃତ୍ୟୁ ଘଟିଛି।



# ୧୭ ଜୀବନ ନେଲାଣି କରୋନା

■ ୧୬୭ ନୂଆ ପଜିଟିଭ୍ ଚିହ୍ନଟ
■ ସୁସ୍ଥ ହେଲେଣି ୩୯୮୮

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ କରୋନାଜନିତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ମାର୍ଚ୍ଚ ୧୫ରେ ପ୍ରଥମ ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଆକ୍ରାନ୍ତଙ୍କ ସଂଖ୍ୟାକୁ ଆୟତ୍ତ କରିବା ଓ ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ସବୁ ପ୍ରକାର ପଦକ୍ଷେପ ଆପଣେଇ ଥିଲେ। ଯଦିଓ ଇତିମଧ୍ୟରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫ହଜାର ଟପିଯାଇଛି, କିନ୍ତୁ ଏପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଏବେ ସୁଦ୍ଧା କରୋନାରେ ୫ ଜିଲାର ୧୭ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ମଙ୍ଗଳବାର କଟକରେ ୨ଜଣଙ୍କ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ୧୭ ଛୁଇଁଛି। ତେବେ ଗଞ୍ଜାମ ଜିଲାରେ ସର୍ବାଧିକ ୮ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଖୋର୍ଦ୍ଧାରେ ୪, କଟକରେ ୩, ପୁରୀ ଓ ବରଗଡ଼ରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କଟକ ଜିଲାରେ ୩ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ୨ ଆକ୍ରାନ୍ତଙ୍କ କରୋନା ସହ ଅନ୍ୟ ରୋଗ ଯୋଗୁ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ କରୋନା ଯୋଗୁ ହୋଇ ନ ଥିବା ବିଭାଗ କହିଛି। ଜଣେ ୭୧ ବର୍ଷୀୟ ବୃଦ୍ଧ ମଧୁମେହ ଓ କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ଅନ୍ୟ ଜଣେ ୫୫ ବର୍ଷୀୟ ପୁରୁଷ ମଧ୍ୟ ମଧୁମେହ କବଳରେ ଥିଲେ। କରୋନାରେ ଆକ୍ରାନ୍ତ ହେବା ପରେ ଉଭୟଙ୍କ ମୃତ୍ୟୁ ହୋଇଥିବା ବିଭାଗ କହିଛି। କିନ୍ତୁ ତୃତୀୟ ଆକ୍ରାନ୍ତ ୮୦ ବର୍ଷୀୟ ବ୍ୟକ୍ତି ଜଣକ କରୋନା ଯୋଗୁ ନୁହଁ, ବରଂ ଏକାଧିକ ରୋଗରେ ପୀଡ଼ିତ ଥିବା ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଇଛି। ରାଜ୍ୟରେ ଏବେ ୭ଜଣ କରୋନା ରୋଗୀଙ୍କ ମୃତ୍ୟୁ ଅନ୍ୟ କାରଣ ଯୋଗୁ ହୋଇସାରିଲାଣି। ଏଥିମଧ୍ୟରୁ ଖୋର୍ଦ୍ଧାରୁ ୨ଜଣ ଥିବାବେଳେ କଟକ, ବାଲେଶ୍ୱର, ପୁରୀ, ମୟୂରଭଞ୍ଜ ଓ ନବରଙ୍ଗପୁରରୁ ଜଣେ ଲେଖାଏ ରହିଛନ୍ତି।

ମଙ୍ଗଳବାର ୧୬୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୦ ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧୭ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଜପତିରୁ ସର୍ବାଧିକ ୪୧, ଗଞ୍ଜାମରୁ ୩୦, ଜଗତସିଂହପୁରରୁ ୧୯, ମୟୂରଭଞ୍ଜରୁ ୧୪, ବାଲେଶ୍ୱରରୁ ୧୩, ଢେଙ୍କାନାଳରୁ ୯, ଖୋର୍ଦ୍ଧାରୁ ୮, କେନ୍ଦ୍ରାପଡ଼ାରୁ ୭, ରାୟଗଡ଼ା ଓ ଯାଜପୁରରୁ ୫ଜଣ ଲେଖାଏ, ସୁନ୍ଦରଗଡ଼ରୁ ୪ଜଣ ରହିଛନ୍ତି। ସେହିପରି କଟକ, ଝାରସୁଗୁଡ଼ାରୁ ୩ଜଣ ଲେଖାଏ ଥିବାବେଳେ ନୟାଗଡ଼ରୁ ୨, ବରଗଡ଼, ପୁରୀ, ବଲାଙ୍ଗୀର, କୋରାପୁଟରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୪୭୦ରେ ପହଞ୍ଚିଛି। ମଙ୍ଗଳବାର ଆଉ ୧୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୯୮୮ରେ ପହଞ୍ଚିଛି। ବର୍ତ୍ତମାନ ୧୪୫୮ ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ସେବାୟତ କରୋନା ପଜିଟିଭ ଚିହ୍ନଟ

### ପହଣ୍ଡି ବେଳେ ଜଣାପଡ଼ିଲା

ପୁରୀ ଅଫିସ,୨୩।୬: କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ପ୍ରାଥମିକତା ରହିବ। ପୁରୀ ରଥଯାତ୍ରାକୁ ଏମିତି କିଛି ସର୍ତ୍ତ ରଖି ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ଏହାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ସମସ୍ତ ସେବାୟତଙ୍କ କୋଭିଡ୍ ଟେଷ୍ଟ କରିଥିଲା। ପୂର୍ବରୁ ୭୦୦ରୁ ଊର୍ଦ୍ଧ୍ୱ ସେବାୟତଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସୋମବାର ୧୧୪୩ ସେବାୟତଙ୍କ କୋଭିଡ୍ ଟେଷ୍ଟ ହୋଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ସକାଳେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଚାଲୁଥିବାବେଳେ ଏହା ଜଣାପଡ଼ିଥିଲା। ଏହାପରେ ତୁରନ୍ତ ପ୍ରଶାସନ ସମ୍ପୃକ୍ତ ସେବକଙ୍କୁ ବାହାରକୁ ନେଇଆସି ତାଙ୍କୁ ଆମ୍ବୁଲାନ୍ସରେ କୋଭିଡ୍ ହସ୍ପିଟାଲକୁ ପଠାଇଥିଲା। ଏଥିପାଇଁ ସୁଆରସାହି ଛକରୁ ନାରାୟଣୀ ଛକକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି। ମଙ୍ଗଳବାର ସକାଳୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ମହାମାରୀ କରୋନା ପାଇଁ ଏଥର ରଥଯାତ୍ରା ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି କେବଳ ପୁରୀ ରଥଯାତ୍ରାକୁ ଅନୁମତି ଦେବା ଲାଗି ସର୍ବୋଚ୍ଚ ନ୍ୟାୟାଳୟରେ ପିଟିଶନ ପରେ ପିଟିଶନ ଦାଏର ହେଲା। ଶେଷରେ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ମିଳିଲା। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ସହ ଭକ୍ତଶୂନ୍ୟ ରଥଯାତ୍ରା କରିବା ଲାଗି କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ।ଏହାପରେ ସୋମବାର ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ୧୧୪୩ ସେବାୟତଙ୍କ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ସେବାୟତଙ୍କ ପଜିଟିଭ ବାହାରିଥିବା ବେଳେ ଅନ୍ୟ ସମସ୍ତଙ୍କର ନେଗେଟିଭ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବୁଡ଼ିଗଲେ ୪ ଭଉଣୀ, ଭାଇ: ଜଣେ ମୃତ

### ଟିକ୍‌ଟକ୍ ହେଲା କାଳ

■ ୩ ଗୁରୁତର ମେଡିକାଲରେ ଭର୍ତ୍ତି
■ ମାମୁଘରକୁ ଆସିଥିଲେ ସମସ୍ତେ

ବାଲିକୁଦା,୨୩।୬(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛଗାଁ ନିକଟ ଦେବୀ ନଦୀକୁ ଟିକ୍‌ଟକ୍ କରିବାକୁ ଯାଇଥିବା ୪ ଭଉଣୀଭାଇ ନଦୀରେ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭଉଣୀଙ୍କ ମୃତ୍ୟୁ ହୋଇଛି। ଅନ୍ୟମାନେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜଗତ୍‌ସିଂହପୁର ଥାନା ରାଇବରେଇ ଗାଁର ନିତ୍ୟାନନ୍ଦ ନାୟକଙ୍କ ଝିଅ ପୂଜା (୧୪)। ଗୁରୁତର ହେଲେ ଦେପଡ଼ା ଗାଁର ପ୍ରସାଦ ପରିଡ଼ାଙ୍କ ୧୩ ବର୍ଷର ପୁଅ ଅମରେଶ ଓ ୧୫ ବର୍ଷର ଝିଅ ପ୍ରଜ୍ଞା ଓ ନାଉଗାଁ ଥାନା ଓଷକଣା ଗାଁର ଅବିନାଶ ସ୍ୱାଇଁଙ୍କ ଝିଅ ନିଲମ(୧୪)।

ସୂଚନା ଅନୁସାରେ, ବାଲିକୁଦା ଥାନା ମାଛଗାଁ ପଞ୍ଚାୟତ ମଙ୍ଗପୁର ଗାଁର ପ୍ରଭାତ ଜେନାଙ୍କ ଘର ଛାତ ପଡୁଥିଲା। ମାମୁ ଘର ଛାତ ପଡୁଥିବାରୁ ଏ ସମସ୍ତେ ଆସିଥିଲେ। ଛାତ ପଡୁଥିବାବେଳେ ୪ ଭଉଣୀଭାଇ ନଦୀକୂଳକୁ ଯାଇ ମୋବାଇଲରେ ଟିକ୍‌ଟକ୍ ଶୁଟିଂ କରୁଥିଲେ। ଏହି ସମୟରେ ଅସାବଧାନତା ହେତୁ ପୂଜା ନଦୀକୁ ଖସି ପଡିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଜଣକ ପରେ ଜଣେ ନଦୀକୁ ପଶିଥିଲେ। ନଦୀର ସ୍ରୋତରେ ତିନି ଜଣ ଭାସି ଯାଉଥିବା ଦେଖି ନିଲମ ଫୋନ କରି ମାମୁ ଘର ଲୋକଙ୍କୁ ଡାକିବା ସହ ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିଜେ ନଦୀକୁ ପଶିଥିଲେ। ଫଳରେ ନଦୀ ସ୍ରୋତରେ ନିଲମ ମଧ୍ୟ ଭାସି ଯାଇଥିଲେ। ନିଲମଙ୍କ ଫୋନ ପାଇ ମାମୁ ଘର ଲୋକ ଆସି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଏହା ମଧ୍ୟରେ ବାଲିକୁଦା ଅଗ୍ନିଶମ କେନ୍ଦ୍ରକୁ ଖବର ଦିଆଯାଇଥିଲା। କର୍ମଚାରୀ ପହଞ୍ଚି ଗୁରୁତରଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେତେବେଳକୁ ପୂଜାଙ୍କ ମୃତ୍ୟୁ ହୋଇ ସାରିଥିଲା। ଅମରେଶ ଓ ପ୍ରଜ୍ଞାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ନିଲମ ଏବେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ/ ସଜନାଗଡ଼, ୨୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପକାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କୁ ମାରିଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ସ୍ଥାନୀୟ ଅଞ୍ଚଳର ପ୍ରାୟ ୨ଶହ ମହିଳା ପୁରୁଷ ଏକାଠି ହୋଇ ଅଯୋଧ୍ୟା ଫାଣ୍ଡି ସାମ୍ନାରେ ବସି ରହିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ନୀଳଗିରି ଥାନା ଅଧୀନ ଅଯୋଧ୍ୟା ବାଲିପାଳ ଶାସନର ଜଣେ ଡାକ୍ତରଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ଅଯୋଧ୍ୟା ଫାଣ୍ଡି ଅଞ୍ଚଳ ପ୍ରତାପପୁର ଗ୍ରାମର ମାଗା ସିଂ ଓରଫ୍ ରାଜୁ (୨୬)ଙ୍କୁ ଗତ ୨୦ତାରିଖରେ ଗିରଫ କରିଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୨୦୦/୨୦) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉକ୍ତ ଦିନ ତାଙ୍କୁ ନୀଳଗିରି ଉପକାରାଗାରକୁ ପଠାଯାଇଥିଲା। ନୀଳଗିରି ଜେଲ୍ ପକ୍ଷରୁ ଚୋରି ଅଭିଯୋଗରେ ଏସ୍‌ଟି କେସ୍ (ନଂ. ୨୭୮/୨୦) ରୁଜୁ କରାଯାଇଥିଲା। ଉକ୍ତ ରାତିରେ ଜେଲ ପରିସରରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ନୀଳଗିରି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୦/୨୦) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ପରିବାର ଲୋକେ ଗ୍ରହଣ କରିନାହାନ୍ତି।

## ଦେଢଘଣ୍ଟା ଅନ୍ଧାରରେ ତିନିରଥ

ପୁରୀ ଅଫିସ,୨୩।୬



ଧାର୍ଯ୍ୟ ସମୟରେ ନୀତି ଚାଲିବାରୁ ମଙ୍ଗଳବାର ସଞ୍ଜ ନଇଁବା ପୂର୍ବରୁ ଶରଧାବାଲିରେ ଲାଗିଗଲେ ତିନିରଥ। କିନ୍ତୁ ଶରଧାବାଲିରେ ତିନିରଥ ପ୍ରାୟ ଦେଢ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅନ୍ଧାରରେ ରହିବା ସଫଳ ଆୟୋଜନକୁ ଏକପ୍ରକାର ପାଣିଚିଆ କରିଦେଲା। ଏ ନେଇ ଗଣମାଧ୍ୟମ ପ୍ରତିନିଧି ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଅଞ୍ଚଳରୁ ବିଦ୍ୟୁତ୍ କାଟି ଦିଆଯାଇଥିଲା। ଏହାପରେ ସେସୁ ପକ୍ଷରୁ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା। ମାତ୍ର ୨୦/୩୦ ମିନିଟ୍ ପରେ ଲାଇଟ୍ ବନ୍ଦ କରିଦେଇ ସେହି ଲାଇଟ୍ ଗାଡ଼ିଗୁଡ଼ିକ ପଳାଇ ଯାଇଥିଲେ। ଏହା ପରଠାରୁ ପ୍ରାୟ ଦେଢ ଘଣ୍ଟା ଧରି ସମ୍ପୃକ୍ତ ଅଞ୍ଚଳ ବନ୍ଦ ରହିଥିଲା। ଏ ନେଇ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଭକ୍ତମାନେ ବି ଅସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ଲାଇଟ୍ ରହିଲେ ଭକ୍ତ ଆସିବା ସମ୍ଭାବନା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଅସନ୍ତୋଷ ତୀବ୍ର ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ପହଞ୍ଚିଥିଲେ। ତାଙ୍କୁ ଅବଗତ କରାଯିବା ପରେ ପୁନଶ୍ଚ ଫେରିଯାଇଥିବା ଲାଇଟ୍ ଗାଡିଗୁଡ଼ିକ ଆସି ଆଲୋକୀକରଣ ବ୍ୟବସ୍ଥା ହୋଇଥିଲା।

### ଅସନ୍ତୋଷ ପରେ ଜଳିଲା ଆଲୁଅ

## ୨୫ରେ ଗର୍ଭଗୃହ ଯାଞ୍ଚ, ଆଜି ବନ୍ଧାଯିବ ଭାରା

ପୁରୀ ଅଫିସ,୨୩।୬

ଆସନ୍ତା ୨୫ତାରିଖରେ ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ କରାଯିବ। ଏଥିପାଇଁ ବୁଧବାର ଗର୍ଭଗୃହରେ ଭାରା ବନ୍ଧାଯିବ। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଇଞ୍ଜିନିୟର, ପୂର୍ତ୍ତ ବିଭାଗ ଏବଂ ଏଏସ୍‌ଆଇର ବରିଷ୍ଠ ଅଧିକାରୀମାନେ ଗର୍ଭଗୃହ ଅନୁଧ୍ୟାନ କରିବେ। ବିଶେଷକରି ଗର୍ଭଗୃହର ସ୍ଥିତ ଯାଞ୍ଚ କରାଯିବ। ଗର୍ଭଗୃହର ପ୍ରଥମ ମହଲା ଏବଂ ଦ୍ୱିତୀୟ ମହଲା ଅନୁଧ୍ୟାନ ହେବ। ପ୍ରତିବର୍ଷ ଏହି ଯାଞ୍ଚ କରାଯାଏ। ଏଥର ଗର୍ଭଗୃହ ବାୟୁ ସଞ୍ଚାଳନ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ ହବ। ଆବଶ୍ୟକ ପଡ଼ିଲେ ଏହାର ମରାମତି କରାଯିବ।

## ୨୫,୨୬ରେ ଝଡ଼ତୋଫାନ ସମ୍ଭାବନା

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବର୍ଷା ଲାଗି ରହିଛି। କିଛି ସ୍ଥାନରେ ପ୍ରବଳ ବର୍ଷା ମଧ୍ୟ ହେଉଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୨୫ ଓ ୨୬ତାରିଖ ଦୁଇଦିନ ବିଭିନ୍ନ ସ୍ଥାନରେ ବଜ୍ରପାତ ଓ ଝଡ଼ତୋଫାନ ହେବ। ୨୫ତାରିଖରେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲା ଏବଂ ୨୬ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ବଜ୍ରପାତ ଓ ଝଡ଼ତୋଫାନ ହେବ। ତେଣୁ ଏସବୁ ଜିଲାକୁ ବଜ୍ରପାତ ଓ ଝଡ଼ତୋଫାନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ମଙ୍ଗଳବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବାଲେଶ୍ୱରରେ ୧୭ମି.ମି. ବର୍ଷା ହୋଇଥିବାବେଳେ ନୟାଗଡ଼ରେ ୧୩, ଚାନ୍ଦବାଲି ୯, ବାରିପଦାରେ ୭.୮ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।


ବ୍ଲକସ୍ତରୀୟ ନିଯୁକ୍ତି
Required 7th to +3, ITI, Diploma, B.Tech Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 38000/-
7894509327

REQUIRED
Engineer (Civil, Electrical & Mechanical) Gents/Lady, experience Architect, Marketing Lady/Gents, Supervisor & Technician, Off Asst., Front Office Lady, Office Asst. Manager, Car Driver.
Contact: 0674-2973254, 9090732020, 9238482524, 9090964245


### କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଜପତି

ନୋଟିସ ସଂଖ୍ୟା:୧୬୯୯ **ବିଜ୍ଞାପନ** ତାରିଖ:୨୦।୦୬।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଦୈନିକ ବଜାର ଏକ ବର୍ଷ (ତା୧୫।୦୭।୨୦୨୦ରିଖଠାରୁ ୧୪।୦୭।୨୦୨୧) ଅବଧି ପାଇଁ ଜଉମୁଦ ଦ୍ୱାରା ନିଲାମ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଟ୫୦୦/– ମୂଲ୍ୟ ଦେୟ କରି କାର୍ଯ୍ୟାଳୟରୁ ଆବେଦନ ପତ୍ର ଗ୍ରହଣ କରିପାରିବେ । ଆବେଦନ କରିବାର ଶେଷ ତା୦୨।୦୭।୨୦୨୦ରିଖ ଅପରାହ୍ନ ୦୨.୦୦ ଘଟିକା ମଧ୍ୟରେ । ଆବେଦନ କରିଥିବା ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା । ନିର୍ଦ୍ଧାରିତ ମୂଲ୍ୟ: ଟ୧,୯୪,୦୦୦/–, ଅମାନତ ରାଶି: ଟ୨୦,୦୦୦/–, ତାରିଖ, ସମୟ, ସ୍ଥାନ: ତା୦୩।୦୭।୨୦୨୦ରିଖ ଅପରାହ୍ନ ୦୪.୦୦ ଘଟିକା, ଏନ୍.ଏ.ସି. କାର୍ଯ୍ୟାଳୟ, କାଶୀନଗର ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ

### ତହସିଲ କାର୍ଯ୍ୟାଳୟ, ରସୁଲପୁର

ସଂଶୋଧିତ ବିଜ୍ଞପ୍ତି ସଂ.୧୩୩୮/ତା୨୨।୦୬।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଗତ ତା୨୦।୦୬।୨୦୨୦ ଏବଂ ତା୨୧।୦୬।୨୦୨୦ରିଖ ପ୍ରକାଶ ପାଇଥିବା ବିଜ୍ଞପ୍ତି ସଂ.୧୩୨୪ ତା୧୯।୦୬।୨୦୨୦ରିଖରେ ସମ୍ପୃକ୍ତ ବିଜ୍ଞପ୍ତି ପ୍ରଦତ୍ତ ସର୍ତ୍ତାବଳୀର ଧାରା –୧୧ ଅନୁଯାୟୀ ଇସ୍ତାହାରରେ ନିମ୍ନମତେ ସଂଶୋଧନ କରାଗଲା ।

୧. ସୈରାତ ଉତ୍ସଗୁଡିକର ବିବରଣୀର କ୍ରମିକ ସଂ.–୧ରୁ ୬ ସ୍ୱତ୍ୱ–ଆ.ଯୋ.ଅ. (ଆବାଦ ଯୋଗ୍ୟ ଅନାବାଦି) ସ୍ଥଳେ ଆ.ଅ.ଅ. (ଆବାଦ ଅଯୋଗ୍ୟ ଅନାବାଦି) ହେବ ।

ସ୍ୱା./– ତହସିଲଦାର, ରସୁଲପୁର

## ନନ୍ଦନକାନନ: ହିମାଳୟ କଳାଭାଲୁ କୁଲୁର ମୃତ୍ୟୁ



ବାରଙ୍ଗ,୨୩।୬(ଡି.ଏନ୍.ଏ): ନନ୍ଦନକାନନର ୧୫ନଂ ଏନକ୍ଲୋଜରରେ ରହୁଥିବା ମାଈ ହିମାଳୟ ଭାଲୁ କୁଲୁର ମଙ୍ଗଳବାର ମୃତ୍ୟୁ ଘଟିଛି। ଗତ ବୁଧବାର ତା'ର ସ୍ୱାସ୍ଥ୍ୟରେ ହଠାତ ଅବନତି ଦେଖାଦେବାରୁ ଏନକ୍ଲୋଜରର ଫିଡିଂ ଚାମ୍ବରରେ ରଖାଯାଇ ଚିକିତ୍ସା କରାଯାଇଥିଲା। କିନ୍ତୁ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ହେବା ବଦଳରେ ଧୀରେ ଧୀରେ ବିଗିଡ଼ିବାରେ ଲାଗିଥିଲା। ପରେ ସେ ଯକ୍ଷ୍ମାରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ଓୟୁଏଟିର ବିଶେଷଜ୍ଞଦଳ ଆସି ନନ୍ଦନକାନନ ଡାକ୍ତରମାନଙ୍କୁ ଚିକିତ୍ସା ବିଷୟରେ ବୁଝାଇଥିଲେ। ଚିକିତ୍ସା ପରେ ମଧ୍ୟ ମଙ୍ଗଳବାର କୁଲୁର ମୃତ୍ୟୁ ଘଟିଥିଲା। କୁଲୁର ମୃତ୍ୟୁପରେ ହିମାଳୟ କଳାଭାଲୁ ସଂଖ୍ୟା ହ୍ରାସ ପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୨ ଅଣ୍ଡିରା ଓ ୩ ମାଈ ରହିଛନ୍ତି। କୁଲୁ ୨୬ ଡିସେମ୍ବର୧୯୯୫ରେ ଜନ୍ମଗ୍ରହଣ କରିଥିଲା। ସାଧାରଣତଃ ଏହି ଭାଲୁମାନେ ୨୫ବର୍ଷ ବଞ୍ଚିପାରୁଥିବାବେଳେ ମୃତ୍ୟୁବେଳକୁ ତା'ର ବୟସ ୨୫ବର୍ଷ ହୋଇଥିଲା। କୁଲୁର ଜୀବନକାଳ ଭିତରେ ୪ଟି ଶାବକ ଜନ୍ମ କରିଛି। ୧୭ ମେ ୨୦୨୦ରୁ ପ୍ରଥମ ତା'ର ଅସୁସ୍ଥତା ଆରମ୍ଭ ହୋଇଥିଲା। ଯକ୍ଷ୍ମାରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲାବେଳେ ତା'ର ମୃତ୍ୟୁ ଘଟିଛି ବୋଲି ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ସହଯୋଗ ପାଇଁ ପୁରୀବାସୀଙ୍କୁ ଧନ୍ୟବାଦ: ଡିଜିପି

କଟକ ଅଫିସ,୨୩।୬: କୋଭିଡ୍ କଟକଣା ଭିତରେ ମଙ୍ଗଳବାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେବଳ ପୁରୀରେ ରଥଯାତ୍ରା ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ଆୟୋଜନ ହୋଇଥିବା ଯୋଗୁ ପୁରୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ସେ ଟୁଇଟ୍ ଜରିଆରେ ପ୍ରକାଶ କରିଛନ୍ତି ଯେ, ରାଜ୍ୟବାସୀ ବିଶେଷକରି ପୁରୀବାସୀଙ୍କୁ ଧନ୍ୟବାଦ। ଯାତ୍ରା ଆୟୋଜନରେ ସେମାନେ ପୂର୍ଣ୍ଣ ସହଯୋଗ କରିଛନ୍ତି। ସେହିଭଳି ପୁରୀରେ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀ ମଧ୍ୟ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ବୋଲି ଡିଜିପି ଅଭୟ କହିଛନ୍ତି। ଅପରପକ୍ଷେ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଅଗ୍ନିଶମ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି।

## ସାଇନାଥ ଇନ୍‌ଫ୍ରାଟେକ୍ ବିଲ୍ଡର ଗିରଫ

### ଜମି ଦେବାକୁ କହି ୧୬ ଲକ୍ଷ ଟଙ୍କା ଠକେଇ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଜମି ଦେବାକୁ କହି ୧୬ ଲକ୍ଷ ୮୦ ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସାଇନାଥ ଇନ୍‌ଫ୍ରାଟେକ୍ ବିଲ୍ଡର ସଂସ୍ଥାର ମୁଖ୍ୟଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଓଏସ୍‌ଏଚ୍‌ଜି କଲୋନୀ ପ୍ଲଟ ନଂ–ଏଚ୍‌ଆଇଜି ୧୭/୧ରେ ରହୁଥିବା ଉପେନ୍ଦ୍ର କୁମାର ସେନାପତି (୪୦)। ତାଙ୍କ ବିରୋଧରେ ଥାନାରେ ପୋଲିସ କେସ୍ ନଂ–୬୩୧/୧୯ ଦଫା ୪୨୦ ରୁଜୁ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଉପେନ୍ଦ୍ର ୨୦୧୪ରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଏନ୍–୪ରେ ସାଇନାଥ ଇନ୍‌ଫ୍ରାଟେକ୍ ନାମକ ଏକ ବିଲ୍ଡର ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥା ସୁଲଭ ମୂଲ୍ୟରେ ଜମି ଯୋଗାଇ ଦେବା ପାଇଁ ଲୋଭନୀୟ ବିଜ୍ଞାପନ ଦେଇଥିଲେ। ମଞ୍ଚେଶ୍ୱର ଇଡକୋ କଲୋନୀର ହରିହର ପଟ୍ଟନାୟକ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଏହି ସଂସ୍ଥା ବାଲିଅନ୍ତାରେ ଏକ ଜମି ଦେବାକୁ କହି ୨୦୧୫ ମସିହାରେ ହରିହରଙ୍କଠାରୁ ୧୬ ଲକ୍ଷ ୮୦ ହଜାର ଟଙ୍କା ନେଇଥିଲେ। ଏହାପରେ ସମ୍ପୃକ୍ତ ସଂସ୍ଥା ଚୁକ୍ତି ଅନୁଯାୟୀ ଜମି ଯୋଗାଇ ନ ଥିଲେ। ଏନେଇ ୨୦୧୯ ଡିସେମ୍ବର ୧ରେ ହରିହର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ପରେ ବିଲ୍ଡର ଉପେନ୍ଦ୍ର ଫେରାର ହୋଇଯାଇଥିଲେ। ଦୀର୍ଘଦିନ ପରେ ସୋମବାର ଉପେନ୍ଦ୍ର ଚନ୍ଦ୍ରଶେଖରପୁରସ୍ଥିତ ଘରେ ଲୁଚିଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା।

### ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.:(୧)ସିକେପି-ଇଷ୍ଟ-୨୦-୨୧-୦୧, (୨) ସିକେପି-ଇଷ୍ଟ-୨୦-୨୧-୦୨, (୩) ସିକେପି- ଇଷ୍ଟ-୨୦-୨୧-୦୩, (୪) ସିକେପି-ସେଣ୍ଟ୍ରାଲ-୨୦-୨୧-୦୩, (୫) ସିକେପି-ସେଣ୍ଟ୍ରାଲ-୨୦-୨୧-୦୪, ତାରିଖ: ୨୨।୦୬।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର. ସଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଓ ଅମାନତ ରାଶି ନିମ୍ନ ଅନୁଯାୟୀ ହେବ:- (୧) ଚକ୍ରଧରପୁର ଡିଭିଜନରେ ବହଳଦା ରୋଡ୍ ଏବଂ ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ କିମି ୨୯୨/୦୯–୧୦, ୩୧୭/୦୫–୦୬, ୩୨୩/୦୨–୦୩ ଏବଂ ୩୨୯/୧୩–୧୪ଠାରେ ଯଥାକ୍ରମେ ଜଗୁଆଳିବିହୀନ ଲେଭଲ କ୍ରସିଂ ନଂ. ଟିବି–୩୩, ଟିବି–୫୫, ଟିବି–୫୯ ଏବଂ ଟିବି–୬୭କୁ ବନ୍ଦ କରିବା ପାଇଁ ଆପ୍ରୋଚ୍ ରୋଡ୍ ସମେତ ୦୪ ଗୋଟି ରୋଡ୍ ଅଣ୍ଡର ବ୍ରିଜ୍ (ସୀମିତ ଉଚ୍ଚତା) ନିର୍ମାଣର ବଳକା କାର୍ଯ୍ୟ, ₹୨,୫୪,୭୭,୬୫୪.୦୧, ₹୨,୭୭,୪୦୦/-। (୨) ଏଡିଇଏନ୍/।/ଟାଟାଙ୍କ ଅଧୀନରେ ଟାଟାନଗର–ବାଦାମପାହାଡ଼ ସେକ୍ସନ ମଧ୍ୟରେ କିମି ୩୧୫/୮–୯ଠାରେ ବ୍ରିଜ୍ ନଂ.୨୭ର ଆର୍‌ସିସି ଜ୍ୟାକେଟିଂ (୩ୟ କଲ୍), ₹୨,୩୮,୯୫,୬୨୯.୯୦, ₹୨,୬୯,୫୦୦/- । (୩) ଏଡିଇଏନ୍/।।/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଟିପି, ଜିଏମ୍‌ଏଚ୍, ଏସ୍‌ଏନ୍‌ୱାଇ, ଏମ୍‌ଏମ୍‌ଭି, ଆର୍‌କେଏସ୍‌ଏନ୍, କେଏନ୍‌ଡି, କେଜେଡବ୍ଲ୍ୟୁ, ବିଆଇଆର୍‌ପି ଏବଂ ଏମ୍‌ଆଇକେ ୟାର୍ଡର ବିବିଧ ଟ୍ରାକ୍ କାର୍ଯ୍ୟ ଯେପରି ଡିପ୍ ସ୍କ୍ରିନିଂ, ରେଳ ଜଏଣ୍ଟର ୱେଲ୍ଡିଂ, ଲିଫ୍ଟିଂ ଓ ପ୍ୟାକିଂ, ରେଳର ପେଣ୍ଟିଂ, ଲାଇନ୍‌ଗୁଡ଼ିକର ଇଆର୍‌ସିର ଗ୍ରୀସିଂ। (୪ର୍ଥ କଲ୍), ₹୨,୧୦,୬୬,୭୮୭.୬୮; ₹୨,୫୫,୩୦୦/-। (୪) ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ ଅଧୀନରେ ପ୍ରମୁଖ ବ୍ରିଜ୍‌ଗୁଡ଼ିକୁ ଆର୍‌ସିସି ଜ୍ୟାକେଟିଂ ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍‌ରେ ରୂପାନ୍ତରିତ କରିବା ଦ୍ୱାରା ସୁଦୃଢ଼ୀକରଣ, ₹୨,୬୨,୦୧,୫୭୦.୭୩; ₹୨,୮୧,୦୦୦/-, (୫) ସିକେପି ଡିଭିଜନର କ୍ଷେତ୍ରାଧିକାର ଅଧୀନରେ ପାକୁର/ବାକୁଡିହ କ୍ୱାରିଠାରେ ୩୫,୦୦୦ ସିୟୁଏମ୍ ୫୦ ମିମି ଗେଜ୍ ମେଶିନ୍ କ୍ରସ୍‌ଡ, ହାର୍ଡ ଷ୍ଟୋନ୍ ବାଲାଷ୍ଟର ଯୋଗାଣ ଓ ରେଲ୍‌ୱେ ୱାଗନ/ହପର୍ସରେ ଲୋଡିଂ (ମାପ ଗନ୍ତବ୍ୟସ୍ଥଳୀରେ), ₹୪,୬୧,୨୮,୨୫୦/-, ₹୩,୮୦,୭୦୦/-, **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ କାର୍ଯ୍ୟ ପାଇ ₹୧୦,୦୦୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ କାର୍ଯ୍ୟ ପାଇଁ ତା୨୧।୦୭।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ https://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ।

PR-115


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

GLOBAL FINANCE LIMITED
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରଥଯାତ୍ରା ଶୁଭେଚ୍ଛା



" ପବିତ୍ର ରଥଯାତ୍ରା ଅବସରରେ ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା। ବିଶେଷକରି ଓଡ଼ିଶାରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତବୃନ୍ଦଙ୍କୁ। ମହାପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣା ଆମ ସମସ୍ତଙ୍କୁ କୋଭିଡ-୧୯ ମହାମାରୀର ସାମନା କରିବା ପାଇଁ ସାହସ ଓ ଦୃଢ ସଂକଳ୍ପ ପ୍ରଦାନ କରୁ ଏବଂ ଆମ ଜୀବନକୁ ଉତ୍ତମ ସ୍ୱାସ୍ଥ୍ୟ ଓ ଆନନ୍ଦରେ ଭରିଦେଉ।

**- ରାମନାଥ କୋବିନ୍ଦ , ରାଷ୍ଟ୍ରପତି**



" ପବିତ୍ର ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଲୋକମାନେ ବେଶ୍ ଭକ୍ତିର ସହ ମାନିଥାନ୍ତି ଏବଂ ଓଡ଼ିଶାର ଏହି ଉତ୍ସବକୁ ସଭିଏଁ ଉତ୍କଣ୍ଠାର ସହ ପ୍ରତୀକ୍ଷା କରିଥାନ୍ତି। ରଥ ଯାତ୍ରାର ଭବ୍ୟ ଓ ବିରାଟ ଆୟୋଜନ ତଥା ରଥଗୁଡ଼ିକର ଅପରୂପ ଶୋଭା ବାସ୍ତବିକ ଅତୁଳନୀୟ। ଭାରତ ତଥା ସମଗ୍ର ବିଶ୍ୱ କୋଭିଡ-୧୯ ମହାମାରୀ ସଂକ୍ରମଣ ସହ ନିରନ୍ତର ଲଢ଼େଇ କରିଚାଲିଛି, ଆମେମାନେ ନିଜ ଘରେ ରହି ସମସ୍ତ ପାରମ୍ପରିକ ଉତ୍ସବ ମନାଉଛୁ। ତେଣୁ ଆମେ ନିଜକୁ ସଂଯତ ରଖି ନିରାଡ଼ମ୍ବର ଭାବେ ଚଳିତ ବର୍ଷ ରଥଯାତ୍ରା ପାଳନ କରିବା ଉଚିତ।

**- ଭେଙ୍କାୟା ନାଇଡୁ, ଉପ-ରାଷ୍ଟ୍ରପତି**



" ଭଗବାନ ଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ପୁଣ୍ୟତିଥିରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା। ଶ୍ରଦ୍ଧା ଓ ଭକ୍ତିରେ ପରିପୂର୍ଣ୍ଣ ଏହି ଯାତ୍ରା ଦେଶବାସୀଙ୍କ ଜୀବନରେ ସୁଖ, ସମୃଦ୍ଧି, ସୌଭାଗ୍ୟ ଏବଂ ଆରୋଗ୍ୟ ନେଇଆସୁ ବୋଲି ମୋର କାମନା। ଜୟ ଜଗନ୍ନାଥ।

**- ନରେନ୍ଦ୍ର ମୋଦି , ପ୍ରଧାନମନ୍ତ୍ରୀ**



" ପବିତ୍ର ରଥଯାତ୍ରା ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପାର କରୁଣାରୁ ସମଗ୍ର ବିଶ୍ୱ କରୋନା ମୁକ୍ତ ହେଉ। ଏହି ଅବସରରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



" ପବିତ୍ର ରଥଯାତ୍ରାର ଶୁଭ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସଭିଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଆନନ୍ଦ ଏବଂ ସମୃଦ୍ଧି ଆଣିଦେଉ। ଜୟ ଜଗନ୍ନାଥ।

**- ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଦିଲ୍ଲୀ ହାଉଜ୍ ଖାସ୍ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା



**ନୂଆଦିଲ୍ଲୀ, ୨୩।୬**

ସମସ୍ତ ବାଧାବିଘ୍ନ ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚଳିତବର୍ଷ ବିନା ଭକ୍ତରେ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ରାଜଧାନୀ ଦିଲ୍ଲୀରେ ମଧ୍ୟ ପ୍ରତୀକାତ୍ମକ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସେବାସଂଘ ଦ୍ୱାରା ପରିଚାଳିତ ହାଉଜ୍ ଖାସ୍ ଜଗନ୍ନାଥ ମନ୍ଦିରରେ ନିରାଡମ୍ବରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ୮ ଫୁଟର ଏକ ଛୋଟିଆ ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବସାଇ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯିବା ପରେ ମନ୍ଦିର ତଳେ ଥିବା ମାଉସୀମା ପୀଠକୁ ନିଆଯାଇଥିଲା। ମନ୍ଦିରର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ଛେରାପହଁରା କରିଥିଲେ। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷାକରି ଅଳ୍ପସଂଖ୍ୟକ ସେବକ ଓ କର୍ମକର୍ତ୍ତା ରଥ ଟାଣିଥିଲେ। ମନ୍ଦିର କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ନାୟକ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ବାସୁଦେବ ପାତ୍ର, ଅଭୟ ପ୍ରଧାନ ଏବଂ ସଦସ୍ୟ ରଙ୍କନିଧି ସାହୁ, ଦିଲୀପ ସ୍ୱାଇଁ, ପଙ୍କଜ ମହାନ୍ତି, ଅଭିରାମ ସୂତାର, ଅମୂଲ୍ୟ ଓଝା, କ୍ଷୀରୋଦ ପାତ୍ର, ଜିତେନ୍ଦ୍ର ମହାପାତ୍ର ଏବଂ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରଥ ଦର୍ଶନ କରିବାକୁ ଆସିଥିଲେ।

## ମୁଖ୍ୟ ପ୍ରଶାସକ ଗାଇଲେ ଗୀତଗୋବିନ୍ଦ

ବିନା ବାଧାବିଘ୍ନରେ ସିଂହଦ୍ୱାରରୁ ଯାଇ ଅପରାହ୍ନ ୫ଟା ୧୦ରେ ଶରଧାବାଲିରେ ୩ ରଥ ଲାଗିଯାଇଥିଲା। ପ୍ରବଳ ଖରା ଓ ଖାଲି ପାଦ ସତ୍ତ୍ୱେ ଏହାକୁ ଭ୍ରୂକ୍ଷେପ ନ କରି ମହାପ୍ରଭୁଙ୍କ ରଥକୁ ବଡ଼ଦାଣ୍ଡରେ ଟାଣିଥିଲେ ସେବାୟତ। ତେଣୁ ସେବାୟତଙ୍କ ଏଭଳି ପ୍ରତିବଦ୍ଧତା ଦେଖି ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ରଥ ଲାଗିବା ପରେ ସେବାୟତମାନେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସମବେତ ଭାବେ ଗାଇଥିଲେ ମହାପ୍ରଭୁଙ୍କ ପ୍ରିୟ ଗୀତଗୋବିନ୍ଦ। ଆଉ ଏଥିରେ ସାମିଲ ହୋଇଥିଲେ ମୁଖ୍ୟ ପ୍ରଶାସକ। ସେବାୟତଙ୍କ ତାଳରେ ତାଳ ମିଳାଇ ଗାଇଥିଲେ ଗୀତଗୋବିନ୍ଦ, ଯାହାକି ସେବାୟତମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ଭରିଦେଇଥିଲା।

## ତଥାପି ଛିଣ୍ଡାଇଲେ ଟାହିଆ।

ପ୍ରାୟ ପ୍ରତିବର୍ଷ ଠାକୁର ପହଣ୍ଡିରେ ଆସି ଚାରମାଳ ଉପରକୁ ଉଠୁ ଉଠୁ ଟାହିଆକୁ ଟଣା ଘୋଷରା ଆରମ୍ଭ ହୋଇଯାଏ। କିନ୍ତୁ ଏବର୍ଷ ସେମିତି ଦେଖିବାକୁ ମିଳି ନ ଥିଲା। ଠାକୁର ପହଣ୍ଡିରେ ଆସି ଚାରମାଳ ପାଖରେ ପହଞ୍ଚିବା ଯାଏ ସେମିତି ମସ୍ତକରେ ଟାହିଆ ଦୋଳାୟମାନ ହେଉଥିଲା। ବଡ଼ଠାକୁର ଓ ଜଗନ୍ନାଥଙ୍କ ଟାହିଆ ସମ୍ପୂର୍ଣ୍ଣ ଭାବେ ରଥ ଦୁଆର ବେଢ଼ା ପର୍ଯ୍ୟନ୍ତ ସୁରକ୍ଷିତ ରହିଥିଲା। ଏହାପରେ ଟାହିଆ ଖୋଲାଯିବା ପରେ କିଛି ସେବାୟତ ତାଙ୍କ ପୂର୍ବ ସ୍ୱଭାବକୁ ଆୟତ୍ତ କରି ନ ପାରି ଟାହିଆକୁ ଛିଣ୍ଡାଇ ନେଉଥିବା ଦେଖିବାକୁ ମିଳିଥିଲା।

## ପ୍ରତି ରଥରେ ୧୦ ସେବକ

ସୀମିତ ସେବାୟତଙ୍କ ମଧ୍ୟରେ ରଥଯାତ୍ରା ଲାଗି ନିୟମ ହୋଇଥିଲା। ତେଣୁ ପ୍ରତି ରଥରେ ୧୦ ସେବକ ରହିବେ ବୋଲି ନିଷ୍ପତ୍ତି ନେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଏହାକୁ କଡ଼ାକଡ଼ି ଭାବେ ଲାଗୁ ମଧ୍ୟ କରାଯାଇଥିଲା। ପହଣ୍ଡି ଶେଷ ହେବା ପରେ ଚାରମାଳ ଫିଟାଯିବା ପୂର୍ବରୁ କେବଳ ପୂର୍ବ ନିର୍ଦ୍ଧାରିତ ସେବକମାନେ ହିଁ ରଥ ଉପରେ ରହିଥିଲେ। ଅର୍ଥାତ ଗୋଟିଏ ରଥରେ ଜଣେ ଡାହୁକ, ୨ଜଣ ଘଣ୍ଟୁଆ, ଜଣେ କାହାଳିଆ, ୨ଜଣ ଜେଟିପି ଏବଂ ୫ ଜଣ ସେବାୟତ ଏହିପରି ମୋଟ ୧୦ ଜଣ ରହିଥିଲେ । ତିନିରଥରେ ମୋଟ ୩୦ ଜଣ ରହିଥିବା ଦେଖିବାକୁ ମିଳିଥିଲା। ବିଗତ ବର୍ଷଗୁଡ଼ିକରେ ଯେଉଁପରି ଭାବେ ରଥରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସେବାୟତ ରୁହନ୍ତି ଏଥର କିନ୍ତୁ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା।

## ତଦାରଖ କଲେ ମନ୍ତ୍ରୀ, ଅଧିକାରୀ

ମୁଖ୍ୟମନ୍ତ୍ରୀ ରଥଯାତ୍ରାର ସବୁ ବ୍ୟବସ୍ଥା ତଦାରଖ ଲାଗି ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କୁ ପୁରୀ ପଠାଇଥିଲେ। ଏହାପରେ ପୁରୀକୁ ମନ୍ତ୍ରୀ, ଅଧିକାରୀଙ୍କ ଧାଡ଼ି ଲାଗିଥିଲା। କରୋନାର ଭୟ ଭିତରେ ସଫଳ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ଥିଲା। ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୀୟ ଦାସବର୍ମାଙ୍କ ସମେତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଏସ୍ଆର୍ସି ପ୍ରଦୀପ୍ତ ଜେନା, ପୋଲିସ ଡିଜି ଅଭୟ ପ୍ରମୁଖ ରଥଯାତ୍ରାର ସୁପରିଚାଳାନାର ତଦାରଖ କରିଥିଲେ।

## ପାଟି ତଳେ ଝୁଲିଲା ମାସ୍କ

ସେବାୟତମାନେ ଯେପରି ମାସ୍କ ପିନ୍ଧିବେ ତାହା ଉପରେ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଏଥିଲାଗି ସ୍ୱତନ୍ତ୍ର ଧରଣର ମାସ୍କ ପ୍ରସ୍ତୁତ କରାଯାଇ ସେବାୟତଙ୍କୁ ଦିଆଯାଇଥିଲା। ମାତ୍ର ଅଧିକାଂଶ ସେବାୟତ ନିୟମର ଉଲ୍ଲଂଘନ କରିଥିଲେ। କାହାର ନାକ ତଳକୁ ତ ଆଉ କାହାର ପାଟି ତଳକୁ ମାସ୍କ ଝୁଲି ରହିଥିଲା।



ମଙ୍ଗଳବାର ପୁରୀ ବଡ଼ଦାଣ୍ଡରେ ସେବାୟତମାନେ ରଥ ଟାଣି ନେଉଛନ୍ତି।



ବଡ଼ ଠାକୁର ବଳଭଦ୍ରଙ୍କ ପହଣ୍ଡି ବିଜେ ।



ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ନିଆଯାଉଛି।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଉଛି।



ଶ୍ରୀସୁଦର୍ଶନଙ୍କୁ ପହଣ୍ଡି କରି ନିଆଯାଉଛି।



ରଥରେ କଳସ ଲଗାଯାଉଛି।



ରାମକୃଷ୍ଣ ଓ ମଦନମୋହନଙ୍କ ପହଣ୍ଡି ବିଜେ ।



କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡକୁ ଯାଇ ନ ପାରି ଘର ସମ୍ମୁଖରେ ରହି ମହାପ୍ରଭୁଙ୍କୁ ପ୍ରଣିପାତ କରୁଛନ୍ତି।



ଶ୍ରୀମନ୍ଦିର ସିଂହଦ୍ୱାରକୁ ଫୁଲରେ ସଜ୍ଜିତ କରାଯାଇଛି।



ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ।



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସାରି ଫେରୁଛନ୍ତି।

# ବାଧାବିଘ୍ନ ଦୂର କରିଦେଲେ ମହାପ୍ରଭୁ: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୨୩।୬**

ମଙ୍ଗଳବାର ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ। ଶିଷ୍ୟ ସାଧକଙ୍କ ସହ ଆସି ଜଗଦ୍‌ଗୁରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ରଥ ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଶଙ୍କରାଚାର୍ଯ୍ୟ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ବାଧାବିଘ୍ନ ଦୂର କରିଦେଲେ। ଜନସାଧାରଣ ତଥା ଆମ ସମସ୍ତଙ୍କ ଭକ୍ତି, ଭାବାବେଗକୁ ଭଗବାନ ରକ୍ଷା କରିଦେଲେ। ଭଗବାନ ଶ୍ରୀଜଗନ୍ନାଥ ବାହାରକୁ ଆସିଗଲେଣି। ବିଶ୍ୱରୁ ଧୀରେ ଧୀରେ ମହାମାରୀ କରୋନା ଦୂରେଇଯିବ ଏବଂ ସମଗ୍ର ବିଶ୍ୱ ସୁସ୍ଥ ହୋଇଯିବ ବୋଲି ଗୁରୁଜୀ କହିଛନ୍ତି।



ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥରେ ଛେରାପହଁରା କରୁଛନ୍ତି।

# ମହାପ୍ରଭୁ ପରୀକ୍ଷା ନେଲେ: ଗଜପତି

- **ଐତିହାସିକ ଘଟଣା, ଇତିହାସ ସୃଷ୍ଟି କଲା**
- **ଛେରାପହଁରା ଅନୁଭୂତି ଭାଷାରେ କହିହେବ ନାହିଁ**

**ପୁରୀ ଅଫିସ, ୨୩।୬**

ଲକ୍‌ଡାଉନ କଟକଣା ଯୋଗୁ ସ୍ନାନବେଦିକୁ ଛେରା ପହଁରା କରିବାକୁ ଯାଇ ନ ଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରସ୍ତ ସ୍ନାନ ପୂର୍ଣ୍ଣିମାରେ ରଥରେ ଛେରାପହଁରା କରିଥିଲେ। ମାତ୍ର ରଥଯାତ୍ରା ପାଇଁ ସୁପ୍ରିମ୍‌କୋର୍ଟ ଅନୁମତି ଦେବା ଏବଂ ସମସ୍ତ କୋଭିଡ୍ କଟକଣା ପାଳନ କରି ମଙ୍ଗଳବାର ରଥଯାତ୍ରାରେ ସାମିଲ ହୋଇଥିଲେ ଗଜପତି ମହାରାଜା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଦର୍ଶନ ସାରି ଯିବା ପରେ ତାମଯାନରେ ପହଞ୍ଚିଥିଲେ ଗଜପତି। ତିନିରଥରେ ଛେରାପହଁରା ସାରି ଫେରିବା ବେଳେ ରଥଯାତ୍ରାକୁ ନେଇ ଯେଉଁ ଆଇନଗତ ଲଢେଇ ଚାଲିଥିଲା ସେ ସମ୍ପର୍କରେ କହିଥିଲେ ମହାପ୍ରଭୁ ଆମର ପରୀକ୍ଷା ନେଲେ। କୌଣସି ପିଲା ସ୍କୁଲ କିମ୍ବା କଲେଜରେ ପଢୁଥିଲେ ତାଙ୍କୁ ମଝିରେ ମଝିରେ ପରୀକ୍ଷା ଦେବାକୁ ପଡ଼ିଥାଏ। କୋଭିଡ୍‌କୁ ନେଇ ଅକ୍ଷୟ ତୃତୀୟାଠାରୁ ଆଜି ପର୍ଯ୍ୟନ୍ତ ଯାହା ଘଟିଲା ତାହା ଥିଲା ଆମ ସମସ୍ତଙ୍କର ପରୀକ୍ଷାର ଦିବସ। ଏହି ପରୀକ୍ଷାର ସମୟ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରହିଛି। ଏହା ଥିଲା ମହାପ୍ରଭୁଙ୍କ ଲୀଳା। ଆମେ ତାଙ୍କୁ ଭୁଲି ଯାଇଛୁ ନା ଅନ୍ତରରେ ରଖିଛୁ ସେଥିପାଇଁ ମଝିରେ ମଝିରେ ମହାପ୍ରଭୁ ଏହିଭଳି ପରୀକ୍ଷା ନେଉଛନ୍ତି। ତେବେ କୌଣସି ଗଜପତିଙ୍କର ଏଭଳି ଅନୁଭୂତି ହୋଇ ନ ଥିବ। ଏହା ଏକ ଐତିହାସିକ ଘଟଣା, ଇତିହାସ ସୃଷ୍ଟି ହେଲା। ସମସ୍ତ ଭକ୍ତ ଓ ସେବକଙ୍କ ଆନ୍ତରିକ ପ୍ରାର୍ଥନା ଶୁଣି ମହାପ୍ରଭୁ ବିଜେ କଲେ। ତାଙ୍କ ଯାତ୍ରା ସେ ହିଁ ଅନୁଷ୍ଠିତ କରେଇଲେ। ତେବେ ବର୍ତ୍ତମାନ ବିଶ୍ୱରେ ଯେଉଁପରି ଭାବେ ମହାମାରୀ କରୋନା ସମସ୍ତଙ୍କୁ ଦୁଃଖ ଓ କଷ୍ଟ ଦେଇଚାଲିଛି ଅତିଶୀଘ୍ର ମହାପ୍ରଭୁ ତା'ର ଶେଷ କରନ୍ତୁ ଏତିକି ପ୍ରାର୍ଥନା କରିବା। ସେହିପରି ଯିଏ ଯେଉଁଠି ଥାନ୍ତୁ ନା କାହିଁକି ଟେଲିଭିଜନ ମାଧ୍ୟମରେ ମହାପ୍ରଭୁଙ୍କର ଯେଉଁ ଦର୍ଶନ ମିଳୁଛି ତାକୁ ବାସ୍ତବ ଦର୍ଶନ ଭାବି ଠାକୁରଙ୍କ କୃପା ଲାଭ କରନ୍ତୁ ବୋଲି କହିଛନ୍ତି ଗଜପତି। ଛେରାପହଁରା ଅନୁଭୂତି ଭାଷାରେ କହିହେବ ନାହିଁ। ସେହିପରି ଜଣେ ଆଦ୍ୟସେବକ ମହାପ୍ରଭୁଙ୍କର ରାଜସେବା, ରାଜନୀତି ଏବଂ ଛେରାପହଁରା କରୁଛନ୍ତି ଏବଂ ଆଉଜଣେ ଭକ୍ତ ବଡ଼ଦାଣ୍ଡରେ ଥାଇ ମହାପ୍ରଭୁଙ୍କୁ ଗୁହାରି ଜଣାଉଛନ୍ତି ବାସ୍ତବରେ ସେଥିରେ ତଫାତ୍ ନାହିଁ। ତଫାତ୍ ହେଉଛି ଭାବନାର। ଯଦି ଭାବନା ଏକ ତା'ହେଲେ ସେଥିରେ କୌଣସି ପାର୍ଥକ୍ୟ ନାହିଁ। ସେବା ଭିନ୍ନ ହେଲେ ବି ଅନ୍ତରର ଭାବନା ମହାପ୍ରଭୁ ଜାଣନ୍ତି। ଭକ୍ତ ବିନା ବଡ଼ଦାଣ୍ଡ ସେ ରଥଯାତ୍ରା ଭଳିଆ ଜଣାପଡେ ନାହିଁ। ମହାପ୍ରଭୁ ମଧ୍ୟ ରଥ ଉପରେ ବସି ତାଙ୍କ ଭକ୍ତଙ୍କୁ ଖୋଜୁଥିବେ। କିନ୍ତୁ ଆମେ ଯାହା ଦେଖୁଛୁ ମହାପ୍ରଭୁ କେବଳ ତାହା ଦେଖୁନାହାନ୍ତି। ସେ ତାଙ୍କ ଘରୁ ବଡ଼ଦାଣ୍ଡକୁ ବାହାରିଛନ୍ତି କେବଳ ବଡ଼ଦାଣ୍ଡ ଭକ୍ତଙ୍କ ପାଇଁ ନୁହେଁ, ସେ ହେଉଛନ୍ତି ଜଗତର ନାଥ। ତେଣୁ ସମସ୍ତ ଜଗତ ପାଇଁ ସେ ବାହାରିଛନ୍ତି । ସମଗ୍ର ସୃଷ୍ଟିରେ ଯେତିକି ପ୍ରାଣୀ ଅଛନ୍ତି ସେମାନେ ମହାପ୍ରଭୁଙ୍କ ଦର୍ଶନ କରିବେ। ସେ ଶରୀରରେ ଥାନ୍ତୁ ବା ଅଶରୀରି ଥାନ୍ତୁ। ସେହିପରି ସମସ୍ତ କଟକଣାକୁ ମାନି ବଡ଼ଦାଣ୍ଡକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିପାରି ନ ଥିବା ଭକ୍ତଙ୍କୁ ଗଜପତି ମହାରାଜା ଧନ୍ୟବାଦ ଦେଇଛନ୍ତି।

“ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା’ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ

# ମଣିଷପଣିଆର ଅଭାବ

କରୋନା ଭୂତାଣୁ ଦିନକୁ ଦିନ ଭୟଙ୍କର ରୂପ ଧାରଣ କଲାଣି। ୨୧ ଜୁନ୍ ରବିବାର ଗୋଟିଏ ଦିନରେ ଭାରତରେ ୧୫,୪୧୩ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ଅତିକ୍ରମ କରିଥିଲା। ଏବେ ଏହି ସଂଖ୍ୟା ୪ ଲକ୍ଷ ୪୯ ହଜାର ଉପରକୁ ଚାଲିଗଲାଣି ଓ ମୃତ୍ୟୁସଂଖ୍ୟା ୧୪,୧୬୨ରେ ପହଞ୍ଚିଛି। ଭାରତ ଏବେ ବିଶ୍ୱସ୍ତରରେ ଚତୁର୍ଥରେ ଥିବା ବେଳେ ଏହି ଗତିରେ ଯଦି ସଂକ୍ରମଣ ଧରାପଡ଼େ ତେବେ ଖୁବ୍ ଶୀଘ୍ର ୧ନଂ ସ୍ଥାନରେ ପହଞ୍ଚିଯିବ। ଓଡ଼ିଶା କଥା ଦେଖିଲେ ସଂକ୍ରମିତଙ୍କ ସଂଖ୍ୟା ୫,୪୭୦ ହୋଇଥିବା ବେଳେ ୧୭ ଜଣଙ୍କ ମୃତ୍ୟୁ ଘଟିଲାଣି। ଦୁଇ ମାସ ପୂର୍ବେ କାଁଭାଁ କେଉଁଠାରେ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେଉଥିଲେ କୋକୁଆଭୟ ସୃଷ୍ଟି ହୋଇଯାଉଥିଲା। ଏବେ ଅସଂଖ୍ୟ ଆକ୍ରାନ୍ତ ଓ ମୃତ ବ୍ୟକ୍ତିଙ୍କ ଖବର ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ଲୋକଙ୍କ ଉପରେ ସେଭଳି ପ୍ରଭାବ ପକାଉନାହିଁ। କାରଣ ତାହା ଦେହସୁହା ହୋଇଗଲାଣି। ହେଲେ କେହି ଜଣେ ଅସାବଧାନ ହେଲେ ଅନ୍ୟମାନେ ବିପଦରେ ପଡୁଛନ୍ତି ଏବଂ ଆହୁରି ଅନେକ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ହେଉଛି କରୋନା ଭଳି ସଂକ୍ରମଣର ବିଶେଷତା। ଏଭଳି ବ୍ୟକ୍ତିଙ୍କୁ ଇଂଲିଶ୍‌ରେ ‘ସୁପର୍ ସ୍ପ୍ରେଡ୍‌ର’ ଆଖ୍ୟା ଦିଆଯାଇଛି। ଗୋଟେପଟେ ଅସାବଧାନତା ଏବଂ ଭିଡ଼ ସୃଷ୍ଟି କରୁଥିବା ଭାରତୀୟ ନିଜର ନିର୍ବୋଧପଣିଆ ବାରମ୍ବାର ପ୍ରମାଣ କରିଚାଲିଥିବା ବେଳେ ଅନ୍ୟପଟେ ଦେଶର ଏକ ବିରାଟକାୟ ଆୟୁର୍ବେଦ କମ୍ପାନୀ ଭାବେ ପରିଚିତ ପତଞ୍ଜଳି ଦାବି କରୁଛି ଯେ କରୋନାରୁ ଆରୋଗ୍ୟ ପାଇଁ ଆୟୁର୍ବେଦ ଔଷଧ ବାହାର କରିସାରିଲାଣି। ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ଦାୟିତ୍ୱହୀନ ଔଷଧର ବିଜ୍ଞାପନ ଦେଇ ଏଭଳି ବିପଜ୍ଜନକ ପରିସ୍ଥିତିରେ ମଧ୍ୟ କିଛି ଭାରତୀୟ ବିପୁଳ ଅର୍ଥ ରୋଜଗାର କରିବାରେ ବ୍ୟସ୍ତ। ଅବଶ୍ୟ ଆୟୁଷ ମନ୍ତ୍ରଣାଳୟ ପତଞ୍ଜଳିର ଅସତ୍ୟ ଦାବିକୁ ପ୍ରମାଣ କରିବା ପାଇଁ ତଥ୍ୟ ମାଗିଛି। ଭାରତୀୟ ବ୍ୟବସାୟୀଙ୍କୁ ମାନିବାକୁ ପଡ଼ିବ। ଠକାମିରେ ସେମାନଙ୍କୁ କେହି ପାରିବେନି। ଯେତେବେଳେ ଆମେରିକା, ଇସ୍ରାଏଲ, ଇଟାଲୀ, ଜର୍ମାନୀ ଓ ଖୋଦ୍ ଚାଇନା କରୋନା ଭାଇରସ୍‌ର ଔଷଧ ଖୋଜିବାରେ ଅନେକ ନିୟୁତ ଡଲାର ଖର୍ଚ୍ଚ କରି ଗବେଷଣା ଚାଲୁ ରଖିଛନ୍ତି, ସେତିକିବେଳେ ପତଞ୍ଜଳିର ଦାବି ଅନେକ ଲକ୍ଷ୍ୟ ଭାରତୀୟଙ୍କୁ ବୋକା କରିଦେବ।

କରୋନା ସମୟରେ ଅନେକ ଅସ୍ୱାଭାବିକ ଘଟଣା ନଜରକୁ ଆସୁଥିବା ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ, ଉତ୍ତରପ୍ରଦେଶର କାନପୁରରେ ୧୦୦ ଶଯ୍ୟା ଥିବା ଏକ ଶେଲ୍‌ଟର ହୋମ୍‌ରେ ୧୭୧ ଛାତ୍ରୀ ରହୁଛନ୍ତି। ସେଥିମଧ୍ୟରୁ ୫୭ କୋଭିଡ୍ ପଜିଟିଭ୍ ଥିବା ବେଳେ ୭ ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ସେଠାକାର ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଝିଅମାନେ ଲକ୍‌ଡାଉନ୍ ସମୟରେ ଗର୍ଭବତୀ ହୋଇ ନାହାନ୍ତି। ସେମାନେ ଗର୍ଭବତୀ ହୋଇ ଶେଲ୍‌ଟର ହୋମ୍‌କୁ ଆସିଥିଲେ ବୋଲି କୁହାଯାଉଛି। ଏହି ଘଟଣାରେ ସତ୍ୟତା ପାଇବା କଷ୍ଟକର ନୁହେଁ। ଏହିଭଳି ଶେଲଟର ହୋମ୍‌କୁ ଆସିବା ସମୟରେ ଝିଅମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ। ତାହାର ରିପୋର୍ଟ ଦେଖିଲେ ସତ୍ୟାସତ୍ୟ ମିଳିପାରିବ। ଅବଶ୍ୟ ଏହା ଏକ ସରକାରୀ ଶେଲ୍‌ଟର ହୋମ୍ ହୋଇଥିବାରୁ ସେଥିରେ ଥିବା ସରକାରୀ କର୍ମଚାରୀ ଲାଗିପଡ଼ି ସବୁପ୍ରକାର ଦଲିଲ ପ୍ରସ୍ତୁତ କରିଦେଇପାରିବେ। ଏହାବ୍ୟତୀତ ଉତ୍ତରପ୍ରଦେଶ ଭଳି ରାଜ୍ୟରେ କୌଣସି ଅବାଞ୍ଛିତ କାର୍ଯ୍ୟ ଅସମ୍ଭବ ନୁହେଁ। କେବଳ ୭ ଜଣ ଗର୍ଭବତୀ ହେବାରେ ସମସ୍ୟା ସୀମିତ ନୁହେଁ। ଶହେ ଝିଅ ରହିବା ସ୍ଥାନରେ ୧୭୧ ରହୁଛନ୍ତି ଏବଂ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସମ୍ଭବପର ହେଉ ନ ଥିବ। ସେଥିପାଇଁ ୫୭ ଅନ୍ତେବାସୀ କରୋନା ଆକ୍ରାନ୍ତ ହୋଇଥିବା ଦ୍ୱିତୀୟ ବଡ଼ ସମସ୍ୟା। ଅର୍ଥାତ୍ ଏହି ପିଲାଙ୍କ ଶେଲ୍‌ଟର ହୋମ୍‌କୁ ବିନା ଯାଞ୍ଚରେ ଅନେକ ଲୋକଙ୍କ ଯିବାଆସିବା ପ୍ରବେଶ ଥିବା ଭଳି ମନେହେଉଛି। ସେଥିରୁ ଖିଅ ଟାଣି କୁହାଯାଇପାରେ ଯେ, ଏହି ଝିଅମାନେ ଅସୁରକ୍ଷିତ ମଧ୍ୟ ରହୁଛନ୍ତି। ଏହା କେବଳ ଉତ୍ତରପ୍ରଦେଶରେ ସୀମିତ ରହୁନାହିଁ, ଏଭଳି ଘଟଣା ବିହାର, ଓଡ଼ିଶା ଭଳି ଅନ୍ୟ ରାଜ୍ୟରେ ଘଟୁଥିବା ଦୃଷ୍ଟିକୁ ଆସୁଛି। ଏଥିରୁ ବୁଝିବାକୁ ହେବ ଯେ, ୫୦୦୦ ବର୍ଷ ପୁରୁଣା ସଂସ୍କୃତି ବୋଲାଉଥିବା ଭାରତରେ ମଣିଷପଣିଆର ଘୋର ଅଭାବ ବୃଦ୍ଧି ପାଉଛି। ସାମାଜିକ ପରିବର୍ତ୍ତନ କେବଳ ମାତ୍ର ପନ୍ଥା, ଯାହାଦ୍ୱାରା ଏହିଭଳି ଅନ୍ୟାୟ ରୋକାଯାଇପାରିବ।

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି
ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ–ନବନୀତ! (ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | 0 | B | | | 9 | 1 | | | 4 | | | | |
| 6 | | 5 | | | | | | E | | 3 | | 4 | B | 2 |
| B | | | | | D | 3 | A | | | | E | 6 | | 7 |
| | | | | | | | | | D | | | | | |
| | 8 | 4 | | 9 | | | | | 0 | | 6 | | | |
| | | 8 | 6 | 7 | | | | | | | 4 | A | | 5 |
| | 1 | B | 9 | A | 3 | | | | E | | | | D | |
| 3 | | | | 8 | | | | | | | 7 | | | C |
| D | | | 0 | | | 8 | | 2 | | 5 | | | 1 | E |
| | | 7 | 1 | | E | | | 5 | | C | 0 | | | 3 |
| C | | | | 6 | | | | A | 3 | | | | | |
| | | | | 3 | 9 | | 8 | | | | A | | 4 | 0 |
| | | D | | | C | 1 | | | | | 2 | 3 | | |
| | 0 | | 7 | | 8 | | | 4 | | | | 2 | | |
| | 2 | | | | | | | | C | | B | D | 5 | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 6 | 7 | 3 | 8 | A | C | E | 4 | 0 | D | 1 | 2 | 9 |
| C | E | 2 | A | B | 5 | 9 | 4 | 1 | 7 | 8 | 3 | 0 | 6 | D |
| 9 | 7 | D | 4 | 2 | 0 | 6 | 3 | 8 | E | 1 | B | A | C | 5 |
| A | 0 | 3 | 1 | C | 6 | B | D | 7 | 5 | 9 | 2 | 4 | 8 | E |
| 1 | 8 | 4 | E | 9 | D | 5 | 0 | 2 | 6 | A | C | 7 | 3 | B |
| 7 | A | 1 | 2 | 4 | C | 8 | 5 | D | 3 | B | 0 | 9 | E | 6 |
| 6 | C | 8 | 0 | 7 | 3 | 4 | 2 | B | 9 | 5 | E | D | A | 1 |
| E | B | 9 | 5 | A | 1 | 3 | 6 | 0 | C | D | 7 | 8 | 4 | 2 |
| 3 | D | 0 | 6 | E | 9 | 1 | A | C | 2 | 4 | 8 | 5 | B | 7 |
| 4 | 2 | 5 | 8 | D | B | 7 | E | 9 | 1 | 6 | A | C | 0 | 3 |
| 5 | 6 | C | D | 0 | 4 | 2 | 7 | 3 | 8 | E | 1 | B | 9 | A |
| 8 | 1 | A | 9 | 5 | 2 | E | B | 6 | 0 | 7 | 4 | 3 | D | C |
| 2 | 4 | B | 3 | 8 | 7 | D | 9 | 5 | A | C | 6 | E | 1 | 0 |
| D | 9 | E | C | 6 | A | 0 | 1 | 4 | B | 3 | 5 | 2 | 7 | 8 |
| 0 | 3 | 7 | B | 1 | E | C | 8 | A | D | 2 | 9 | 6 | 5 | 4 |

ଗତକାଲିର ଉତ୍ତର

# କରୋନା କେବେ କମିବ



ଡ. ରମେଶ ଚନ୍ଦ୍ର ପରିଡ଼ା

ବିଗତ ବର୍ଷ (୨୦୧୯) ଶେଷଭାଗକୁ ଚାଇନାର ଉହାନ ନଗରୀରେ ଆରମ୍ଭ ହେଲା ବର୍ତ୍ତମାନ ବିଶ୍ୱର ୨୧୩ଟି ଦେଶକୁ ଗ୍ରାସ କରିଥିବା କୋଭିଡ୍–୧୯ ବା ନୂତନ କରୋନା ସଂକ୍ରମଣ। ସେତେବେଳେ ଆଶା କରାଯାଉଥିଲା ଯେ ସମ୍ଭବତଃ ବାଦୁଡ଼ିଠାରୁ ମଣିଷକୁ ସଂକ୍ରମଣ କରିଥିବା ଏ ଭୂତାଣୁଜନିତ ରୋଗର ପ୍ରକୋପ ବାର୍ଡଫ୍ଲୁ ବା ସ୍ୱାଇନ୍ ଫ୍ଲୁ ଭଳି ଶୀତଋତୁର ଅବସାନ ସଙ୍ଗେ ସଙ୍ଗେ ଅନ୍ତ ଘଟିବ। ଅନ୍ୟ ପକ୍ଷରେ ଭାରତ, ଉପସାଗରୀୟ ଦେଶସମୂହ ଏବଂ ଆଫ୍ରିକା ଭଳି ଗ୍ରୀଷ୍ମପ୍ରଧାନ ଦେଶଗୁଡ଼ିକ ତାହାଦ୍ୱାରା ବିଶେଷ ପ୍ରଭାବିତ ହେବ ନାହିଁ। ତେବେ ଏସବୁ ପୂର୍ବାନୁମାନ ଅସାର ବୋଲି ପ୍ରମାଣିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଚାଇନାରେ ଏହାର ପ୍ରକୋପ କିଛି ମାତ୍ରାରେ ନିୟନ୍ତ୍ରଣାଧୀନ ଥିବାର କୁହାଯାଉଥିଲାବେଳେ କେବଳ ଜନବହୁଳ ହୋଇ ନ ଥିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ କମ୍ ହେଉଥିବା କେତୋଟି କ୍ଷୁଦ୍ର କ୍ଷୁଦ୍ର ପୂର୍ବ ଆଫ୍ରିକୀୟ ଦେଶକୁ ବାଦ୍ ଦେଲେ ନ୍ୟୁଜିଲାଣ୍ଡ ହେଉଛି ଏକମାତ୍ର ଦେଶ, ଯାହା ଏଥିରୁ ମୁକ୍ତ ହୋଇଥିବାର ଘୋଷଣା କରିଛି। ଅନ୍ୟ ସବୁଠାରେ ଏହାର ସଂକ୍ରମଣ ବଢ଼ି ବଢ଼ି ଚାଲିଛି। ତା’ହେଲେ ଏହା କେବେ କମିବ?

ପ୍ରାଥମିକ ପୂର୍ବାନୁମାନ ଅନୁସାରେ ଗ୍ରୀଷ୍ମଋତୁର ଆଗମନ ପରେ କରୋନାର ଅବସାନ ପରିବର୍ତ୍ତେ ତା’ର ପ୍ରକୋପ ବଢ଼ିବାରେ ଲାଗିବାରୁ ଏହାକୁ ନେଇ ଆରମ୍ଭ ହେଲାଣି ନାନା କଳ୍ପନାଜଳ୍ପନା ଏବଂ ବିଭିନ୍ନ ଉପାୟରେ ତାହାର ଗଣନା। ତନ୍ମଧ୍ୟରୁ ଏକ ବେସରକାରୀ ବିଦେଶୀ ସଂସ୍ଥା ଦ୍ୱାରା ଅନୁଷ୍ଠିତ ପ୍ରଥମଟିର ଫଳାଫଳ ପ୍ରକାଶ ପାଇଥିଲା ମାର୍ଚ୍ଚ (୨୦୨୦) ମାସର ଶେଷ ଭାଗକୁ। ଜୁଲାଇ ଶେଷସୁଦ୍ଧା ଆମ ଦେଶରେ ୩୦୦ରୁ ୫୦୦ ନିୟୁତ ଲୋକ ଏଥିରେ ସାଧାରଣ ଭାବେ ସଂକ୍ରମିତ ଏବଂ ୩୦ରୁ ୫୦ ନିୟୁତ ଗୁରୁତର ହେଲାବେଳେ ମୃତ୍ୟୁହାର ୩ ଶତାଂଶରୁ କିଛି ଅଧିକ ହେବ ବୋଲି ଏଥିରେ ସୂଚିତ କରାଯାଇଥିଲା। ପୁନଶ୍ଚ ମେ ମାସ ପ୍ରଥମ ଭାଗରେ ସର୍ବୋଚ୍ଚ ସ୍ଥାନରେ ପହଞ୍ଚି କ୍ରମେ ତାହା ହ୍ରାସ ପାଇବାକୁ ଲାଗିବ ବୋଲି କୁହାଯାଇଥିଲା। ଏ ସଂସ୍ଥା ବିଶ୍ୱର ଅନ୍ୟାନ୍ୟ ଦେଶ ପାଇଁ ମଧ୍ୟ ଅନୁରୂପ ଆକଳନ କରିଥିଲା।

ଏହାପରେ ଏପ୍ରିଲ ମାସରେ ଆସିଲା ଆମ ସରକାରଙ୍କ ପ୍ରୋତ୍ସାହନରେ ଏକ ସ୍ୱଦେଶୀ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ଅଧ୍ୟୟନର ପୂର୍ବାନୁମାନ। ମେ ମାସର ୩ ତାରିଖ ସୁଦ୍ଧା ଏ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ (ଦିନକୁ ୧୫୦୦ ଯୋଗ ହୋଇ) ପହଞ୍ଚିବ ଏବଂ ୧୬ ତାରିଖ ପରେ ଆଉ ନୂତନ ସଂକ୍ରମଣ ହେବ ନାହିଁ ବୋଲି ଏଥିରେ କୁହାଗଲା। ତେବେ ତାହା ମଧ୍ୟ ଭୁଲ ପ୍ରମାଣିତ ହୋଇଛି। ସେଥିପାଇଁ ବର୍ତ୍ତମାନ ଏ ସମୟସୀମାକୁ ଘୁଞ୍ଚାଇ ଦିଆଗଲାଣି। ଅବଶ୍ୟ ଏହିସବୁ ଆକଳନ ପଦ୍ଧତି ପ୍ରୟୋଗସିଦ୍ଧ ନ ଥିଲା, ବରଂ ଆନୁମାନିକ ଥିଲା। ସଂଗୃହୀତ ସୀମିତ ତଥ୍ୟକୁ କମ୍ପ୍ୟୁଟର ଦ୍ୱାରା ଅଧ୍ୟୟନ କରାଯାଇ ତାହାର ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା।

ନିକଟରେ (୭।୬।୨୦୨୦) ଆମ ଦେଶ କରୋନାମୁକ୍ତ ହେବାକୁ ସେପ୍ଟେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ଲାଗିଯାଇପାରେ ବୋଲି ‘ଏପିଡେମିଓଲୋଜି ଇଣ୍ଟରନ୍ୟାଶନାଲ ଜର୍ନାଲ’ରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଇଛନ୍ତି ଆମ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟର ବରିଷ୍ଠ ବିଶେଷଜ୍ଞ ଡାକ୍ତର ଅନିଲ୍ କୁମାର ଏବଂ ଡାକ୍ତର ରୂପାଲି ରାୟ। ସେମାନେ ‘ବେଲି ମଡେଲ୍’ ନାମକ ଏକ ଅଧିକ ନିର୍ଭରଯୋଗ୍ୟ ଗାଣିତିକ ମଡେଲ ସାହାଯ୍ୟରେ ଅଧ୍ୟୟନ କରି ଏ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏଥି ଅନୁଯାୟୀ କୌଣସି ମହାମାରୀର ଅନ୍ତ ଘଟେ ଯେତେବେଳେ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ମୋଟ ଆରୋଗ୍ୟ ଏବଂ ମୃତ ସଂଖ୍ୟା ସହିତ ସମାନ କିମ୍ବା କମ୍ ହୋଇଯାଏ। ଏହି ବିଶେଷଜ୍ଞଦ୍ୱୟ ମେ ୧୯ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଏମାନଙ୍କ ସଂଖ୍ୟା ବିଚାରକୁ ନେଇ ଏ ଗଣନା କରିଥିଲେ। ସେତେବେଳେ ଏଠାରେ ସମୁଦାୟ ମୃତ ଓ ଆରୋଗ୍ୟଙ୍କ ସଂଖ୍ୟା ଥିଲା ସଂକ୍ରମିତଙ୍କ ୫୦ ଶତାଂଶରୁ ଅଧିକ। ତେଣୁ ସେପ୍ଟେମ୍ବର ଶେଷ ବେଳକୁ ତାହା ୧୦୦ ଶତାଂଶ ପାର ହୋଇଯିବ ବୋଲି ସେମାନେ ମନେକରନ୍ତି। ବିଶ୍ୱର ଅନ୍ୟାନ୍ୟ ବହୁ ଦେଶରେ ତାହା ଅଳ୍ପବହୁତ ସେହିପରି ଘଟିବ ବୋଲି ଆଶା କରାଯାଉଛି।

ଇତିମଧ୍ୟରେ ଦୁନିଆ କରୋନାମୁକ୍ତ ହେବାକୁ ଅତି କମ୍‌ରେ ଆହୁରି ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି ମତ ଦେଲେଣି ଦୁଇଜଣ ବିଶିଷ୍ଟ ସ୍ୱାସ୍ଥ୍ୟ ବିଶେଷଜ୍ଞ ହାର୍ଭାର୍ଡ ଗ୍ଲୋବାଲ୍ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଆଶିଷ ଝା ଏବଂ ସ୍ୱିଡେନ୍‌ସ୍ଥିତ ୟୁରୋପୀୟାନ୍ ସେଣ୍ଟର ଫର୍ ଡିଜିଜ୍ ପ୍ରିଭେନ୍‌ସନ୍ ଏଣ୍ଡ୍ କଣ୍ଟ୍ରୋଲ୍‌ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଜୋହାନ୍ ଗିଏସେକ୍। ପ୍ରଫେସର ଝା କହନ୍ତି ଯେ, ଏଭଳି ମହାମାରୀ ପ୍ରାୟ ପ୍ରତି ଶହେ ବର୍ଷରେ ଥରେ ଆସିଥାଏ। ତେବେ ବର୍ତ୍ତମାନର ନୂତନ କରୋନା ବା କୋଭିଡ୍–୧୯ ସମ୍ଭବତଃ ମାନବଜାତିର ଇତିହାସରେ ସବୁଠୁ ଭୟଙ୍କର। କାରଣ ଅନ୍ୟଗୁଡ଼ିକ ତୁଳନାରେ ଏହା ଅଧିକ ଦ୍ରୁତ ସଂକ୍ରମଣକାରୀ। ଏଣୁ ଏହାର ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଭରଯୋଗ୍ୟ ଔଷଧ ଓ ପ୍ରତିଷେଧକ ଟିକା ନ ବାହାରିଲା ପର୍ଯ୍ୟନ୍ତ ପୃଥିବୀକୁ ଏଥିରୁ ମୁକ୍ତ କରିବା ବୋଧହୁଏ ସମ୍ଭବ ନୁହେଁ। ବସନ୍ତ ବା ପୋଲିଓକୁ ଦୂରକରିବା ପାଇଁ ଆମକୁ ଅନେକବର୍ଷ ଲାଗି ଯାଇଥିବା କଥା ସେ ଉଦାହରଣ ଦିଅନ୍ତି। ଅନ୍ୟପକ୍ଷରେ ପ୍ରଫେସର ଗିଏସେକ୍ ଦର୍ଶାଇଛନ୍ତି ଯେ, ଏ ଭୂତାଣୁ ବହୁକାଳରୁ ବାଦୁଡ଼ି ଦେହରେ ଥିଲା। ତା’ ‘ଜିନୋମ୍’ରେ ସାମାନ୍ୟ ପରିବର୍ତ୍ତନ ହେତୁ ତାହା ନୂତନ ରୂପ ନେଇ ମଣିଷକୁ ସଂକ୍ରମଣ କରିପାରିଲା। ପୁନଶ୍ଚ ଏବେ ମଧ୍ୟ ଏଥିରେ ସେ ପ୍ରକାର ପରିବର୍ତ୍ତନମାନ ଆସିବାରେ ଲାଗିଛି, ଅର୍ଥାତ୍ ଏହାର ଜିନୀୟ ଧ୍ରୁବୀକରଣ ଅବ୍ୟାହତ ରହିଛି। ଫଳରେ ଇତିମଧ୍ୟରେ ପ୍ରାୟ ୨୦୦ ନୂତନ ଜିନୀଆବର୍ତ୍ତଜ (ମ୍ୟୁଟାଣ୍ଟ)ମାନ ସୃଷ୍ଟି ହୋଇ ସାରିଲାଣି। ସେଗୁଡ଼ିକ ମଧ୍ୟରୁ କେତେକ ହୁଏତ ବ୍ୟାଧି ସୃଷ୍ଟିକାରୀ ହୋଇପାରନ୍ତି। ଏଣୁ ତାଙ୍କର ପ୍ରତିରୋଧ ଲାଗି ଫଳପ୍ରଦ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥାର ଉଦ୍‌ଭାବନ ଓ ପରୀକ୍ଷା ସମୟସାପେକ୍ଷ। ଏପରିସ୍ଥଳେ ୨୦୨୧ ମସିହା ପୂର୍ବରୁ ଏଥିରୁ ସଂପୂର୍ଣ୍ଣ ମୁକ୍ତ ହେବା ମନେହେଉନାହିଁ ବୋଲି ଉକ୍ତ ଗବେଷକଦ୍ୱୟଙ୍କ ମତ।

କରୋନା କେବେ କମିବ ତାହାକୁ ନେଇ ସବୁଠାରୁ ଦୁଃସମ୍ବାଦଟିଏ ଆସିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥାଠାରୁ। ଏହାର ଆପତ୍‌କାଳୀନ ବିଶେଷଜ୍ଞ ମାଇକ୍ ରାଇଆନ୍ ନିକଟରେ ଖବର ସରବରାହ ସଂସ୍ଥା ‘ରଏଟର’କୁ ଦେଇଥିବା ଏକ ସୂଚନାରେ ବିଶ୍ୱବାସୀଙ୍କୁ ସତର୍କବାଣୀ ଶୁଣାଇଛନ୍ତି ଯେ, ଏହା ହୁଏତ କଦାପି କମି ନ ପାରେ। କାରଣ ବର୍ଷ ବର୍ଷ ଧରି ସବୁପ୍ରକାର ଉଦ୍ୟମ ସତ୍ତ୍ୱେ ଏଡ୍‌ସ ରୋଗକାରୀ ଏଚ୍‌ଆଇଭି ଭୂତାଣୁକୁ ବିଲୋପ କରିବା ସମ୍ଭବ ହୋଇପାରି ନାହିଁ। ଅତଏବ ଏ କ୍ଷେତ୍ରରେ ଯେ ସେପରି ନ ଘଟିବ ସେ କଥା କିଏ କହିବ? ତଥାପି ବର୍ତ୍ତମାନ ସମଗ୍ର ବିଶ୍ୱରେ କରୋନାରୁ ମୁକ୍ତି ପାଇଁ ଚାଲିଥିବା ପ୍ରଚେଷ୍ଟାରୁ ସୁଫଳ ମିଳିବାର ଅନେକ ସଂକେତ ମିଳୁଛି। ଉଦାହରଣସ୍ୱରୂପ, ଏବେସୁଦ୍ଧା ଏ ରୋଗର ନିରାକରଣ କରିବାର ସମ୍ଭାବନା ଥିବା ୧୦୦ରୁ ଅଧିକ ଟିକା ବିକଶିତ ହେବା ସଙ୍ଗେ ସଙ୍ଗେ ତାହାର ପରୀକ୍ଷା ମଧ୍ୟ ଆରମ୍ଭ ହୋଇଗଲାଣି। ସେହିପରି ବିଭିନ୍ନ ବିଜ୍ଞାନାଗାରରେ ଏହାର ଚିକିତ୍ସା ଲାଗି ସମ୍ଭାବ୍ୟ ଔଷଧମାନ ପ୍ରସ୍ତୁତ ହେଲାଣି। ଏସବୁ କରୋନାର ମୁକାବିଲା ଲାଗି ସମର୍ଥ ହେବ ବୋଲି ମନରେ ଆଶା ସଂଚାର ହେଉଛି ସତ, ତେବେ ତାହା କେବେ ବ୍ୟବହାର କ୍ଷେତ୍ରକୁ ଓହ୍ଲାଇବା ସମ୍ଭବ ହେବ ସେକଥା କହିହେଉ ନାହିଁ। କାରଣ ଗୋଟିଏ ଗୋଟିଏ ରୋଗର ଟିକା ବା ଔଷଧକୁ ନିଶ୍ଚିତ କରିବାକୁ ହେଲେ ବର୍ଷ ବର୍ଷ ସମୟ ଲାଗିଯିବାର ଦୃଷ୍ଟାନ୍ତ ରହିଛି। ଏ କ୍ଷେତ୍ରରେ ମଧ୍ୟ ତାହା ଯେ ନ ଘଟିବ ସେ କଥା କିଏ କହିବ। ଅତଏବ କରୋନା କେବେ କମିବ ଠିକ୍ ଭାବେ ତାହାର ଅନୁମାନ କରିବା ଏବେ ସମ୍ଭବପର ନୁହେଁ। ପୁନଶ୍ଚ ଇତିମଧ୍ୟରେ ଏହାର ପୁନରାବିର୍ଭାବ କଥା ମଧ୍ୟ କୁହାଗଲାଣି। ମହାମାରୀ ପ୍ଲେଗ୍ ତ ପୁଣି ୨ ହଜାର ବର୍ଷ ଧରି ମଝିରେ ମଝିରେ ଦେଖାଦେଉଛି!

ଏପରିସ୍ଥଳେ ଆମକୁ କରୋନା ସହିତ ବଞ୍ଚିବା ଶିକ୍ଷା କରିବାକୁ ପଡ଼ିବ ବୋଲି କୁହାଗଲାଣି, ଯେପରି ଆମେ ବଞ୍ଚିଛୁ ଏଡ୍‌ସ, ସାର୍ସ, ମେରସ ଅଥବା ଅନ୍ୟ କେତେକ ସଂକ୍ରାମକ ରୋଗ ସହିତ। ନିକଟରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସୂଚିତ କରାଯାଇଛି ଯେ ଦେଶର ଅର୍ଥନୈତିକ ସୁରକ୍ଷା ଦୃଷ୍ଟିରୁ ଏବଂ କର୍ମଜୀବୀମାନଙ୍କୁ ଅର୍ଜନକ୍ଷମ କରିବାକୁ ହେଲେ ଅନିର୍ଦ୍ଦିଷ୍ଟକାଳ ଧରି ତାଲା ବନ୍ଦ ସମ୍ଭବପର ନୁହେଁ। ଏଣୁ ଧୀରେ ଧୀରେ ଆମକୁ ସାଧାରଣ ଜୀବନକୁ ଫେରିବାକୁ ପଡ଼ିବ। ଏହାଦ୍ୱାରା କରୋନା ସଂକ୍ରମଣର ସମ୍ଭାବନା ବୃଦ୍ଧି ପାଇବ। ଏଣୁ ଯଥାସମ୍ଭବ ତାହାକୁ ଏଡ଼ାଇ କିପରି ବଞ୍ଚିବାକୁ ହେବ ସେ ଦିଗରେ ସଚେତନ ହେବା ଏବଂ ସାମାଜିକ ଦୂରତା ରକ୍ଷା, ପରିଚ୍ଛନ୍ନତା, ମାସ୍କ ପରିଧାନ ଆଦି ସାବଧାନତା ଅବଲମ୍ବନ କରିବା ସମ୍ଭବତଃ ବର୍ତ୍ତମାନ ଲାଗି ଆମ ପାଖରେ ଏକମାତ୍ର ବିକଳ୍ପରୂପେ ରହିଛି।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୬

# ବିରଳ ବ୍ୟକ୍ତିତ୍ୱ ନବକୃଷ୍ଣ ଚୌଧୁରୀ

ଦାଶରଥି ଶତପଥୀ

ଜନ୍ମ ଓ ମୃତ୍ୟୁ ମଧ୍ୟରେ ଥିବା ସମୟ ହିଁ ଜୀବନ। ଆପଣା ପାଇଁ ବଞ୍ଚିରହିଥାଏ ସାଧାରଣ ମଣିଷ, ହେଲେ ଜନସାଧାରଣଙ୍କ ପାଇଁ ବଞ୍ଚି ରହିଥାଏ ମହାପୁରୁଷ, ଦେଶରେ କୋଟି କୋଟି ଲୋକ ଜନ୍ମ ହେଉଛନ୍ତି ଏବଂ ମୃତ୍ୟୁ ବି ଲଭୁଛନ୍ତି। ସମସ୍ତଙ୍କୁ ମନେ ରଖିହୁଏନା। କିନ୍ତୁ କେତେ ଲୋକ ଅଛନ୍ତି ଯେଉଁମାନେ ସଂସାରରୁ ବିଦାୟ ନେଇ ମଧ୍ୟ ତାଙ୍କର କାର୍ଯ୍ୟକଳାପ ପାଇଁ ଅମର ହୋଇ ରହିଯାଇଛନ୍ତି। ସେହିପରି ଜଣେ ଯୋଗଜନ୍ମା ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଗରିବ, ଖଟିଖିଆ, ଅବହେଳିତ, ନିଷ୍ପେଷିତ ଜନତାର ସୁଖଦୁଃଖର ସାଥୀ, ସଚ୍ଚା ଦେଶସେବକ, ସରଳ ଓ ନିରହଙ୍କାର ମଣିଷ ହେଉଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ।

ଅବିଭକ୍ତ କଟକ ଜିଲାର (ବର୍ତ୍ତମାନ ଜଗତ୍‌ସିଂହପୁର ଜିଲା) ଖେରସ ଗାଁର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ହେଁ ବାଲ୍ୟକାଳରୁ ତାଙ୍କର ଦେଶପ୍ରେମ ଓ ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା।

କଟକର ପ୍ୟାରୀମୋହନ ଏକାଡ଼େମୀରୁ ସ୍କୁଲ ଶିକ୍ଷା ପରେ ରେଭେନ୍‌ଶା କଲେଜରେ ଆଇଏ ପାସ୍ କରି ବିଏ ପଢ଼ିବା ବେଳେ ୧୯୨୧ରେ ପାଠପଢ଼ା ଛାଡ଼ି ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଦୁଇବର୍ଷ ଜେଲ୍‌ରେ ରହି ଖଲାସ ହେବା ପରେ ୧୯୨୩ରେ ଶାନ୍ତିନିକେତନ ଗଲେ ଉଚ୍ଚଶିକ୍ଷା ପାଇଁ। ସେଠାରେ ମାଳତୀଦେବୀଙ୍କୁ ବିବାହ କଲେ ଓ ପରେ ପରେ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ ଓ ଭାଉଜ ରମାଦେବୀଙ୍କ ପ୍ରେରଣାରେ ସପତ୍ନୀକ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଦୁଇବର୍ଷ ଶିକ୍ଷାଲାଭ କରି ନିଜ ଗାଁ ଖେରସକୁ ଫେରିବା ଭିତରେ ତାଙ୍କ ଜୀବନଶୈଳୀରେ ଏପରି ପରିବର୍ତ୍ତନ ଆସିଥିଲା, ଯାହାକି ତାଙ୍କୁ ଜଣେ ଆଦର୍ଶବାଦୀ, ସଚ୍ଚୋଟ ରାଜନେତା ଓ ସ୍ୱାଧୀନତାସଂଗ୍ରାମୀ ଭାବେ ପରିଣତ କରିଥିଲା।

ଗାଁରେ ଥିବା ଭୂମିହୀନ ଗରିବ ଚାଷୀମୂଲିଆ ଓ ଅସଂଗଠିତ ଖଟିଖିଆ ଶ୍ରମିକଙ୍କ ପ୍ରତି ତାଙ୍କର ଥିଲା ଅଗାଧ ଦରଦ। ଏକ ସଂଭ୍ରାନ୍ତ, ଧନାଢ଼୍ୟ ଜମିଦାର ପରିବାରର ସଦସ୍ୟ ହୋଇ ସୁଦ୍ଧା ସମସ୍ତ ବିଳାସବ୍ୟସନ ପରିହାରପୂର୍ବକ ଅବହେଳିତ ନିଷ୍ପେଷିତ ଜନତାଙ୍କ ସହ ମିଶି ନିଜକୁ ସମର୍ପିତ ପରି ଧନୀ, ଜମିଦାର, ଶୋଷକଙ୍କ



ତିରୋଧାନ ଦିବସ ଉପଲକ୍ଷେ

ବିରୋଧରେ ସେମାନଙ୍କୁ ସଂଗଠିତ କରୁଥିଲେ।

୧୯୩୦ରେ ଲବଣ ସତ୍ୟାଗ୍ରହ, ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶାର ଆସେମ୍ବ୍ଲି ପାଇଁ ୧୯୩୬, ୧୯୪୬ ମସିହାରେ ଓ ସ୍ୱାଧୀନତା ପରେ ୧୯୫୬ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୩୮ରେ ସାରଙ୍ଗଧର ଦାସଙ୍କ ସହ ମିଶି ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ଗଡ଼ଜାତ ପ୍ରଜାମଣ୍ଡଳର ନେତୃତ୍ୱ ନେଇ ଢେଙ୍କାନାଳରେ (ବର୍ତ୍ତମାନ ଅନୁଗୋଳରେ) ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କଲେ।

୧୯୪୬ରେ ଡ. ମହତାବଙ୍କ ମନ୍ତ୍ରିମଣ୍ଡଳରେ ରାଜସ୍ୱ, ଯୋଗାଣ ଓ ପରିବହନ ମନ୍ତ୍ରୀ ଭାବେ ଯୋଗଦେଇ ଓଡ଼ିଶାରେ ଯାତ୍ରୀ ପରିବହନ ବ୍ୟବସ୍ଥାର ଜାତୀୟକରଣ କରାଇଥିଲେ। ୧୯୪୭ ସ୍ୱାଧୀନତା ପରେ ଓଡ଼ିଶା ରାଜନୀତିରେ ଏକ ଐତିହାସିକ ପରିବର୍ତ୍ତନ ହେଲା। କେନ୍ଦ୍ରରେ ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ଡ. ମହତାବ ଯୋଗ ଦେବା ପରେ ୧୯୫୦ରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲେ ଓ ପରେ ୧୯୫୨ ପ୍ରଥମ ସାଧାରଣ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଓଡ଼ିଶାରେ (ସ୍ୱାଧୀନତା ପରେ ପ୍ରଥମ ନିର୍ବାଚନରେ) ମନ୍ତ୍ରିମଣ୍ଡଳ ଗଢ଼ା ହେଲା। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିବାବେଳେ ସର୍ବୋଦୟ ଓ ଭୂଦାନ ଆନ୍ଦୋଳନର ମୁଖ୍ୟ ସନ୍ଥ ବିନୋବାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଓ ମାନବ ସେବା ହିଁ ମାଧବ ସେବାକୁ ପ୍ରଥମ କର୍ତ୍ତବ୍ୟ ରୂପେ ବାଛି ନେଇ ଗରିବ, ଭୂମିହୀନ ଓ ପଛୁଆ ବର୍ଗର ଲୋକଙ୍କ ମୌଳିକ ଆବଶ୍ୟକତା ଉପଲବ୍ଧି କରି ତାଙ୍କରି ସେବାରେ ମନୋନିବେଶ କଲେ।

ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ଯାହା ଆଜି ସ୍ମରଣୀୟ– ୧. ଓଡ଼ିଶାରେ ଜମିଦାରୀ ପ୍ରଥା ଉଚ୍ଛେଦ, ୨. ଓଡ଼ିଶା ଭାଗଚାଷ ଆଇନ, ୩. ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା, ୪. ଓଡ଼ିଶା ଅଞ୍ଚଳ ଶାସନ ଆଇନ ଓ ୫. ୧୯୫୨ରେ ଓଡ଼ିଶା ଅଫିସିଆଲ ଲାଙ୍ଗୁଏଜେସ୍ ଆକ୍ଟ, ଯହିଁରେ ଓଡ଼ିଆକୁ ସରକାରୀ ଭାଷା ଭାବେ ଘୋଷଣା କରାଗଲା, ଯାହାକୁ ସରକାର ପାଳନ କରିଆସୁଛନ୍ତି। ଏବକାର ରାଜ୍ୟ ସରକାରଙ୍କ ସମୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠା, ଓରିସାରୁ ଓଡ଼ିଶା ନାମକରଣ, ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଓ ସରକାରୀ ଭାଷା ଭାବେ ବ୍ୟବହାର ସହିତ ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇଛି।

ନବକୃଷ୍ଣ ଚୌଧୁରୀ ସତ୍ୟ, ଅହିଂସାକୁ ନୀତି ହିସାବରେ ଗ୍ରହଣ କରିଥିଲେ ହେଁ ଅନୀତି, ଅତ୍ୟାଚାର, ଶୋଷଣ ଦେଖିଲେ ବିପ୍ଳବରେ ଜଳି ଉଠୁଥିଲେ। ୧୯୭୫ ମସିହା ଏମରଜେନ୍‌ସି ବିରୋଧରେ ଜୟପ୍ରକାଶଙ୍କ ଆନ୍ଦୋଳନକୁ ସହଯୋଗ କରି ୧୬ ମାସ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଜୀବନର ବିଭିନ୍ନ କ୍ଷେତ୍ରରେ ସ୍ରୋତର ପ୍ରତିକୂଳର ଝଡ଼ଝଞ୍ଜା ଭିତରେ ରାଜ୍ୟର ହିତପାଇଁ ସମସ୍ତପ୍ରକାର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରି ୧୯୮୪ ଜୁନ୍ ୨୪ ତାରିଖରେ ଧରାପୃଷ୍ଠରୁ ବିଦାୟ ନେଇଥିଲେ।

ଏହି ବିପ୍ଳବୀ ଜନନାୟକଙ୍କର ପ୍ରକୃତ ସ୍ୱରୂପ ଗୋଟିଏ ମାତ୍ର ବାକ୍ୟରେ କୁହାଯାଇପାରେ ସେ ଜଣେ ରାଷ୍ଟ୍ରନୀତିଜ୍ଞ, ଗଣତନ୍ତ୍ରବାଦୀ, ସଚ୍ଚା ଦେଶ ସେବକ। ତାଙ୍କର ତ୍ୟାଗ, ଉଚ୍ଚ ଚିନ୍ତାଧାରା ଓ ମାନବିକତାର ଦୀପ୍ତ ଆଲୋକଶିଖା ଓଡ଼ିଶାବାସୀଙ୍କୁ ଗଭୀର ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ ଦେଇ ପଥ ପ୍ରଦର୍ଶନ କରି ଚାଲୁଥିବ।

ସଚିବ, ଓଡ଼ିଶା ବିଧାନସଭା

## ଏଇ ଭାରତରେ

ମେଶିନରେ ଗୋବରରୁ କାଠଗଣ୍ଡି ଭଳି ଦେଖାଯାଉଥିବା ଜାଳେଣି ପ୍ରସ୍ତୁତ କରୁଛନ୍ତି ଉତ୍ତରପ୍ରଦେଶ ମଓ୍ୱାନା ନିବାସୀ ଶୁକଦେବ ସିଂ। ଏହାଦ୍ୱାରା କୃଷକମାନେ ଲାଭ ପାଇବା ସହ ଜାଳେଣି ସମସ୍ୟା ମଧ୍ୟ ଦୂର ହୋଇପାରୁଛି। ଇଞ୍ଜିନିୟରିଂ କିମ୍ବା ଅନ୍ୟ କିଛି ଡିଗ୍ରୀ ବିନା ସେ ଏହା ନିର୍ମାଣ କରିଛନ୍ତି। ଶୁକଦେବଙ୍କୁ ବର୍ତ୍ତମାନ ବୟସ ୬୭। ପେସାରେ ସେ ଜଣେ ବ୍ୟବସାୟୀ। ମିରଟସ୍ଥ ତାଙ୍କ ଫ୍ୟାକ୍ଟ୍ରିରେ କୃଷି ଯନ୍ତ୍ରପାତି ତିଆରି କରନ୍ତି। ଦୁଇ ବର୍ଷ ତଳେ ସେ ୟୁଟ୍ୟୁବ୍‌ରୁ ଏଭଳି ମେଶିନ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ ଯାହା କାଠଗଣ୍ଡି ଭଳି ଜାଳେଣି ତିଆରି କରିପାରୁଥିଲା। କିନ୍ତୁ ସେଥିରେ ଗିୟର ବକ୍ସ ନ ଥିଲା। ପରେ ସେ ସେଭଳି ଏକ ମେଶିନ ନିର୍ମାଣ କରି ସେଥିରେ ଗିୟର ବକ୍ସ ଓ ଇଲେକ୍ଟ୍ରିକ ମୋଟର ଲଗାଇ ତା’ କ୍ଷମତା ବଢାଇଛନ୍ତି। ଗୋବରକୁ ପୂରା ଶୁଖାଇ ଜଳୀୟଅଂଶ ମୁକ୍ତ କରାଯିବା ପରେ ସେଥିରୁ ଏହି ମେଶିନ ସାହାଯ୍ୟରେ ଜାଳେଣି କାଠଗଣ୍ଡି ପ୍ରସ୍ତୁତ କରାଯାଉଛି। ଏହା ଦେଖିବାକୁ ସିଲିଣ୍ଡର ଆକୃତିର ଓ ଏହାର ଲମ୍ବ ଅତିବେଶିରେ ୩ଫୁଟ। ଏହା ଭାରି ଟାଣ। ପ୍ରତି ମିନିଟ୍‌ରେ ଗୋଟିଏ ଲଗ୍ ମେଶିନ୍‌ରୁ ବାହାରେ। ବାୟୋଗ୍ୟାସ୍ ୟୁନିଟ୍‌ରୁ ବାହାରୁଥିବା ଘୋଳ ସହ ନଡ଼ାଗୁଣ୍ଡ ମିଶାଇ ବି ଏହା ପ୍ରସ୍ତୁତ କରାଯାଇପାରୁଛି ଓ ଏବେ କୃଷକମାନେ ଏଥିରୁ ମାସକୁ ପାଖାପାଖି ୮୦୦୦ ଟଙ୍କା ରୋଜଗାର କରୁଛନ୍ତି। ଏହାର ବହୁଳ ବ୍ୟବହାର ପ୍ରଦୂଷଣ ଦୂର କରିବା ସହ ଜଙ୍ଗଲ କ୍ଷୟ ରୋକିବାରେ ସହାୟକ ହେବ ବୋଲି କହନ୍ତି ଶୁକଦେବ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୯୫

- ରୁଷିଆର ମିର ଷ୍ଟେସନ ସହ ଯୋଗସୂତ୍ର ରକ୍ଷା କରିବା ନେଇ ଆମେରିକାର ଜନ ଏଫ୍ କେନେଡି ମହାକାଶ ଉତ୍‌କ୍ଷେପଣ କେନ୍ଦ୍ରରୁ ମହାକାଶ ଯାନ ଆଟଲାଣ୍ଟିସ୍ ଉତ୍‌କ୍ଷେପଣ କରାଯାଇଛି।
- ଆଗାମୀ ନିର୍ବାଚନରେ ଦଳର ପରାଜୟ ହେବାର ଆଶଙ୍କାକୁ ଦୂର କରିବା ପାଇଁ ବ୍ରିଟେନର ପ୍ରଧାନମନ୍ତ୍ରୀ ଜନ ମେଜର କଞ୍ଜରଭେଟିଭ ପାର୍ଟିର ନେତା ପଦରୁ ଇସ୍ତଫା ଦେଇଛନ୍ତି।
- ଉତ୍ତର ପ୍ରଦେଶର ଚାମୋଲି ଜିଲା ଅନ୍ତର୍ଗତ ଭାକୁନ୍ଦା ଗ୍ରାମରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଗଭୀର ଖାଲ ମଧ୍ୟକୁ ଖସିପଡ଼ିବା ଫଳରେ ୨୪ ଜଣଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦ ପ୍ରବୃତ୍ତି ସବୁ କୁରୁପକ୍ଷ

ମହାଶୟ,

ପ୍ରତ୍ୟେକ ମାନବ ଶରୀରରେ ଦୁଇଟି ଗୁଣ ବିଦ୍ୟମାନ ଯଥା– ଦୈବୀଗୁଣ ଏବଂ ଆସୁରିକ ଗୁଣ। ପ୍ରତ୍ୟେକ କର୍ମ ସହିତ ଅନେକ ଫଳ ଯୋଡ଼ି ହୋଇଥାଏ। ଅବିରତ କର୍ମଫଳର ପ୍ରକାଶ ହିଁ ଜୀବନ। ମନ୍ଦ ପ୍ରବୃତ୍ତି ସବୁ କୁରୁପକ୍ଷ। ସାଧାରଣତଃ ମନୁଷ୍ୟଗତ ଭୌତିକ ସୁଖ, ଶାନ୍ତି, ପଦମର୍ଯ୍ୟାଦା, ଆସକ୍ତି, ମୋହ, ମାୟା ଭ୍ରାନ୍ତିରେ ଲିପ୍ତ। ସେମାନେ ଭାବନ୍ତି ଯେ ଏହିସବୁ ଗୁଣ ନେଇ ଅଧିକ ଧନୀ ଏବଂ ସୁଖୀ ହୋଇପାରିବେ। ଏହା କେବଳ ଅଜ୍ଞାନତା ମାତ୍ର। ମନୁଷ୍ୟ କର୍ମବାଦର ଗୂଢ଼ ରହସ୍ୟ ବିଷୟରେ ଅବଗତ ନ ଥିବାରୁ ସେ କର୍ମଫଳ ରୂପକ ବନ୍ଧନରେ ପଡ଼ିଯାଏ, ଯାହା କି ଭଲ କିମ୍ବା ମନ୍ଦ ହୋଇପାରେ। ଆମେ ଯେ ପ୍ରତି ମୁହୂର୍ତ୍ତରେ ବାର୍ଦ୍ଧକ୍ୟ ପ୍ରତି ଧାବିତ ହେଉଛୁ ଏହା ବୁଝୁଛି କିଏ? ଯାହା ଜୀବନରେ ସାର ତାହା ଆମେ ନ କରି ଅସାର ବସ୍ତୁ ପ୍ରାପ୍ତି ପାଇଁ ଅହରହ ପ୍ରୟାସ କରୁଛୁ। ଏହା ପାଗଳାମି ନୁହେଁ ତ ଆଉ କ’ଣ? ଜୀବନ ଅଳୀକ। ପାଣି ଫୋଟକା ପରି କେତେବେଳେ ଉଭେଇଯିବ ତାହା କାହାକୁ ଜଣା? ବିନମ୍ରତା କେବଳ ମୌଳିକ ସ୍ତରରେ ସୀମିତ ନ ରହି ମଣିଷର ଅନ୍ତର୍ଚେତନାକୁ ପ୍ଲାବିତ କରି କର୍ମମୟ ଜୀବନକୁ ପଲ୍ଲବିତ କରୁ ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କପା ଚାଷରେ ସାର ପ୍ରୟୋଗ



କପା ଚାଷ ଲାଗି ଜମି ପ୍ରସ୍ତୁତି କରୁଥିଲେ ଏକର ପ୍ରତି ୧୦ ଗାଡି ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଉଇ ନ ଲାଗିବା ପାଇଁ ଏକର ପ୍ରତି ୧୦ କିଗ୍ରା ୧.୫ ପ୍ରତିଶତ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହି ଚାଷ ସକାଶେ ଜମି ପ୍ରସ୍ତୁତି ଶେଷ ହୋଇଯାଇଥିଲେ ଏକର ପ୍ରତି ଅନୁମୋଦିତ ପରିମାଣରେ ବିହନ ବୁଣନ୍ତୁ। ବିହନ ବୁଣିବା ପୂର୍ବରୁ ୧ କିଗ୍ରା ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ ଗୁଣ୍ଡ ଗୋଳାଇ ବିଶୋଧନ କରନ୍ତୁ। କପା ଚାଷକୁ ଶୋଷକ ପୋକ ଦାଉରୁ ରକ୍ଷା କରିବା ଲାଗି ପ୍ରତି କିଗ୍ରା ମଞ୍ଜିକୁ ୭ ଗ୍ରାମ ହିସାବରେ ଇମିଡା କ୍ଲୋପ୍ରିଡ ଗୁଣ୍ଡ ଓ ଅଳ୍ପ ପାଣି ମିଶାଇ ଗୋଳାଇ ଦିଅନ୍ତୁ। ଏହାଦ୍ୱାରା ଶୋଷକ ପୋକ ୪୫ ଦିନ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବେ। ଉନ୍ନତ କିସମ କପା ମଞ୍ଜିରେ ଏକର ପ୍ରତି ୬ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସଫରସ ଓ ୬ କିଗ୍ରା ପଟାସ୍ ଏବଂ ସଙ୍କର ଜାତୀୟ କପା ମଞ୍ଜିରେ ୯ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ଫସଫରସ ମୂଳସାର ହିସାବରେ କରନ୍ତୁ। କପା ମଞ୍ଜିଗୁଡିକ ଧାଡିରେ ବୁଣନ୍ତୁ। ଉନ୍ନତ କିସମ କପା ମଞ୍ଜିକୁ ଧାଡିକୁ ଧାଡି ୯୦ ସେମି ଓ ଧାଡି ମଧ୍ୟରେ ଗଛକୁ ଗଛ ୯୦ ସେମି ବ୍ୟବଧାନ ରଖନ୍ତୁ। ଏକର ପ୍ରତି ୫ କିଗ୍ରା ଏମ.ସି.ୟୁ. କିମ୍ବା ୭୫୦ ଗ୍ରାମ ସବିତା କପା ବିହନ ଆବଶ୍ୟକ ହୋଇଥାଏ।

# ବର୍ଷାଦିନିଆ ଚାଷ



ଏବେ ତ ବର୍ଷାଦିନ ଆସିଗଲା। ଏହି ବର୍ଷାଦିନିଆ ଚାଷ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଚାଷୀଭାଇମାନେ ନଜର ଦିଅନ୍ତୁ। ଜମି ପାଗ ଆସି ଯାଇଥିଲେ ଢ଼ିପ ଜମିରେ ଅଣଧାନ ଫସଲ ଯଥା-ହରଡ, ଚିନାବାଦାମ, ମାଣ୍ଡିଆ, ରାଶି, ମକା, ମୁଗ, ବିରି ଆଦି ବୁଣାବୁଣି କରନ୍ତୁ। ବର୍ତ୍ତମାନ ସଅଳ କିସମ ହରଡ (ଉପାସ-୧୨୦ ଓ ଆଇସିପିଏଲ ୮୭୦୧୨) ଲଗାନ୍ତୁ। କପା ଫସଲ ପାଇଁ ଏବେ ଢ଼ିପ ଜମି ଉପଯୁକ୍ତ ବତର ହୋଇଯାଇଛି, ତେଣୁ ପାଗ ଦେଖି ବୁଣାବୁଣି କାମ ସାରି ଦିଅନ୍ତୁ। ପଶ୍ଚିମ ଓଡିଶାରେ ଢ଼ିପ ଜମିରେ ଯଦି ଧାନ ଚାଷ କରୁଛନ୍ତି ତେବେ ଅତି ସଅଳ କିସମ ଯଥା -କଳିଙ୍ଗ-୩ ବା ହୀରା ଲଗାନ୍ତୁ। ଯଦି ଏହି କିସମ ନ ମିଳେ ତେବେ ସଅଳ କିସମ ଯଥା ଖଣ୍ଡଗିରି, ପଥରା, ପାରିଜାତ ଆଦି ଲଗାନ୍ତୁ। ମଧ୍ୟମ ଓ ଖାଲ ଜମିରେ ପାଗ ଆସି ନ ଥିବ। ତେଣୁ ସିଧା ବୁଣା ନ କରି ରୁଆ ଧାନ ପାଇଁ କାଦୁଅ ତଳିଘରା ପ୍ରସ୍ତୁତ କରନ୍ତୁ। ଜମିରୁ ବିଶେଷ କରି ତଳିଘରା ଓ ଅଣଧାନ ଫସଲରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। କାଦୁଅ ତଳିଘରା ପାଇଁ ବିହନ ଗଜା ହୋଇଯାଇଥିଲେ ତଳିଘରାକୁ ଉଚ୍ଚା କରି ଗଜା ବିହନ ବୁଣନ୍ତୁ। ବର୍ତ୍ତମାନ ଢ଼ିପ ଜମିରେ ପନିପରିବା ଯଥା-ଭେଣ୍ଡି, ଝୁଡଙ୍ଗ, ଫୁଲକୋବି, ଗୁଆଁର, ବାଇଗଣ, ଟମାଟୋ ଓ ଲଙ୍କା ଆଦି ଲଗାନ୍ତୁ। ପନିପରିବା ତଳିଘରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ। ବର୍ତ୍ତମାନ ପଶ୍ଚିମ ଓଡିଶାରେ ବର୍ଷାର ସମ୍ଭାବନା ଥିଲେ ମଧ୍ୟମ ଓ ଖାଲ ଜମିରେ ଧାନର ସିଧା ବୁଣା କରନ୍ତୁ ନାହିଁ।

## ଚାଷୀଙ୍କ ପାଇଁ...

-ପାଗ ଦେଖି ଏକର ପ୍ରତି ଏକ କିଗ୍ରାରୁ ୧.୨୦୦ ଗ୍ରାମ୍ ରାଶି ବିହନ ଧାଡିରେ ବୁଣନ୍ତୁ। ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ ଗ୍ରାମ୍ ହିସାବରେ ଥିରାମ ବିଶୋଧନ କରନ୍ତୁ।

-ନଡିଆ ଚାରା ଲଗାଉଥିଲେ ୧୨-୧୮ ମାସିଆ ଚାରା ବ୍ୟବହାର କରନ୍ତୁ।

-ଆଖୁ ଚାଷ ପାଇଁ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ ।

- ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ ।

- ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



## କନ୍ଦମୂଳର ଉନ୍ନତ କିସମ

କନ୍ଦମୂଳ ଚାଷ କରୁଥିଲେ ଅଧିକ ଅମଳ ପାଇଁ ଏହାର ଉନ୍ନତ କିସମ ଉପରେ ଧ୍ୟାନ ଦିଅନ୍ତୁ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି-ଗୌରୀ, ଭୁବନ, ଶଙ୍ଖ, ପୁଷା ସଫେଦ ଏବଂ ସମ୍ରାଟ। ଜୁନ୍ ଏବଂ ଜୁଲାଇ ମାସ ଏହି ଫସଲ କରିବା ପାଇଁ ଉପଯୁକ୍ତ ସମୟ। କନ୍ଦମୂଳର



ଡଙ୍କ ବିହନ ଆକାରରେ ଲଗାଯାଏ। ଏହାକୁ ଲଗାଇବା ସମୟରେ ୬୦ସେମି ବ୍ୟବଧାନରେ ହୁଡା ଟେକି ୧୦୦-୧୨୫ ଗ୍ରାମ ଓଜନର ସୁସ୍ଥ ସବଳ କନ୍ଦମୂଳ ୨୫ ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବାର ୧୫ଦିନ ପରେ ଏକର ପ୍ରତି ୧.୫ କିଗ୍ରା ୟୁରିଆ ସାର ୧୦୦ ବର୍ଗମିଟର ତଳି ଘରାରେ ପ୍ରୟୋଗ କରନ୍ତୁ। ୪୦-୫୦ଦିନର ତଳିଘରାରୁ ୨୦-୩୦ସେମି ଲମ୍ବର ସୁସ୍ଥ ସବଳ ଡଙ୍କ କାଟି ମୁଖ୍ୟ ତଳି ଘରାରେ ଲଗାନ୍ତୁ। ଲଗାଇବାର ୧୫ଦିନ ପରେ ଏକର ପ୍ରତି ୧୨.୫ କିଗ୍ରା ଏବଂ ୩୦ଦିନ ପରେ ୧୨.୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ। ୪୫ଦିନର ତଳି ଘରାରୁ ୨୦-୩୦ସେମି ଲମ୍ବର ଡଙ୍କ କନ୍ଦମୂଳ ବିହନ ପାଇଁ ଅମଳ କରନ୍ତୁ।

# ଲାଭଜନକ ପିଜୁଳି ଚାଷ







ଡ. ପରେଶ କୁମାର ପଣ୍ଡା

ପିଜୁଳି ଏକ ସ୍ୱାଦିଷ୍ଟ ଫଳ। ପ୍ରାୟ ୨୦-୨୫ ପ୍ରକାରର ପିଜୁଳି ରହିଛି। ଏଥିରେ କମଳା ଅପେକ୍ଷା ଅଛି ଚାରିଗୁଣ ଅଧିକ ଭିଟାମିନ୍ 'ସି'। ଏଥିରେ ଥିବା ପଟାସିୟମ ଶରୀରର ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ସ୍କର୍ଭି, ଡାଇରିଆ, ଡିସେଣ୍ଟ୍ରି, ମଳକଣ୍ଟକ, ଥଣ୍ଡା, କାଶ, ଚର୍ମରୋଗ, ମେଦବହୁଳତା, ଦୃଷ୍ଟିଶକ୍ତି, କର୍କଟ, ଥାଇରଏଡ୍ ଓ ମଧୁମେହ ଇତ୍ୟାଦିର ଉପଚାର ପାଇଁ ପିଜୁଳି ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ଫଳରେ ଥିବା ତନ୍ତୁ ଶରୀର ଦ୍ୱାରା ଶର୍କରା ଶୋଷଣକୁ ପରିଚାଳିତ କରିଥାଏ, ଯଦ୍ଦ୍ୱାରା ଶରୀରରେ ଇନ୍ସୁଲିନ୍ ଓ ଗ୍ଲୁକୋଜର ମାତ୍ରା ହ୍ରାସ ପାଇଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହି ଫଳରେ ଥିବା ଭିଟାମିନ୍ 'ଇ' ଓ 'କେ' ନୂତନ ରକ୍ତକଣିକା ସୃଷ୍ଟିରେ ସହାୟକ ହୋଇଥାଏ। ସେଥିପାଇଁ ଶିଶୁ ଓ ମହିଳାମାନଙ୍କୁ ଏହି ଫଳ ନିୟମିତ ଖାଇବାକୁ କୁହାଯାଏ। ସେଓ ତୁଳନାରେ ପିଜୁଳି ଅଧିକ ପୋଷଣଯୁକ୍ତ ଫଳ। ଏହି ଫଳରୁ ଜାମ୍, ଜେଲି, ଟଫି, ନେକଟାର ଆଦି ଉତ୍ପାଦ ପ୍ରସ୍ତୁତ ହୋଇଥାଏ।

ପିଜୁଳି ଚାଷରେ ଅଧିକ ଯତ୍ନ ଦରକାର ପଡି ନ ଥାଏ। ପିଜୁଳି ଶସର ରଙ୍ଗ ଧଳା ଓ ଗୋଲାପି। ଧଳା ଶସଯୁକ୍ତ ଉନ୍ନତ ପିଜୁଳି କିସମ ହେଲା-ଆଲାତାବାଦ ସଫେଦ, କରେଲା, ସରଦାର (ଲକ୍ଷ୍ନୋ-୪୯), ଚିତିଦାର, ଆର୍କା ମ୍ରିଦୁଲା, ସ୍ମୁଥ ଗ୍ରୀନ୍, ବାଙ୍ଗାଲୋର ସଫେଦଜାମ୍, ସାହାରାନପୁର ସ୍ଲିଡଲେସ୍, ନାଗପୁର ସ୍ଲିଡଲେସ, ଭୁବନଗିରି, ଲଳିତ, ଶ୍ୱେତା ଇତ୍ୟାଦି। ଗୋଲାପି ଶସଯୁକ୍ତ ଉନ୍ନତ କିସମ ହେଲା-ହାଫସି, ଆଲ୍ଲାହାବାଦ, ସୁରଖା। ନାଲି ଓ ମାଂସାଳ ବେଶ୍ ଲୋକପ୍ରିୟ।

ଉଷ୍ମ ଜଳବାୟୁ ସହିତ ଆମ ରାଜ୍ୟ ଏହାର ଚାଷ ପାଇଁ ବେଶ୍ ଅନୁକୂଳ। କ୍ଷାରୀୟ ମୃତ୍ତିକାରେ ପିଜୁଳି ଭଲ ବଢ଼ିଥାଏ। ଏହାର ଜଳମଗ୍ନଶୀଳତା ତଥା ଶୁଷ୍କ ସହନଶୀଳତା ଗୁଣ ରହିଛି। ସାଧାରଣତଃ ମଞ୍ଜିରୁ ଚାରା କରି ନୂଆ ଗଛ ସୃଷ୍ଟି କରିପାରିବେ। ବର୍ଷକୁ ଦୁଇ ଥର ପିଜୁଳି ଗଛରେ ଫୁଲ ଆସିଥାଏ। ଖରାଦିନିଆ ପିଜୁଳି ଅଧିକ ମିଠାଯୁକ୍ତ। ଏହାବ୍ୟତୀତ ଗୁଟି, କଲମୀ, ମୂଳପିଢ଼ି କଲମୀ ପ୍ରଣାଳୀରେ ମଧ୍ୟ ବଂଶବିସ୍ତାର କରନ୍ତୁ। ୫.୫ ମିଟର ବ୍ୟବଧାନରେ ୧ ମିଟରx୧ମିଟରx୧ମିଟର ଗାତ ଖୋଳାଯାଏ। ଗାତ ପ୍ରତି ଦୁଇ ଝୁଡି ଶଢ଼ା ଗୋବର ଖତ ସହ ୨ କିଗ୍ରା ପିଡିଆ, ୬୦ ଗ୍ରାମ ଯବକ୍ଷାରଜାନ+୩୦ ଗ୍ରାମ ଫସଫରସ+୬୦ ଗ୍ରାମ ପଟାସ୍ (ଅର୍ଥାତ୍ ୬୫ ଗ୍ରାମ ଡି.ଏ.ପି.+୧୦୦ ଗ୍ରାମ ୟୁରିଆ+୧୦୦ ଗ୍ରାମ ଏମଓପି/ପଟାସ ସାର) ସହ ଉଇ ନ ହେବା ପାଇଁ ଔଷଧ (କ୍ଲୋରୋପାଇରିଫସ/ମିଥାଇଲ୍ ପାରାଥିଅନ ୭୫ ଗ୍ରାମ) ଦେଇ ଜୁନ୍-ଜୁଲାଇରେ ଗଛ ଲଗାନ୍ତୁ।

ଗଛରେ ଫୁଲ ଆସିବା ପୂର୍ବରୁ ଖତସାର ପ୍ରୟୋଗ କରନ୍ତୁ। ନିର୍ଦ୍ଦିଷ୍ଟ ପରିମାଣର ସାରକୁ ୨ ଥରରେ ବର୍ଷାଋତୁ ଆରମ୍ଭ ଓ ଶେଷରେ ଦିଆଗଲେ ଭଲ। ପୂର୍ଣ୍ଣ ବୟସର ଗଛ ପ୍ରତି ୫୦ କିଗ୍ରା (ଏକ ଝୁଡି) ଖତ+୪୦୦ଗ୍ରାମ ଯବକ୍ଷାରଜାନ+୪୦୦ ଗ୍ରାମ ଫସଫରସ+୩୦୦ ଗ୍ରାମ ପଟାସ୍ ଦିଅନ୍ତୁ। ଗଛର ଉତ୍ତମ ବୃଦ୍ଧି ଓ ଅଧିକ ଅମଳ ପାଇବା ପାଇଁ ଜିଙ୍କ୍ ସଲଫେଟ୍ (ଦସ୍ତାଯୁକ୍ତ) ୬ ଗ୍ରାମ+୪ଗ୍ରାମ ଚୂନ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫଳ ନ ଫାଟିବା ନିମନ୍ତେ ବୋରାକ୍ସ (ଟାଙ୍ଗଣା) ୮-୧୦ ଗ୍ରାମ ଲିଟର ପ୍ରତି ଗଛ ଉପରେ ସିଞ୍ଚନ କରନ୍ତୁ। ଖରାଦିନେ ମଳା କରି ଗଛକୁ ୮-୧୦ଦିନ ଅନ୍ତରରେ ପାଣି ଦିଆଯାଏ। ୫-୬ବର୍ଷ ପର୍ଯ୍ୟନ୍ତ ଅନ୍ତଃଫସଲ (ଧାଡି ଧାଡି ମଧ୍ୟରେ ପନିପରିବା/ କଦଳୀ/ଅମୃତଭଣ୍ଡା/ସପୁରି) ଚାଷ କରି ଅଧିକ ଆୟ ପାଇ ପାରିବେ।

ପିଜୁଳି ଗଛକୁ କାଟଛାଣ୍ଟ କରିବା ଆବଶ୍ୟକ। ଏହି କାଟଛାଣ୍ଟ ନିମନ୍ତେ ଡାଳକୁ ପତଳା କରି ଭୂମିଠାରୁ ୫୦-୭୦ସେମି ଉପରକୁ ୩-୪ଟି ଡାଳ ବଢ଼ିବାକୁ ଦିଅନ୍ତୁ। ପ୍ରତି ଡାଳକୁ ପରସ୍ପର ବିପରୀତ ଦିଗରେ ବଢ଼ାଇବା ଦରକାର। ଫୁଲ ନୂଆ ଡାଳରେ ଆସିଥାଏ। ତେଣୁ ଫୁଲ ଆସିବା ପୂର୍ବରୁ ଡାଳଗୁଡିକର ଅଗ୍ରଭାଗକୁ କାଟି ଦିଅନ୍ତୁ। ଯେପରି କି ସେଥିରୁ ନୂଆଡାଳ ବାହାରି ଅଧିକ ଫୁଲଫଳ ଆସିପାରିବ। ରୋଗପୋକ ପରିଚାଳନାରେ ଆନ୍ଥ୍ରାକ୍ନୋଜ ରୋଗ ହେଲେ ଡାଳଗୁଡିକ ଘନ ବାଦାମୀ ରଙ୍ଗର ହୋଇ ଗଛର ଉପରିଭାଗରୁ ତଳ ଆଡକୁ ଶୁଖିଯାଏ। ତା'ସହ ଫଳ ଶୁଖି ତଳକୁ ଝୁଲିପଡେ। ଏହାର ନିରାକରଣ ନିମନ୍ତେ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ ଲିଟର ପ୍ରତି ୧୦-୧୨ ଦିନ ଅନ୍ତରରେ ଗଛକୁ ୨-୩ଥର ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ନିୟନ୍ତ୍ରଣ ପାଇଁ ସଂକ୍ରମିତ ଗଛ ମୂଳରେ କାର୍ବେଣ୍ଡାଜିମ ୧.୫ ଗ୍ରାମ ଲିଟର ପ୍ରତି ସିଞ୍ଚନ କରନ୍ତୁ। କାଙ୍କର(ଯାଦୁରା), ଅଗଶଢ଼ା ଓ ଫଳଶଢ଼ା ରୋଗ ଦେଖାଗଲେ ମାନକୋଜେବ ୭୫ ପ୍ରତିଶତ ଡବ୍ଲ୍ୟୁ.ପି.ର ୩ ଗ୍ରାମ ଲିଟର ପ୍ରତି ଗଛରେ ସିଞ୍ଚନ କରନ୍ତୁ। ଫଳ ବିନ୍ଧା ଓ ଦହିଆ ପୋକ ଦେଖାଦେଲେ ମାଲାଥିଅନ ୨ ମିଲି/ଫେନଭାଲେରେଟ୍ ୧ ମିଲି ଲିଟର ପ୍ରତି ମିଶାଇ ସିଞ୍ଚନ କରିପାରିବେ।

କଲମୀ ଗଛରୁ ତୃତୀୟ ବର୍ଷ ଓ ମଞ୍ଜିରୁ ହୋଇଥିବା ଗଛରୁ ଚତୁର୍ଥ ବର୍ଷ ବେଳକୁ ଫଳ ଆସିଥାଏ। ପତ୍ର ସହ ଡେମ୍ଫ ମିଶାଇ ଫଳ ତୋଳିଲେ ଗ୍ରାହକ ଅଧିକ ମୂଲ୍ୟ ପ୍ରଦାନ କରିଥାଆନ୍ତି। ତା'ସହ ପରବର୍ଷ ଗଛରୁ ଅଧିକ ଫଳ ମିଳିଥାଏ। ଝୁଡିରେ ସବୁଜ ମିଶା ହଳଦିଆ ରଙ୍ଗର ପାକଳ ଫଳକୁ ପଠାନ୍ତୁ। ବଡ ଗଛରୁ ୧୦୦ କିଗ୍ରା ପର୍ଯ୍ୟନ୍ତ ଫଳ ମିଳିଥାଏ। ଗଛ ପ୍ରତି ୨୦-୨୫ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ। ଖର୍ଚ୍ଚ ବାଦ୍ ଦେଇ ଏକର ପ୍ରତି ୧୦୦ଟି ଗଛରୁ ୫୦-୬୦ ହଜାର ଟଙ୍କା ଲାଭ ମିଳିଥାଏ।

-ସହକାରୀ କୃଷି ଅଧିକାରୀ,
ଭୁବନେଶ୍ୱର,
ମୋ: ୭୨୦୫୦୯୬୦୮୦

# ଆତ୍ମନିର୍ଭରଶୀଳ ହେବାରେ ବାଟ ଦେଖାଇଛି ଚାଷ

ଜଣେ ରାଜନୈତିକ ବ୍ୟକ୍ତି ଭାବେ ତାଙ୍କର ଥିଲା ପରିଚୟ। ମାତ୍ର ସମୟକ୍ରମେ ଚାଷ ପ୍ରତି ଆଗ୍ରହ ବଢ଼ିଲା। ଫଳରେ ରାଜନୀତିରୁ ମୁହଁ ଫେରାଇ ସେ ଚାଷ କାମରେ ମନ ଲଗାଇଦେଲେ ଆଉ ବର୍ଷ କେଇଟା ଭିତରେ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ନିଜକୁ ପ୍ରତିପାଦିତ କରାଇପାରିଛନ୍ତି। ସେ ହେଲେ ରବି ନାରାୟଣ ବେହେରା। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ କାଠପାଳ ଗ୍ରାମରେ ତାଙ୍କ ଘର।

ଚାଷ ପ୍ରତି ରବିଙ୍କ ପିତା ସ୍ୱର୍ଗତ ଅନାଦି ଚରଣ ବେହେରାଙ୍କର ଥିଲା ସ୍ୱତନ୍ତ୍ର ରୁଚି। ଚାଷକୁ ଆତ୍ମନିର୍ଭରଶୀଳତାର ମାଧ୍ୟମ ଭାବେ ଗ୍ରହଣ କରିବାରେ ଏହା ଅନୁପ୍ରାଣିତ କରିଥିଲା ବୋଲି କୁହନ୍ତି ସେ। ତେବେ ଚାଷ ପ୍ରତି ମନୋନିବେଶର ନିଷ୍ପତ୍ତି ପରେ ପ୍ରଥମେ ଆରମ୍ଭ କଲେ ପରିବା ଚାଷ। ପ୍ରାଥମିକ ସଫଳତା ତାଙ୍କ ମନୋବଳକୁ ବଢାଇଦେଲା। ତା'ପରେ ପରିବା ସହ ଚାଲିଲା ଧାନଚାଷ। ଖରିଫ ଋତୁରେ ୧୦ ଏକର, ରବି ଋତୁରେ ୫ ଏକରରେ ଜମିରେ ଧାନ ଚାଷ କଲେ ଆଉ ୫ ଏକର ଜମିରେ କଲେ ପରିବା ଚାଷ । ଚାଷକୁ କିପରି ଅଧିକ ଉତ୍ପାଦନକ୍ଷମ କରାଇହେବ ସେଥିନେଇ ବିଭିନ୍ନ ବ୍ୟକ୍ତିଙ୍କ ସହାୟତା ତଥା ପରାମର୍ଶ ନେଲେ। ବର୍ତ୍ତମାନ ରବି ନାରାୟଣ ୫ ଏକର ଜମିରେ ବୋଇତାଳୁ ୧୫୦୦ ମନ୍ଦା, ବାଇଗଣ ୧୦୦୦

**ସଫଳ ଚାଷୀ**
**ରବି ନାରାୟଣ ବେହେରା**



ମନ୍ଦା, ଜହ୍ନି ୧୦୦ ମନ୍ଦା, କାକୁଡ଼ି ୨୫୦ ମନ୍ଦା, କଲରା ୨୦୦ ମନ୍ଦା ଲଗାଇଛନ୍ତି। ସେହିପରି ୮୦୦ ଖମ୍ବଆଳୁ, ୨୦୦ କଦଳୀ, ୪୦୦ ଅମୃତ ଭଣ୍ଡା ଗଛ ମଧ୍ୟ ଲଗାଇଛନ୍ତି ସେ। ସୋନ ନଦୀରୁ ପାଣି ଉଠାଇ ଚାଷ କରୁଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ପାଣି ପାଇଁ ସେଲୋ ପମ୍ପ ମଧ୍ୟ ବସାଇଛନ୍ତି। ଏସମସ୍ତ ଚାଷକାର୍ଯ୍ୟ ଲାଗି ୮ଜଣ ଦୈନିକ କାର୍ଯ୍ୟ କରି ସେମାନଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି। ଏହି ସବୁ କାର୍ଯ୍ୟରୁ ବର୍ଷକୁ ୩ରୁ ୪ଲକ୍ଷ ଟଙ୍କା ରୋଜଗାର ଲାଗି ସେ ଆଶା ରଖିଥିଲେ। କିନ୍ତୁ ଏବର କରୋନା ସଂକ୍ରମଣଜନିତ ଆର୍ଥିକ ମାନ୍ଦାବସ୍ଥା ପାଇଁ ପନିପରିବା ଓ ଧାନଚାଷରୁ ଅଧିକ ଅର୍ଥ ଉପାର୍ଜନ ହୋଇପାରିନି। ରବି କହନ୍ତି, ଚଳିତବର୍ଷ ଆରମ୍ଭରେ ତରଭୁଜ ଚାଷରେ ବହୁତ କମ୍ ଲାଭ ହୋଇଥିଲା। ମୋଟ ୧୫୦ କୁଇଣ୍ଟାଲ ତରଭୁଜ ଅମଳ ହୋଇଥିବା ବେଳେ ଠିକ ସମୟରେ ଲକ୍‌ଡାଉନ୍ ଘୋଷଣା ହୋଇଗଲା। ପ୍ରତିବର୍ଷ ତରଭୁଜ କିଲୋ ପ୍ରତି ୧୫ଟଙ୍କା ଦରରେ ଆମଠାରୁ ବେପାରୀ ନେଇଯାଆନ୍ତି। କିନ୍ତୁ ଚଳିତବର୍ଷ ବେପାରୀଙ୍କୁ (କିଲୋ ପ୍ରତି)୮ ଟଙ୍କାରେ ମପେଇ ଦେଇଥିଲୁ, ବିକ୍ରି ପରେ ସେମାନେ କିଲୋପ୍ରତି ୬ଟଙ୍କା ହିସାବରେ ଦେଇଛନ୍ତି। ଅନ୍ୟପକ୍ଷରେ ପନିପରିବା ପାଇଁ ଯଦି ପ୍ରାକୃତିକ ବିପର୍ଯ୍ୟୟ ନ ହୁଏ ତେବେ ଭଲ ଲାଭ ମିଳିଥାଏ। ଖରିଫ ଧାନ ସମୟରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ପ୍ରାୟ ୫ଲକ୍ଷ ଟଙ୍କା ମିଳିଥାଏ। ରବି ଋତୁରେ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇ ପ୍ରାୟ ୧ଲକ୍ଷ ୩୦ ହଜାର ଭଳି ଟଙ୍କା ମିଳିଥାଏ। ସେହିଭଳି ପନିପରିବାରୁ ଅତି କମ୍‌ରେ ବାର୍ଷିକ ୨ଲକ୍ଷ ଭଳି ଟଙ୍କାର ଲାଭ ମିଳିଥାଏ। ଆମ ରାଜ୍ୟର ଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ଦିନକୁ ୧୨ ଘଣ୍ଟାରୁ ଅଧିକ ପରିଶ୍ରମ କରୁଛନ୍ତି। ହେଲେ ପାରିଶ୍ରମିକ ଭାବେ ମାସକୁ ୮ରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଅତିବେଶିରେ ପାଉଛନ୍ତି। ଏପରି କ୍ଷେତ୍ରରେ ସମସ୍ତ ଖର୍ଚ୍ଚ ସହ ବାର୍ଷିକ ୧ଲକ୍ଷ ୨୦ ହଜାର ରୋଜଗାର କରିପାରିବେ। ହେଲେ ଏକ ଏକର ଜମିରେ ଚାଷ କଲେ ଓ ଦିନକୁ ୬ଘଣ୍ଟା ସେଥିରେ କାମ କଲେ ବର୍ଷକୁ ୩ଲକ୍ଷ ଟଙ୍କା ରୋଜଗାର କରିପାରିବେ। ନିଜର ଜମି ନ ଥିଲେ ଅନ୍ୟର ଜମିକୁ ଭଡ଼ା ସୂତ୍ରରେ ମଧ୍ୟ ନେଇ ଚାଷ କରିହେବ। ଏଥିପାଇଁ ସାହସ ସଞ୍ଚୟ କରି ଆଗେଇ ଆସିବାକୁ ପଡ଼ିବ। ବାହାର ରାଜ୍ୟରେ ଅଖିଆ ଅପିଆ ୧୨ ଘଣ୍ଟା କାମ କରୁଥିବା ଜଣେ ଯୁବକ ନିଜ ଘରେ କାହିଁକି ଅଧା ପରିଶ୍ରମ କରି ତିନିଗୁଣ ଲାଭ ନ ପାଇବ? ଏହି ସମୀକରଣ ପ୍ରତି ଯୁବପିଢ଼ି ଚିନ୍ତା କରିବା ଆବଶ୍ୟକ। ଅନ୍ୟପକ୍ଷରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଚାଷକୁ ପ୍ରୋତ୍ସାହନ ଦେଉଥିବାରୁ ଯୋଜନାକୁ ବ୍ୟବହାର କରି ତାହାର ସୁଫଳ ପାଇବା ଆଜିର ଆହ୍ୱାନ ବୋଲି କୁହନ୍ତି ଏହି ସଫଳ ଚାଷୀ।

**-ମାନସ କୁମାର ବିଶ୍ୱାଳ**

# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ

(ଶେଷ ଭାଗ)

ହାତିଆ ଘାସ ପାଇଁ ଏକର ପିଛା ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ ପାଇଁ ୪ ହଜାର ମୂଳ ବା କାଣ୍ଡ ଓ ପାରା ଘାସ ଚାଷ ପାଇଁ ୧୦ ହଜାର କାଣ୍ଡ ଦରକାର। କିନ୍ତୁ ପ୍ରତି ମନ୍ଦାରେ ଶତପ୍ରତିଶତ ଗଛ ହେବା ପାଇଁ ଏହାର ଦ୍ୱିଗୁଣିତ ମୂଳ ବା କାଣ୍ଡ ଆବଶ୍ୟକ । ସେହିପରି କଙ୍ଗୋସିଗ୍ନାଲ ଏକର ପ୍ରତି ୧୫ ହଜାର କାଣ୍ଡ ଆବଶ୍ୟକା ଥିବା ବେଳେ ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଆଦି ଏକର ପ୍ରତି ୫ କି.ଗ୍ରା. ଆବଶ୍ୟକ ହୋଇଥାଏ । ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଇଲେ ଭଲ ନେପିଅର ବା ହାତିଆ, ଗିନି ଓ ପାରା



ଘାସର ପ୍ରତି ଖଣ୍ଡରେ ୨/୩ଟି ଗଣ୍ଠି ଥିବା ଆବଶ୍ୟକ । ପ୍ରତି ମନ୍ଦାରେ ୨ଖଣ୍ଡ କରି ଲଗାଇବାକୁ ହେବ। କାରଣ ଗୋଟିଏ କାଣ୍ଡ ନଷ୍ଟ ହେଲେ ଅନ୍ୟ କାଣ୍ଡଟିରୁ ପତ୍ର କଅଁଳି ବାହାରିବ । ତେଣୁ ଏହାକୁ ଭଲ ଭାବରେ ଗଜା ହେବା ପାଇଁ ଏହାକୁ ପ୍ରଥମେ ଉଷୁମ ପାଣିରେ ୫ ମିନିଟ୍ ବୁଡ଼ାଇସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଛାଣି ଛାଇରେ କିଛି ସମୟ ରଖିବେ। ପରେ ଏହାକୁ ଶୁଖିଲା ବାଲି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ ସେମି ବ୍ୟବଧାନରେ ବୁଣନ୍ତୁ। ମି ବୁଣିବାର ୨୫ ରୁ ୩୦ଦିନ ପରେ କୋଡ଼ା ଖୁସା କରି ଅନାବନା ଗଛ ବାଛି ଦିଅନ୍ତୁ।

**ଅମଳ ପରିମାଣ** :ଏକର ପ୍ରତି ବିଭିନ୍ନ କିସମ ଅନୁଯାୟୀ ବର୍ଷ ବ୍ୟାପୀ ସବୁଜ ଗୋଖାଦ୍ୟ ଫସଲର ଅମଳ ପରିମାଣ ହେଲା: ହାତିଆ ଘାସ- ୪୦୦ ରୁ ୫୦୦ କୁଇଣ୍ଟାଲ, ଗିନି ଘାସ- ୨୫୦ ରୁ ୩୦୦ କୁଇଣ୍ଟାଲ, ପାରା ଘାସ- ୪୦୦ ରୁ ୫୦୦ କୁଇଣ୍ଟାଲ, ଷ୍ଟାଇଲୋ- ୮୦ ରୁ ୧୦୦ କୁଇଣ୍ଟାଲ, କଙ୍ଗୋସିଗ୍ନାଲ- ୨୫୦ ରୁ ୩୫୦ କୁଇଣ୍ଟାଲ,ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା -୨୦୦ ରୁ ୨୫୦ କ୍ୱିଣ୍ଟାଲ।

**ସେଟାରିଆ ଘାସ:** ବର୍ଷ ବ୍ୟାପୀ ଏହା ଚାଷ କରାଯାଇଥାଏ । ଏଥିପାଇଁ ଏକରକୁ ୧୨ହଜାର ପର୍ଯ୍ୟନ୍ତ ବୁଦା ବା ମୂଳ ଲଗାଇବାକୁ ପଡ଼ିଥାଏ। ଏକର ପ୍ରତି ୨୦୦ ରୁ ୨୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ।

**ମିଶ୍ରିତ ଚାଷ:** ସଙ୍କର ହାତିଆ ଘାସ ଓ ଗିନି ଘାସ ସହିତ ବରଗୁଡ଼ି ଜାତୀୟ ଚାଷ କରି ଖାଇବାକୁ ଦେଲେ, ଦୁଧିଆଳୀ ଗାଈ ଅଧିକ ଦୁଗ୍ଧ ପ୍ରଦାନ କରନ୍ତି।

**ଘାସ ଖୁଆଇବା ପ୍ରଣାଳୀ-** ଶସ୍ୟ ଜାତୀୟ ଘାସ ସହିତ ଛୁଇଁ ଜାତୀୟ ଘାସ ୩:୧, କଞ୍ଚାଘାସ ସହିତ ନଡ଼ା ବା ଶୁଷ୍କ ଘାସ: ୨:୧ ଏବଂ ଘାସ ସହିତ ଦାନା - ୨:୧ ସମାନୁପାତିକ ହାରରେ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ । ୧ କି.ଗ୍ରା. ଦାନା ବଦଳରେ ୫ କି.ଗ୍ରା. ସବୁଜ ଘାସ ଗାଈକୁ ଦିଆଯାଇପାରିବ । ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ପାଇଁ ମୂଳ ଓ କାଣ୍ଡ ଆମ ରାଜ୍ୟସ୍ଥିତ ୧୩ଟି ସବୁଜ ଘାସ ପ୍ରଦର୍ଶନ ଫାର୍ମ, ସରକାରୀ ଗୋପାଳନ କେନ୍ଦ୍ର, ପଠାସ୍ଥିତ ସବୁଜ ଘାସ ଫାର୍ମ, ଲକ୍ଷ୍ମୀସାଗରସ୍ଥିତ ସରକାରୀ ଘାସ ଫାର୍ମ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ମଧ୍ୟ ପାଇପାରିବେ।

ବି.ଦ୍ର: ବର୍ଷାରମ୍ଭରେ ଫାର୍ମ ଚାରିପଟେ ପତ୍ରବହୁଳ ଗଛ ଲଗାଇଲେ, ଏହା ଖରାଦିନେ ଛାଇ ଓ ଥଣ୍ଡା ପରିବେଶ ସୃଷ୍ଟି ଯୋଗୁ ପ୍ରାଣୀମାନେ ବେଶ୍ ଆରାମରେ ରୁହନ୍ତି।

**-ଡା. ବୀର କିଶୋର ପରିଡ଼ା**
ମୋ:୯୪୩୭୬୦୭୩୧୨



ବଲିଉଡ୍ ଅଭିନେତା ସୁଶାନ୍ତ ସିଂହଙ୍କ ଆତ୍ମହତ୍ୟା ପରେ ଫ୍ୟାନ୍‌ମାନେ ତାଙ୍କୁ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଦେବାରେ ଲାଗିଛନ୍ତି। ତାଙ୍କ ସହିତ ଜଡିତ ବିଭିନ୍ନ ଫଟୋ ଏବଂ ଭିଡିଓ ଏବେ ଫେସ୍‌ବୁକରେ ଖୁବ ଭାଇରାଲ ହେଉଛି। ଏହି ସବୁ ଭିଡିଓରେ ସୁଶାନ୍ତ ମସ୍ତି, ମଜାକ୍ କରୁଥିବାର ମଧ ନଜର ଆସିଛନ୍ତି। ଏମିତି ଏକ ଭିଡିଓ କୃତୀ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ସୁଶାନ୍ତଙ୍କୁ ବହୁତ ମିସ୍ କରୁଛନ୍ତି ବୋଲି ଲେଖିଛନ୍ତି। ସୁଶାନ୍ତ ତାଙ୍କ ହୃଦୟରୁ ଏକ ଅଂଶ ନେଇଯାଇଛନ୍ତି ବୋଲି ସେ କହିଛନ୍ତି। କୃତୀ ସୁଶାନ୍ତ ସିଂହ ରାଜପୁତଙ୍କୁ ସବୁଠାରୁ ଅଧିକ କ୍ୟୁଟ୍ ବୋଲି କହିଛନ୍ତି।

# ଗାଈ ଆଣ୍ଟିବଡିରୁ କରୋନା ଔଷଧ

**ୱାଶିଂଟନ, ୨୩।୬**

ମହାମାରୀ କରୋନା ସଂକ୍ରମଣ ନେଇ ପୃଥିବୀରେ ଆତଙ୍କ ଥମିବାର ନାଁ ଧରୁନି। କରୋନା ଭୂତାଣୁର ପ୍ରତିକାର ଲାଗି ସଫଳ ଔଷଧର ଆବଶ୍ୟକତା ଥିବାବେଳେ ସାରା ବିଶ୍ୱ ଏଥିଲାଗି ପ୍ରୟାସ ଜାରି ରଖିଛନ୍ତି। ଏପରିସ୍ଥଳେ ଆମେରିକାର ଏକ କମ୍ପାନୀ ଗାଈ ଆଣ୍ଟିବଡ଼ିରୁ କରୋନା ଔଷଧ ପ୍ରସ୍ତୁତ

## ଆମେରିକୀୟ କମ୍ପାନୀର ଦାବି

କରିଥିବା ଦାବି କରିଛି। ଏହାର ପ୍ରୟୋଗ ମଣିଷଙ୍କ ଉପରେ ଆସନ୍ତା ମାସରୁ ଆରମ୍ଭ ହେବ ବୋଲି ଦକ୍ଷିଣ ଡାକୋଟାରେ ଥିବା ସବ୍ ବାୟୋଥେରାପ୍ୟୁଟିକ୍ସ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ମଣିଷ ଶରୀରରେ ସୃଷ୍ଟି ହେଉଥିବା ଆଣ୍ଟିବଡି ତୁଳନାରେ ଗାଈ ଶରୀରରେ ଦୁଇଗୁଣା ଅଧିକ ଆଣ୍ଟିବଡି ଉତ୍ପନ୍ନ ହୋଇଥାଏ। ଏହାଦ୍ୱାରା ଗାଈର ରୋଗ ପ୍ରତିରୋଧକ ଶକ୍ତି



ମଣିଷ ତୁଳନାରେ ଅଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗାଈ ଆଣ୍ଟିବଡିରୁ ଏସ୍‌ଏବି-୧୮୫ ଔଷଧ ପ୍ରସ୍ତୁତ କରାଯାଇଛି। ପିଟସବର୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ୱିଲିୟମ କ୍ଲେଇଷ୍ଟ୍ରା ନେତୃତ୍ୱରେ ଗବେଷକମାନେ ଗାଈ ଆଣ୍ଟିବଡି ଉପରେ ପରୀକ୍ଷା କରି ଏହି ଔଷଧ ପ୍ରସ୍ତୁତ କରିଛନ୍ତି। କରୋନା ଭୂତାଣୁକୁ ପ୍ରତିହତ କରିବାରେ ଏହା ସଫଳ ହେବ ବୋଲି ଦାବି କରାଯାଇଛି।

ଜନ୍ମଦିନ ଶୁଭେଚ୍ଛା।



ଗୀତାଞ୍ଜଳି ସାହୁ
ବରହମପୁର
ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଦୀର୍ଘାୟୁ ନିରୋଗୀ ଏବଂ ସୁସର୍ବଦା ଖୁସୀ ରହୁ। Happy Birthday Nani.
ଶୁଭେଚ୍ଛା ସହ: ମାମାଲି ଓ ଦାଶ ପରିବାର
ଧ-୧୭୫୬୧

# କୋଡ୍ ନମ୍ବର '୬୧୩୯୮'

**ସାମ୍ରାଜ୍ୟବାଦୀ ଏବଂ ଏକଛତ୍ରବାଦୀ ନୀତିରେ ବିଶ୍ୱ କ୍ଷମତା ଅଳିନ୍ଦ ପାଲଟିବାକୁ ଉଦ୍ୟମ କରୁଥିବା ଚାଇନାର ଅନ୍ୟ ଏକ ପ୍ରମୁଖ ଅସ୍ତ୍ର ହେଉଛି ହ୍ୟାକର୍ସ ଆର୍ମି। ବିଭିନ୍ନ ଦେଶ ଉପରେ ଗୁପ୍ତ ନଜର ରଖିବାକୁ ପାଖାପାଖି ୧ ଲକ୍ଷ ପ୍ରଶିକ୍ଷିତ ହ୍ୟାକର୍ସଙ୍କୁ ନେଇ ଗଠିତ ହୋଇଛି ଏହି ସାଇବର ଫୌଜ। ସିକ୍ରେଟ୍ ମିଶନ ଅନୁଯାୟୀ ସେମାନେ ଏକ କୋଡ୍ ଅନୁସାରେ କାମ କରିଥାନ୍ତି, ଯାହା ହେଉଛି '୬୧୩୯୮'। ହେଲେ ଏହି ସଂଖ୍ୟା ସମ୍ପର୍କରେ ଅଧିକାଂଶ ଦେଶର ଧାରଣା ନାହିଁ।**



**ନୂଆଦିଲ୍ଲୀ**

ଲଦାଖର ଗଲ୍‌ୱାନ ଘାଟିରେ ସଂଘର୍ଷ ପରେ ଏଲ୍‌ଏସିରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି। ଚାଇନାକୁ ରୋକିବାକୁ ଭାରତ ନୂତନ ରଣନୀତି ପ୍ରୟୋଗ କରିବା ସହ ସୀମାରେ ସମରସଜ୍ଜା କରୁଛି। ହେଲେ ଚାଇନା ପାଖରେ ଥିବା ଶକ୍ତିଶାଳୀ ସାଇବର ଆର୍ମି ଏବେ ମୁଣ୍ଡବ୍ୟଥା ବଢ଼ାଇଛି। କାରଣ ଏହି ହ୍ୟାକର୍ସ ଟିମ୍ ସାଇବର ଆକ୍ରମଣ ମାଧ୍ୟମରେ ଗୋଇନ୍ଦାଗିରି କରିବାରେ ଯେତିକି ପାରଙ୍ଗମ, ସେତିକି ଦକ୍ଷ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ଚୋରି କରିବାରେ।

୨୦୧୯ରେ ଚାଇନିଜ୍ ସାଇବର ଆର୍ମି ଶକ୍ତିର ଆକଳନ କରିଥିଲା ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଡିଫେନ୍ସ (ଡିଓଡି)। ଏହି ସମୟରେ ଜଣାପଡ଼ିଥିଲା ଯେ, ଚାଇନାର ସେନା ଭଳି ଏହି ସାଇବର ହ୍ୟାକର୍ସଙ୍କୁ ମଧ ସେତିକି ସମ୍ମାନ ଓ ପ୍ରାଧାନ୍ୟ ଦିଆଯାଇଥାଏ। ସାଇବର ଆର୍ମିର ବିଭାଗୀକରଣ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଟିମ୍ ସଦସ୍ୟ ହ୍ୟାକିଂ କରିବା ସହିତ ଗୋଇନ୍ଦା ତଥ୍ୟ ହାସଲ କରିବାରେ ମାଷ୍ଟର। ସେହିପରି ଅନ୍ୟମାନେ

## ଚାଇନାର ସାଇବର ହ୍ୟାକିଂ ସିକ୍ରେଟ୍

ସଫ୍ଟୱେରରେ ସମସ୍ୟା ସୃଷ୍ଟି କରି ଶତ୍ରୁକୁ ଚକ୍‌ମା ଦେବା ଲାଗି ଦିନରାତି କାମ କରୁଛନ୍ତି। 'ସେନାରେ ବିପୁଳ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଅଳ୍ପ ଖର୍ଚ୍ଚରେ ସାଇବର ଯୁଦ୍ଧ ଦ୍ୱାରା ଶତ୍ରୁପକ୍ଷକୁ ନିପାତ କରିବା ସହଜ'। ଏହି ନୀତିକୁ ଆଧାର କରି ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ନିଜର ରଣକୌଶଳ ତିଆରି କରିଥାଏ।

୨୦୧୩ରେ ଚାଇନାର ସାଇବର ଯୁଦ୍ଧ କ୍ଷମତା ସମ୍ପର୍କରେ ସାରା ଦୁନିଆକୁ ସୂଚନା ମିଳିଥିଲା। ଆମେରିକାର ସାଇବର ସିକ୍ୟୁରିଟି ସହିତ ଜଡ଼ିତ କମ୍ପାନୀ ମାଣ୍ଡିଆଣ୍ଟ ଚାଇନାର କାରନାମା ସମ୍ପର୍କରେ ସୂଚନା ଦେଇ କହିଥିଲା ଯେ, ଅଧିକାଂଶ ହାଇପ୍ରୋଫାଇଲ ସାଇବର ଆକ୍ରମଣରେ ଚାଇନିଜ୍ ହ୍ୟାକର୍ସଙ୍କ ପ୍ରଚ୍ଛନ୍ନ ହାତ ରହିଥାଏ। ଏହା ପଛରେ ପିଏଲ୍‌ଏର ତୃତୀୟ ବିଭାଗ ମଧ ଜଡ଼ିତ। ଏହି ଡିପାର୍ଟମେଣ୍ଟ ହେଉଛି ଚାଇନାର ଏକ ଗୋଇନ୍ଦା ଶାଖା, ଯାହାର କୋଡ୍ '୬୧୩୯୮'। ଏହା ମାଧ୍ୟମରେ ଚାଇନା ନିଜର ଶତ୍ରୁ ଦେଶ ଉପରେ ଲଗାତର ସାଇବର ଆକ୍ରମଣ କରିଥାଏ। ଏ ସମ୍ପର୍କରେ ମାଣ୍ଡିଆଣ୍ଟ ପାଖରେ ଅକାଟ୍ୟ ତଥ୍ୟ ରହିଥିବା ଆମେରିକା ଦାବି କରି ଆସୁଛି।

ଏହି କୋଡ୍ ସମ୍ପର୍କରେ କେହି ଅବଗତ ନାହାନ୍ତି। ଚାଇନାର ଚେଙ୍ଗ୍‌ଡୁ ସହରରୁ ଏହି ବିଭାଗ ସଞ୍ଚାଳିତ ହୋଇଥାଏ। ଏଠାରେ କାର୍ଯ୍ୟ କରୁଥିବା ହ୍ୟାକର୍ସମାନେ ଏକା ସଙ୍ଗରେ ହଜାର ହଜାର ସର୍ଭର ଉପରେ ନଜର ରଖିଥାନ୍ତି। ୨୦୧୪ରେ ୧୨ ମହଲା ବିଶିଷ୍ଟ ଏକ କୋଠାରେ ଏହି ବିଭାଗ କାର୍ଯ୍ୟକ୍ଷମ ଥିଲା, ଯାହା ପାଖାପାଖି ୧,୩୦,୦୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ। ସେହି ସମୟରେ ଏଠାରେ ହଜାରରୁ ଊର୍ଦ୍ଧ୍ୱ ହ୍ୟାକର୍ସ କାମ କରୁଥିଲେ। ଏବେ ଏହି ସଂଖ୍ୟା ଏକ ଲକ୍ଷ ଟପିଯାଇଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।

୨୦୧୭ରେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ 'ସେଣ୍ଟ୍ରାଲ କମିଶନ ଫର୍ ଇଣ୍ଟିଗ୍ରେଟେଡ୍ ମିଲିଟାରି ଆଣ୍ଡ ସିଭିଲିଆନ ଡେଭଲପ୍‌ମେଣ୍ଟ (ସିସିଆଇଏମ୍‌ସିଡି)ର ସ୍ଥାପନା କରିଥିଲେ। ସେନା ସହିତ ହ୍ୟାକର୍ସଙ୍କ ମିଳିତ ଭାଗୀଦାରିରେ ଏହି କାର୍ଯ୍ୟ ଆଗକୁ ବଢ଼ିଥିଲା। ୨୦୧୭ ଶେଷବେଳକୁ ଏହାକୁ 'ସାଇବର ସିକ୍ୟୁରିଟି ଇନୋଭେଶନ ସେଣ୍ଟର'ରେ ପରିଣତ କରିଦିଆଗଲା। ୩୬୦ ଏଣ୍ଟରପ୍ରାଇଜ୍ ସିକ୍ୟୁରିଟି ଗ୍ରୁପ୍ ତତ୍ତ୍ୱାବଧାନରେ ଏହା ପରିଚାଳିତ। ଭବିଷ୍ୟତରେ ହେବାକୁ ଥିବା ସାଇବର ଯୁଦ୍ଧରେ ବିଜୟୀ ହେବା ଲକ୍ଷ୍ୟରେ ଏହି କେନ୍ଦ୍ର ନିଜକୁ ପ୍ରସ୍ତୁତ କରୁଛି।

### ଗଲ୍‌ୱାନ୍ ସଂଘର୍ଷ ପରେ ୪୦,୦୦୦ରୁ ଊର୍ଦ୍ଧ୍ୱ ସାଇବର ଆକ୍ରମଣ

ଲଦାଖର ଗଲ୍‌ୱାନ ଉପତ୍ୟକାରେ ଭାରତ-ଚାଇନା ମଧ୍ୟରେ ସଂଘଟିତ ସଂଘର୍ଷ ପରେ ଚାଇନିଜ ହ୍ୟାକର୍ସ ଗ୍ରୁପ୍ ଭାରତ ବିରୋଧୀ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଭାରତୀୟ ୱେବସାଇଟ୍‌ରେ ହେଉଥିବା ଏହି ଧରଣର ଆକ୍ରମଣକୁ ଡିଷ୍ଟ୍ରିବ୍ୟୁଟେଡ୍ ଡେନିଆଲ ଅଫ୍ ସର୍ଭିସ୍ (ଡିଡିଓଏସ୍) କୁହାଯାଉଛି। ତଦନୁଯାୟୀ ନେଟ୍‌ୱାର୍କରେ ଆର୍ଟିଫିସିଆଲ ଟ୍ରାଫିକ୍ ସୃଷ୍ଟି ହୋଇଥାଏ ଏବଂ ୱେବ୍‌ସାଇଟ୍ କାର୍ଯ୍ୟ କରିବାରେ ବାଧକ ସାଜିଥାଏ। ୧୫ଜୁନ୍‌ରୁ ଅଦ୍ୟାବଧି ଭାରତୀୟ ୱେବ୍‌ସାଇଟ୍ ଉପରେ ୪୦,୩୦୦ ଥର ଆକ୍ରମଣ ହୋଇଛି। ସିଚୁଆନ୍ କ୍ଷେତ୍ରର ହ୍ୟାକର୍ସମାନେ ଲଗାତର ଏପରି ଆକ୍ରମଣ ଜାରି ରଖିଥିବା ଜଣାପଡ଼ିଛି।

# 'ଯୋଗର ଦ୍ୱିତୀୟ ମାଧ୍ୟମ ନୃତ୍ୟ'



ମୌନୀ ରୟ

**ମୁମ୍ବାଇ:** ଅଭିନେତ୍ରୀ ମୌନୀ ରୟଙ୍କୁ ଡ୍ୟାନ୍ସ କେବଳ ପସନ୍ଦ ନୁହେଁ ସେ ଜଣେ ଭଲ ଅଭିନେତ୍ରୀ ମଧ। ନିକଟରେ ସେ ଏକ ଡ୍ୟାନ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଭିଡିଓ ଟ୍ରେଣ୍ଡିଂରେ ଚାଲିଛି। ସେ ଐଶ୍ୱର୍ଯ୍ୟାଙ୍କ ସଙ୍ଗ 'ନିମ୍ବୁଡ଼ା ନିମ୍ବୁଡା'ରେ ଏତେ ଭଲ ନୃତ୍ୟ କରିଥିଲେ ଯେ, ତାଙ୍କର ଏହି ନୃତ୍ୟ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଯୋଗର ଦ୍ୱିତୀୟ ମାଧ୍ୟମ ନୃତ୍ୟ ବୋଲି ମୌନୀ କହିଛନ୍ତି। ଯେବେ ବି ସୁଯୋଗ ମିଳେ ସେ ବିଭିନ୍ନ ମୁଦ୍ରାରେ ନୃତ୍ୟ କରିବାକୁ ବେଶ୍ ଭଲ ପାଇଥାନ୍ତି। ଆନ୍ତର୍ଜାତୀୟ ଯୋଗ ଦିବସରେ ଯେତେବେଳେ ସେଲେବ୍ରିଟିମାନେ ବିଭିନ୍ନ ଯୋଗ ମୁଦ୍ରା କରୁଥିବାର ଫଟୋ ଶେୟାର କରିଥିଲେ, ସେତେବେଳେ ମୌନୀ ଏକ ସୁନ୍ଦର ନୃତ୍ୟ କରୁଥିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ସେ ଏହାକୁ ଶେୟାର କରି କ୍ୟାପ୍‌ସନରେ ଲେଖିଥିଲେ ଯେ, 'ଯୋଗ କଲେ ଯେପରି ଆତ୍ମା ମହାତ୍ମାଙ୍କ ସାନ୍ନିଧ୍ୟ' ଲାଭ କରିଥାଏ ସେହିପରି ଏହି 'ନୃତ୍ୟ ମୋ ପାଇଁ ଯୋଗ'। ଏହା ମୋ ଅନ୍ତର ଆତ୍ମାକୁ ଶାନ୍ତି ଦେଇଥାଏ। ତାଙ୍କର ଜଣେ ବନ୍ଧୁ ଏହି ଭିଡିଓ ଦେଖି ତାଙ୍କୁ 'ନୃତ୍ୟର ଦେବୀ' ବୋଲି ସମ୍ବୋଧନ କରିଛନ୍ତି।

ମନେ ପଡ଼ନ୍ତି

ଦ୍ୱିତୀୟ ବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ବାଙ୍କନିଧି ପାଇକରାୟ
Reserve Police Inspector
ସବରସାହି, କଳ୍ପନା, ଭୁବନେଶ୍ୱର
ଆବିର୍ଭାବ: ୦୪।୧୦।୧୯୩୧
ତିରୋଧାନ: ୧୭।୦୭।୨୦୧୮
ଆପଣଙ୍କ ଅମରଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
Dulla, Sudei, Babu, Dhadhu, Lipi ଏବଂ ପରିବାରବର୍ଗ।
ଧ-୬୭୫୪୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦୀପକ କୁମାର ଦତ୍ତ
୧୩୧, ସତ୍ୟନଗର, ଭୁବନେଶ୍ୱର-୦୭, ଓଡ଼ିଶା
ଆବିର୍ଭାବ: ୨୯।୧୧।୧୯୬୬
ତିରୋଧାନ: ୧୪।୦୬।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
: ଶୋକ ସନ୍ତପ୍ତ :
ବନ୍ଧୁ, ପରିଜନ ଏବଂ ପରିବାବର୍ଗ
ଧ-୧୭୫୫୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦଶାହ ଉପଲକ୍ଷେ



୰ ସଦାଶିବ ମିଶ୍ର
ଗୋପାଳପୁର ରୋଡ, ବାଲିଘାଟ ଛକ, ପୁରୀ
ଆବିର୍ଭାବ: ୧୩।୦୫।୧୯୩୭
ତିରୋଧାନ: ୧୫।୦୬।୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଧର୍ମପତ୍ନୀ: କନକଲତା, ପୁଅ: ମୁନ୍ନ, ବୋହୂ: ପିଙ୍କି, ସାନଝିଅ: ରୀନା, ଝିଅ-ଜ୍ୱାଇଁମାନେ, ନାତି-ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୧୫

ଏକାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଉଷାରାଣୀ ଡାକୁଆ
ଆବିର୍ଭାବ: ୨୪।୦୪।୧୯୬୫
ତିରୋଧାନ: ୨୫।୦୬।୨୦୦୯
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ୱାମୀ: ପ୍ରଫୁଲ୍ଲ କୁମାର ଡାକୁଆ, ପୁତ୍ର: ରଜତ, କନ୍ୟା: ସଙ୍ଗୀତା, ବୋଉ ଓ ଭାଇମାନେ।
ଧ-୧୭୫୫୯

# କୋଚ୍ ରେଷ୍ଟୁରାଣ୍ଟ



**ବେଙ୍ଗାଲୁରୁ**

ରେଷ୍ଟୁରାଣ୍ଟରେ ବସିବେ, କିନ୍ତୁ ଟ୍ରେନ୍ ଯାତ୍ରାର ଅନୁଭବ କରିବେ। ରେଷ୍ଟୁରାଣ୍ଟ ଭିତରେ ଟ୍ରେନର ବଗି ଭଳି ସମାନ ଭାବରେ ଡିଜାଇନ୍ ହୋଇଛି। ଟ୍ରେନ ଭଳି ଡିଜାଇନରେ ଏଭଳି ଏକ ରେଷ୍ଟୁରାଣ୍ଟ କରାଯାଇଛି କର୍ନାଟକର ମହୀଶୂର ମ୍ୟୁଜିୟମରେ।

ମ୍ୟୁଜିୟମକୁ ବୁଲିବାକୁ ଆସୁଥିବା ଦର୍ଶକମାନଙ୍କ ପାଇଁ ଏହି ରେଷ୍ଟୁରାଣ୍ଟ ଖୋଲାଯାଇଥିବା ମହୀଶୂର ରେଳବିଭାଗ କହିଛି। ଟ୍ରେନରେ ଯାତ୍ରା କରିବା ଭଳି ଏହି ରେଷ୍ଟୁରାଣ୍ଟରେ ମଧ ସେହିଭଳି କଫି, ଚା ଓ ଅନ୍ୟାନ୍ୟ ସ୍ନାକ୍ସ ମଧ ମିଳିଥାଏ। ଏହି କୋଚ୍ ରେଷ୍ଟୁରାଣ୍ଟରେ ସର୍ବାଧିକ ୨୦ଜଣଙ୍କ ପାଇଁ ବସିବାର ସୁବିଧା ରହିଛି। ସବୁଠୁ ବଡ଼ କଥା ହେଉଛି ଏହି ରେଷ୍ଟୁରାଣ୍ଟରେ ଟ୍ରେନ କୋଚ୍ ଭଳି ଅନେକଗୁଡ଼ିଏ ଆଉଟ୍ ଡୋର୍ ରହିଛି ଏବଂ ରେଷ୍ଟୁରାଣ୍ଟରୁ ବାହାରିବା ମାତ୍ରେ ରେଳ ଷ୍ଟେଶନରେ ଓହ୍ଲାଇବା ପରି ମନେହେବ। ରେଳ ଷ୍ଟେଶନ୍ ଭଳି କ୍ରସିଂ ଗେଟ୍, ଗ୍ରୀନ୍ ଟନେଲ୍ ଆଦି ରହିଛି। ତେଣୁ କହିବାକୁ ଗଲେ ରେଳ ମ୍ୟୁଜିୟମକୁ ବୁଲିବାକୁ ଯିବାପରେ ରେଳଗାଡ଼ିରେ ବସିବା ଭଳି ଏହି ରେଷ୍ଟୁରାଣ୍ଟରେ ଅନୁଭୂତି ମିଳିପାରିବ।

ସବୁଠୁ ବଡ଼ କଥା ହେଉଛି ମ୍ୟୁଜିୟମର ଏହି କୋଚ୍ ରେଷ୍ଟୁରାଣ୍ଟକୁ ଲାଭ କରିବା ଉଦ୍ଦେଶ୍ୟରେ କରାଯାଇ ନାହିଁ ବୋଲି ରେଳ ବିଭାଗ ସ୍ପଷ୍ଟ କରିଛି। କେବଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ରେଳ ବିଭାଗ ଏହାକୁ 'ନୋ ପ୍ରଫିଟ୍ ନୋ ଲସ୍'ରେ ଚଳାଇବ ବୋଲି ସ୍ପଷ୍ଟ କରିଛି।

# ପଗଡ଼ିରୁ ହେବ ମାସ୍କ

**ନୂଆଦିଲ୍ଲୀ**



ବ୍ୟକ୍ତିଗତ ଧର୍ମ ତୁଳନାରେ ସମାଜର ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ତ ସମାଜକୁ ରକ୍ଷା କରିବା ପାଇଁ ନିଜ ଧର୍ମକୁ ବଳିଦେବା ମହାନତାର କାମ। ଠିକ୍ ଏଭଳି କିଛି ବାର୍ତ୍ତା ଦେଇଛନ୍ତି ଦିଲ୍ଲୀର ଶିଖ୍ ଧର୍ମର ଲୋକେ। କରୋନା ସଂକ୍ରମଣ ରୋକିବା ନିମନ୍ତେ ସମସ୍ତଙ୍କୁ ମାସ୍କ ଯୋଗାଇ ଦେବାକୁ ଶିଖ୍‌ମାନେ ସେମାନଙ୍କର ପଗଡ଼ି ଦାନ କରି ଦେଇଛନ୍ତି।

ସମସ୍ତଙ୍କୁ ମାସ୍କ ପିନ୍ଧିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନ ପରେ ବହୁ ସଂଖ୍ୟାରେ ଶିଖ୍ ଭାଇମାନେ ମାସ୍କ ତିଆରି କରିବା ଲାଗି ସେମାନଙ୍କର ପଗଡ଼ି ଦାନ କରୁଛନ୍ତି। ବର୍ତ୍ତମାନ ସମୟରେ ପଗଡ଼ି ପିନ୍ଧିବା ବଦଳରେ ମାସ୍କ ପିନ୍ଧିବାର ଆବଶ୍ୟକତା ବହୁତ ଅଧିକ ରହିଛି। ଏଥିପାଇଁ ଶିଖ୍ ପିଲାମାନେ ସେମାନଙ୍କର ପଗଡ଼ିକୁ ମାସ୍କ ତିଆରି କରିବା ଉଦ୍ଦେଶ୍ୟରେ ଦାନ କରୁଥିବା କହିଛନ୍ତି। ଏହି ସବୁ ପଗଡ଼ିକୁ ଭଲଭାବେ ସାନିଟାଇଜ୍ କରି ମାସ୍କ ତିଆରି କରାଯିବ ଏବଂ ଦିଲ୍ଲୀର ବିଭିନ୍ନ ସ୍କୁଲ ପିଲାଙ୍କୁ ବଣ୍ଟାଯିବ ବୋଲି ଉତ୍ତର ଦିଲ୍ଲୀର ମେୟର ସୂଚନା ଦେଇଛନ୍ତି। ଦିଲ୍ଲୀର ସବୁ ସ୍କୁଲରେ ବିଭିନ୍ନ ପର୍ଯ୍ୟାୟରେ ଏହି ସବୁ ମାସ୍କ ବଣ୍ଟାଯିବ।






## ସଂକ୍ଷେପରେ

### ଲିଟର ପିଛା ୧୦ଟଙ୍କା ବଢ଼ିଲାଣି ଡିଜେଲ

**ନୂଆଦିଲ୍ଲୀ,୨୩ା୬:** ମଙ୍ଗଳବାର ତୈଳ ଦର ପେଟ୍ରୋଲ ଲିଟର ପିଛା ୨୦ ପଇସା ଏବଂ ଡିଜେଲ ୫୬ ପଇସା ବୃଦ୍ଧି ପାଇଛି। ଫଳରେ ଡିଜେଲ ଦର ଲିଟର ପିଛା ୧୦.୨ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ପେଟ୍ରୋଲ ଲିଟର ପିଛା ୨୦ ପଇସା ବୃଦ୍ଧି ଫଳରେ ଦେଶର ପେଟ୍ରୋଲ ଦର ମଧ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି ବୋଲି ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଗୋଟିଏ ପଟରେ ଲୋକଙ୍କର ଆର୍ଥିକ ଅବସ୍ଥା ଭଲ ନଥିବା ବେଳେ ଏହି ସମୟରେ ତେଲ ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଗତ ୧୭ ଦିନ ମଧ୍ୟରେ ତେଲ ଦର ବୃଦ୍ଧି ପାଇ ଚାଲିଛି। ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ତେଲ ଦର ଏଭଳି ଭାବରେ ବୃଦ୍ଧି ପାଇବ। ଅନ୍ତର୍ଜାତୀୟ ତୈଳ ବଜାରର ଦର ହ୍ରାସ ହେଉ ନ ଥିବାରୁ ଏଭଳି ସ୍ଥିତି ଲାଗି ରହିବ ବୋଲି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକଙ୍କ ପକ୍ଷରୁ କୁହାଯାଇଛି। ଚଳିତ ମାସ ୭ ରୁ ଆଜି ପର୍ଯ୍ୟନ୍ତ (ମଙ୍ଗଳବାର) ଦେଶର ତେଲ ଦର କ୍ରମାଗତ ଭାବରେ ବୃଦ୍ଧି ପାଇ ଚାଲିଛି। ଫଳରେ ପେଟ୍ରୋଲ ଉପରେ ୮.୫୦ ଟଙ୍କା ଏବଂ ଡିଜେଲ ୧୦.୨ ଟଙ୍କା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ମଙ୍ଗଳବାର ପେଟ୍ରୋଲ ଦର ୭୯.୫୬ ଟଙ୍କାରୁ ବୃଦ୍ଧି ପାଇ ୭୯.୭୬ ଟଙ୍କା ଏବଂ ଡିଜେଲ ଦର ୭୮.୮୪ ଟଙ୍କାରୁ ବୃଦ୍ଧି ହୋଇ ୭୯.୪୦ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୮୦.୩୧ ଟଙ୍କା ଓ ଡିଜେଲ ଲିଟର ପିଛା ୭୭.୫୯ ଟଙ୍କା ଛୁଇଁଛି।

# ୩.୧% ଖସିଯିବ ଜିଡିପି

**ନୂଆଦିଲ୍ଲୀ,୨୩ା୬**




ରେଟିଂ ଏଜେନ୍ସି ମୁଡିସ୍‌ର ଆକଳନ

କରୋନା ମହାମାରୀ ଯୋଗୁ ସାରା ବିଶ୍ୱରେ ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇଛି। ଭାରତର ଅର୍ଥ ବ୍ୟବସ୍ଥା ମଧ୍ୟ ଏହାର ପଞ୍ଝାରୁ ଖସି ନ ପାରି ଗଭୀର ଭାବେ ପ୍ରଭାବିତ ହୋଇଛି। ସରକାର ମାର୍ଚ୍ଚ ୨୫ରେ ପ୍ରାୟ ୨ ମାସ ଲାଗି ଦେଶରେ ଲକ୍‌ଡାଉନ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଲକ୍‌ଡାଉନ କଟକଣାକୁ କୋହଳ କରାଯାଇଥିବା ଦେଖାଯାଇଥିଲା। ହେଲେ ଦୀର୍ଘ ଦିନ ଧରି ବନ୍ଦ ପଡ଼ିଥିବା ଶିଳ୍ପସଂସ୍ଥାଗୁଡ଼ିକ ପୁଣି ଥରେ ଟ୍ରାକ୍‌କୁ ଫେରିବା ଲାଗି ବର୍ତ୍ତମାନ କଷ୍ଟ ହେଉଛି। କାରଣ ଶ୍ରମିକ ସମସ୍ୟା ଠାରୁ କଞ୍ଚାମାଲ, ସମ୍ପୂର୍ଣ୍ଣ ଭାବେ କଟକଣା ନ ଉଠିବା, କରୋନା ମାମଲା ବଢ଼ିବା ଭଳି ସମସ୍ୟା ଏବେ ଯାଏ ମଧ୍ୟ ଲାଗି ରହିଛି। ଏହାର ପ୍ରଭାବ ବଜାର ଉପରେ ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଗତି ଚଳିତ ବର୍ଷ ଆଶାନୁରୂପକ ହେବ ନାହିଁ ବୋଲି ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ କହିଛନ୍ତି। ମଙ୍ଗଳବାର ମୁଡିସ୍ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ରେ ଭାରତୀୟ ଅର୍ଥ ବ୍ୟବସ୍ଥାର ମୋଟ ଘରୋଇ ଉତ୍ପାଦ(ଜିଡିପି) ୩.୧% ଖସିଯିବ। ଏହି ରିପୋର୍ଟରେ ଭାରତର ଖରାପ ଆର୍ଥିକ ସ୍ଥିତିକୁ ଦର୍ଶାଯାଇଛି। ନିକଟରେ ଏହି ଏଜେନ୍ସି ଭାରତର ସୋଭରେନ ରେଟିଂକୁ ଖସାଇବା ପରେ ଜିଡିପି ଖସିବା ନେଇ ବର୍ତ୍ତମାନ ଆକଳନ କରିଛି।

ଚଳିତ ବର୍ଷ ଏପ୍ରିଲରେ ଏହି ଏଜେନ୍ସି ପୂର୍ବାନୁମାନ କରି କହିଥିଲା ଯେ, ଭାରତୀୟ ଅର୍ଥ ବ୍ୟବସ୍ଥା ଚଳିତ ବର୍ଷ ୦.୨% ଅଭିବୃଦ୍ଧି ହାସଲ କରିବ। ମାତ୍ର କରୋନା ଯୋଗୁ ବଜାରର ଅବସ୍ଥା ବିଗୁଡୁଥିବାରୁ ଜିଡିପି ୩.୧% ଖସିବ ବୋଲି ଆକଳନରେ କହିଛି। ୨୦୨୧ରେ ଭାରତର ଜିଡିପି ଅଭିବୃଦ୍ଧି ଉନ୍ନତ ହେବା ସହ ୬.୯% ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ମୁଡିସ୍‌ର କହିବା ମୁତାବକ,ଜି୨୦ ଦେଶଗୁଡ଼ିକ ମଧ୍ୟରେ ଚାଇନା କେବଳ ଏକମାତ୍ର ଦେଶ ଯିଏକି ଅଭିବୃଦ୍ଧି କରିବ। ଚାଇନା ଏହି ସମୟରେ ୧% ଅଭିବୃଦ୍ଧି କରିବ ବୋଲି ପୂର୍ବରୁ ଏହା ପୂର୍ବାନୁମାନ କରିଥିବା ବେଳେ ଏଥିରେ ବର୍ତ୍ତମାନ କୌଣସି ପରିବର୍ତ୍ତନ କରିନାହିଁ। ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଆର୍ଥିକ ସଙ୍କଟାବସ୍ଥା ଲମ୍ବା ସମୟ ଯାଏ ରହିବ। ୨୦୨୦ର ଦ୍ୱିତୀୟ ତ୍ରୈମାସ ଅର୍ଥ ବ୍ୟବସ୍ଥା ପାଇଁ ସବୁଠାରୁ ଖରାପ ସମୟ ସାବ୍ୟସ୍ତ ହେବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସବୁଠୁ ଖରାପ ଆର୍ଥିକ ସ୍ଥିତି ଦେଇ ବିଶ୍ୱ ଅର୍ଥ ବ୍ୟବସ୍ଥା ଗତି କରୁଛି ବୋଲି ଏହାର ରିପୋର୍ଟର ଉଲ୍ଲେଖ କରାଯାଇଛି।

ସାରା ବିଶ୍ୱରେ ଅଧିକାଂଶ ଦେଶର ଅର୍ଥ ବ୍ୟବସ୍ଥାର ଜିଡିପି ଏହି ସମୟରେ ଖସିବା ନେଇ ଆକଳନ କରାଯାଇଛି।

## ପତଞ୍ଜଳିର କୋରୋନିଲ୍‌କୁ ନେଇ ସ୍ୱଷ୍ଟୀକରଣ ଲୋଡ଼ାଗଲା

**ନୂଆଦିଲ୍ଲୀ, ୨୩ା୬:** କରୋନା ଭାଇରସ୍ ବିରୋଧରେ ବର୍ତ୍ତମାନ ସାରା ବିଶ୍ୱ ଲଢୁଥିବା ବେଳେ ପତଞ୍ଜଳି ଆୟୁର୍ବେଦ କୋରୋନିଲ୍ ଏବଂ ସ୍ୱସାରି ନାମରେ ଔଷଧ ପ୍ରସ୍ତୁତ କରିଥିବା ଯୋଗଗୁରୁ ରାମଦେବ ମଙ୍ଗଳବାର ଦାବି କରିଛନ୍ତି। ବର୍ତ୍ତମାନ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ କମ୍ପାନୀଠାରୁ ସ୍ୱଷ୍ଟୀକରଣ ଲୋଡ଼ିଛି। ଏହି ଔଷଧ ସମ୍ପର୍କରେ ପତଞ୍ଜଳି ଆୟୁର୍ବେଦଠାରୁ ମନ୍ତ୍ରଣାଳୟ ସବିଶେଷ ତଥ୍ୟ ମାଗିଥିବା ଜଣାପଡ଼ିଛି। କିଭଳି ଆଧାରରେ କମ୍ପାନୀ ଏଭଳି ଦାବି କରୁଛି ଏହାର ମେଡିସିନ ବୈଜ୍ଞାନିକ ପରୀକ୍ଷଣ ହୋଇଛି କି ନାହିଁ ସେ ନେଇ ଜଣାଇବାକୁ ପତଞ୍ଜଳିକୁ କୁହାଯାଇଛି। ଏହି ମାମଲା ସମାଧାନ ନ ହେଲା ଯାଏ ଔଷଧ ସମ୍ପର୍କିତ ବିଜ୍ଞାପନ ବନ୍ଦ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କୋରୋନିଲ୍ ଦ୍ୱାରା ଆୟୁର୍ବେଦିକ ଉପାୟରେ କରୋନାର ସଫଳ ଚିକିତ୍ସା କରାଯାଇପାରିବ ବୋଲି ରାମଦେବ ଦାବି କରିଛନ୍ତି। ମଙ୍ଗଳବାର ରାମଦେବ, ଆଚାର୍ଯ୍ୟ ବାଲକ୍ରିଷ୍ଣା ଏକ ଖବରଦାତା କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ଖବରଦାତା କାର୍ଯ୍ୟକ୍ରମରେ ମେଡିସିନ ପ୍ରସ୍ତୁତି କ୍ଷେତ୍ରରେ ଯୋଗଦାନ ରଖିଥିବା ବୈଜ୍ଞାନିକ, ଡାକ୍ତର, ଗବେଷକ ମଧ୍ୟ ସାମିଲ ଥିଲେ। ଏହି ଅବସରରେ ରାମଦେବ କହିଛନ୍ତି ଯେ, କରୋନାକୁ ଭଲ କରିବା ଦିଗରେ ପରୀକ୍ଷାମୂଳକ ଭାବେ ଏହା ପ୍ରଥମ ଆୟୁର୍ବେଦିକ ମେଡିସିନ। ପତଞ୍ଜଳିର ହରିଦ୍ୱାରସ୍ଥିତ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଜୟପୁର ଭିତ୍ତିକ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଦ୍ୱାରା ଉକ୍ତ ଔଷଧକୁ ପରୀକ୍ଷା କରାଯାଇଛି। ମେଡିସିନର ପ୍ରସ୍ତୁତି ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ ଏବଂ ଦିବ୍ୟ ଫାର୍ମାସୀ ହରିଦ୍ୱାର ଦ୍ୱାରା କରାଯାଇଛି। ମେଡିସିନ ପ୍ରସ୍ତୁତି ଲାଗି ସ୍ୱଦେଶୀ




ସାମଗ୍ରୀ ବ୍ୟବହାର କରାଯାଇଛି। ଅଶ୍ୱଗନ୍ଧା, ତୁଳସୀ ସମେତ ଅନ୍ୟ ମୂଲ୍ୟବାନ ଜଡିବୁଟିର ସମ୍ମିଶ୍ରଣରେ ଏହାକୁ ପ୍ରସ୍ତୁତ କରାଯାଇଛି। ପତଞ୍ଜଳି ଷ୍ଟୋରଗୁଡିକରେ ଏହି ଔଷଧ ୬୦୦ ଟଙ୍କାରେ ଉପଲବ୍ଧ ହେବ ବୋଲି ସୂଚନା ରହିଛି। ସେହିଭଳି ଆର୍ଥିକ ଦୁର୍ବଳ ବର୍ଗଙ୍କ ଲାଗି ଏହି ଔଷଧକୁ ମାଗଣାରେ ପ୍ରଦାନ କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ରାମଦେବ ମତ ପ୍ରକାଶ କରିଛନ୍ତି। ପତଞ୍ଜଳି ମେଗା ଷ୍ଟୋରରେ ଉପଲବ୍ଧ ହେବାକୁ ଥିବା ଏହି ଔଷଧ ମଧ୍ୟରେ ଗ୍ରାହକଙ୍କୁ ଦିବ୍ୟ କରୋନା କିଟ୍ ଉପଲବ୍ଧ ହେବ।

## ରୁଚିର ୪୫ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୨୩ା୬:** ପବିତ୍ର ରଥଯାତ୍ରା ଅବସରରେ ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ଏହାର ୪୫ତମ ପ୍ରତିଷ୍ଠା ଦିବସ କାରଖାନା ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡଃ ଶରତ କୁମାର ସାହୁ କହିଥିଲେ ଯେ, କଠିନ ପରିଶ୍ରମ ଓ ସାଧନା ଜରିଆରେ ରୁଚି ଉଦ୍ୟୋଗ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଛି। କମ୍ପାନୀର ଏହି ସଫଳତା ପଛରେ କୋଟି କୋଟି ଓଡିଆଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ରହିଛି। କର୍ମଚାରୀଙ୍କ ପାଇଁ ଆଜି ଏହା ସମ୍ଭବ ହୋଇଥିବା ସାହୁ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ରୁଚି ଗ୍ରାହକଙ୍କ ନିକଟରେ କମ୍ପାନୀ ଋଣୀ। ସେହିଭଳି କମ୍ପାନୀ ତା'ର ବହୁବିଧ ସାମାଜିକ ଓ କଲ୍ୟାଣମୂଳକ କାର୍ଯ୍ୟ ଜାରି ରଖିବ ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ସହ କମ୍ପାନୀ ଉତ୍କର୍ଷକୁ ଗୁରୁତ୍ୱ ଦେଇଆସିଛି ବୋଲି ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ କହିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ପୁରାତନ କର୍ମଚାରୀ କୁନି ଦାସ, ଆକ୍ସିସ୍ ବ୍ୟାଙ୍କର ସିବିଜି ମୁଖ୍ୟ ସୁବ୍ରତ ମହାନ୍ତି, ସୁଶାନ୍ତ ଲେଙ୍କା, ମହେନ୍ଦ୍ର ଷଡଙ୍ଗୀ, ବିଜୟ କୁମାର ସ୍ୱାଇଁ, ଦେବବ୍ରତ ପଟ୍ଟନାୟକ ଏବଂ ସଲିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଖେଳ ଖବର

### କ୍ୱାର୍ଟର ଫାଇନାଲ ଦୌଡ଼ରୁ ହରିକ୍ରିଷ୍ଣା ଆଉଟ

ଚେନ୍ନାଇ,୨୩ା୬(ପି.ଟି.): ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଚଳିତ ୧ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଚେସ୍‌ଏବଲ ମାଷ୍ଟର୍ସ ଅନ୍‌ଲାଇନ୍ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ମଙ୍ଗଳବାର ସେ ରୁଷିଆର ଆଲେଜାଣ୍ଡାର ଗ୍ରିସ୍‌ଚୁକ୍‌ଙ୍କଠାରୁ ଦଶମ ତଥା ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିବାରୁ ବଞ୍ଚିତ ହୋଇଛନ୍ତି। ଓଭରନାଇଟ୍ ଲିଡର ଭ୍ଲାଡିସ୍ଲାଭ ଆର୍ଟେମିଏଭଙ୍କଠାରୁ ହରିକ୍ରିଷ୍ଣା ପରାସ୍ତ ହୋଇଥିଲେ। ତେବେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କ ବିପକ୍ଷ ସପ୍ତମ ରାଉଣ୍ଡ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରି ଡ୍ର ରଖିବାକୁ ସକ୍ଷମ ହୋଇଥିଲେ। ଏହାପରେ ସେ ଡାନିଲ ଡୁବୋଭଙ୍କ ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ରଖିଥିଲେ। ଫଳରେ ସେ ଗ୍ରୁପ୍ ଏ'ରୁ ଆଗକୁ ଅଗ୍ରସର ହେବାର ରାସ୍ତା ବନ୍ଦ ହୋଇଥିଲା। ଭାରତର ଏହି ୩ ନମ୍ବର ଖେଳାଳି ହରିକ୍ରିଷ୍ଣା ମାଗ୍ନସ କାର୍ଲସେନ୍ ଚେସ୍ ଟୁରରେ ପଦାର୍ପଣ କରିଥିଲେ। ସୋମବାର ଖେଳାଯାଇଥିବା ନବମ ରାଉଣ୍ଡ ମ୍ୟାଚ୍‌ରେ ହରିକ୍ରିଷ୍ଣା ହିକାରୁ ନାକାମୁରାଙ୍କ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ହରିକ୍ରିଷ୍ଣା ୩.୫ ପଏଣ୍ଟ ସହ ଅଭିଯାନ ଶେଷ କରିଛନ୍ତି। ନିଜ ପ୍ରଦର୍ଶନରେ ହରିକ୍ରିଷ୍ଣା ଅସନ୍ତୋଷ ଜାହିର କରିଛନ୍ତି।

# କଳିଙ୍ଗରେ କ୍ୱାର୍ଟର, ସେମିଫାଇନାଲ

**ଭୁବନେଶ୍ୱର, ୨୩ା୬(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ମଙ୍ଗଳବାର ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ପାଇଁ ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଫଳରେ ଟୁର୍ନାମେଣ୍ଟର ଅନ୍ୟତମ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମରେ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଖେଳାଯିବା ସ୍ପଷ୍ଟ ହୋଇଛି। ଏହା ବ୍ୟତୀତ ଏଠାରେ ୬ଟି ଗ୍ରୁପ୍ ମ୍ୟାଚ ଖେଳାଯିବ। ଗ୍ରୁପ୍ 'ଏ'ର ଗୋଟିଏ ଏବଂ ଗ୍ରୁପ୍'ବି'ର ୫ଟି ମ୍ୟାଚ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଅର୍ଥାତ୍ ଗ୍ରୁପ୍ 'ବି'ର ଅଧିକାଂଶ ମ୍ୟାଚ କଳିଙ୍ଗରେ ଖେଳାଯିବ। ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୪ଟି ମ୍ୟାଚ ଖେଳାଯିବ। ଏହା କଳିଙ୍ଗ ଷ୍ଟାଡିୟମ ଏବଂ ଗୁଆହାଟୀରେ ଆୟୋଜିତ ହେବ। କଳିଙ୍ଗରେ ଗ୍ରୁପ ମ୍ୟାଚଗୁଡ଼ିକ ଫେବୃୟାରୀ ୧୭, ୨୦ ଓ ୨୩ରେ ଅନୁଷ୍ଠିତ ହେବ। ପ୍ରକୃତରେ ଏହି ପ୍ରତିଯୋଗିତା ୨୦୨୦ ନଭେମ୍ବରରେ ହେବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣ ଜନିତ କାରଣରୁ ଏହାକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି।

ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଫେବୃୟାରୀ ୨୭ ଓ ୨୮ରେ ଅନୁଷ୍ଠିତ ହେବ। ୪ଟି କ୍ୱାର୍ଟର ଫାଇନାଲ ଯଥାକ୍ରମେ ଭୁବନେଶ୍ୱର, କୋଲକାତା, ଅହମ୍ମଦାବାଦ ଓ ନଭି ମୁମ୍ବାଇରେ ଖେଳାଯିବ। କଳିଙ୍ଗରେ ଏହି ମ୍ୟାଚ ୨୮ ତାରିଖରେ ଖେଳାଯିବ। ମାର୍ଚ୍ଚ ୩ରେ ୨ଟି ଯାକ ସେମିଫାଇନାଲ ଆୟୋଜିତ ହେବ। ଏହା ନଭି ମୁମ୍ବାଇ ଓ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ତୃତୀୟ ସ୍ଥାନ ପାଇଁ କ୍ଲାସିଫିକେଶନ ଏବଂ ଫାଇନାଲ ନଭି ମୁମ୍ବାଇରେ ଅନୁଷ୍ଠିତ ହେବ। ଫେବୃୟାରୀ ୧୯, ୨୨, ୨୫, ୨୬, ମାର୍ଚ୍ଚ ୧, ୨, ଓ ୪, ୫ ଓ ୬ ତାରିଖ ବିଶ୍ରାମ ଦିବସ ରହିବ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**




### ଗୁଆହାଟୀରେ ଭାରତର ଗ୍ରୁପ୍ ମ୍ୟାଚ

ଫିଫା ପକ୍ଷରୁ ହୋଇଥିବା ଡ୍ର ଉଠାଣରେ ଆୟୋଜକ ଭାରତ ଏ-୧ ପୋଜିଶନରେ ରହିଥିଲା। ଏହି ଦଳ ସମସ୍ତ ଗ୍ରୁପ୍ ମ୍ୟାଚ ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଖେଳିବା ନିଶ୍ଚିତ ହୋଇଛି। ଭାରତ ଏହାର ପ୍ରଥମ ମ୍ୟାଚରେ ଏ-୨ ଦଳକୁ ଭେଟିବ। ଗ୍ରୁପ 'ସି' ମ୍ୟାଚ କୋଲକାତା ଏବଂ ଗ୍ରୁପ 'ଡି' ମ୍ୟାଚ ଅହମ୍ମଦାବାଦରେ ଫେବୃୟାରୀ ୧୮ରୁ ଆରମ୍ଭ ହେବ। ଫେବୃୟାରୀ ୨୦ରେ ଭାରତ ଏ-୩ ଏବଂ ୨୨ରେ ଏ-୪ ଦଳକୁ ଭେଟିବ। ଅହମ୍ମଦାବାଦ, ଭୁବନେଶ୍ୱର, ଗୁଆହାଟୀ, କୋଲକାତା ଓ ନଭି ମୁମ୍ବାଇ ୫ଟି ଆୟୋଜକ ଭେନ୍ୟୁ ଭାବେ ପୂର୍ବରୁ ସ୍ଥିରୀକୃତ ହୋଇ ସାରିଛି। ପ୍ରତିଯୋଗିତାରେ ମୋଟ ୩୨ଟି ମ୍ୟାଚ ଖେଳାଯିବ। ଦ୍ୱିତୀୟ ଥରପାଇଁ ଭାରତ ଏକ ଫିଫା ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ୨୦୧୭ରେ ଅନୁଷ୍ଠିତ ହୋଇଥିଲା।

ମହିଳା ଫୁଟବଲର ଭବିଷ୍ୟତ କୁହାଯାଉଥିବା ଯୁବ ପ୍ରତିଭାମାନଙ୍କୁ ଆଗାମୀ ବିଶ୍ୱକପରେ ଦେଖିବାକୁ ମିଳିବ। ଭାରତୀୟ ଫୁଟବଲ ପ୍ରେମୀମାନେ ନିକଟରୁ ସେମାନଙ୍କର ଖେଳ ଦେଖିବାର ସୁଯୋଗ ପାଇବେ। ଆୟୋଜକ ଦେଶଭାବେ ଭାରତ ଆଗାମୀ ବିଶ୍ୱକପ ଖେଳିବାକୁ ସ୍ୱତଃ ଯୋଗ୍ୟତା ପାଇଛି। ୨୦୧୯ ଏଏଫ୍‌ସି ୧୬ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଜାପାନ ଓ ଉତ୍ତର କୋରିଆ ଏବଂ ୨୦୨୦ ଓଏଫସି ୧୭ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍(କୋଭିଡ-୧୯ ପାଇଁ ବାତିଲ)ରୁ ନ୍ୟୁଜିଲାଣ୍ଡ ଆଗାମୀ ମେଗା ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟଗୁଡ଼ିକ ହେବାପରେ ଅବଶିଷ୍ଟ ୧୨ଟି ଦଳର ଅଂଶଗ୍ରହଣ ସ୍ପଷ୍ଟ ହେବ। ୨୦୧୮ରେ ହୋଇଥିବା ଗତ ସଂସ୍କରଣରେ ସ୍ପେନ ଚାମ୍ପିୟନ ହୋଇଥିଲା। ସ୍ପେନ ପ୍ରଥମଥର ପାଇଁ ଏହି ଟାଇଟଲ ହାସଲ କରିଥିଲା। ୨୦୨୩ ଫିଫା ମହିଳା ବିଶ୍ୱକପ କେଉଁଠାରେ ହେବ ତାହା ଚଳିତମାସ ୨୫ ତାରିଖରେ ଘୋଷଣା ହେବ।

### ପାକିସ୍ତାନର ଆଉ ୭ ଖେଳାଳି କରୋନା ସଂକ୍ରମିତ

**କରାଚୀ, ୨୩ା୬ (ପି.ଟି.):** ପାକିସ୍ତାନର ଆହୁରି ୭ଜଣ କ୍ରିକେଟର କରୋନା ସଂକ୍ରମିତ ବୋଲି ମଙ୍ଗଳବାର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସୂଚନା ଦେଇଛି। ଫଳରେ ଇଂଲଣ୍ଡ ଟୁର୍ ପାଇଁ ମନୋନୀତ ସମ୍ଭାବ୍ୟ ୨୯ ଖେଳାଳିଙ୍କ ମଧ୍ୟରୁ କୋଭିଡ୍-୧୯ ପଜିଟିଭ୍‌ଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ସୋମବାର ସୁଦ୍ଧା କରୋନା ପଜିଟିଭ କ୍ରିକେଟରଙ୍କ ସଂଖ୍ୟା ୩ ରହିଥିଲା। ସେମାନେ ହେଲେ ଶାଦାବ ଖାଁ, ହାଇଦର ଅଲି ଓ ହାରିସ୍ ରୌଫ୍। ବୁଧବାର ଯେଉଁ ୭ଜଣ ସଂକ୍ରମିତଙ୍କ ନାମ ଘୋଷଣା କରାଯାଇଛି ତନ୍ମଧ୍ୟରେ ସିନିୟର ଖେଳାଳି ମହମ୍ମଦ ହାଫିଜ ଓ ୱାହାବ୍ ରିଆଜ ଅଛନ୍ତି। ଅନ୍ୟ ୫ଜଣ ହେଲେ ଫଖର ଜମାନ, ଇମ୍ରାନ ଖାନ୍, କାଶିଫ୍ ଭଟି, ମହମ୍ମଦ ହାସ୍‌ନେନ୍ ଏବଂ ମହମ୍ମଦ ରିଜୱାନ। ଇଂଲଣ୍ଡରେ ୩ ଟେଷ୍ଟ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବା ଲାଗି ପାକିସ୍ତାନ କ୍ରିକେଟ ଦଳ ଜୁନ୍ ୨୮ରେ ୟୁନାଇଟେଡ୍ କିଙ୍ଗଡମ୍ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏଣେ ପାକିସ୍ତାନର ପଜିଟିଭ୍ ସଂଖ୍ୟା ଯଦି ବୃଦ୍ଧି ପାଏ ତଥାପି ଭ୍ରମଣକାରୀ ଦଳ ଟୁର୍ ସ୍ଥଗିତ ରଖାଯିବ ନାହିଁ ବୋଲି ଇଂଲିଶ କ୍ରିକେଟର ଜଣେ ପଦାଧିକାରୀ କହିଛନ୍ତି।

## ଓଡ଼ିଶା ଏଫ୍‌ସିକୁ ପ୍ଲେ-ଅଫ୍ ନେବାକୁ ଚାହାନ୍ତି ବକ୍ସଟର

**ଭୁବନେଶ୍ୱର, ୨୩ା୬ (କ୍ରୀଡ଼ା ପ୍ରତିନିଧି):** କରୋନା ଭାଇରସ ସଂକ୍ରମଣ ଜନିତ କଟକଣା ଯୋଗୁ ଦୂରରେ ରହିଥିଲେ ହେଁ ଓଡ଼ିଶା ଏଫସିର ନବନିଯୁକ୍ତ କୋଚ୍ ଷ୍ଟୁଆର୍ଟ ବକ୍ସଟର ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ଆଗାମୀ ଇଣ୍ଡିଆନ ସୁପରଲିଗ୍ ସିଜନରେ ଓଡ଼ିଶା ଏଫସିକୁ ପ୍ଲେ-ଅଫ୍‌କୁ ନେବା ତାଙ୍କ ଇଚ୍ଛା ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶା ଏଫସି ସର୍ବଦା ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ଦେଇ ଆସିଛି। କ୍ଲବ ମାଲିକଙ୍କ ସମେତ କର୍ମକର୍ତ୍ତାଙ୍କ ଉଚ୍ଚାକାଂକ୍ଷା, ଅଭିଳାଷରେ ଖୁବ୍ ପ୍ରଭାବିତ ହୋଇଥିଲେ ନୂଆ କୋଚ୍ । ବିଶେଷ କରି କ୍ଲବ ସମ୍ପର୍କରେ ଧାରଣା ଏବଂ ଏହି ଦଳକୁ ଓଡ଼ିଶା ସରକାରଙ୍କ ସମର୍ଥନ ହିଁ କୋଚ୍ ହେବା ପାଇଁ ତାଙ୍କୁ ପ୍ରେରିତ କରିଥିଲା ବୋଲି ସେ ପ୍ରକାଶ କରିଛନ୍ତି। କରୋନାଜନିତ କଟକଣା ଯୋଗୁ ଏଠାକୁ ଆସିପାରୁ ନ ଥିବାରୁ ସେ ଦଳର ଖେଳାଳିଙ୍କ ସମ୍ପର୍କରେ ବିଶେଷ କିଛି କହିପାରି ନଥିଲେ ମଧ୍ୟ ନିଜ ଭୂମିକା ସମ୍ପର୍କରେ ଅବଗତ ଅଛନ୍ତି। ଦଳରେ କିଛି ଅଭିଜ୍ଞ ଖେଳାଳି ରହିବା ଜରୁରୀ। ଯୁବ ଖେଳାଳିମାନେ ସୁଯୋଗର ଭରପୂର ସଦୁପଯୋଗ କରିବା ନେଇ ଆଶାବାଦୀ ଅଛନ୍ତି ବକ୍ସଟର। ଇଣ୍ଡିଆନ ସୁପରଲିଗ୍‌କୁ ଦେଖିବା ଅବସରରେ ଏଥିରେ କାର୍ଯ୍ୟ କରୁଥିବା କିଛି ବ୍ୟକ୍ତିଙ୍କୁ ଜାଣିଛନ୍ତି ବୋଲି କହିଛନ୍ତି। କିଛି ଖେଳାଳିଙ୍କ ସହ ମଧ୍ୟ ସେ ପରିଚିତ ଅଛନ୍ତି। ଓଡ଼ିଶା ଏଫସି ଦଳରେ ଉନ୍ନତି ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ। ଜଣେ ପେସାଦାର କୋଚ୍‌ଭାବେ ଦଳକୁ ପ୍ଲେ-ଅଫ୍‌କୁ ନେବା ତାଙ୍କର ଇଚ୍ଛା। ପରେ ଟୁର୍ନାମେଣ୍ଟ ଜିତିବା ସମ୍ପର୍କରେ ଚିନ୍ତା କରାଯିବ। ଓଡ଼ିଶା ଏଫସି ଏକ ଯୁବ ଦଳ ହୋଇଥିବାରୁ ଅଧିକ କିଛି କହି ହେବନାହିଁ। ବିଶେଷ କରି ଖେଳାଳିଙ୍କ ସହ ନ ମିଶିବା ପର୍ଯ୍ୟନ୍ତ ସେମାନଙ୍କ ମାନସିକ ଦୃଢ଼ତା କେତେ ରହିଛି, ସେମାନେ କେତେ ପ୍ରତିକ୍ରିୟାଶୀଳ ତାହା ନ ଜାଣି କିଛି କହିବା ଅସମ୍ଭବ ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମସ୍ତଙ୍କ ପାଇଁ କଠିନ ସମୟ ଚାଲିଛି। ସମସ୍ତେ ସୁସ୍ଥ ଏବଂ ସୁରକ୍ଷିତ ରହିବା ଜରୁରୀ। ଫୁଟବଲ ସିଜନ ଆରମ୍ଭ ପାଇଁ ସବୁଜ ସଙ୍କେତ ମିଳିଲେ ଆମେ ଓଡ଼ିଶା ଏଫସି ପାଇଁ କିଛି କରି ସମସ୍ତଙ୍କୁ ଗର୍ବିତ କରିବାକୁ ଚେଷ୍ଟା କରିବୁ ବୋଲି ବକ୍ସଟର କହିଛନ୍ତି।

## ଜୋକୋଭିଚ୍ କରୋନା ପଜିଟିଭ୍

**ବେଲ୍‌ଗ୍ରେଡ୍,୨୩ା୬(ଏପି)**



ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ସର୍ବୀୟ ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କର ହୋଇଥିବା କରୋନା ଟେଷ୍ଟରେ ପଜିଟିଭ ଆସିଛି। ସର୍ବିୟା ଓ କ୍ରୋଏସିଆରେ ସେ ଏକ ପ୍ରଦର୍ଶନୀ ଟେନିସ ସିରିଜ ଆୟୋଜନ କରିଥିଲେ। ଏଥିରେ ସେ ନିଜେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ କରୋନା ପଜିଟିଭ ହେବାରେ ସେ ଚତୁର୍ଥ ଖେଳାଳି। ଜୋକୋଭିଚ୍ ତାଙ୍କ ପ୍ରଥମ ମ୍ୟାଚ ବେଲଗ୍ରେଡ୍ ଏବଂ ପରେ କ୍ରୋଏସିଆର ଜାଦାରରେ ଅନ୍ୟ ଏକ ମ୍ୟାଚ ଖେଳିଥିଲେ। ତାଙ୍କ ସ୍ତ୍ରୀ ପଜିଟିଭ୍ ହୋଇଥିବାବେଳେ ପିଲାମାନଙ୍କ ଫଳାଫଳ ନେଗେଟିଭ୍ ଆସିଥିବା ଜୋକୋଭିଚ୍ କହିଛନ୍ତି। ସମଗ୍ର ବିଶ୍ୱରେ କରୋନାଭାଇରସ୍ ଏହାର କାୟା ବିସ୍ତାର କରି ଚାଲିଥିବାବେଳେ ଅନ୍ୟ ଦେଶଗୁଡ଼ିକରୁ ଖେଳାଳି ଆଣି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ଜୋକୋଭିଚ୍‌ଙ୍କୁ ସମାଲୋଚନାର ପାତ୍ର ହେବାକୁ ପଡ଼ିଛି। ଅନ୍ୟ ଜଣେ ଖେଳାଳି ଭିକ୍ଟର ଟ୍ରୋଇକି ଏବଂ ତାଙ୍କ ଗର୍ଭବତୀ ସ୍ତ୍ରୀ କରୋନା ପଜିଟିଭ୍ ହୋଇଥିବା ମଙ୍ଗଳବାର ଜଣାପଡ଼ିଛି। ତିନିଥର ଗ୍ରାଣ୍ଡସ୍ଲାମ ସେମିଫାଇନାଲିଷ୍ଟ ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭଙ୍କର ରବିବାର ହୋଇଥିବା ଟେଷ୍ଟରେ ପଜିଟିଭ୍ ଆସିଛି। ଶନିବାର ଜାଦାରଠାରେ ଦିମିତ୍ରୋଭଙ୍କ ସହିତ ମ୍ୟାଚ ଖେଳିଥିବା ବୋର୍ନା କୋରିକ୍‌ଙ୍କ ହୋଇଥିବା କରୋନା ଟେଷ୍ଟରେ ସୋମବାର ପଜିଟିଭ୍ ଆସିଛି। ଟୁର୍ନାମେଣ୍ଟ ଖେଳାଯାଇଥିବା ଦୁଇଟି ଦେଶରେ ସାମାଜିକ ଦୂରତ୍ୱ ନିୟମକୁ ଲୋକେ ଭଲରୂପେ ଅନୁପାଳନ କରୁନାହାନ୍ତି। ପଜିଟିଭ୍ ଟେଷ୍ଟ ସତ୍ତ୍ୱେ ଜୋକୋଭିଚ୍ ତାଙ୍କ ପ୍ରଦର୍ଶନୀ ସିରିଜ ସପକ୍ଷରେ ଯୁକ୍ତି ବାଢିଛନ୍ତି। ଜନକଲ୍ୟାଣ ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ପାଇଁ ଏହି ଇଭେଣ୍ଟର ଆୟୋଜନ କରାଯାଇଥିଲା। ଅନେକ ଆଡୁ ଏହି କାର୍ଯ୍ୟ ପ୍ରତି ସହାୟ୍ୟ ଓ ସମର୍ଥନ ମିଳିଥିଲା। ଭୁତାଣୁ ଦୁର୍ବଳ କ୍ରମେ ଦୁର୍ବଳ ହୋଇପଡ଼ିଥିବା ମନେ କରି ଆମେ ଏହି ଇଭେଣ୍ଟର ଆୟୋଜନ କରିଥିଲୁ। କିନ୍ତୁ ଦୁର୍ଭାଗ୍ୟର ବିଷୟ କରୋନା ଭାଇରସର ପ୍ରଭାବ ଏପର୍ଯ୍ୟନ୍ତ ଯାଇ ନାହିଁ। ଏହାକୁ ନେଇ କିପରି ଚଳିବାକୁ ହେବ ସେ ବିଷୟରେ ଆମେ ଏବେ ସୁଦ୍ଧା ସମସ୍ତ ବିଷୟ ଜାଣିନାହୁଁ ବୋଲି ସର୍ବୀୟ ଟେନିସ ଷ୍ଟାର କହିଛନ୍ତି। ଜୋକୋଭିଚ୍ କହିଛନ୍ତି ବର୍ତ୍ତମାନ ସେ ୧୪ ଦିନ ସେଲ୍‌ଫ ଆଇସୋଲେଶନରେ ରହିବେ। ସିରିଜ ଯୋଗୁ ଯେଉଁମାନେ ସଂକ୍ରମିତ ହୋଇଛନ୍ତି ସେମାନଙ୍କ ନିକଟରେ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ସପ୍ତାହରେ ବୋସନିଆରେ ହେବାକୁଥିବା ଇଭେଣ୍ଟର ତୃତୀୟ ପର୍ଯ୍ୟାୟକୁ ବାତିଲ କରାଯାଇଥିବା ଆଡ୍ରିଆ ଟୁର୍‌ର ଆୟୋଜକମାନେ କହିଛନ୍ତି।

## ଅଲିମ୍ପିକ ଦିବସ ପାଳନ ଅବସରରେ ୱେବିନାର୍

**ନୂଆଦିଲ୍ଲୀ, ୨୩ା୬:** ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳନ ଅବସରରେ ନାଭାଲ ଟାଟା ହକି ଏକାଡେମୀ ସହଯୋଗରେ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କ୍ରୀଡ଼ା କିମ୍ବଦନ୍ତୀ ଏବଂ ପ୍ରଶାସକମାନଙ୍କୁ ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚନାର ବିଷୟବସ୍ତୁ ଥିଲା 'ମୋମେଣ୍ଟମ ଟୁୱାର୍ଡ୍ସ ପୋଷ୍ଟ କୋଭିଡ୍-୧୯ ଅଲିମ୍ପିକ୍ସ'। ଏଥିରେ ଲିଆଣ୍ଡର ପେସ୍, ଅଭିନବ ବିନ୍ଦ୍ରା, ଅଞ୍ଜୁ ବବି ଜର୍ଜ ଓ ନେଦରଲାଣ୍ଡର ଫ୍ଲୋରିସ ବୋଭେଲାଣ୍ଡର ଆଦି କ୍ରୀଡ଼ା କିମ୍ବଦନ୍ତୀଙ୍କ ସହ ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ଓ ଯୁବକ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଭିନିଲ୍ କ୍ରିଷ୍ଣା, ଟାଟାଷ୍ଟିଲ କର୍ପୋରେଟ୍ ସର୍ଭିସେସ୍‌ର ଉପସଭାପତି ତଥା ହକି ଏସ୍ ଫାଉଣ୍ଡେଶନର ଚେୟାରମ୍ୟାନ ଚାଣକ୍ୟ ଚୌଧାରୀ ଓ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ ପ୍ରମୁଖ ଅଂଶଗ୍ରଣ କରିଥିଲେ। ଅଲିମ୍ପିକ ଗେମ୍ସରେ ସଫଳତା ହାସଲ କରିବାକୁ ହେଲେ ମିଳିମିଶି କାର୍ଯ୍ୟକରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ୱେବିନାରର ପରିଚାଳନା କରିଥିଲେ ପୂର୍ବତନ କ୍ରିକେଟର ଦୀପ ଦାସଗୁପ୍ତା।



ନରିନ୍ଦର ବାତ୍ରା

ବାତ୍ରା କହିଥିଲେ ଆସନ୍ତା ବର୍ଷଆମପାଇଁ ଗୁରୁତ୍ୱପୂର୍ଣ୍ଣ। ଅଲିମ୍ପିକ୍ସ ପାଇଁ ଆମ ଦେଶରୁ ଇତିମଧ୍ୟରେ ୭୮ଜଣ ଯୋଗ୍ୟତା ହାସଲ କରିସାରିଛନ୍ତି। କରୋନାଭାଇରସ୍‌ର ପ୍ରଭାବ ଥମିଯିବା ପରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ କ୍ୱାଲିଫାଇଂ ମିଟ୍ ଆରମ୍ଭ ହୋଇଗଲେ ଭାରତ ଟୋକିଓ ଗେମ୍ସକୁ ରେକର୍ଡ ସଂଖ୍ୟକ ୧୨୫ ଆଥଲେଟ ପଠାଇବ ବୋଲି ସେ ଦୃଢ ଆଶାବାଦୀ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୁବନେଶ୍ୱର ଇସ୍କନ ମନ୍ଦିରରେ ଶ୍ରୀଜୀଉଙ୍କ ପହଣ୍ଡି ।



ଭୁବନେଶ୍ୱରର ଜାଗମରାସ୍ଥିତ ଧର୍ମ ବିହାର ମନ୍ଦିରରେ ଶ୍ରୀ ଜୀଉଙ୍କ ପହଣ୍ଡି ।



କଟକ ଚାନ୍ଦିନୀ ଚୌକରେ ମହାପ୍ରଭୁଙ୍କ ପହଣ୍ଡି ।



ଭୁବନେଶ୍ୱର ୟୁନିଟ-୫ସ୍ଥିତ ଜଗନାଥ ମନ୍ଦିରରେ ଶ୍ରୀଜଗନାଥଙ୍କୁ ପହଣ୍ଡି କରି ଆଡ଼ପ ମଣ୍ଡପକୁ ନିଆଯାଉଛି



ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଆରସିଏମ୍ କଲେଜରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜକ ଆଳତି କରୁଛନ୍ତି ।



କଟକ ରାଣୀହାଟ ବଳଦେବ ଜୀଉ ମନ୍ଦିର ପରିସରରେ ଅସ୍ଥାୟୀ ବେଦିରେ ତିନି ଠାକୁର ।



ଖୋର୍ଦ୍ଧା ଜାଗୁଲାଇ ପାଟଣାସ୍ଥିତ ପୂର୍ନବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ନିଆଯାଉଛି ।

**ସଂକ୍ଷେପରେ**

## ଗଡ଼ିଲାନି ପତିତପାବନ ଦେବଙ୍କ ରଥ

ବାଲିଅନ୍ତା, ୨୩।୬(ଡି.ଏନ୍.ଏ): ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳରେ ରଥଯାତ୍ରା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ୪୫ଫୁଟ ଉଚ୍ଚତା ବିଶିଷ୍ଟ ପତିତପାବନ ଦେବଙ୍କ ରଥ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଟ୍ରଷ୍ଟ ବୋର୍ଡ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଟଣାକୁ ବନ୍ଦ କରାଯାଇଥିଲା। ମନ୍ଦିର ଭିତରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପତିତପାବନ ଦେବଙ୍କ ବିଗ୍ରହଙ୍କୁ ପହଣ୍ଡି କରି ସେବକମାନେ ଅଣସର ପିଣ୍ଡିରୁ ଆଣି ଜଗମୋହନ ଗୃହ ଭିତରେ ରଖିଥିଲେ। ସେଠାରେ ଠାକୁରଙ୍କୁ ଟାହିଆ ଲଗାଯାଇଥିଲା। ପରେ ସମସ୍ତ ନୀତି ସହ ହୋମ ଯଜ୍ଞ କରି ବାଲଭୋଗ କରାଯାଇଥିଲା। ପରେ ରଥକାର୍ଯ୍ୟ କରି ମାଉସୀ ମା'ଙ୍କ ପାଖକୁ ଆଜ୍ଞାମାଳ ପଠାଯାଇଥିଲା।

## ପାଲିଙ୍କିରେ ଗଲେ ଶ୍ରୀ ଜୀଉ

ନିଆଳି, ୨୩।୬(ଡି.ଏନ୍.ଏ.): ନିଆଳି ବ୍ଲକ ଅନ୍ତର୍ଗତ ରାଣୀଓଳା ପଞ୍ଚାୟତ ପଦାତିରା ଗ୍ରାମରେ ରଥ ପରମ୍ପରାକୁ ବଜାୟ ରଖିବାକୁ ନେଇ ଯଥାବିଧି ନୀତିକାନ୍ତି ସରିବା ପରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରି ଛେରାପହଁରା କରାଯାଇ ମନ୍ଦିର ବେଢ଼ାରେ ୨ ହାତ ରଥ ଟଣା ଯାଇଥିଲା। ଏହାପରେ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଦାରୁ ଦିଅଁଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ବସାଯାଇ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ନିଆଯାଇଥିଲା। ଘଣ୍ଟୁଆ ଶଙ୍ଖୁଆ ଓ ପୂଜା ପଣ୍ଡାଙ୍କ ସମେତ ୭ଜଣ ଯୋଗଦେଇ କାର୍ଯ୍ୟ କରିଥିଲେ।

## ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ରଥଯାତ୍ରା

ପୁରୁଣା ଭୁବନେଶ୍ୱର, ୨୩।୬(ଡି.ଏନ୍.ଏ.): ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ମଙ୍ଗଳବାର ଗୁଣ୍ଡିଚା ଯାତ୍ରା ପୂଜା ସମାପନ ହୋଇଛି। ଶ୍ରୀ ଲିଙ୍ଗରାଜ ମନ୍ଦିରରେ ସନ୍ଧ୍ୟା ଧୂପ ଶେଷ ହେବା ପରେ ଉକ୍ତ ଦିନର ପାଳିଆ ପତ୍ରୀ ଘଣ୍ଟ, କାହାଳୀ, ଛତା ସହ ସେବାୟତମାନେ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିରରେ ପହଞ୍ଚିଥିଲେ। ବିଶୋୟୀ ସେବାୟତ ଭୋଗ ନେଇ ପହଞ୍ଚିଥିଲେ। ମନ୍ଦିରରେ ସେବାୟତମାନେ ଶ୍ରୀଅନନ୍ତ ବସୁଦେବଙ୍କୁ ଜଗନ୍ନାଥ ବେଶ କରାଇଥିଲେ। ପରେ ଠାକୁରଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପୂଜା ପାଳନ ହେବା ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା ବୋଲି ସେବାୟତ ଶରତ କୁମାର ମହାପାତ୍ର କହିଛନ୍ତି। ଶ୍ରୀ ଲିଙ୍ଗରାଜଙ୍କ ସେବାୟତ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ପରେ ମନ୍ଦିରରେ ବଡ଼ସିଂହାର, ପଞ୍ଚବକ୍ର ଆଳତି ହୋଇ ପହଡ଼ ପଡ଼ିଥିଲା।

## କେବଳ ନୀତି ସମ୍ପନ୍ନ

କୃଷ୍ଣପ୍ରସାଦ, ୨୩।୬(ଡି.ଏନ୍.ଏ.): ମାଲୁଦର ଦଧିବାମନ ଦେବ, କୃଷ୍ଣପ୍ରସାଦଗଡ଼ ଜଗନ୍ନାଥ, ଲୀଳାକ୍ଷେତ୍ର ଗୁରୁବାଇ, ଚିଲିକାର ସାଗର ଶ୍ରୀକ୍ଷେତ୍ର, ବଜ୍ରକୋଟ ଜଗନ୍ନାଥ ମନ୍ଦିରରେ ବିଧି ଅନୁଯାୟୀ ଠାକୁରଙ୍କ ନୀତି ସମ୍ପନ୍ନ କରାଯାଇଥିଲା। ମାଲୁଦର ଦଧିବାମନ ଦେବଙ୍କୁ ପୂଜକମାନେ ସିଂହାସନରୁ ପହଣ୍ଡିରେ ଆଣି ନିକଟ ଗୃହରେ ଅବସ୍ଥାନ କରାଇଥିଲେ।

# ପହଣ୍ଡି ହେଲା, ରଥ ଗଡ଼ିଲାନି

କଟକ ଅଫିସ, ୨୩।୬

ନୀତିକାନ୍ତି କରାଗଲା, ପହଣ୍ଡି ହେଲା। କିନ୍ତୁ ହେଲେ ରଥ ଗଡ଼ିଲାନି। ପବିତ୍ର ରଥଯାତ୍ରା କଟକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପାଳନ କରାଯାଇଛି ସତ, ହେଲେ ଏଭଳି ଢଙ୍ଗରେ ପୂର୍ବରୁ କେବେ ହୋଇନି ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ କହିଛନ୍ତି। ଜଗନ୍ନାଥ ମନ୍ଦିର ପକ୍ଷରୁ ମନ୍ଦିର ବେଢ଼ାକୁ ମାଉସୀଘରରେ ପରିଣତ କରାଯାଇଛି। ବେଢ଼ାରେ ଶ୍ରୀଜୀଉଙ୍କୁ ଏବେ ୯ଦିନ ରଖାଯିବ। ଏଠାରେ ହିଁ ହେବ ସୁନାବେଶ, ଅଧରପଣା ଆଉ ବାହୁଡ଼ା।

**ମନ୍ଦିର ବେଢ଼ା ହେଲା 'ମାଉସୀଘର'**

କରୋନା ଯୋଗୁ ରଥଯାତ୍ରାର ରୀତିନୀତିରେ ଅନେକ ପରିବର୍ତ୍ତନ କରାଯାଇଛି। ମଙ୍ଗଳବାର ଜଗନ୍ନାଥ ମନ୍ଦିରରେ କେବଳ ପୂଜକ ଓ କିଛି ନିର୍ଦ୍ଦିଷ୍ଟ କମିଟି ସଦସ୍ୟ ଯୋଗ ଦେଇଥିଲେ। ଭୋର୍ ୫ଟାରେ ମଙ୍ଗଳଆଳତୀ କରାଯିବା ପରେ ୯ଟା ସୁଦ୍ଧା ଟାହିଆ ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଦିନ ୧୧ଟାରୁ ୧୨ଟା ମଧ୍ୟରେ ବିଭିନ୍ନ ମନ୍ଦିରରେ ଛେରାପହଁରା କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସହରର ଏକ ପ୍ରମୁଖ ଜଗନ୍ନାଥ ପୀଠ ହେଉଛି ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର। ଏଠାକାର ରଥଯାତ୍ରାରେ ସର୍ବାଧିକ ଭିଡ଼ ହୁଏ। ତିନି ଠାକୁର କାଫଲାବଜାରସ୍ଥିତ ମାଉସୀଘରକୁ ଯାଆନ୍ତି। ଚଳିତବର୍ଷ ମନ୍ଦିର ବେଢ଼ାରେ ଥିବା ବିମଳା ମନ୍ଦିର ସମ୍ମୁଖରେ ଏକ ଅସ୍ଥାୟୀ ମାଉସୀମା' ଘର କରି ଶ୍ରୀଜୀଉଙ୍କୁ ରଖାଯାଇଥିବା ରଥଯାତ୍ରା ପରିଚାଳନା କମିଟି ସମ୍ପାଦକ ଭିକାରୀ ଦାସ କହିଛନ୍ତି। ମନ୍ଦିରର ମୁଖ୍ୟ ପୂଜକ ଅଗାଧୁ ପଣ୍ଡା ଛେରା ପହଁରା କରିଥିଲେ। ସେହିପରି ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ଜୟଜଗନ୍ନାଥ କଲୋନୀ ଜଗନ୍ନାଥ ମନ୍ଦିର ବିଗ୍ରହ ମଧ୍ୟ ମନ୍ଦିର ବେଢ଼ାରେ ରହିଛନ୍ତି। ଏଠାରେ ପୀତାମ୍ବର ସ୍ୱାଇଁ ଛେରା ପହଁରା କରିଥିଲେ। ଏହି ମନ୍ଦିରର ତିନି ଠାକୁର ଖପୁରିଆସ୍ଥିତ ମାଉସୀମା ମନ୍ଦିରକୁ ରଥରେ ଯାଆନ୍ତି। ରାଣୀହାଟ ବଳଦେବଜୀଉ ମନ୍ଦିରରେ ସହରର ସବୁଠାରୁ ଉଚ୍ଚରଥ ନିର୍ମାଣ କରାଯାଏ। ଗତ ୬ବର୍ଷ ଧରି ରଥଯାତ୍ରା ଆୟୋଜନ ହେଉଥିବା ବେଳେ ଏଠାରେ ଜିଲାପାଳ ଛେରାପହଁରା କରନ୍ତି। ଏହି ମନ୍ଦିରରେ ଚଳିତବର୍ଷ ଛେରା ପହଁରା ହୋଇନାହିଁ ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ବିଜୟ ସାହୁ କହିଛନ୍ତି। ନିକଟସ୍ଥ ରାଣୀହାଟ ଦୁର୍ଗା ମଣ୍ଡପକୁ ମାଉସୀ ମା' ମନ୍ଦିର ଭାବେ ବ୍ୟବହାର କରାଯାଏ। ଚଳିତବର୍ଷ ବେଢ଼ା ଭିତରେ ଶ୍ରୀଜୀଉଙ୍କୁ ରଖାଯାଇଛି।

# ଗୁଣ୍ଡିଚା ମନ୍ଦିରରେ ତିନି ଠାକୁରଙ୍କ ଆଜ୍ଞାମାଳ ବିଜେ

ଖୋର୍ଦ୍ଧା ଅଫିସ, ୨୩।୬

- ଭାଙ୍ଗିଲା ୪୦ବର୍ଷର ପରମ୍ପରା
- ବିଧି ଅନୁଯାୟୀ ନୀତି କରାଯିବ

ଚଳିତ ବର୍ଷ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବ୍ୟତୀତ ଦେଶରେ ସମସ୍ତ ରାଜ୍ୟରେ ରଥଯାତ୍ରା ବନ୍ଦ ରହିଛି। ଏହିକ୍ରମରେ ଖୋର୍ଦ୍ଧାର ପ୍ରସିଦ୍ଧ ଜାଗୁଲାଇପାଟଣାସ୍ଥିତ ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା କେବଳ ବିଧି ଅନୁଯାୟୀ ମହାପ୍ରଭୁଙ୍କ ଆଜ୍ଞାମାଳ, ନଡ଼ିଆ, ଗୁଆ ଆଦି ଏକ ପଟୁଆରରେ ନିଆଯାଇ ଗୁଣ୍ଡିଚା ମନ୍ଦିରରେ ସ୍ଥାପନ କରାଯାଇଛି। ସେଠାରେ ନବଦିନାତ୍ମକ ବିଧି ଅନୁଯାୟୀ ପୂଜାର୍ଚ୍ଚନା ସହ ଅନ୍ୟାନ୍ୟ ନୀତି କରାଯିବ ବୋଲି ମନ୍ଦିର ସେବାୟତ କମଳକାନ୍ତ ଦାସ ମହାରାଜ କହିଛନ୍ତି। ମଙ୍ଗଳବାର ଭୋର ୪ଟାରେ ଦ୍ୱାର ଫିଟା, ୫ଟାରେ ମଙ୍ଗଳ ଆଳତି, ୬ଟାରେ ବାଲଭୋଗ ଅର୍ପଣ ପରେ ବେଶ କରାଯାଇଥିଲା। ମଧ୍ୟାହ୍ନରେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥରେ ବିଜେ କରାଯାଇ ରଥ ପ୍ରତିଷ୍ଠା ହୋଇଥିଲା। ଅପରାହ୍ନ ୪ଟାରେ ମନ୍ଦିର ସେବକ, ମନ୍ଦିର ପରିଚାଳନା କମିଟି ଏବଂ କମ୍ ସଂଖ୍ୟକ କର୍ମକର୍ତ୍ତା ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। ଘଣ୍ଟ ଘଣ୍ଟା ଆଦି ବାଦ୍ୟ ଯନ୍ତ୍ର ସହ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଏହାକୁ ସ୍ଥାପନା କରିଥିଲେ। କମଳକାନ୍ତ ଦାସ ମହାରାଜଙ୍କ ସମେତ ଐତିହ୍ୟ ଗବେଷକ ବୈକୁଣ୍ଠନାଥ ମହାପାତ୍ର, ବୀରେନ୍ଦ୍ର ଛୋଟରାୟ, ମୀନକେତନ ମହାନ୍ତି, ମାର୍କଣ୍ଡ ପ୍ରଧାନ ପ୍ରମୁଖଙ୍କ ସମେତ କମିଟି ସଦସ୍ୟ ସାମିଲ ହୋଇଥିଲେ। ମନ୍ଦିରରେ ଭକ୍ତଙ୍କ ପ୍ରବେଶ ନିଷେଧ ଥିବାରୁ ଖାଁ ଖାଁ ପରିବେଶ ରହିଥିଲା। ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗବେଷକ ବୈକୁଣ୍ଠନାଥ କହିଛନ୍ତି ଯେ, ଦେଶରେ କେବଳ ଜାଗୁଲାଇପାଟଣା ଠାରେ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ଗଜପତି ମହାରାଜା ତୃତୀୟ ଦିବ୍ୟସିଂହ ଦେବଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଏହି ମନ୍ଦିରରେ ୧୯୮୦ମସିହାରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। କରୋନା ଲାଗି ଦୀର୍ଘ ୪୦ବର୍ଷ ଧରି ଚାଲି ଆସୁଥିବା ଏହି ରଥଯାତ୍ରା ପରମ୍ପରା ଭଙ୍ଗ ହୋଇଛି। କେବଳ ପରମ୍ପରା ରକ୍ଷା କରାଯାଇଛି। ଶ୍ରୀକ୍ଷେତ୍ର ଭଳି ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ମହିମା ମଧ୍ୟ ଅନନ୍ୟ।

## ରଥରୁ ପଡ଼ି ସେବାୟତ ଗୁରୁତର

ପୁରୀ ଅଫିସ, ୨୩।୬

ମଙ୍ଗଳବାର ରଥରୁ ପଡ଼ି ଜଣେ ଦଇତାପତି ସେବକ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେଣୁ ରଥ ଉପରେ ଠାକୁରଙ୍କ ନୀତିକାନ୍ତି କରିବା ଲାଗି ଶିଢ଼ି ବ୍ୟବସ୍ଥା କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର। ତାଳଧ୍ୱଜ ରଥ ଶରଧାବାଲିରେ ଲାଗିବା ପରେ ବାଉରୀବନ୍ଧୁ ଦାସମହାପାତ୍ର (୬୪) ଓହ୍ଲାଉଥିଲେ। ମାତ୍ର ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କର ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବିନାୟକ ଦାବି କରିଛନ୍ତି।

# ଏକାଠି ହେଲେନି ଭକ୍ତ, ଭଗବାନ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ଗଡ଼ିଲାନି ରଥ। ଏକାକାର ହୋଇପାରିଲେନି ଭକ୍ତ ଓ ଭଗବାନ। କେବଳ ବିଧିରକ୍ଷା ପାଇଁ ମନ୍ଦିର ଏବଂ ପ୍ରତୀକ ରଥରେ ସମ୍ପନ୍ନ ହେଲା ରଥଯାତ୍ରାର ନୀତିକାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନି ମଙ୍ଗଳବାର ପୁରୀ ବ୍ୟତୀତ ଆଉ କେଉଁଠାରେ ରଥ ଗଡ଼ି ନଥିଲା। ରାଜଧାନୀ ଭୁବନେଶ୍ୱରର ରଥ ପଥ ସବୁ ଖାଁ ଖାଁ ଥିଲା। ସହରର ସମସ୍ତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ରତ୍ନ ସିଂହାସନରୁ ପହଣ୍ଡି କରାଯାଇ ମନ୍ଦିର ପରିସର ମଧ୍ୟରେ କରାଯାଇଥିବା ଜନ୍ମବେଦିକୁ ନିଆଯାଇଥିଲା। ଭୁବନେଶ୍ୱରର ଇସ୍କନ ମନ୍ଦିର ସମେତ କିସ୍ ଶ୍ରୀବାଣି କ୍ଷେତ୍ର, ଓୟୁଏଟି, କୋଳଥିଆ ଏବଂ ଜାଗମରା ଭଳି ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଏହି ଅନୁଯାୟୀ ଚଳିତବର୍ଷ ରଥଯାତ୍ରା ନୀତି ଅନୁଷ୍ଠିତ ହୋଇଥିଲା। ଇସ୍କନ ରଥଯାତ୍ରାରେ ଏଥର ନା ଥିଲା ଭକ୍ତଙ୍କ ଭିଡ଼ ନା ଘଣ୍ଟ ଘଣ୍ଟା ହୁଳହୁଳିର ଶବ୍ଦ। ଇସ୍କନର ପ୍ରସାଦ ହଲ୍‌କୁ ଗୁଣ୍ଡିଚା ମନ୍ଦିର କରାଯାଇ ସେଠାକୁ ଶ୍ରୀଜିଉଙ୍କୁ ପହଣ୍ଡି କରି ନିଆଯାଇଥିଲା ବୋଲି ଉପେନ୍ଦ୍ର ମିଶ୍ର ଦାସ କହିଛନ୍ତି। ସେହିଭଳି କିଟ୍ ଶ୍ରୀବାଣୀ କ୍ଷେତ୍ର ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି କରାଯାଇଥିଲା। ଭୋର ୩ଟାରୁ ନୀତି ଆରମ୍ଭ ହୋଇଥିଲା। ମଇଲମ, ତଡ଼ପଲାଗି, ଅବକାଶ ନୀତି ଆଦି ପରେ ରଥପ୍ରତିଷ୍ଠା ଓ ପହଣ୍ଡି ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ନିର୍ମିତ ଅସ୍ଥାୟୀ ମାଉସୀଘରକୁ ଠାକୁରଙ୍କୁ ନିଆଯାଇଥିଲା। ଆର୍‌ସିଏମ୍, ଓୟୁଏଟି, କୋଳଥିଆ, ଜାଗମରା, ପଟିଆ, ଶୈଳଶ୍ରୀ ବିହାର ଏବଂ ଡୁମୁଡୁମାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଆଦିରେ କେବଳ ନୀତିକାନ୍ତି ଏବଂ ପହଣ୍ଡି ବିଜେ କରାଯାଇଥିଲା।



**ବାଲିରଥରେ ମହାପ୍ରଭୁ**

ଦୁଃଖ ଓ ଅପମାନରେ ଦିନେ ଜର୍ଜରିତ ହୋଇ ବଳରାମ ଦାସ ପୁରୀ ସମୁଦ୍ର ବେଳାଭୂମିରେ ବାଲି ରଥ ନିର୍ମାଣ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ଏହାର ଦୀର୍ଘବର୍ଷ ପରେ ମଙ୍ଗଳବାର ପୁଣିଥରେ ସେଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କରୋନା କଟକଣା ପାଇଁ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଶ୍ରୀ ଜଗନ୍ନାଥ ମନ୍ଦିରରେ କାଠ ପରିବର୍ତ୍ତେ ୮ଫୁଟ୍ ଓସାର ଓ ୧୦ଫୁଟ୍ ଉଚ୍ଚର ବାଲି ରଥରେ ରଥଯାତ୍ରା ହୋଇଥିଲା। ମନ୍ଦିର ପରିସରରେ ପହଣ୍ଡି ସହ ସମସ୍ତ ନୀତିକାନ୍ତି କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ନିୟମକୁ ପୁରୀବାସୀଙ୍କ ସମ୍ମାନ

ପୁରୀ ଅଫିସ୍: ସମସ୍ତେ ଘରେ ବସି ଟିଭିରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଜିଲାପାଳ ବଲୱନ୍ତ ସିଂଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ପୋଲିସ ଡିଜି ଅଭୟ ବଡ଼ଦାଣ୍ଡକୁ ନ ଆସିବା ଲାଗି କହିଥିଲେ। ଏହି କଟକଣାକୁ ସମ୍ପୂର୍ଣ୍ଣ ଭାବେ ସମ୍ମାନ ଦେଇଛନ୍ତି ପୁରୀବାସୀ। ବଡ଼ଦାଣ୍ଡକୁ ବାହାରି ନାହାନ୍ତି କିମ୍ବା ବାହାରିବା ଲାଗି ଅବାଧ୍ୟ ହୋଇନାହାନ୍ତି। କାରଣ ସେମାନେ ଚାହୁଁଥିଲେ ଭକ୍ତ ଦର୍ଶନ ନ କରନ୍ତୁ ପଛେ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥ ଗଡୁ। ବିଭିନ୍ନ ଗଳିରୁ ପ୍ରାୟ ୨୦୦/୩୦୦ ମିଟର ଦୂରରେ ଠିଆ ହୋଇ ମହାପ୍ରଭୁଙ୍କ ରଥକୁ ହିଁ ମୁଣ୍ଡିଆ ମାରିଥିଲେ।

## ରଥ ନିକଟରେ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ସାଧକଙ୍କ ଗାଡ଼ି

ରଥାରୂଢ଼ ଠାକୁରଙ୍କ ଦର୍ଶନ କରିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ଶଙ୍କରାଚାର୍ଯ୍ୟ ଗୋଟିଏ ଗାଡିରେ ଆସିଥିବା ବେଳେ ଆଉ ୨ଟି କାରରେ ତାଙ୍କ ଶିଷ୍ୟ ସାଧକ ଆସିଥିଲେ। ଏହି ତିନୋଟି ଯାକ ଗାଡି ରଥ ନିକଟ କର୍ଡନ ପାଖରେ ଲାଗିଥିଲା। ରଥଯାତ୍ରା ପରିଚାଳନା କରିବାକୁ ଆସିଥିବା ମନ୍ତ୍ରୀ ଏବଂ ଅଫିସରଙ୍କ ଗାଡ଼ି ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ପାର୍କିଂ କରୁଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ସାଧକଙ୍କ ଗାଡ଼ି ରଥ ନିକଟ କର୍ଡନ ପାଖକୁ ଯିବା ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶଙ୍କରାଚାର୍ଯ୍ୟଙ୍କ ଗାଡ଼ି ରଥ ପାଖକୁ ଆସିଲା ଠିକ୍ ଅଛି, ମାତ୍ର ତାଙ୍କ ଶିଷ୍ୟ ସାଧକଙ୍କ ଗାଡି କାହିଁକି ଯିବ ବୋଲି ପ୍ରଶ୍ନ ଉଠାଇଥିଲେ। ସେହିପରି ଜଗଦ୍‌ଗୁରୁଙ୍କ ସହ ଏଥର ଅଧିକ ଶିଷ୍ୟ ସାଧକ ଆସିଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ଅବଶ୍ୟ ସମସ୍ତେ ରଥ ଉପରକୁ ଯାଇ ନ ଥିଲେ। ପୂର୍ବରୁ ଗୁରୁଜୀଙ୍କ ସହ ଯେତିକି ରଥ ଉପରକୁ ଯାଇଥାନ୍ତି ସେତିକି ଜଣ ଯାଇଥିଲେ ବୋଲି କହିଛନ୍ତି ଗୋବର୍ଦ୍ଧନ ମଠର ମୁଖପାତ୍ର ମନୋଜ ରଥ।

## ନ ଥିଲା ହରିବୋଲ, ହୁଳହୁଳି ଧ୍ୱନି

ରଥଯାତ୍ରା ଦିନ ବଡ଼ଦାଣ୍ଡ ହୋଇଯାଏ ଭକ୍ତମୟ। ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର କେବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ସମଗ୍ର ବଡ଼ଦାଣ୍ଡ ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ଫାଟିପଡେ। ସଂକୀର୍ତ୍ତନ ଓ ବିଭିନ୍ନ ପ୍ରକାର ନୃତ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ। ହେଲେ ଏଥର ସେମିତି କିଛି ଦେଖିବାକୁ ମିଳିନାହିଁ କି ହରିବୋଲ, ହୁଳହୁଳି ଧ୍ୱନି ବି ଶୁଣିବାକୁ ମିଳି ନ ଥିଲା।

## ନିରାଶ ନୃତ୍ୟଶିଳ୍ପୀ

ସ୍ନାନଯାତ୍ରା ହେଉ କିମ୍ବା ରଥଯାତ୍ରା ଅବା ବାହୁଡ଼ା ଏହି ସମୟରେ ଶ୍ରୀକ୍ଷେତ୍ରର ନୃତ୍ୟ ଶିଳ୍ପୀମାନେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥାନ୍ତି। ବିଶେଷକରି ରଥଯାତ୍ରା ଏବଂ ବାହୁଡା ପହଣ୍ଡି ଆଗରେ ଓଡ଼ିଶୀ, ମାହାରୀ ଆଦି ନୃତ୍ୟ ସାଙ୍ଗକୁ ବନାଟି ପ୍ରଦର୍ଶନ କରାଯାଇଥାଏ। ବିଭିନ୍ନ ବେଶଧାରୀ ବି ଶ୍ରଦ୍ଧାଳୁଙ୍କ ମନ ଜିଣନ୍ତି। ହେଲେ ଏଥର କଟକଣା ଲାଗି ନୃତ୍ୟଶିଳ୍ପୀ ଓ ବେଶଧାରୀମାନେ ବଞ୍ଚିତ ହୋଇଛନ୍ତି। ସେମାନଙ୍କର ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପ୍ରଦର୍ଶନ କରିବା ଆଶା ମଉଳି ଯାଇଛି। କେହି କେହି ସଜ ହୋଇ ଆସିଥିଲେ ବି ସେମାନଙ୍କୁ ବଡ଼ଦାଣ୍ଡକୁ ପ୍ରବେଶ ପାଇଁ ଅନୁମତି ମିଳି ନ ଥିଲା। ଯେଉଁଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ ପୁରୀ ବେହେରା ସାହିର ଦୁର୍ଗାପ୍ରସାଦ ଦାସ । ୨୭/୨୮ ବର୍ଷ ଧରି ରଥଯାତ୍ରାରେ ନୃତ୍ୟ କରୁଥିବା ଦୁର୍ଗାପ୍ରସାଦ କହିବା ବେଳେ ଆଖି ତାଙ୍କର ଛଳ ଛଳ ହୋଇଯାଉଥିଲା। ଆଉ କେହି ନିଜ ଘରେ ରହି ମହାପ୍ରଭୁଙ୍କୁ ସ୍ମରଣ କରି ନୃତ୍ୟ କରିଥିଲେ।

# ଡଙ୍ଗାରେ ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା



ଖୋର୍ଦ୍ଧା ଅଫିସ, ୨୩।୬

କରୋନା ଲାଗି ଚଳିତବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବ୍ୟତୀତ ଦେଶରେ ସମସ୍ତ ରାଜ୍ୟରେ ରଥଯାତ୍ରା କେବଳ ନୀତିକାନ୍ତିରେ ହେଉଥିବା ଦେଖିବାକୁ ମିଳିଛି। ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ନଈରି ଗ୍ରାମ ନିକଟ କାଙ୍କଣ କୁଦରେ ଚତୁର୍ଦ୍ଧା ବିଗ୍ରହଙ୍କ ନିଆରା ଢଙ୍ଗରେ ରଥାଯାତ୍ରା ପାଳନ କରାଯାଇଥିଲା। ସାମାଜିକ ଦୂରତ୍ୱ ପାଳନ କରି ନନ୍ଦିଘୋଷ ରଥ ନାମରେ ଏକ ଡଙ୍ଗାରେ ଚତୁର୍ଦ୍ଧା ବିଗ୍ରହଙ୍କୁ କାଙ୍କଣ କୁଦର ଚତୁଃପାର୍ଶ୍ୱରେ ନୀଳଜଳ ରାଶିରେ ୭ଥର ପରିକ୍ରମା କରାଯାଇଥିଲା। ଏହା ପରେ ମନ୍ଦିରରେ ପ୍ରବେଶ କରାଯାଇଥିଲା।

## ଡମଣା ହାଟରେ ୬ ଯୁବକଙ୍କ ଉତ୍ପାତ

ଭୁବନେଶ୍ୱର,୨୩।୬(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଡମଣା ହାଟରେ ୬ଜଣ ଯୁବକ କାର କାଚ ଭାଙ୍ଗିବା ସହ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପିସିଆର ଭ୍ୟାନ୍‌କୁ ଫୋନ୍‌ରେ ଜଣାଇଥିଲେ। ପ୍ରାୟ ୪୫ ମିନିଟ ପରେ ସେଠାରେ ପିସିଆର ପହଞ୍ଚିଥିଲା। ହେଲେ ସେଠାରୁ ଉକ୍ତ ଯୁବକମାନେ ପଳାଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଉକ୍ତ ଯୁବକମାନଙ୍କୁ ଧରି ପାରି ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଖୋର୍ଦ୍ଧାରେ ୬ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୩।୬ : ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ ଦେଇ)ରେ ମଙ୍ଗଳବାର ପୁଣି ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଣପୁରର ୨, ଖୋର୍ଦ୍ଧା ବ୍ଲକର ୨ ଏବଂ ବାଲୁଗାଁ ଓ ଜଟଣୀର ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିଲେ। ସମସ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ମଙ୍ଗଳବାର ଜିଲାର ୧୦୫ଜଣଙ୍କ ନମୁନା ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

### କଟକ: ୫ ଚିହ୍ନଟ, ୧୪ ସୁସ୍ଥ

କଟକ ଅଫିସ,୨୩।୬: କଟକ ଜିଲାରୁ ମଙ୍ଗଳବାର ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସହରରୁ ଦୁଇଜଣ ରହିଥିବା ବେଳେ ବାଙ୍କୀ ସହର, ସାଲେପୁର ଏବଂ ନିଶ୍ଚିନ୍ତକୋଇଲିରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। କଟକ ସହରର କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରୁ ପୂର୍ବରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ଏହି ଦୁଇଜଣ ଆକ୍ରାନ୍ତ ସମ୍ପର୍କୀୟ। ଉଭୟ ପୁରୁଷ ହୋଇଥିବା ବେଳେ ଜଣଙ୍କ ବୟସ ୨୩ ଏବଂ ଅନ୍ୟ ଜଣଙ୍କ ବୟସ ୩୨ ବର୍ଷ ବୋଲି ଜଣାପଡ଼ିଛି। ଏଥିସହ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୯୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୩୯୯ ଜଣ ସୁସ୍ଥ ହୋଇଥିବା ବେଳେ ୮୯ ଜଣ ଚିକିତ୍ସାଧୀନ ରହିଛନ୍ତି। ମଙ୍ଗଳବାର ୧୪ ଜଣ ସୁସ୍ଥ ହୋଇଛନ୍ତି। ୪ ଜଣଙ୍କ ମୃତ୍ୟୁ ହୋଇଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଅନ୍ତା,୨୩।୬(ଡି.ଏନ୍.ଏ): ବାଲିଅନ୍ତା ଥାନା ଅଧୀନ ପଞ୍ଚଳ ଗ୍ରାମର ଏକ ଚାକୁଣ୍ଡା ଗଛରୁ ଜଣେ ଯୁବତୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଗୋଲାପ ଦାସ। ଏ ନେଇ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ନଂ.୨୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ବିଳମ୍ବିତ ରାତିରେ ଘରେ ଗୋଲାପ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘର ନିକଟସ୍ଥ ଏକ ଗଛରେ ବେକରେ ଓଢ଼ଣି ଲଗାଇ ଝୁଲୁଥିବାର ଦେଖିଥିଲେ। ଏ ନେଇ ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରିଛି।

### ବିଜୟ ମହାନ୍ତି, ଦୀପା ସାହୁଙ୍କୁ ସିନେ କଳାକାର ସଂଘର ସହାୟତା

ଭୁବନେଶ୍ୱର,୨୩।୬(ବ୍ୟୁରୋ): କର୍କଟ ରୋଗରେ ଆକ୍ରାନ୍ତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅଭିନେତ୍ରୀ ଦୀପା ସାହୁଙ୍କୁ ସହାୟତାର ହାତ ବଢ଼ାଇଛି ଓଡ଼ିଆ ସିନେ କଳାକାର ସଂଘ। ଏହାସହ ଚିକିତ୍ସାଧୀନ ଥିବା ବରିଷ୍ଠ ଅଭିନେତା ବିଜୟ ମହାନ୍ତିଙ୍କୁ ମଧ୍ୟ ସଂଘ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସିନେ କଳାକାର ସଂଘର ସଦସ୍ୟମାନେ ମଙ୍ଗଳବାର ଉଭୟଙ୍କୁ ହସ୍ପିଟାଲରେ ଭେଟି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ବିଜୟ ମହାନ୍ତିଙ୍କୁ ୧ ଲକ୍ଷ ଟଙ୍କା ଓ ଦୀପା ସାହୁଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା।

### ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଭାଜପା ନେତାଙ୍କ ମାଲ୍ୟାର୍ପଣ

ଭୁବନେଶ୍ୱର,୨୩।୬(ବ୍ୟୁରୋ): ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୬୭ତମ ପୁଣ୍ୟତିଥୀ ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଭାଜପା ନେତୃବୃନ୍ଦ ସତ୍‌ସଙ୍ଗ ବିହାରସ୍ଥିତ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ବଳିଦାନ ବ୍ୟର୍ଥ ଯିବନି ବୋଲି କହିଛନ୍ତି। ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ହେଉଛନ୍ତି ଭାଜପା ବିଚାରଧାରା ଏବଂ ରାଜନୈତିକ ଆନ୍ଦୋଳନର ପ୍ରଣେତା। ମୁଖାର୍ଜୀଙ୍କ ନେତୃତ୍ୱରେ 'ଭାରତୀୟ ଜନସଂଘ' ପ୍ରତିଷ୍ଠା ହୋଇଥିଲା ଯାହା ପରବର୍ତ୍ତୀ ଅବସ୍ଥାରେ 'ଭାଜପା' ଭଳି ବଡ ବଟ ବୃକ୍ଷଭାବେ ରୂପ ନେଇଛି। ତାଙ୍କ ବିଚାରଧାରାକୁ ନେଇ ଭାଜପା ଦେଶବାସୀଙ୍କ ସେବା କରୁଛି। ମୁଖାର୍ଜୀ ଜଣେ ଦୂରଦ୍ରଷ୍ଟା ଥିଲେ। ଦେଶର ବିକାଶ, ଅର୍ଥନୀତିର ବିକାଶ, ସମାଜିକ ନୀତି ଏବଂ ଦେଶର ରାଷ୍ଟ୍ରୀୟ ସୁରକ୍ଷାନୀତି କିଭଳି ହେବ ସେନେଇ ସେ ସର୍ବଦା କାର୍ଯ୍ୟ କରୁଥିଲେ। ତାଙ୍କ ସ୍ୱପ୍ନ ପୂରଣ ହୋଇଛି। ଅଗଷ୍ଟ ୫, ୨୦୧୯ରେ କାଶ୍ମୀରରେ ଧାରା ୩୭୦ ଓ ୩୫ ଏ ଉଚ୍ଛେଦ ପରେ କାଶ୍ମୀର ଭାରତର ଅଭିନ୍ନ ଅଙ୍ଗଭାବେ ପରିଗଣିତ ହୋଇଛି।

# ସାଲିଆସାହି ରାଜଧାନୀର ନୂଆ ହଟ୍‌ସ୍ପଟ୍

- ବୁଲୁଛନ୍ତି ବାହାର ରାଜ୍ୟର ଶତାଧିକ ଶ୍ରମିକ
- ସ୍ଥାନୀୟ ଲୋକଙ୍କୁ ଗୋଷ୍ଠୀ ସଂକ୍ରମଣ ଡର
- ୨ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ସାଲିଆସାହି ଏବେ ଭୁବନେଶ୍ୱରର ନୂଆ ହଟ୍‌ସ୍ପଟ୍ ପାଲଟିଛି। ବସ୍ତି ଅଞ୍ଚଳ ହୋଇଥିବାରୁ ବାହାର ରାଜ୍ୟର ଶତାଧିକ ଶ୍ରମିକ ଏଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ବିଶେଷ କରି ଲକ୍‌ଡାଉନ୍‌ର ୫ମ ପର୍ଯ୍ୟାୟରେ ପେଟପାଟଣା ପାଇଁ ନିଜ ରାଜ୍ୟ ଛାଡ଼ି କାମ ସନ୍ଧାନରେ ଭୁବନେଶ୍ୱର ଆସି ପହଞ୍ଚିଛନ୍ତି। ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଶ୍ରମିକଙ୍କ ସଂଖ୍ୟା ଅଧିକ। ସେମାନଙ୍କ ବିଷୟରେ ପୋଲିସ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଅଞ୍ଚଳବାସୀ ଜଣାଇଛନ୍ତି ସତ, କିନ୍ତୁ କୌଣସି ଫରକ ପଡ଼ିନାହିଁ। ବିଏମ୍‌ସି କିଛି ଲୋକଙ୍କୁ ବସ୍ତିରୁ ଉଠାଇ ଟ୍ରାଇଡେଣ୍ଟ କଲେଜ୍ କ୍ୟାମ୍ପସ୍‌ରେ ଥିବା ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖି ଚୁପ୍ ବସିଛି। ଅନ୍ୟପଟେ ସାଲିଆସାହିରେ ଦିନକୁ ଦିନ ଜଣେ ପରେ ଜଣେ ନୂଆ ପଜିଟିଭ୍ ସାମ୍ନାକୁ ଆସୁଛନ୍ତି।

ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୨ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉଭୟ ସାଲିଆସାହି ଆଖପାଖ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ୩୯ ବର୍ଷୀୟ ଯୁବକ ହୋଟେଲ ମେ ଫେୟାର ନିକଟ ଜୟଦେବ ବିହାର ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ସେ ମହାରାଷ୍ଟ୍ର (ମୁମ୍ବାଇ) ଫେରନ୍ତା ଓ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ବିଏମ୍‌ସି ୱାର୍ଡ ନଂ ୨୬ର ଶରଣପାଲି ଅଞ୍ଚଳରୁ ଜଣେ ୩୦ବର୍ଷୀୟ ଯୁବକ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଏହି ଯୁବକ ଜଣକ ସାଲିଆସାହିର ବିଭିନ୍ନ ଅଞ୍ଚଳ ବୁଲାବୁଲି କରିବା ସହ ଅନେକ ମିଳାମିଶା କରିଥିବା ସ୍ଥାନୀୟ ଲୋକ କହିଛନ୍ତି। ବିଏମ୍‌ସି ତାଙ୍କ କଣ୍ଟାକ୍ଟ ଟ୍ରେସିଂ କରିବା ବେଳେ ସମସ୍ୟାରେ ପଡ଼ିପାରେ।

ଅନ୍ୟପକ୍ଷରେ ଏକ ଘରୋଇ ହସ୍ପିଟାଲରେ ଲଣ୍ଡ୍ରି କାମ କରି ପଜିଟିଭ୍ ଚିହ୍ନଟ ହୋଇଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଏବେ ସାଲିଆସାହିରେ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପାଇଛି। ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ତାଙ୍କ ଭଉଣୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ମଙ୍ଗଳବାର ଆଉ ଜଣେ ତାଙ୍କ ସଂସ୍ପର୍ଶରେ ଆସି କରୋନା ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ଲୋକଙ୍କୁ ବିଏମ୍‌ସି କ୍ୱାରାଣ୍ଟାଇନ୍‌ରେ ରଖିଥିବା କହୁଥିବା ବେଳେ ସାଲିଆସାହିରୁ ଏବେ ଜଣଙ୍କ ପରେ ଜଣେ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି। ଏବେଠୁ ଠୋସ୍ ପଦକ୍ଷେପ ନ ନେଲେ, ଆଗକୁ ଭୁବନେଶ୍ୱର ସ୍ଥିତି ଅସମ୍ଭାଳ ହେବ ବୋଲି ସାଲିଆସାହି ବାସିନ୍ଦା ଅଞ୍ଜନ ନାଥ କହିଛନ୍ତି। ଏନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ବସ୍ତିରୁ ଚିହ୍ନଟ ସମସ୍ତ ମାମଲା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସରକାରୀ କ୍ୱାରାଣ୍ଟାଇନ୍ ହୋମ୍‌ରେ ରଖାଯାଉଛି। ସାଲିଆସାହି ଅଞ୍ଚଳ ବିଏମ୍‌ସି ଅଧିକାରୀଙ୍କ ସତର୍କ ଦୃଷ୍ଟି ଭିତରେ ରହିଛି। ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମେଡିକାଲ କହିଲା ହୃଦ୍‌ଘାତ, ସରକାର କହିଲେ କରୋନା

- ମୃତକଙ୍କ ତଥ୍ୟ ଲୁଚାଉଛି ପ୍ରଶାସନ
- ଆକ୍ରାନ୍ତଙ୍କ ମୃତ୍ୟୁର ୨ ଦିନ ପରେ ମିଳୁଛି ସୂଚନା

କଟକ ଅଫିସ,୨୩।୬

କରୋନା ସ୍ଥିତି କଟକ ଜିଲାରେ ଗୁରୁତର ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣରେ ରଖାଯାଉଥିବା ନେଇ ଜିଲା ପ୍ରଶାସନ ଯେତେ ଦାବି କରୁଥିଲେ ମଧ୍ୟ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ। ଆକ୍ରାନ୍ତ ଓ ମୃତକଙ୍କ ସମ୍ପର୍କରେ ପ୍ରଶାସନ ସଠିକ୍ ତଥ୍ୟ ଦେଉନାହିଁ। ତଥ୍ୟ ଲୁଚାଇବାକୁ ଉଦ୍ୟମ ଚାଲିଛି। ଏପରିକି କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁର ଦୁଇ ଦିନ ପରେ ସୂଚନା ଦିଆଯାଉଛି।

କରୋନାରେ ଆଖି ବୁଜିଥିବା ୫୫ ବର୍ଷୀୟ ମୃତକ(ରେଳକର୍ମଚାରୀ)ଙ୍କ ପରିବାରବର୍ଗ ଜିଲା ପ୍ରଶାସନ ଓ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବାନୁଯାୟୀ, ସେ ରେଳବାଇରେ ଟିଟିଏସ୍ ଥିବାବେଳେ ଗତ ୭ ତାରିଖ ଦିଲ୍ଲୀରୁ ଫେରି ମହାନଦୀ ବିହାରସ୍ଥିତ ଘରେ ସଙ୍ଗରୋଧରେ ଥିଲେ। ୧୫ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ନିଆଯାଇଥିଲା। ତାଙ୍କ ଚିକିତ୍ସା ସମ୍ପର୍କରେ କୌଣସି ପ୍ରକାର ସୂଚନା ଦିଆଗଲା ନାହିଁ। ଗତ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ କହିଲେ ହୃଦ୍‌ଘାତ ଯୋଗୁ ମୃତ୍ୟୁ ହୋଇଛି। ଦୁଇ ଦିନ ପର୍ଯ୍ୟନ୍ତ ଘଟଣାକୁ ଚାପିବା ପରେ ମଙ୍ଗଳବାର ସରକାର ସୂଚନା ଦେଲେ। ମେଡିକାଲ କର୍ତ୍ତୃପକ୍ଷ କହିଥିଲେ ହୃଦ୍‌ଘାତ, ଏପଟେ ସରକାର କହିଲେ କରୋନା ସହ ମଧୁମେହ ରୋଗ ଥିଲା। ହୃଦ୍‌ଘାତ ବିଷୟରେ ଉଲ୍ଲେଖ କରାଯାଇନି। ମୃତ୍ୟୁର ଦୁଇ ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ କିମ୍ବା ସିଏମ୍‌ସିର କୌଣସି ଅଧିକାରୀ ଆସିନାହାନ୍ତି ବୋଲି ପରିବାରବର୍ଗ କହିଛନ୍ତି। ଏନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ରବିବାର ହୃଦ୍‌ଘାତ ହୋଇଥିଲା। ମୃତକ ଏକାଧିକ ରୋଗରେ ଆକ୍ରାନ୍ତ ଥିଲେ। ଭେଣ୍ଟିଲେଟର୍‌ରେ ମଧ୍ୟ ରଖାଯାଇଥିଲା। ପରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାରଙ୍କ ଏକ ସ୍ୱାସ୍ଥ୍ୟ କମିଟି ତଥ୍ୟ ନେବା ପରେ କରୋନାଜନିତ ମୃତ୍ୟୁ ଘୋଷଣା କରିଛନ୍ତି। ମୃତ୍ୟୁ ସମ୍ପର୍କିତ ଘୋଷଣା କରିବାରେ ଆମର କୌଣସି ଭୂମିକା ନାହିଁ।



ରଥଯାତ୍ରା ଅବସରରେ ମଙ୍ଗଳବାର ଅଲ୍‌ଓଡ଼ିଶା ଫଟୋଗ୍ରାଫର୍ସ ଆସୋସିଏଶନ୍, କଟକ ପକ୍ଷରୁ ବାରବାଟୀ ଦୁର୍ଗରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଖୋର୍ଦ୍ଧା ଅଫିସ,୨୩।୬

ଜନସଂଘ ପ୍ରତିଷ୍ଠାତା ତଥା ମହାନ ଜନନାୟକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୬୭ତମ ବଳିଦାନ ଦିବସ ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ସୁବାସ ଗନ୍ତାୟତ, ବସନ୍ତ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ୟାମା ପ୍ରସାଦ ଜଣେ ମହାନ ରାଷ୍ଟ୍ର ନାୟକ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସେହିଭଳି ବୋଲଗଡ ବ୍ଲକ ଭାଜପା କାର୍ଯ୍ୟାଳୟ ଠାରେ ଶ୍ୟାମା ପ୍ରସାଦଙ୍କ ବଳିଦାନ ଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଜିଲା ଭାଜପା ଉପସଭାପତି ରଘୁନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବେଦରାଜ ପଲେଇ, ଶିବ ପ୍ରସାଦ ଦାସ, ମିଥୁନ ପାଇକରାୟ, କାଳିଆ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍‌ରୁ ଖସି ମହିଳା ମୃତ

କୃଷ୍ଣପ୍ରସାଦ,୨୩।୬(ଡି.ଏନ୍.ଏ.)

ବାଇକ୍‌ରୁ ଖସି ପଡ଼ିବାରୁ ମଙ୍ଗଳବାର ଜଣେ ମହାଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହୁଞ୍ଜଣବାଉରିପଲ୍ଲୀ ଗ୍ରାମର ଗେଲି ପାହାଣ(୫୫)। ସୂଚନା ଅନୁଯାୟୀ, ଏକ ବାଇକ୍ ପଛରେ ବସି ଗେଲି ଗାଁକୁ ଫେରୁଥିବା ବେଳେ କେରାଣ୍ଡିଆଠାରେ ଥିବା ହମ୍ପସ ନିକଟରେ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କଲେଜ ଖୋଲିବା ନିଷ୍ପତ୍ତିକୁ ବିରୋଧ

- ବିପଦରେ ଅଧାପକଙ୍କ ଜୀବନ
- ବିଶୋଧନ ହୋଇନି କଲେଜ କ୍ୟାମ୍ପସ୍
- ଅଫିସ୍‌ରେ ରହିପାରୁନି ସାମାଜିକ ଦୂରତା

କଟକ ଅଫିସ,୨୩।୬

କରୋନା ସଂକ୍ରମଣ ରୋକିବାକୁ ସମସ୍ତଙ୍କୁ ଘରେ ରହିବା ପାଇଁ ସରକାର ପରାମର୍ଶ ଦେଉଥିବା ବେଳେ ଅଧାପକଙ୍କୁ କଲେଜ ଆସିବାକୁ ନିର୍ଦ୍ଦେଶ ହୋଇଛି। ସରକାର ଏଭଳି ନିର୍ଦ୍ଦେଶ ଦେଇ ହଜାର ହଜାର ଅଧାପକଙ୍କୁ ବିପଦ ଭିତରକୁ ଠେଲି ଦେଇଥିବା ଅଭିଯୋଗ ହୋଇଛି। କଲେଜ ଖୋଲିବା ନିଷ୍ପତ୍ତିର ପୁନଃ ବିଚାର ପାଇଁ ବିଭିନ୍ନ ମହଲରୁ ଦାବି ତେଜୁଛି।

ମାର୍ଚ୍ଚ ଶେଷ ସପ୍ତାହରୁ କଲେଜଗୁଡ଼ିକ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଯୁକ୍ତି ଥିଲା କଲେଜରେ ଛାତ୍ରୀଛାତ୍ର, ଅଧାପକ ଓ କର୍ମଚାରୀଙ୍କ ଭିଡ଼ ଫଳରେ କରୋନା ବ୍ୟାପିବାର ଆଶଙ୍କା ରହିଛି। ସେହି ସମୟରେ ରାଜ୍ୟରେ କରୋନା ସ୍ଥିତି ପ୍ରାଥମିକ ପର୍ଯ୍ୟାୟରେ ଥିଲା। ଏବେ ଧୀରେଧୀରେ ସ୍ଥିତି ସାଂଘାତିକ ହେଉଥିବା ବେଳେ ଉଚ୍ଚଶିକ୍ଷା ବିଭାଗ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛି। ଗତ ୧୭ ତାରିଖରୁ ଅଧାପିକା ଅଧାପକଙ୍କ ସମେତ ଅନ୍ୟ କର୍ମଚାରୀ କଲେଜ ଯାଉଛନ୍ତି। ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଏଭଳି ନିଷ୍ପତ୍ତିକୁ ବିରୋଧ କରିବା ସହ ଏହାର ପୁନର୍ବିଚାର ପାଇଁ ଦାବି କରିଛି। ମହାସଂଘ କହିଛି ଯେ, କେନ୍ଦ୍ର ସରକାର ଅଗଷ୍ଟ ୧୫ ଓ ରାଜ୍ୟ ସରକାର ଜୁଲାଇ ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ଉଚ୍ଚଶିକ୍ଷା ବିଭାଗ ଏହାର ଓଲଟା ନିର୍ଦ୍ଦେଶ ଦେଇଛି। ଏବେ ଛାତ୍ରମାନେ ଶିକ୍ଷାନୁଷ୍ଠାନ ଆସିବେନି କି ପାଠପଢ଼ା ହେବନି। ଅଧାପକ ଓ କର୍ମଚାରୀ ଉପସ୍ଥିତ ରହିବେ। ସେମାନେ ଶିକ୍ଷାନୁଷ୍ଠାନରେ ଏକତ୍ର ହୋଇ କରିବେ କ'ଣ, ତାହା ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିନାହିଁ।

ପ୍ରାୟ ସମସ୍ତ କଲେଜରେ ଷ୍ଟାଫ୍ କମନ୍ ରୁମ୍ ଆକାରରେ କ୍ଷୁଦ୍ର ଓ ତହିଁରେ ଆବଶ୍ୟକ ସଂଖ୍ୟକ ଆସବାବପତ୍ର ନାହିଁ। ତେଣୁ 'ସାମାଜିକ ଦୂରତା' ରକ୍ଷାକରି ସେଠାରେ ବସିବା ସମ୍ଭବ ନୁହେଁ। ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ ହୋଇ ନ ଥିବାରୁ ଅଧାପକମାନେ ଯାତାୟତରେ ଅସୁବିଧା ଭୋଗୁଛନ୍ତି। ରାଜ୍ୟରେ କଲେଜ ଓ ବିଶ୍ୱବିଦ୍ୟାଳୟର ଅଧାପକ ଓ କର୍ମଚାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ରାଜ୍ୟବ୍ୟାପୀ ସେମାନଙ୍କର ଦୈନିକ ଚଳପ୍ରଚଳ କରୋନା ସଂକ୍ରମଣକୁ ବଢ଼ାଇବା ଆଶଙ୍କା ରହିଛି। ତେଣୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ଓ ଅନ୍ୟମାନେ ଦାବି କରିଛନ୍ତି।

କଟକସ୍ଥିତ ଏକ କଲେଜର ଜଣେ ଅଧାପକ ନିଜ ନାମ ଗୋପନ ରଖି କହିଛନ୍ତି, କେବଳ ଉପସ୍ଥାନ ଖାତାରେ ଦସ୍ତଖତ ପାଇଁ କଲେଜକୁ ଯାଉଛୁ। ପାଠପଢ଼ା ହେଉନି। କେବଳ ସରକାରଙ୍କ ଟଙ୍କା ସରୁଛି। ବିଦ୍ୟୁତ୍ ଖର୍ଚ୍ଚ ହେଉଛି। କିନ୍ତୁ ଏହାର କୌଣସି ସୁଫଳ ମିଳୁନି। ଯେହେତୁ ଅଧାପକମାନେ କଲେଜ ଆସୁଛନ୍ତି, ସରକାର ଅନ୍‌ଲାଇନ୍ ପାଠପଢ଼ା ଉପରେ ଗୁରୁତ୍ୱ ଦିଅନ୍ତୁ। ଏହାର ତଦାରଖ ପାଇଁ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି। ଅଲ୍ ଓଡ଼ିଶା ନନ୍-ଗର୍ଭନ୍‌ମେଣ୍ଟ ଟିଚର୍ସ ଆସୋସିଏଶନ୍‌ର ସମ୍ପାଦକ ଦୁଷ୍ମନ୍ତ ନାୟକଙ୍କ କହିବା ଅନୁଯାୟୀ, ଅନେକ କଲେଜରେ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ସେଗୁଡ଼ିକ ବିଶୋଧନ ହୋଇନି। ଏଣୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ପ୍ରଥମେ ସେଗୁଡ଼ିକୁ ବିଶୋଧନ କରାଯାଉ। ବହୁ କଲେଜର ଷ୍ଟାଫ୍ କମନ୍‌ରୁମ୍ ଛୋଟ ଥିବାବେଳେ ସେଠାରେ ଭିଡ଼ ଜମୁଛି। ଏକ ତୃତୀୟାଂଶ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ହେଉ। ଜୁନ୍ ଓ ଜୁଲାଇରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଥିବା ଯୋଗୁ ସରକାର ଏଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।



ରଥଯାତ୍ରା ଅବସରରେ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

# ପୁରୀ ଜିଲାରେ କର୍ଫ୍ୟୁ କୋହଳ

**ଶରଧାବାଲି ଚତୁଃପାର୍ଶ୍ୱରେ କର୍ଫ୍ୟୁ ଅବଧି ବଢ଼ିଲା**

ପୁରୀ ଅଫିସ,୨୩।୬

ରଥଯାତ୍ରାକୁ ଦୃଷ୍ଟିରେ ରଖି ସୋମବାର ରାତି ୯ଟାରୁ ପୁରୀ ଜିଲାରେ ଯେଉଁ କର୍ଫ୍ୟୁ ଘୋଷଣା କରାଯାଇଥିଲା ତାହାକୁ କୋହଳ କରିଛି ପ୍ରଶାସନ। କିନ୍ତୁ ବୁଧବାର ଆଡ଼ପମଣ୍ଡପ ପହଣ୍ଡି ଥିବାରୁ ଶରଧାବାଲି ଚତୁଃପାର୍ଶ୍ୱ ଅର୍ଥାତ୍ ବଡ଼ଶଙ୍ଖଠାରୁ ମାଟିଆପଡ଼ା ବସ୍‌ଷ୍ଟାଣ୍ଡ ଗୋଲେଇ ଅଞ୍ଚଳରେ ବୁଧବାର ରାତି ୧୦ଟାକୁ କର୍ଫ୍ୟୁ ଅବଧିକୁ ବଢ଼ାଇ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ତିନିରଥ ଶରଧାବାଲିରେ ଲାଗିଯିବା ପରେ ପ୍ରଶାସନ ପକ୍ଷରୁ ଏହା ଘୋଷଣା କରାଯାଇଛି। ମଙ୍ଗଳବାର ସଞ୍ଜ ନଇଁବା ପୂର୍ବରୁ ତିନିରଥ ସୁରୁଖୁରୁରେ ଶରଧାବାଲିରେ ପହଞ୍ଚିଥିବାରୁ ଜିଲାପାଳ କର୍ଫ୍ୟୁକୁ କୋହଳ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭ଟାରୁ କର୍ଫ୍ୟୁ କୋହଳ ହୋଇଛି। କିନ୍ତୁ କିଛି ସ୍ଥାନରେ ଏହା ବଳବତ୍ତର ରହିବ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

କଟକ ସଦର,୨୩।୬(ଡି.ଏନ୍.ଏ.)

କିଶୋରନଗର ଗ୍ରାମର ବିନୋଦ ମଣ୍ଡଳଙ୍କୁ ଗତ ମେ' ୨୬ ତାରିଖରେ ଅପହରଣ କରାଯାଇ ହତ୍ୟା କରାଯାଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ମଙ୍ଗଳବାର ପୁଣି କିଶନନଗର ଥାନା ଘେରାଉ କରାଯାଇଥିଲା। ଖବରପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା ଓ ସାଲେପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ ଓ ଜଣେ ଏଏସ୍‌ଆଇଙ୍କୁ ଅନ୍ୟତ୍ର ବଦଳି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

# ୪୦ କୁକୁର, ବିଲୁଆଙ୍କୁ ବିଷ ଦେଇ ମାରିଦେଲେ: ଥାନାରେ ଅଭିଯୋଗ

ମାହାଙ୍ଗା,୨୩।୬(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ନହଙ୍ଗ ଗ୍ରାମରେ ମାଂସରେ ବିଷ ଦେଇ ୩୨ କୁକୁର ଓ ୮ ବିଲୁଆଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ମାହାଙ୍ଗା ଥାନାରେ ୨ ଜଣ ବ୍ୟକ୍ତିଙ୍କ ବିରୋଧରେ ସ୍ଥାନୀୟ ଲୋକେ ଓ ସରପଞ୍ଚ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ସମ୍ପୃକ୍ତ ବ୍ୟକ୍ତି ମାଂସରେ ବିଷ ଦେଇ ବିଲୁଆ ଓ କୁକୁରଙ୍କୁ ଖାଇବାକୁ ଦେଇଥିଲେ। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ ମଧ୍ୟ ଅଭିଯୁକ୍ତମାନେ ସେମାନଙ୍କ କଥା ଶୁଣି ନ ଥିଲେ। ପୂର୍ବରୁ ମଧ୍ୟ ଖାଦ୍ୟରେ ବିଷ ଦେଇ ଅଭିଯୁକ୍ତ ଦ୍ୱୟ ବହୁ କୁକୁର ଓ ବିଲୁଆଙ୍କୁ ହତ୍ୟା କରିଥିବା ନେଇ ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ କହିଛନ୍ତି, ଅଭିଯୋଗ ମିଳିଛି। ଏନେଇ ମାମଲା ରୁଜୁ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସ୍ମାର୍ଟ ଅଟୋ ଆପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ରଥଯାତ୍ରା ଅବସରରେ ମଙ୍ଗଳବାର ରାଜଧାନୀ ଅଟୋ ମହାସଂଘ ପକ୍ଷରୁ ସ୍ମାର୍ଟ ଅଟୋରିକ୍ସା ଆପ୍ ଉଦ୍‌ଘାଟିତ ହୋଇଯାଇଛି। ରାଜଧାନୀବାସୀଙ୍କୁ ସୁବିଧା ଓ ସୁଲଭ ମୂଲ୍ୟରେ ଅଟୋ ସେବା ଯୋଗାଇବା ସହିତ ଭୁବନେଶ୍ୱରର ଗଳିକନ୍ଦିରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମହାସଂଘର ସଭାପତି ନବକିଶୋର ମହାନ୍ତି କହିଛନ୍ତି। ଅଶୋକନଗରସ୍ଥିତ ମହାସଂଘ କାର୍ଯ୍ୟାଳୟଠାରେ ଏହି ସ୍ମାର୍ଟ ଅଟୋ ଆପ୍ ଉଦ୍‌ଘାଟିତ ହୋଇଥିଲା। ଏଥିରେ ସଭାପତିଙ୍କ ସମେତ ଉପଦେଷ୍ଟା ଭାବଗ୍ରାହୀ ମୁଖି, ସତ୍ୟାନନ୍ଦ ବେହେରା, ସାଧାରଣ ସମ୍ପାଦକ ବିଜୟ କୁମାର ପଟ୍ଟନାୟକ, ହରିହର ପଟ୍ଟନାୟକ, ବିକାଶ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଆପ୍‌ର ମୁଖ୍ୟ ଉଦ୍ୟୋକ୍ତା ରାଜା ନାୟକ, ପ୍ରମୋଦ କୁମାର ସାହୁ, ଶିବ କୁମାର ଭଗତ, ପ୍ରଦୀପ କୁମାର ସାହୁ, ଓଲ୍ଡଷ୍ଟେଶନ ବଜାର ଅଟୋ ସଂଘ ସଭାପତି ସୁରେଶ ଜେନା ପ୍ରମୁଖ ଯୋଗଦେଇଥିଲେ। ବୁଧବାରଠାରୁ ଏହି ଆପ୍ ଜରିଆରେ ରାଜଧାନୀବାସୀ ବୁକିଂ କରିପାରିବେ। ଅନ୍ୟଠାରୁ ଏହା ଶସ୍ତା ଓ ନିର୍ଭରଯୋଗ୍ୟ ଅଟେ ଏବଂ ରାଜଧାନୀର ପ୍ରତ୍ୟେକ ସ୍ଥାନରେ ଅଟୋ ଉପଲବ୍ଧ ହେବ। ଲୋକମାନେ ଗୁଗୁଲ୍ ପ୍ଲେ ଷ୍ଟୋର ଜରିଆରେ ଏହାକୁ ଡାଉନ୍‌ଲୋଡ୍ କରି ସୁବିଧା ସୁଯୋଗ ନେଇପାରିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ସେବାୟତଙ୍କୁ ମିଳିବ ପୁଣି ୫ ହଜାର ଟଙ୍କା

ପୁରୀ ଅଫିସ୍ , ୨୩।୬

ଶ୍ରୀମନ୍ଦିର ସେବାୟତଙ୍କୁ ମିଳିବ ତୃତୀୟ କିସ୍ତିର ୫ ହଜାର ଟଙ୍କା। ମଙ୍ଗଳବାର ରଥଯାତ୍ରା ବେଶ୍ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବା ପରେ ଏହି ଘୋଷଣା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୨୦ରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି । ଫଳରେ ସେବାୟତଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ପଡ଼ିଛି । ତେଣୁ ପ୍ରଥମ ଓ ଦ୍ୱିତୀୟ କିସ୍ତିରେ ସେବାୟତଙ୍କୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପୁଣି ତୃତୀୟ କିସ୍ତିରେ ସବୁ ସେବାୟତଙ୍କୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଏତଦ୍‌ବ୍ୟତୀତ ମୁଖ୍ୟ ପ୍ରଶାସକ କହିଥିଲେ ଆମ ପାଖରେ ଦୁଇଟି ଚ୍ୟାଲେଞ୍ଜ ରହିଥିଲା। ଗୋଟିଏ ଥିଲା ଶ୍ରୀମନ୍ଦିରର ଯାହା ପରମ୍ପରା ରହିଛି ତାହାକୁ ବଜାୟ ରଖି କିପରି ରଥଯାତ୍ରା ସମ୍ପନ୍ନ ଏବଂ ଅନ୍ୟଟି ହେଉଛି କରୋନା ସଂକ୍ରମଣଠାରୁ କିପରି ଦୂରେଇ ରହିବା। ଏଥିରେ ମଧ୍ୟ ଆମକୁ ସଫଳତା ମିଳିଛି। ଏହି ଅବସରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ପାଇଁ ମୁଖ୍ୟ ପ୍ରଶାସକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଆଗକୁ ଏହିପରି ସହଯୋଗ ରହିବ ବୋଲି କହିଥିଲେ। ରଥ ଟାଣିଥିବା ସେବାୟତମାନଙ୍କୁ ମଧ୍ୟ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

# ଗଡ଼ିଲାନି ରଥ: ଭକ୍ତ ନିରାଶ

## ଶ୍ରୀଜୀଉଙ୍କୁ ମାଉସୀ ମା' ମନ୍ଦିରକୁ ନେବାକୁ ଅଡ଼ି ବସିଛନ୍ତି ପୂଜକ, ସେବକ

**ବାଲେଶ୍ୱର ଅଫିସ/ ସଜନାଗଡ଼, ୨୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥଯାତ୍ରା ବନ୍ଦ ହେବା ନେଇ ଭକ୍ତଙ୍କ ଗହଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତିରେ ବିଭ୍ରାଟ ଓ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ତିନିଠାକୁରଙ୍କୁ ନେବା ଦାବିରେ ଜଗନ୍ନାଥମନ୍ଦିର ମୁଖ୍ୟଦ୍ୱାର ଆଗରେ ପୂଜକ, ସେବକ, ଘଣ୍ଟୁଆମାନେ ଧାରଣା ଦେଇଛନ୍ତି। ସେପଟେ ମନ୍ଦିର ପରିସର ଓ ରଥଦାଣ୍ଡରେ ମଙ୍ଗଳବାର ପୂର୍ବାହ୍ନ ୬ଟାରୁ ଆସନ୍ତା ୨୫ତାରିଖ ରାତ୍ର ୧୧ଟା ଓ ବାହୁଡ଼ା ଯାତ୍ରା ନିମନ୍ତେ ଜୁଲାଇ ୧ତାରିଖ ପୂର୍ବାହ୍ନ ୬ଟାରୁ ୨ତାରିଖ ରାତ୍ର ୧୧ଟା ପର୍ଯ୍ୟନ୍ତ ଉପଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ମନ୍ଦିର ଚତୁଃପାର୍ଶ୍ୱ ଓ ମନ୍ଦିର ସାମ୍ନା ହାଟ ଛକ ପର୍ଯ୍ୟନ୍ତ ୧୪୪ ଧାରା ଜାରି ହୋଇଛି।

ତିନିଠାକୁର ରଥାରୂଢ଼ ନ ହେବା ଓ ମାଉସୀ ମା' ମନ୍ଦିରକୁ ନ ଗଲେ ରତ୍ନ ସିଂହାସନକୁ ଫେରିବା ଅସମ୍ଭବ ବୋଲି ପୂଜକ ଓ ସେବକ କହିବା ସହ ଯେମିତି ହେଲେ ତିନିଠାକୁରଙ୍କୁ ପହଣ୍ଡି କରି ମାଉସୀ ମା' ମନ୍ଦିରକୁ ନେବାକୁ ଅଡ଼ି ବସିଛନ୍ତି। ଯେ ପର୍ଯ୍ୟନ୍ତ ପ୍ରଶାସନ ଅନୁମତି ନ ଦେଇଛି ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର କୁମାର ନନ୍ଦ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ଦେବାଶିଷ ଦାଶ, ବିରେଶ ଶତ୍ପଥୀ, ରବୀନ୍ଦ୍ର ମହାପାତ୍ର, ହର ନାରାୟଣ ନନ୍ଦ ପ୍ରହରାଜ, ଯୋଗେଶ୍ୱର ମହାନ୍ତି, ମୃତ୍ୟୁଞ୍ଜୟ କର, ହରିବନ୍ଧୁ କର, ପ୍ରଶାନ୍ତ ଗୋଚ୍ଛାୟତ, ନବକିଶୋର ପରିଛା, ଶିବରଞ୍ଜନ ଦାସବାବୁ, ବିପ୍ଳବ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେତେଜଣ ସେବାୟତଙ୍କ ପ୍ରତିନିଧି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ କରି ତିନିଠାକୁରଙ୍କୁ ମାଉସୀମା' ମନ୍ଦିରକୁ ନେବା ପାଇଁ ନିବେଦନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି କୌଣସି କାର୍ଯ୍ୟ ସମ୍ଭବ ନୁହେଁ ବୋଲି ଜିଲାପାଳ ଉତ୍ତର ରଖିବା ପରେ ସେମାନେ ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ଛୋଟ ରଥ ନିର୍ମାଣ କରି କୋଭିଡ୍-୧୯ର ସମସ୍ତ କଟକଣାକୁ ଅନୁସରଣ କରି ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ତିନି ଠାକୁରଙ୍କୁ ମାଉସୀ ମା' ମନ୍ଦିରକୁ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖି ଦେବତ୍ତୋର କମିଶନରଙ୍କୁ ଲିଖିତ ନିବେଦନ କରିଥିବା ସେବାୟତ ସରୋଜ କୁମାର ନନ୍ଦ ସୂଚନା ଦେଇଛନ୍ତି।


ନିର୍ମାଣ ହୋଇଥିବା ରଥ ଏବଂ ଧାରଣାରତ ପୂଜକ ଓ ସେବକ।

## ଦେବନୀତିରେ ହେଲା ରଥ ପରମ୍ପରା

**ଭଦ୍ରକ ଅଫିସ,୨୩।୬**

ଭଦ୍ରକ ଜିଲାର କୌଣସି ସ୍ଥାନରେ ମଙ୍ଗଳବାର ରଥଯାତ୍ରା ହୋଇ ନାହିଁ। ଯେଉଁଠାରେ ରଥଯାତ୍ରା ଅନୁଷ୍ଠିତ ହେବାର ସମ୍ଭାବନା ଥିଲା ସେହି ସମସ୍ତ ଅଞ୍ଚଳରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ୧୪୪ ଧାରା ଜାରି କରିଥିଲେ। କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଦେବନୀତି ଅନୁଯାୟୀ ପ୍ରଭୁଙ୍କ ରଥଯାତ୍ରା ପରମ୍ପରା ସମ୍ପନ୍ନ କରାଯାଇଥିଲା। ୩ ଠାକୁରଙ୍କୁ ସେବକମାନେ ପହଣ୍ଡି କରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଅନ୍ୟତ୍ର ଏକ ସ୍ଥାନ(ମାଉସୀ ମା' ମନ୍ଦିର)ରେ ସଜ୍ଜିତ ମଣ୍ଡପରେ ରଖିଥିଲେ। ଏପରି କି ବିଭିନ୍ନ ସ୍ଥାନରେ କେବଳ ଦେବନୀତି ପରମ୍ପରା ମୁତାବକ ଅସ୍ଥାୟୀ ମନ୍ଦିରରେ କରାଯାଇ ସେଠାକୁ ପହଣ୍ଡି କରାଯାଇଥିଲା। ପୂଜାନୀତି କରାଯାଇ ସୀମିତ ଭକ୍ତ ଦର୍ଶନ କରିଥିଲେ। ବାଇପାସ୍ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ୩୭ତମ ରଥ ପରମ୍ପରା ପାଳନ ହେବାର ଥିଲା। ସାଳନ୍ଦୀ ଜଳସେଚନ ବିଭାଗର ଏସ୍‌ଡିଓ ପ୍ରୀତିମ ପୋଥାଳ ରାଜା ବେଶରେ ସଜ୍ଜିତ ହୋଇ ମନ୍ଦିର ନିକଟରେ ଛେରାପହଁରା କରିଥିଲେ। ମୁଖ୍ୟ ସେବାୟତ ସୁରେନ୍ଦ୍ର କୁମାର ପାଣି ମନ୍ଦିରରେ ପୂଜା ନୀତି ଆୟୋଜନ କରିଥିଲେ।


ଅସ୍ଥାୟୀ ମାଉସୀ ମା' ମନ୍ଦିରରେ ତିନି ଠାକୁର।

### ସଂକ୍ଷେପରେ

### ମନ୍ଦିରରୁ ବାହାରିଲେନି ଠାକୁର



**ଢେଙ୍କିକୋଟ, ୨୩।୬ (ଡି.ଏନ.ଏ.):** ମଙ୍ଗଳବାର ଥିଲା ବିଶ୍ୱପ୍ରସିଦ୍ଧ ରଥଯାତ୍ରା। କରୋନା ଭାଇରସ୍ ସଂକ୍ରମଣ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଜିଲା ଏବଂ ରାଜ୍ୟ ସ୍ତରୀୟ ଘୋଷ ଯାତ୍ରାରେ ରୋକ ଲଗାଇଛନ୍ତି। କେବଳ ପୁରୀରେ ରଥଯାତ୍ରାକୁ ଅନୁମତି ମିଳିଥିବା ବେଳେ ଅନ୍ୟ କେଉଁଠାରେ ରଥଯାତ୍ରା କରାଯାଇପାରିବ ନାହିଁ ବୋଲି କଟକଣା କରାଯାଇଛି। ଏଥିଲାଗି ଭକ୍ତମାନଙ୍କ ଭାବାବେଗକୁ ଆଘାତ ଲାଗିଛି। ଢେଙ୍କିକୋଟ ଜଗନ୍ନାଥ ମନ୍ଦିରରେ ଯଥା ସମୟରେ ମହାପ୍ରଭୁ ତିନି ଠାକୁରଙ୍କ ପୂଜା ବିଧି ମନ୍ଦିର ମଧ୍ୟରେ ରୀତିମତେ ଅନୁଷ୍ଠିତ ହୋଇ ଅପରାହ୍ନ ୫ଟାବେଳେ ରଥ ପୂଜା କରାଯାଇଥିଲା। କଟକଣା ପାଇଁ ରଥକୁ ଠାକୁର ଯାଇ ନ ଥିଲେ। ଏହି ପୂଜାରେ ମନ୍ଦିର ଓ ରଥ କମିଟିର ସଦସ୍ୟ ରାମ ଚନ୍ଦ୍ର ସାହୁ, ନୀଳମଣି ମଣ୍ଡଳ, ସୁଶାନ୍ତ ମଣ୍ଡଳ, ଦୁଷ୍ମନ୍ତ ସାହୁ, କୁଳମଣି ମଣ୍ଡଳ, ଦିନମଣି ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ତିନି ଦିଅଁଙ୍କୁ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ।

### ଅନନ୍ତପୁରରେ ରଥାରୂଢ଼ ହେଲେ ତିନିଠାକୁର

**ସୋର, ୨୩।୬(ଡି.ଏନ.ଏ.):** ସୋରରେ ପ୍ରସିଦ୍ଧ ଅନନ୍ତପୁର ଜଗନ୍ନାଥ ମନ୍ଦିରରେ ରଥଟଣା ବନ୍ଦ କରାଯାଇଛି। କରୋନାକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱକୁ ରକ୍ଷା କରାଯାଇ ମନ୍ଦିର ମଧ୍ୟରେ ସମସ୍ତ ପୂଜାନୀତି ସମ୍ପନ୍ନ କରାଯାଇଛି। ନୀତିନୁସାରେ ଶ୍ରୀମଦ୍ ଭାଗବତ ପ୍ରଜ୍ଞାପୀଠ ଚିତ୍ତଳରୁ ମହନ୍ତ ବଂଶୀଧର ଦାସଙ୍କ ଦ୍ୱାରା ଆଜ୍ଞାମାଳ ମନ୍ଦିରର ସୀମିତ ସେବାୟତଙ୍କ ଜରିଆରେ ମହାପ୍ରଭୁଙ୍କୁ ଗୋଟି ପହଣ୍ଡି କରି ରଥାରୁଢ଼ କରାଯାଇଥିଲା। ବରିଷ୍ଠ ସେବାୟତ ବିଜୟ କର ଛେରାପହଁରା କରିଥିଲେ। ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର କକ୍ଷରେ ତିନି ଠାକୁରଙ୍କୁ ବିଜେ କରାଯାଇ ପୂଜାନୀତି କରାଯାଇଥିଲା। କାର୍ଯ୍ୟକ୍ରମକୁ କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ କର, ବସନ୍ତ କର, ଚିତ୍ତରଞ୍ଜନ ଦାଶ, ବିରଞ୍ଚି ପଣ୍ଡା, ଅରୂପ ପଣ୍ଡା, ଜଗନ୍ନାଥ ଶଙ୍ଖୁଆ, ଭୀମ କର, ସୁଧାଂଶୁ କର, ବାବୁଲି ପାତ୍ର, ସରସ୍ୱତୀ ମହାପାତ୍ର, ରଜନୀ ପାଣିଗ୍ରାହୀ, ଗୟାଧର ସାହୁ, ମାଧବୀଲତା କର ଏବଂ ମଙ୍ଗଳାମନ୍ଦିର ଓ ତାରିଣୀ ମନ୍ଦିର କମିଟିର ସଭାପତି ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିଲେ।

### କରୋନା କଟକଣାରେ ସରିଲା ରଥ ନୀତିକାନ୍ତି

**ବାଙ୍ଗିରିପୋଷି,୨୩।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିରେ ଚଳିତ ବର୍ଷର ରଥ ପରମ୍ପରା କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଛି। ରଥ ଟଣା ବନ୍ଦ ରହିଥିବା ବେଳେ ମନ୍ଦିର ପରିସରରେ ନୀତିକାନ୍ତି ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣା ଅନୁସାରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ବାଙ୍ଗିରିପୋଷି ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ସରକାରଙ୍କ କୋଭିଡ୍ ଗାଇଡଲାଇନକୁ ଅନୁସରଣ କରିଥିଲେ।

### ଖାଁ ଖାଁ ରଥଦାଣ୍ଡ

**ପାଟଣା, ୨୩।୬(ସ୍ୱ.ପ୍ର.)-**କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ରଥଯାତ୍ରା ଫିକା ପଡିଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା ପରିଷଦ ମଙ୍ଗଳବାର ରଥଯାତ୍ରା ବାତିଲ କରିଥିଲେ ହେଁ ମନ୍ଦିରରେ ତିନି ଠାକୁରଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି। ପ୍ରଶାସନଠାରୁ ଅନୁମତି ନେଇ ବ୍ଲକର ମଲ୍ଲୀପଶି, ରାଜନଗର, ସୋରାସକେଲା, ଟାଙ୍ଗରପଡା, କୁଣ୍ଡୁଳା ଓ ଡୁମିରିଆଠାରେ ଠାକୁରଙ୍କୁ ରଥକୁ ନେଇ ଛୁଆଁଇ ପୁଣି ଓହ୍ଲାଇ ଅଣାଯାଇଛି। ମଲ୍ଲୀପଶିଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ୩ ରଥ ପ୍ରସ୍ତୁତ ହୋଇଥିଲେ ହେଁ କରୋନା କଟକଣା ଯୋଗୁ କେବଳ ଦେବନୀତି ହିଁ ବିନା ରଥଯାତ୍ରାରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳୁ ଠାକୁରଙ୍କ ନୀତିକାନ୍ତି ପରେ କେବଳ ମନ୍ଦିର ଭିତରେ ହିଁ ରଥଯାତ୍ରା ପାଳନ ହୋଇ ଘଣ୍ଟ ଘଣ୍ଟା ହୁଳହୁଳିରେ ହାତଗଣତି ସେବାୟତଙ୍କ ଦ୍ୱାରା ଚଳିତବର୍ଷ ରଥଯାତ୍ରା ସମ୍ପୂର୍ଣ୍ଣ ହୋଇଛି। ବ୍ଲକର ମଲ୍ଲୀପଶି ରଥଯାତ୍ରା ଖୁବ ନିଆରା ଥିଲେ ହେଁ ଭକ୍ତଙ୍କୁ ନିରାଶ ହେବାକୁ ପଡିଛି। ସ୍ନାନମଣ୍ଡପରେ ତିନି ଠାକୁରଙ୍କୁ ଅଳ୍ପସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ହେଲେ ରଥଯାତ୍ରାରେ ରଥଦାଣ୍ଡ ଖାଁ ଖାଁ ରହିଥିବା ଦେଖିବାକୁ ମିଳିଥିଲା।

## ମନ୍ଦିର ଭିତରେ ନୀତିକାନ୍ତି

**ବାରିପଦା ଅଫିସ,୨୩।୬**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ହରିବଳଦେବଜୀଉ ମନ୍ଦିରରେ ଚଳିତ ବର୍ଷ ମହାମାରୀ କରୋନା ଯୋଗୁ ରଥଯାତ୍ରା ବନ୍ଦ ହୋଇଛି। ମନ୍ଦିର ପରିସରରେ ସମସ୍ତ ନୀତିକାନ୍ତି କରାଯାଇଥିବା ମୁଖ୍ୟ ପୂଜକ ଅରୁଣ କୁମାର ମିଶ୍ର ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ଓ ଏହାର ୫୦୦ ମିଟର ପରିଧି ଭିତରେ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ଯେଉଁ ବଡ଼ଦାଣ୍ଡ ଦିନେ ଗହଳି ଚହଳି ହେଉଥିଲା ମଙ୍ଗଳବାର ସେଠାରେ ଶୂନ୍ୟତାର ରାଜୁତି ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ପୁରୀ ରଥଯାତ୍ରାର ଦିନକ ପରେ ବାରିପଦାରେ ରଥଟଣା ହୁଏ। ପୁରୀରେ ରଥଟଣା ହେବା ପରେ ବାରିପଦାରେ ମହାପ୍ରଭୁଙ୍କୁ ରଥକୁ ପହଣ୍ଡି କରି ନିଆଯାଇ ଥାଏ। ଏହା ପରେ ୨ ଦିନ ରଥଟଣା ହୋଇ ମହାପ୍ରଭୁ ମାଉସୀ ମା' ମନ୍ଦିରକୁ ଯାଆନ୍ତି।


ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିର।

## ବ୍ୟାରିକେଡ୍‌ରେ ବିଶ୍ୱର ସର୍ବୋଚ୍ଚ ରଥ

**କେନ୍ଦୁଝର, ୨୩।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ପାଳନ ବନ୍ଦ ନିଷ୍ପତ୍ତି ଯୋଗୁ ଜିଲାର ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ମାନଙ୍କ ମଧ୍ୟରେ ନିରାଶ ଖେଳିଯାଇଛି। ପୁରୀ ଭଳି କଟକଣା ମଧ୍ୟରେ କେନ୍ଦୁଝରର ବଳଦେବଜୀଉଙ୍କ ରଥଯାତ୍ରା ପାଳନ କରାଯାଇପାରିଥାନ୍ତା ଏବଂ ବିଶ୍ୱର ସର୍ବୋଚ୍ଚ ରଥ ବଡଦାଣ୍ଡରେ ଟଣାଯାଇ ପାରିଥାନ୍ତା ବୋଲି ଭକ୍ତ, ବ୍ରାହ୍ମଣ ଓ ସେବାୟତ ମାନେ ମତବ୍ୟକ୍ତ କରୁଛନ୍ତି। ରଥଯାତ୍ରା ନ ହେବାରୁ ଅନେକ ଭକ୍ତଙ୍କ ମଧ୍ୟରେ ପ୍ରଶାସନ ପ୍ରତି ରୋଷ ଦେଖାଦେଇଥିଲା। କାଁ ଭାଁ ଆସିଥିବା ଭକ୍ତ ମାନେ ରଥ ଉପରେ ତିନି ଠାକୁରଙ୍କୁ ଦେଖିବାକୁ ନ ପାଇ ଏବଂ ପୋଲିସ ସୁରକ୍ଷା ବାଡ ମଧ୍ୟରେ ରଥକୁ ଦେଖି ଦୁଃଖ ପ୍ରକାଶ କରିଥିଲେ। ପାଖାପାଖି ୧୦୦ ମିଟର ଅଞ୍ଚଳରେ ପ୍ରଶାସନ ଗତ କାଲି ଠାରୁ ୧୪୪ ଧାରା ଲାଗୁ କରିଥିବା ବେଳେ ପୋଲିସ ସୁରକ୍ଷା ବାଡ ଦିଆଯିବା ଫଳରେ ଭକ୍ତ ମାନେ ରଥ ପାଖକୁ ମଧ ଯାଇ ପାରି ନ ଥିଲେ। ଗୋଟିଏ ସ୍ଥାନରେ ସ୍ୱତନ୍ତ୍ର ଭାବରେ ଭୂୟାଁ ଜନଜାତି ଲୋକଙ୍କ ପ୍ରସ୍ତୁତ ଶିଆଡି ଲତା ଦଉଡି କାମରେ ଲାଗି ନ ପାରି ପଡିରହିଥିଲା।

କଟକଣା ପାଇଁ ଜିଲାରେ ସମସ୍ତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳନ ବନ୍ଦ ରହିଛି। ଜଗନ୍ନାଥ ସୁରକ୍ଷା ସମିତିର ଆବାହକ ଧିରେନ୍ଦ୍ର ରାଉତଙ୍କ କହିବାନୁଯାୟୀ ଜିଲାରେ ପାଖାପାଖି ୭୦ଟି ଜଗନ୍ନାଥ ମନ୍ଦିର ରହିଛି। କଟକଣା ପାଇଁ ସବୁଠି ରଥଯାତ୍ରା ପାଳନ ହୋଇପାରିନାହିଁ। ରଥଯାତ୍ରା ସମୟରେ ନଅ ଦିନ ବ୍ୟାପୀ ଲୋକାରଣ୍ୟ ହୋଇଉଠୁଥିବା ଏହି ସବୁ ମନ୍ଦିର ଗୁଡିକ ପରିସର ଖାଁ ଖାଁ ଲାଗୁଛି। ଦେବୋତ୍ତର ବିଭାଗ ଅଧୀନରେ ତିନୋଟି ଜଗନ୍ନାଥ ମନ୍ଦିର ରହିଥିବା ବେଳେ ଅନ୍ୟ ସବୁ ବିଭିନ୍ନ ସଂଗଠନ, ଗ୍ରାମ କମିଟି ଜରିଆରେ ପ୍ରତ୍ୟେକ ବର୍ଷ ପାଳନ ହୋଇ ଆସୁଥିଲା। ଭକ୍ତ ମାନେ ସରକାରଙ୍କ ଆଦେଶକୁ ସମ୍ମାନ ଦେଖାଇ ସମାଗମ ହୋଇ ନ ଥିଲେ ହେଁ ନିଜର ଭାବର ଦେବତାଙ୍କ ପହଣ୍ଡି, ରଥାରୁଢ଼ ଓ ରଥଟଣା ଆଦି ଦର୍ଶନ କରିପାରି ନଥିବାରୁ ନିରାଶ ହୋଇଛନ୍ତି।



## ମୟୂରଭଞ୍ଜରେ ୧୪ ପଜିଟିଭ୍ ଚିହ୍ନଟ

**ବାରିପଦା ଅଫିସ/କପ୍ତିପଦା/ ଠାକୁରମୁଣ୍ଡା,୨୩।୬(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାରେ ମଙ୍ଗଳବାର ୧୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୯କୁ ବୃଦ୍ଧି ପାଇଛି। ୧୪ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ ଲୋକାଲ କେଶ୍। ଏହି ୧୦ ଲୋକାଲ କେଶ୍‌ରୁ ଜଣେ କୋଭିଡ଼ ଯୋଦ୍ଧା ମଧ ଆକ୍ରାନ୍ତ ହୋଇଛନ୍ତି। ବାରିପଦା ବ୍ଲକର ଏହି କୋଭିଡ୍ ଯୋଦ୍ଧା ଜଣଙ୍କ ଡ୍ୟୁଟିରେ ଥିବା ସମୟରେ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ କରୋନା ଯୋଦ୍ଧାଙ୍କ ପରିଚୟ ଦିଆଯାଇ ନ ଥିବା ବେଳେ ସେ ଜଣେ ପୋଲିସ କର୍ମଚାରୀ ବୋଲି ସୂଚନା ମିଳିଛି। ବାଙ୍ଗିରିପୋଷି, ଉଦଳା, କୁଳିଅଣା, ବିଜତଳା, କପ୍ତିପଦା, ବାରିପଦା ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ବେଳେ ଗୋପବନ୍ଧୁନଗର, ବଡ଼ସାହି, ଖୁଣ୍ଟା, ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରୁ ୨ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି କରାଯାଉଥିବା ପ୍ରଶାସନ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୯ ଜଣ ସୁସ୍ଥ ହୋଇଥିବା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩୯ ଜଣ ବର୍ତ୍ତମାନ ଚିକିତ୍ସାଧିନ ରହି ରହିଛନ୍ତି।

## ୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

**ଭଦ୍ରକ ଅଫିସ, ୨୩।୬**

ଭଦ୍ରକ ଅବକାରୀ ଟିମ୍ ମଙ୍ଗଳବାର ବନ୍ତ ଛକ ପୋଲ ତଳୁ ଏକ ବାଇକ୍ ସହ ୨ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ବାଇକ୍ ଡିକିରୁ ୨୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ହେବ ବୋଲି କୁହାଯାଇଛି। ଗିରଫ ଯୁବକମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅବଦଲାପୁରର ପ୍ରଶାନ୍ତ କୁମାର ବେହେରା ଓ ଟାଉନ ଥାନା ଅଧୀନ ଏଲ୍‌ଖା ଅଞ୍ଚଳର ସୁଜିତ ଦାସ।

## ବିଡିଓଙ୍କ ନୋଟିସର ଉତ୍ତର ରଖିଲେ ଜିଆର୍‌ଏସ୍

**ହାଟଡିହୀ,୨୩।୬(ଡି.ଏନ୍.ଏ.)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିନା କାର୍ଯ୍ୟରେ ପ୍ରାୟ ୨୫ ଜଣ ପ୍ରବାସୀ, ବୃଦ୍ଧ, ମୃତ ବ୍ୟକ୍ତି ଓ ଚାକିରି କରିଥିବା ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ପ୍ରାୟ ୧ ଲକ୍ଷ ୩୨ ହଜାର ଟଙ୍କା ବିଲ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏକ ଖବର ଗତ ୧୨ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଘଟଣାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶିତ ଖବର ସତ୍ୟ ବୋଲି ଦର୍ଶାଇ ବିଡିଓ ଜୟଦେବ ଦାସ ଘଟଣା ସମ୍ପର୍କରେ ଶାଳଣିଆଁ ଜିଆର୍‌ଏସ୍‌ଙ୍କୁ ଚିଠି (ନଂ ୧୮୨୪/୧୮।୬।୨୦୨୦)ରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବିଡିଓଙ୍କ ନୋଟିସ୍‌ର ଜବାବ ଦେଇଛନ୍ତି ଜିଆର୍‌ଏସ୍। ପିଏସ୍ ଶେୟାରରେ ବ୍ଲକ ତରଫରୁ କାର୍ଯ୍ୟାଦେଶ ବାହାର କରି କାର୍ଯ୍ୟର ଜିଇଓ ଟ୍ୟାଗ, ଅଣ କୁଶଳୀ ଶ୍ରମିକ କାର୍ଯ୍ୟ ପାଇଁ ଆବେଦନ, ଲେବର ଡିମାଣ୍ଡ ଦେଇ ମଷ୍ଟରରୋଲ ବାହାର କରିବା, ମଜୁରି ପ୍ରଦାନ କରିବା ପ୍ରଭୃତି କାର୍ଯ୍ୟ ତାଙ୍କ ଅଗୋଚରରେ ବ୍ଲକ ତରଫରୁ କରାଯାଇଛି। ଯାହା ଫଳରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ କରାଯାଇ ପାରୁ ନାହିଁ ବୋଲି ଜିଆର୍‌ଏସ୍ ଉତ୍ତରରେ ଉଲ୍ଲେଖ କରିଛନ୍ତି। ତାଙ୍କର ଏପରି ଜବାବ ଦିଗରେ ତଦନ୍ତ ଆବଶ୍ୟକ ହୋଇଥିବା ବେଳେ ବିଡିଓଙ୍କ ପାଇଁ ସମସ୍ୟା ଏବଂ ଅଡୁଆ ସୃଷ୍ଟି ହୋଇଛି। ତେବେ ଏହାର ତଦନ୍ତ ଆବଶ୍ୟକ ହୋଇଛି।

## ୭ ଦଫା ଦାବି ନେଇ ଶ୍ରମିକଙ୍କ ବିକ୍ଷୋଭ

**ଭଦ୍ରକ ଅଫିସ, ୨୩।୬**

ନିର୍ମାଣ ଶ୍ରମିକ ଓ ପ୍ରବାସୀ ଶ୍ରମିକମାନଙ୍କର ୭ଦଫା ଦାବି ନେଇ ଏଆଇସିସିଟିୟୁ ଓ ଏଆଇସିଡବ୍ଲ୍ୟୁଏଫ୍ ପକ୍ଷରୁ ଭଦ୍ରକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ସମର ବଳଙ୍କ ନେତୃତ୍ୱରେ ଶତାଧିକ ନିର୍ମାଣ ଶ୍ରମିକ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପ୍ରତ୍ୟେକ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ କରୋନା ମହାମାରୀ ସମୟରେ ମାସିକ ୧୦ହଜାର ଟଙ୍କା ସହାୟତା ଦିଆଯିବା ସାଙ୍ଗକୁ ସମସ୍ତ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ମାଗଣାରେ ରାଶନ୍ ସାମଗ୍ରୀ ଯୋଗାଇ ଦିଆଯିବା ଆଦି ୭ ଦଫା ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଗୟାଧର ସେଣ, ପୂର୍ଣ୍ଣଚନ୍ଦ୍ର ଦାସ, ବିଶ୍ୱରଞ୍ଜନ ବେହେରା, କଳ୍ପନା ସ୍ୱାଇଁ, ସାନିରାଣୀ ମାରଣ୍ଡି, ରମାକାନ୍ତ ଦାସ, ସଂଗ୍ରାମ ବଳ, ଜୟନ୍ତୀ ବିଶ୍ୱାଳ,ମିଥୁନ୍ ପାତ୍ର, ସୁକୁରା ପାତ୍ର,ସରସ୍ୱତୀ ଜେନା,କୁନ୍ତଳା ପାତ୍ର, ମଲ୍ଲୀ ପାଣ୍ଡବ ପ୍ରମୁଖ ଶତାଧିକ ନିର୍ମାଣ ଶ୍ରମିକ ନିଜର ନ୍ୟାର୍ଯ୍ୟ ଅଧିକାର ପାଇଁ ଆନ୍ଦୋଳନରେ ଯୋଗ ଦେଇଥିଲେ।

## କାମରେ ଲାଗୁନି ବ୍ରିଟିଶ ଅମଳର ଚେକ୍‌ଡ୍ୟାମ୍

**ବନ୍ତ, ୨୩।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଞ୍ଚଳରେ ବ୍ରିଟିଶ ଅମଳରେ ନିର୍ମିତ ଚେକ୍‌ଡ୍ୟାମ୍(ଦେଶବନ୍ଧ) ଏବେ ଆଉ ପୂର୍ବଭଳି ଚାଷୀଙ୍କ କାମରେ ଲାଗୁନି। ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ହୋଇ ନ ପାରିବାରୁ ଏହା ନଷ୍ଟ ହେବାକୁ ବସିଛି। ଚାଷଜମିକୁ ପାଣି ମାଡୁନଥିବା ବେଳେ ଏବେ ଏହି ସ୍ଥାନରେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ଦେଖିବାକୁ ମିଳୁଛି।

ବନ୍ତ ବ୍ଲକ ଗଣିଜାଙ୍ଗ-ଜାମ୍ବଣି ଭାୟା ବିନାୟକପୁର ରାସ୍ତା ତଥା ଗଣିଜାଙ୍ଗ ବଜାରଠାରୁ ୫ ଶହ ମିଟର ଦୂରରେ ସରୁସାଗର ନଦୀ ଉପରେ ଆଖପାଖ ଚାଷଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ଏହି ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଥିଲା। ଯାହାକି ଦେଶବନ୍ଧ ନାମରେ ପରିଚିତ। ଏହି ବନ୍ଧରେ ୩ଟି ଫୁକାର(ସ୍ଲୁଇସ୍ ଗେଟ୍) ଥିବା ବେଳେ ଏହାକୁ ଶଟର ମାଧ୍ୟମରେ ବନ୍ଦ କରାଯାଇ ନଦୀର ବାମପାର୍ଶ୍ୱ(ପୂର୍ବଦିଗ)ରେ ଅବସ୍ଥିତ ୨ଟି ସ୍ଲୁଇସ ଗେଟ୍‌ରେ ଗଚ୍ଛିତ ପାଣିକୁ ଚାଷଜମିକୁ ଛଡାଯାଇଥାଏ। ଏହି ବନ୍ଧ ନିର୍ମାଣ ଫଳରେ ଗଣିଜାଙ୍ଗ ପଞ୍ଚାୟତର ବିନାୟକପୁର, ସେଠୀସାହି, ମଳିକସାହି, ଗଣିଜାଙ୍ଗ, ହାସିନପୁର, ଭଦ୍ରକ ବ୍ଲକର ବରପଦା, ଅବଦୁଲାପୁର, କୋରଣ୍ଟ, ଓଲଙ୍ଗ, ମୁଣ୍ଡିମରା ଏବଂ ଓଡଙ୍ଗ, ଛୟାଳସିଂ ମୌଜାର ଶହ ଶହ ଏକର ଚାଷଜମି ଜଳସେଚିତ ହୋଇପାରୁଥିଲା। ଚାଷୀମାନେ ବେଶ୍ ଉପକୃତ ହୋଇପାରୁଥିଲେ। କାରଣ ସେତେବେଳେ କେନାଲ ବ୍ୟବସ୍ଥା ନ ଥିଲା। ଗତ ୪୦ବର୍ଷ ହେବ ଉକ୍ତ ବନ୍ଧର ରକ୍ଷଣାବେକ୍ଷଣ କରାଯାଉନାହିଁ। ଫୁକାରରେ ଥିବା ଶଟରଗୁଡ଼ିକ ନଷ୍ଟ ହୋଇଯିବା ଫଳରେ ଚାଷଜମିକୁ ଆଉ ପାଣି ମାଡ଼ିପାରୁନାହିଁ। ବର୍ତ୍ତମାନ ଉକ୍ତ ସ୍ଥାନରେ ମତ୍ସ୍ୟଜୀବୀମାନେ କେବଳ ମାଛ ଧରି ଜୀବିକା ନିର୍ବାହ କରୁଥିବା ଦେଖାଯାଇଛି। ବ୍ରିଟିଶରଙ୍କ ଦ୍ୱାରା ନିର୍ମିତ ଏହି ଚେକ୍‌ଡ୍ୟାମ୍ ଏବେ ଲୁପ୍ତ ହେବାକୁ ବସିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇପାରିଲେ ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ହାସିନପୁର ଗ୍ରାମର ଚାଷୀ ନାଗେଶ୍ୱର ସେଠୀ, ମଥୁରା ସେଠୀ, ରଘୁନାଥ ଦାସ, ମଧୁସୂଦନ ସେଠୀ କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଡ୍ରେନେଜ ଡିଭିଜନର କନିଷ୍ଠଯନ୍ତ୍ରୀ ଶଙ୍କର୍ଷଣ ମଣ୍ଡଳଙ୍କୁ ପଚାରିବାରୁ ଚାଷୀମାନେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଉକ୍ତ ସ୍ଥାନରେ ନୂତନ ଚେକ୍‌ଡ୍ୟାମ୍ ଓ ସ୍ଲୁଇସ୍ ଗେଟ ହୋଇପାରିବ ବୋଲି କହିଥିଲେ।


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦେଶବନ୍ଧ ଚେକ୍‌ଡ୍ୟାମ୍।

**୨ କରୋନା ଆକ୍ରାନ୍ତ ଚିହ୍ନଟ**

**ନୟାଗଡ଼:** ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଓ କରବର ସଙ୍ଗରୋଧ କେନ୍ଦ୍ରରୁ ମଙ୍ଗଳବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗଣିଆ ଓ ଅନ୍ୟଜଣେ କରବର ଅଞ୍ଚଳର ବୋଲି ଜଣାପଡିଛି। ଏମାନେ ଦିଲ୍ଲୀରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଏମାନଙ୍କୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୫ରେ ପହଞ୍ଚିଛି।



## ସଂକ୍ଷେପରେ

### ଆକ୍ରମଣ ଘଟଣାରେ ଜଣେ ଗିରଫ

**ଖଣ୍ଡପଡ଼ା,୨୩।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଶାଳଝରିଆ ପଞ୍ଚାୟତର ଜିଲ୍ଲୀପଡା ଗ୍ରାମରେ ତାସ ଖେଳକୁ ନେଇ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିକଟସ୍ଥ କଇଁଥପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ। ତାସ ଖେଳ ସମୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। କୃଷ୍ଣଚନ୍ଦ୍ରଙ୍କ ସମେତ ଅନ୍ୟ ୨ଜଣ ମାରଣାସ୍ତ୍ରରେ ଜିଲ୍ଲୀପଡା ଗ୍ରାମର ବାଦଲ ଜାନିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାଦଲଙ୍କ ମୁଣ୍ଡ ଫାଟିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏବେ ସେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବାଦଲଙ୍କ ବାପା ଜଗନ୍ନାଥ ଥାନାରେ ଅଭିଯୋଗ କରିଥିଲେ।

### ଅସହାୟ ମହିଳା, ଶିଶୁକନ୍ୟା ଉଦ୍ଧାର

**ରସୁଲପୁର, ୨୩।୬ (ଡି.ଏନ.ଏ.):** ରସୁଲପୁର ବ୍ଲକ ମହିଳା ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ଜଣେ ଅସହାୟ ଆଦିବାସୀ ମହିଳା ସଞ୍ଜୁଲତା ମୁଣ୍ଡା ଓ ତାଙ୍କ ୩ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତା ମହିଳା ଓ ଶିଶୁକନ୍ୟାକୁ ୱାନଷ୍ଟପ୍ ସ୍ୱେଚ୍ଛାସେବୀ ସଂଗଠନରେ ରଖାଯାଇଥିବା ଜଣାଯାଇଛି। ସଞ୍ଜୁଲତାଙ୍କୁ ଆତ୍ମନିର୍ଭରଶୀଳା କରାଯିବା ପାଇଁ ବ୍ୟବସ୍ଥା କରାଯିବା ସହ ଶିଶୁ କନ୍ୟାର ପାଠ ପଢ଼ା ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ମହିଳା ଓ ଶିଶୁ ମଙ୍ଗଳ ଅଧିକାରୀ ଦିପ୍ତିମୟୀ ନାୟକ କହିଛନ୍ତି। ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଗ୍ରାମର ସଞ୍ଜୁକ୍ତାଙ୍କ ସ୍ୱାମୀ ଗଣେଶ ମୁଣ୍ଡାଙ୍କ ମୃତ୍ୟୁ ପରେ ସଞ୍ଜୁକ୍ତା ଓ ତାଙ୍କ ଝିଅଙ୍କୁ ଶାଶୁଘର ଲୋକେ ଘରୁ ବାହାର କରିଦେଇଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଯାଜପୁର ଜିଲା ପ୍ରଶାସନକୁ ଅବଗତ କରାଇବା ପରେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଜପୁର ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ରସୁଲପୁର ବ୍ଲକ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ସୁପରଭାଇଜର ସତ୍ୟଭାମା ବେହେରା, ବିଷ୍ଣୁପ୍ରିୟା ଦାସ, ପ୍ରଫୁଲ କୁମାର ରାଉତ ଗ୍ରାମରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

### ମହନ୍ତ ପ୍ରତାପ ନାରାୟଣ ଦାସଙ୍କ ପରଲୋକ

**କୁଜଙ୍ଗ,୨୩।୬(ଡି.ଏନ.ଏ.):** କୁଜଙ୍ଗ ନିବାସୀ ତଥା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ମହନ୍ତ ପ୍ରତାପ ନାରାୟଣ ଦାସଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଛି। ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୁଜଙ୍ଗ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦାସ କୁଜଙ୍ଗସ୍ଥ ବାୟାମଠର ତତ୍ତ୍ୱାବଧାରକଭାବେ ରହିଆସିଥିବାବେଳେ କୁଜଙ୍ଗରେ ଆଧାତ୍ମିକ ଚେତନାର ପ୍ରଚାର ପ୍ରସାର ନିମନ୍ତେ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଜୟନ୍ତୀ, ଜ୍ୟେଷ୍ଠ ପୁତ୍ର ତଥା କୁଜଙ୍ଗର ବିଶିଷ୍ଟ ବ୍ୟବସାୟୀ ପ୍ରକାଶ ନାରାୟଣ ଦାସ, ବିକ୍ରମ ନାରାୟଣ ଦାସ, ସୁବାସ ଦାସ, ରାଜେନ୍ଦ୍ର ଦାସ, ପୁତୁରା ପ୍ରଫୁଲ୍ଲ ନାଥ ଶର୍ମା, କାଳିଆ ନାଥଶର୍ମା, ପ୍ରଭାତ ନାଥଶର୍ମା, ଅକ୍ଷୟ ନାଥଶର୍ମାଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

### ୨୦ହଜାର ଟଙ୍କା ଲୁଟ୍

**ଧର୍ମଶାଳା, ୨୩।୬ (ଡି.ଏନ୍.ଏ.):** ଧର୍ମଶାଳା ଥାନା ଅଧୀନ ଶାନ୍ତିବଜାର ନିକଟରୁ ସୋମବାର ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବଡମଙ୍ଗଳପୁର ଗ୍ରାମର ସତ୍ୟସାଇ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ମିନତି ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ମିନତି ଓ ତାଙ୍କର ଜଣେ ସହଯୋଗୀ ଜାରକା ୟୁକୋ ବ୍ୟାଙ୍କ ଶାଖାରୁ ୧ଲକ୍ଷ ୨୦ହଜାର ଟଙ୍କା ଉଠାଇ ସ୍କୁଟିରେ ଗାଁକୁ ଫେରୁଥିଲେ। ଶାନ୍ତିବଜାର ନିକଟ ନାଉପାଳ ଗଡାଠାରେ ୨ଜଣ ଦୁର୍ବୃତ୍ତ ଏକ କଳା ପଲସରରେ ଆସି ମିନତିଙ୍କ ହାତରୁ ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ। ସ୍କୁଟି ଡିକିରେ ୧ଲକ୍ଷ ଟଙ୍କା ଥିବା ବେଳେ ମିନତି ହାତରେ ଧରିଥିବା ବ୍ୟାଗରେ ୨୦ହଜାର ଟଙ୍କା, ମୋବାଇଲ, ବ୍ୟାଙ୍କ ପାସବୁକ୍, ଚେକ୍ ଓ ସଂଘର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା।

**ଗଡ଼ିଲାନି ବ୍ରହ୍ମ ତାଳଧ୍ୱଜ**

# ସ୍ନାନମଣ୍ଡପରେ ବିଜେ ହେଲେ ଶ୍ରୀଜୀଉ


ବଳଦେବଜୀଉଙ୍କ ପହଣ୍ଡି ବିଜେ।

**କେନ୍ଦ୍ରାପଡ଼ା ଅଫିସ, ୨୩।୬**

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମଙ୍ଗଳବାର ରଥଦାଣ୍ଡରେ ଗଡିଲାନାହିଁ। ତେବେ ଶ୍ରୀଜୀଉଙ୍କ ରଥଯାତ୍ରା ବିଧି ମନ୍ଦିର ପରିସରରେ ଆରମ୍ଭ ହୋଇଥିଲା। ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ପରିସରରେ ଥିବା ସ୍ନାନମଣ୍ଡପକୁ ବିଜେ କରିଥିଲେ। ଏହି ମଣ୍ଡପକୁ ବ୍ରହ୍ମ ତାଳଧ୍ୱଜ ରଥର ପ୍ରତୀକାତ୍ମକ ଭାବେ ନିଆଯାଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ସକାଳ ୬ଟାରେ ଜୟ ମଙ୍ଗଳ ଆଳତି, ୮ଟାରେ ନୀତି ସ୍ନାନ ବଲ୍ଲଭ ପରେ ଖେଚୁଡ଼ି ଧୂପ ଲାଗିଥିଲା। ଦିନ ୧୧ରେ ସେନାପଟା ଲାଗି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ମଣିବିଗ୍ରହ ଶ୍ରୀ ବଳଦେବଜୀଉ, ଅନୁଜ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ସହିତ ସୁଦର୍ଶନଙ୍କୁ ଧରି ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିଥିଲେ। ରାଜପୁରୋହିତ ପ୍ରଫୁଲ୍ଲ କୁମାର ପତି ଓ ମୃତ୍ୟୁଞ୍ଜୟ ପତି ଛେରାପହଁରା କରିଥିଲେ।

ସେହିପରି କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ତମାଳଶାସନ ଚଉଦକୁଲାଟରେ ଶ୍ରୀ ଦଧିବାମନଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ଗୋଟାଏରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ସେବାୟତଙ୍କ ସେବା ମଧ୍ୟରେ ଶ୍ରୀଜୀଉ ଗରୁଡ ସ୍ତମ୍ଭଠାରେ ପ୍ରତୀକାତ୍ମକ ମୁରୁଜ ରଥରେ ବିଜେ ହୋଇଥିଲେ। ବାଡ଼ଗ୍ରାହୀ କିଶୋର ଚନ୍ଦ୍ର ମିଶ୍ର, ରମାକାନ୍ତ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ରାଜକିଶୋର ମିଶ୍ର ପ୍ରମୁଖ ବେଦୀ ଉପରେ ସାଜ ସରଞ୍ଜାମ ଲାଗି କରିଥିଲେ। ପଣ୍ଡିତ ଉମାକାନ୍ତ ମିଶ୍ର ଛେରାପହଁରା କରିଥିଲେ।

## ମନ୍ଦିର ପରିସରରେ ହେଲା ରଥଯାତ୍ରା

**ଏରସମା,୨୩।୬(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର (ବ୍ରଜକିଶୋରଦେବ)ଙ୍କ ପୀଠ ପରିସରରେ ମଙ୍ଗଳବାର ନିରାଡ଼ମ୍ବର ଭାବେ ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ସାମାଜିକ ଦୂରତ୍ୱ ରକ୍ଷା କରି ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶାସନ ଉପସ୍ଥିତିରେ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ପୀଠ ପରିସରସ୍ଥିତ ମାଉସୀ ମା'ମନ୍ଦିରକୁ ନିଆଯାଇଥିଲା। ରାଜା ନିରଞ୍ଜନ ପ୍ରସାଦ ଦାସ ଓ ବାସୁଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଘୁନନ୍ଦନ ଦାସ, ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ତହସିଲଦାର ଜ୍ଞାନୀ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଚ୍ଛାୟତ, ବିଜୟ ପାଲ, ମନ୍ତ୍ରୀଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇଁ ଓ ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଏରସମାର ବ୍ରଜକିଶୋରଦେବ।

## ଗଡ଼ିଲାନି ରଥ, ମନ୍ଦିରରେ ହେଲା ଦେବନୀତି

**ଖଣ୍ଡପଡ଼ା,୨୩।୬(ସ୍ୱ.ପ୍ର.)**

ଗଡଜାତ ଖଣ୍ଡପଡ଼ା ଅଞ୍ଚଳର ଖଣ୍ଡପଡ଼ା ସହର, ଖଳିସାହି ଓ ମର୍ଦ୍ଦରାଜପୁରଠାରେ ପ୍ରଚଳିତ ରଥଯାତ୍ରା ଚଳିତବର୍ଷ କରୋନା କଟକଣା ଯୋଗୁ ବନ୍ଦ ହୋଇଯାଇଛି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖା ଦେଇଛି। ଶ୍ରୀ ଜୀଉଙ୍କ ଘୋଷଯାତ୍ରା ନିମନ୍ତେ ନିର୍ମାଣ ହୋଇଥିବା ୨ଟି ରଥ ଖଣ୍ଡପଡା ସହରର ରଥଗଡା ଛକରେ ରହିଛି। କେବଳ ଦେବନୀତି ଅନୁଯାୟୀ ଖଣ୍ଡପଡା ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର, ଖଳିସାହି, ସିଧାମୂଳା ଓ ମର୍ଦ୍ଦରାଜପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ବିଗ୍ରହମାନଙ୍କୁ ପୂଜାର୍ଚ୍ଚନା କରାଯାଇଛି।

## ଭାଙ୍ଗିଲା ୨୭୦ ବର୍ଷର ପରମ୍ପରା: ଗଡ଼ିଲାନି ରଥ

**ନୟାଗଡ଼ ଅଫିସ/ ରଣପୁର, ୨୩।୬ (ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁରରେ ୨୭୦ ବର୍ଷର ପରମ୍ପରା ଭାଙ୍ଗିଛି। ରଥ ନ ଗଡିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଥ ନିର୍ମାଣ କାର୍ଯ୍ୟ ୯୯ ପ୍ରତିଶତ ଶେଷ ହୋଇଯାଇଥିଲା। ଶେଷ ମୁହୂର୍ତ୍ତରେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ରଥଯାତ୍ରା ବନ୍ଦ ହୋଇଗଲା। ତେବେ ମଙ୍ଗଳବାର ମନ୍ଦିର ମଧ୍ୟରେ ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା।


ରଣପୁର ରଥଖଳାରେ ନିର୍ମାଣ ହୋଇରହିଥିବା ୩ ରଥ।

## ଧାନକୁଦ ପୀଠରେ କେବଳ ନୀତିକାନ୍ତି

**ବାଲିଆ,୨୩।୬**

କରୋନା କଟକଣା ଯୋଗୁ ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଧାନକୁଦ ଜଗନ୍ନାଥ ରଥଯାତ୍ରା ବନ୍ଦ ରହିଛି। କେବଳ ପରମ୍ପରାକୁ ପାଥେୟ କରି ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ନେତୃତ୍ୱରେ ରାଜା ପ୍ରମୋଦ ନନ୍ଦୀ, ମୁଦିରସ୍ତ ବିଜୟ ମିଶ୍ର, ପାଟ ରାଜା ପ୍ରଭାତ କୁମାର ନନ୍ଦୀଙ୍କ ଉପସ୍ଥିତିରେ ବିନା ଭକ୍ତରେ ଶ୍ରୀଜୀଉମାନଙ୍କ ନୀତିକାନ୍ତି କରାଯାଇଥିଲା। ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ରଥଯାତ୍ରା ଧାନକୁଦ ପୀଠାଧିଶ ପ୍ରେମ ସାଗର ବାବା ଅରକ୍ଷିତ ଦାସ ମହାରାଜା ଓ ଗ୍ରାମବାସୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ରଥଯାତ୍ରା ବନ୍ଦ ହୋଇଥିବାରୁ ଶ୍ରଦ୍ଧାଳୁମାନେ ନିରୁତ୍ସାହିତ ହୋଇ ପଡ଼ିଛନ୍ତି।

## କଟକଣା ମଧ୍ୟରେ ରଥଯାତ୍ରା

**ନୟାଗଡ଼,୨୩।୬**

କରୋନା କଟକଣାକୁ ଆଖିଆଗରେ ରଖି ନୟାଗଡ, ଶରଣକୁଳ ଓ ଗୋଡିପଡାରେ ରଥଯାତ୍ରା ମନ୍ଦିର ପରିସରରେ ବିଧିବିଧାନରେ ଶେଷ ହୋଇଛି। ଜିଲା ସଦର ମହକୁମାରେ ଦେବୋତ୍ତର ବିଭାଗ ପକ୍ଷରୁ ସମାଜିକ ଦୂରତ୍ୱ ଅବଲମ୍ବନ କରାଯାଇ ଶ୍ରୀଜୀଉଙ୍କ ବିଧିବିଧାନ କରାଯାଇଥିଲା। ଶରଣକୁଳ ଲଡୁବାବାଙ୍କ ପୀଠରେ ପାର୍ଶ୍ୱଦେବତା ଜଗନ୍ନାଥଙ୍କ ଅନୁରୂପ ଭାବେ ପୂଜାର୍ଚ୍ଚନା କରାଯାଇଥିଲା।

# ମୃତଦେହ ଦାହକୁ ନେଇ ଦଳିତ ପରିବାରକୁ ଆକ୍ରମଣ

- ପୀଡ଼ିତ ପରିବାରକୁ ଭେଟିଲେ ଜାତୀୟ ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତା
- କ୍ଷତିପୂରଣ, ନ୍ୟାୟ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କଲେ

**ନାଉଗାଁ,୨୩।୬(ସ୍ୱ.ପ୍ର.):** ନାଉଗାଁ ବ୍ଲକ୍ ଗଜରାଜପୁର ପଞ୍ଚାୟତ ଭାତପଡ଼ା ଗ୍ରାମରେ ମୃତଦେହ ଦାହକୁ ନେଇ ଏକ ଦଳିତ ପରିବାରକୁ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଜାତୀୟ ଦଳିତ ଆଦିବାସୀ ମହାସଂଘ ରାଜ୍ୟ ସଭାପତି ଲିଟୁ ଦାସ, ଉପସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ବସନ୍ତ ନାୟକ, ରାଜ୍ୟ ମହିଳା ଦଳିତ ସଂଘ ସମ୍ପାଦିକା ଟିକିନା ପରିଡ଼ା ଓ ପୀତବାସ ନାୟକ ପ୍ରମୁଖ ପୀଡ଼ିତ ପରିବାରକୁ ଭେଟି ଆଲୋଚନା କରିବା ସହ ଏପରି ଘଟଣାକୁ ଘୋର ନିନ୍ଦା କରିଛନ୍ତି। ସଂଘ କର୍ମକର୍ତ୍ତା ପୀଡ଼ିତ ପରିବାରକୁ ଆଟ୍ରୋସିଟି ଆଇନାନୁଯାୟୀ କ୍ଷତିପୂରଣ ଦେବାସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ୧୮ ତାରିଖରେ ଗ୍ରାମର ଚକ୍ରଧର ସାମଲ ଗାଁଶ୍ମଶାନରେ ତାଙ୍କ ପୁତୁରାଙ୍କ ମୃତଦେହ ଦାହ ସାରି ରୋହି ଶୀତଳେଇବାକୁ ଯାଉଥିଲେ। ଏହି ସମୟରେ ବାହାଲିଆ ସାହିର କେତେଜଣ ବ୍ୟକ୍ତି ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏଠାରେ କାହିଁକି ମୃତଦେହ ପୋଡିଲୁ ବୋଲି କହିଥିଲେ। ଏଠାରେ ମୃତଦେହ ଦାହ କରିବାରେ ଅସୁବିଧା ନାହିଁ ବୋଲି ଚକ୍ରଧର ସେମାନଙ୍କୁ କହିଥିଲେ। ଏଥିରେ ସେମାନେ ଉତ୍ୟକ୍ତ ହୋଇ ଚକ୍ରଧରଙ୍କୁ ଆକ୍ରମଣ କରିଥିଲେ। ଏପରି କି ଚକ୍ରଧର ଓ ଅନ୍ୟମାନେ ଘରକୁ ଆସୁଥିବାବେଳେ ସେମାନେ ପଛପଛେ ଆସି ଚକ୍ରଧରଙ୍କ ଘର ନିକଟରେ ପୁନର୍ବାର ଆକ୍ରମଣ କରିଥିଲେ। ଏହାକୁ ଚକ୍ରଧରଙ୍କ ସ୍ତ୍ରୀ ବିରୋଧ କରିବାରୁ ତାଙ୍କୁ ସମ୍ପୃକ୍ତ ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ଦେଖି ଚକ୍ରଧରଙ୍କ ପଡ଼ୋଶୀ ଆସିଯିବାରୁ ସେମାନେ ପଳାଇଥିଲେ। ସେମାନେ ଆକ୍ରମଣ ସହ ଜାତିଆଣ ଆକ୍ଷେପ କରିଥିବା ଚକ୍ରଧର ୧୯ ତାରିଖରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ (ନଂ-୯୩/୨୦)ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ, ଗୋବର୍ଦ୍ଧନ ସାହୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଏହାପରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅବାଧରେ ଚାଲିଛି ମାଙ୍କଡ଼ାପଥର ଖନନ

**ଓଡଗାଁ ତହସିଲ**

- ଥାନା ସମ୍ମୁଖ ରାସ୍ତାରେ ହେଉଛି ଚାଲାଣ
- ହେଉଛି ଲୋକଦେଖାଣିଆ ଚଢ଼ାଉ

**ନୟାଗଡ଼ ଅଫିସ,୨୩।୬**

ନୟାଗଡ଼ ଜିଲା ଓଡଗାଁ ତହସିଲ କୋମଣ୍ଡ ପଞ୍ଚାୟତର କୋମଣ୍ଡ ଓ ଉଦୟପୁର ଏବଂ ରୋହିବାଙ୍କ ପଞ୍ଚାୟତର ଭଗବତୀପ୍ରସାଦ ଅଞ୍ଚଳରେ ଅବାଧରେ ଚାଲିଛି ମାଙ୍କଡ଼ାପଥର ଖନନ। ନିଲାମ ହେଉ ନ ଥିବାରୁ ସରକାର ରାଜସ୍ୱ ହରାଇ ଚାଲିଛନ୍ତି। ଓଡଗାଁ ଥାନା ସମ୍ମୁଖ ରାସ୍ତାରେ ନୟାଗଡ ଓ ଓଡଗାଁ ବ୍ଲକ ସମେତ ଗଞ୍ଜାମ ଜିଲାକୁ ଏହି ବେଆଇନ ପଥର ଚାଲାଣ ହେଉଛି। ପୋଲିସ ପକ୍ଷରୁ କାଁ ଭାଁ ଚଢାଉ ହେଉଥିଲେ ମଧ୍ୟ ଏହା ଚୋରା ଚାଲାଣକୁ ରୋକିପାରିନି।

ସୂଚନା ଅନୁଯାୟୀ, କୋମଣ୍ଡ, ଉଦୟପୁର, ଭଗବତୀପ୍ରସାଦ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡାପଥର ଖନନ ଚାଲିଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଚଢ଼ାଉ ନାହିଁ। ଖଣି ଖନନ ପରେ ବଡ ବଡ ଗର୍ତ୍ତ ହେଉଥିବାବେଳେ ଏଗୁଡିକ ବାଲି ଫିଲିଂ କରାଯାଉନି। ଫଳରେ ଏଥିରେ ଗୃହପାଳିତ ପଶୁ ପଡି ବିଭିନ୍ନ ସମୟରେ ପ୍ରାଣ ହରାଉଛନ୍ତି। ଏପରି କି ମଣିଷ ପଡି ପ୍ରାଣ ହରାଇଥିବା ନଜିର ରହିଛି। ଏନେଇ ଜଣେ ପଥର ବ୍ୟବସାୟୀ କୁହନ୍ତି, ଆମେ ବିନା ନିଲାମରେ କାମ କରୁଥିବାରୁ ଧରାଧରି କରି ଚଳିବାକୁ ପଡୁଛି। ଏଥିପାଇଁ ପ୍ରତି ମାସରେ କିଛି ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ଏହା ଦ୍ୱାରା ଚଢ଼ାଉ ପୂର୍ବରୁ ଆମକୁ ସୂଚନା ମିଳିଯାଏ ଓ ସେହି ଅନୁଯାୟୀ ଖଣି ଖନନ ଓ ମାଲ ପରିବହନ ବନ୍ଦ କରିଦେଉ। ପ୍ରଶାସନ, ଲୋକ ପ୍ରତିନିଧି, କିଛି ଗଣମାଧ୍ୟମ ପ୍ରତିନିଧିଙ୍କର ଆମ ପ୍ରତି ଆଶୀର୍ବାଦ ରହିଛି। ଆମେ ସେମାନଙ୍କ କଥା ମଧ୍ୟ ବୁଝୁ ବୋଲି ସେ କହିଥିଲେ। ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, କୋମଣ୍ଡରେ ଏକ ପଥର ଖଣି ନିଲାମ କରାଯାଇଛି। ରୋହିବାଙ୍କ ପଞ୍ଚାୟତରେ ପଥରଖଣି ନିଲାମ ଦିଆଯାଇନି। ଏଠାରେ ୧ ସପ୍ତାହ ମଧ୍ୟରେ ମାଙ୍କଡାପଥର ଖଣି ନିଲାମ ଦିଆଯିବାକୁ ପ୍ରସ୍ତୁତି ଚାଲିଛି। ସୋମବାର ଧରପଗଡ କରାଯାଇ ୨ଟି ମାଙ୍କଡାପଥର ବୋଝେଇ ଟ୍ରକ ଜବତ କରାଯାଇଛି।


ରୋହିବାଙ୍କ ଅଞ୍ଚଳରେ ଖୋଳାଯାଇଥିବା ଖଣି।

## ଜାତୀୟ ରାଜପଥରେ ଟ୍ରକ ଜଳିଗଲା

**ଚଣ୍ଡିଖୋଲ, ୨୩।୬ (ଡି.ଏନ୍.ଏ.):** ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ପତରାଜପୁର ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରକ (ଓଡି-୦୪-ଏମ୍-୧୪୭୯) ଜଳିଯାଇଛି। ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପତରାଜପୁର ଛକ ନିକଟରେ ଆଇରନ ବୋଝେଇ ଟ୍ରକ ଠିଆ ହୋଇରହିଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗି ଜଳି ଉଠିଥିଲା। ଯାନ୍ତ୍ରୀକ ତ୍ରୁଟି ପାଇଁ ଟ୍ରକଟି ଜଳିଯାଇଥିବା ନେଇ ଟ୍ରକ ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଜଗତ୍‌ସିଂହପୁରରେ ପୁଣି ୧୯ କରୋନା ସଂକ୍ରମିତ

**ଜଗତ୍‌ସିଂହପୁର ଅଫିସ,୨୩।୬:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ନିୟନ୍ତ୍ରଣକୁ ଆସୁନି। ମଙ୍ଗଳବାର ଜିଲାରେ ପୁଣି ୧୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳରୁ ୪, ବିରିଡ଼ି ୨, କୁଜଙ୍ଗ ୯, ନାଉଗାଁ ୩ ଓ ଏରସମାରୁ ଜଣେ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି। ବାଲିକୁଦା ବ୍ଲକ ଅଞ୍ଚଳର ୪ ଜଣଙ୍କ ମଧ୍ୟରୁ ପଶ୍ଚିମବଙ୍ଗରୁ ୩ ଓ ଦିଲ୍ଲୀରୁ ଜଣେ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ବିରିଡ଼ିର ୨ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ର ୧ ଓ ଦିଲ୍ଲୀରୁ ଜଣେ ଫେରିଥିଲେ। କୁଜଙ୍ଗର ୯ ଜଣଙ୍କ ମଧ୍ୟରୁ ପଶ୍ଚିମବଙ୍ଗ ୨, ତାମିଲନାଡୁ ୨, ଆନ୍ଧ୍ରପ୍ରଦେଶ ୨, କର୍ଣ୍ଣାଟକ ୧ ଓ ସାଉଦୀ ଆରବ ଫେରନ୍ତା ଜଣେ ରହିଛନ୍ତି। ନାଉଗାଁର ୩ ଜଣଙ୍କ ମଧ୍ୟରୁ କର୍ଣ୍ଣାଟକ ୨ ଓ ଆଉ ଜଣେ ରାଜ୍ୟର ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏରସମାର ଜଣକ ତାମିଲନାଡୁ ଫେରନ୍ତା। ଜିଲାରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୨୨୮ରେ ପହଞ୍ଚିଛି। ୧୩୩ ସୁସ୍ଥ ହୋଇଥିବାବେଳେ ୯୫ ଚିକିତ୍ସାଧୀନ ଅଛନ୍ତି।

## ଆଳିରେ କରୋନା କଟକଣାକୁ ଫୁ

**ଆଳି,୨୩।୬(ଡି.ଏନ୍.ଏ.):** ଆଳି ବ୍ଲକରେ କରୋନା କଟକଣାକୁ ବହୁ ଲୋକ ମାନୁ ନାହାନ୍ତି। ସାମାଜିକ ଦୂରତ୍ୱ ଓ ମାସ୍କ ବାନ୍ଧିବାକୁ ସରକାର ବାଧ୍ୟତା ମୂଳକ କରିଥିବା ବେଳେ ବ୍ଲକର ନୂଆ ବଜାର, ମାଛବଜାର,ପରିବାହାଟ,ବିଭିନ୍ନ ବ୍ୟାଙ୍କ ଆଦି ସ୍ଥାନରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଛି। ସିନେମା ହଲ ନିକଟ ହାଟକୁ ଆସୁଥିବା ବ୍ୟବସାୟୀ ଓ ଗ୍ରାହକ ଭିଡ଼ ଜମାଇ ପରିବା କିଣୁଛନ୍ତି। ଫଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ମରାମତି ହେଉନି ଦୁର୍ବଳ ନଦୀବନ୍ଧ

- ନଦୀକୂଳ ଅଞ୍ଚଳବାସୀଙ୍କୁ ବନ୍ୟା ଭୟ
- ପ୍ରଭାବିତ ହେବ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ
- ତୁରନ୍ତ ବନ୍ଧ ସୁଦୃଢ଼ୀକରଣ ଦିଗରେ ପଦକ୍ଷେପ ନେବାକୁ ଦାବି

**ରସୁଲପୁର, ୨୩।୬ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ବନ୍ଧ ରାସ୍ତା ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ଗ୍ରାମ ନିକଟରୁ ବ୍ରହ୍ମବରଦା ପୋଲ ପର୍ଯ୍ୟନ୍ତ ଖାଲଖମାରେ ଭର୍ତ୍ତି ହୋଇଛି। ବନ୍ଧର ବିଭିନ୍ନ ସ୍ଥାନରେ ରେନକଟ୍ ଯୋଗୁ ଲୋକେ ବିପଦପୂର୍ଣ୍ଣ ଭାବେ ଯା'ଆସ କରୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ଷାଦିନ ଆରମ୍ଭ ହୋଇଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ବନ୍ଧରେ ଘାଇ ହେବା ଆଶଙ୍କା ରହିଥିବାରୁ ନଦୀକୂଳ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ ପରେ ବି କିଛି ସୁଫଳ ମିଳୁନି। ତେବେ ନଦୀରେ ବନ୍ୟା ପାଣି ଆସିବା ମାତ୍ରେ ଆଖାପାଖର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ପ୍ରଭାବିତ ହେବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଜାରକା ଜଳସେଚନ ଡିଭିଜନ୍ ଅଧୀନ ବରୀ ଉପଖଣ୍ଡ ଓ ରୁଦ୍ରପୁର ସେକ୍ସନ ଅଧୀନ ଗୋପାଳପୁର-ବ୍ରହ୍ମବରଦା ପର୍ଯ୍ୟନ୍ତ ପ୍ରାୟ ୧୦ କ.ମି. ଲମ୍ବ ନଦୀ ବନ୍ଧ ପାର୍ଶ୍ୱରେ ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ମଙ୍ଗରାଜପୁର, ବାରବାଟୀ ଓ ଅର୍ଥଗାଁ ଆଦି ପଞ୍ଚାୟତ ରହିଛି। ଉକ୍ତ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଘାଟ କରାଯାଇ ଦିନକୁ ଶହଶହ ଟ୍ରକ୍, ଟ୍ରାକ୍ଟରରେ ବାଲି ପରିବହନ କରାଯାଉଛି। ବର୍ଷା ଯୋଗୁ ନଦୀ ବନ୍ଧ ନରମ ଥିବାରୁ ମାଟି ଦବି ଯାଇ ନାଳି ସୃଷ୍ଟି ହୋଇଛି। ସେହି ନାଳିଗୁଡିକ ଯୋଗୁ ବନ୍ଧ ଦୁର୍ବଳ ହୋଇଯାଉଛି। ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ମରାମତି କରାଯାଉ ନ ଥିବା ବେଳେ ବନ୍ଧ ସୁଦୃଢ଼ୀକରଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ବରୀ ଜଳସେଚନ ଉପଖଣ୍ଡ ଅଧିକାରୀ ସୁବାସ ତ୍ରିପାଠୀ କହନ୍ତି, ବନ୍ଧରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସେ ଅବଗତ ଅଛନ୍ତି। ପ୍ରତ୍ୟେକ ଦୁର୍ବଳ ସ୍ଥାନର ଫଟୋ ଉଠାଯାଇ ଉପରିସ୍ଥ ଅଧିକାରଙ୍କ ନିକଟକୁ ରିପୋର୍ଟ ପ୍ରଦାନ କରାଯାଇଛି। ଅନୁମତି ଆସିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି କହିଛନ୍ତି।


ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତାରେ ରେନ୍‌କଟ୍।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ନୟାଗଡ଼ ଅଫିସ,୨୩।୬:** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜୟପଲ୍ଲୀ ଗାଁରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲୀପ ପାତ୍ର। ପୂର୍ବାହ୍ନରେ ଦିଲୀପ ଘର ଆଗରେ ଗାଈ ବାନ୍ଧୁଥିବାବେଳେ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନେଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

## କୁମ୍ଭୀର ବସା ଠାବ ପାଇଁ ଟିମ୍ ଗଠିତ

**ମହାକାଳପଡ଼ା,୨୩।୬(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ କୁମ୍ଭୀର ବସା ଠାବ ପାଇଁ ୨ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବଡିଘର, ଜମ୍ବୁ ଓ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୨ ଦିନ ହେବ ପଇଁତରା ମାରୁଛି। ରେଞ୍ଜ ଅଧିକାରୀ ଶାହାଜୀ ଚରଣ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ବଉଳା ଓ ଅନ୍ୟ କୁମ୍ଭୀର ବସା ବାନ୍ଧିଥିବା ସନ୍ଦେହ କରାଯାଉଛି। ସାଧାରଣତଃ ଜୁନ୍ ଓ ଜୁଲାଇରେ କୁମ୍ଭୀର ଅଣ୍ଡାଦାନ କରିଥାନ୍ତି। ଏଥିପାଇଁ ସେମାନେ ବିଭିନ୍ନ ନଦୀ ପାର୍ଶ୍ୱ ଘଞ୍ଚ ବୁଦା, ସନ୍ତସନ୍ତିଆ ସ୍ଥାନ, ଯୋର ଅଞ୍ଚଳରେ ବସା ବାନ୍ଧିଥାନ୍ତି। ଦେଢ଼ମାସରୁ ୨ ମାସ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟେ। ଏହି ସମୟରେ ମା'କୁମ୍ଭୀର ଅତି ସତର୍କତାର ସହ ସେମାନଙ୍କୁ ଜଗି ରହିଥାନ୍ତି। ଏହାସତ୍ତ୍ୱେ ହେଟା, ବିଲୁଆ, କୁକୁର, କାଉ , ଚିଲ ପ୍ରମୁଖ ବସାରୁ ଅଣ୍ଡା ନେଇଯାନ୍ତି। ଏହାକୁ ଦୃଷ୍ଟିରେ ରଖି ଏସବୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗତ ୨୦୧୯ରେ ଗୋବରୀ ନଦୀ ପାର୍ଶ୍ୱ ଅରଡ ଗ୍ରାମ ବାଉଁଶ ବୁଦା ମୂଳରୁ ଗୋଟିଏ କୁମ୍ଭୀର ବସା ଠାବ କରାଯାଇଥିଲା ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୃଥକ ଦୁର୍ଘଟଣାରେ ୨ ମହିଳା ମୃତ

**ଆସିକା,୨୩।୬(ଡି.ଏନ୍.ଏ.):** ଆସିକା ଓ ଗାଙ୍ଗପୁର ଥାନା ଇଲାକାର ପୃଥକ ଦୁର୍ଘଟଣାରେ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଆସିକା-ବାଲିପଦର ରାସ୍ତା ବଡଖୋଲି ନିକଟରେ ଏକ ସ୍କୁଟିକୁ ପଛପଟୁ ଟ୍ରାକ୍ଟର ଧକ୍କା ଦେବାରୁ କବିସୂର୍ଯ୍ୟନଗର ଥାନା ବାଣନଈ ଗ୍ରାମର ଝୁନୁ ଜେନାଙ୍କ ଜୀବନ ଯାଇଛି। ଝୁନୁ ତାଙ୍କ ପୁଅ ସହ ସ୍କୁଟିରେ ବୁଗୁଡା ନିକଟସ୍ଥ ଡେଙ୍ଗାପଦର ଗ୍ରାମକୁ ଯାଉଥିଲେ। ବଡ଼ଖୋଲି ନିକଟରେ ଟ୍ରାକ୍ଟର ଧକ୍କା ଦେଇ ତାଙ୍କ ମୁଣ୍ଡରେ ମାଡିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆସିକା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୩୬୧/୨୦ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡି ନିକଟରେ ବାଇକରେ ଯାଉଥିବା ପାଲକଷଣ୍ଡା ଗ୍ରାମର ସରୋଜିନୀ ଜେନାଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଜଣେ ଆତ୍ମୀୟଙ୍କ ସହ ସରୋଜିନୀ ବ୍ରହ୍ମପୁରରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ନଂ. ୧୭୩/୨୦ରେ ମାମଲା ରୁଜୁ କରାଯାଇଥିବା ଗାଙ୍ଗପୁର ଥାନାଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

### ଜାଲ୍ ନୋଟ୍ କାରବାର ମୁଖ୍ୟ ଅଭିଯୁକ୍ତ ଗିରଫ

#### ଛପା ସାମଗ୍ରୀ, ଜାଲ୍ ନୋଟ୍ ଜବତ

**ଫିରିଙ୍ଗିଆ,୨୩।୬ :** ଫିରିଙ୍ଗିଆ ଥାନା ପୋଲିସ ପାଟ୍ରୋଲିଂ କରିବା ବେଳେ ଏକ ଗାଡିରୁ ଜାଲ୍ ନୋଟ୍ ଓ ଗଞ୍ଜେଇ ଜବତ କରି ଜଣେ କନଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ସୋମବାର ଗିରଫ କରିଥିଲା। ଜାଲ ନୋଟ୍ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଫୁଲବାଣୀ ଚିତ୍ରକୁଟା ସାହିର ଆକାଶ କୁମାର ନାୟକ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଭାରପ୍ରାପ୍ତ ଥାନାଧିକାରୀ ଶ୍ୟାମ ସୁନ୍ଦର ରାଓ କହିଛନ୍ତି। ଜାଲ ନୋଟ୍ ଛପା ସାମଗ୍ରୀକୁ ମଧ ଜବତ କରାଯାଇଛି। ସୋମବାର ଗିରଫ ହୋଇଥିବା ଗଞ୍ଜେଇ ଚାଲାଣକାରୀଙ୍କୁ ଆକାଶ ଜାଲ ନୋଟ ଯୋଗାଇଥିଲେ। ଆଉ କାହା ପାଖକୁ ଜାଲ ନୋଟ ଯାଇଛି ସେ ନେଇ ତଦନ୍ତ ଜାରି ରହିଛି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ଆସିକା,୨୩।୬(ଡି.ଏନ୍.ଏ.):** ଗାଙ୍ଗପୁର ଥାନା ଇଲାକାରେ ଅନୁସୂଚିତ ବର୍ଗର ଜଣେ ନାବାଳିକାଙ୍କ ପ୍ରତି ଅସଦାଚରଣ ଅଭିଯୋଗ ହୋଇଛି। ସୋମବାର ଏ ସମ୍ପର୍କରେ ନାବାଳିକାଙ୍କ ପକ୍ଷରୁ ଗାଙ୍ଗପୁର ଥାନାରେ ଅଭିଯୋଗ ହେବାରୁ ପୋଲିସ ନଂ. ୧୭୨/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ଏକ ବିଦ୍ୟାଳୟକୁ ଡାକି ସେଠାରେ ଅସଦାଚରଣ କରିଥିବା ଓ ଏ ସମ୍ପର୍କରେ କାହାରିକୁ କହିଲେ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଯାଇଛି। ଏହାର ତଦନ୍ତ ଚାଲିଥିବା ଥାନାଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

### ଅବକାରୀ କାର୍ଯ୍ୟାଳୟରୁ ସିଜ୍ ହୋଇଥିବା ମଦ ଚୋରି

**ଗୋପାଳପୁର,୨୩।୬-** ଗୋଳନ୍ଥରା ଚଟିସ୍ଥିତ ଅବକାରୀ କାର୍ଯ୍ୟାଳୟରୁ ସିଜ୍ ହୋଇ ରଖାଯାଇଥିବା ବିଦେଶୀ ମଦ ସୋମବାର ସନ୍ଧ୍ୟାରେ ଚୋରି ହୋଇଛି। ଚିକିଟି ଓ ଗୋଳନ୍ଥରା ଅବକାରୀ କାର୍ଯ୍ୟାଳୟର କର୍ମଚାରୀ ୨୪ ମେ’ ୨୦୧୮ରେ ଆନ୍ଧ୍ରରୁ ଓଡ଼ିଶା ଆସୁଥିବା ଏକ ବିଦେଶୀ ମଦ ଟ୍ରକକୁ ଜବତ କରିଥିଲେ। ଏନେଇ ନଂ.୫/୨୦୧୮-୧୯ରେ ମାମଲା ରୁଜୁ କରି ଗୋଳନ୍ଥରା ଅବକାରୀ କାର୍ଯ୍ୟାଳୟରେ ସିଜ୍ ମଦ ରଖାଯାଇଥିଲା। କାର୍ଯ୍ୟାଳୟଟି ନିଛାଟିଆ ସ୍ଥାନରେ ଥିବାରୁ ସୋମବାର ସନ୍ଧ୍ୟାରେ କେତେକ ଦୁର୍ବୃତ୍ତ ତାଲା ଭାଙ୍ଗି ବିପୁଳ ପରିମାଣର ମଦ ପେଟି ନେଇଯାଇଛନ୍ତି। ଗେଟ୍ ଖୋଲା ଥିବାରୁ ସ୍ଥାନୀୟ ଲୋକେ କାର୍ଯ୍ୟାଳୟର ଓଆଇସି ସୁବାସ ମହାଙ୍କୁଡ଼ଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିଲେ। ମଙ୍ଗଳବାର ମଧାହ୍ନରେ ଅବକାରୀ ଇନ୍ସପେକ୍ଟର ସୁନୀତା ମାରାଣ୍ଡି ପହଞ୍ଚି ତଦନ୍ତ କରିବା ପରେ ସନ୍ଧ୍ୟାରେ ଗୋଳନ୍ଥରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।



ବଇଁଚବଣିଆ



ପୁରୁଷୋତ୍ତମପୁର



ଭେଜିପୁଟ

# ରଥ ଟଣା ହେଲାନି, ମନ୍ଦିର ବେଢ଼ାରେ ବିଧିରକ୍ଷା

**ଭଞ୍ଜନଗର,୨୩।୬(ଡି.ଏନ.ଏ)**

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲାର କେଉଁଠି ବି ମଙ୍ଗଳବାର ରଥଟଣା ଯାଇନି। କେତେକ ସ୍ଥାନରେ ପରମ୍ପରା, ବିଧିରକ୍ଷା ନିମନ୍ତେ ମନ୍ଦିର ବେଢ଼ାରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଛି। ଭଞ୍ଜନଗର ସହର ଭେଜିପୁଟ ଜଗନ୍ନାଥ ମନ୍ଦିର ବେଢ଼ାରେ ଠାକୁରଙ୍କ ପହଣ୍ଡି ହୋଇଥିଲା। ମନ୍ଦିର କମିଟିର କର୍ମକର୍ତ୍ତାଙ୍କୁ ନେଇ ଏହି ଯାତ୍ରା ହୋଇଥିଲା। ସେହପରି ଭଞ୍ଜ ରାଜବଂଶ ସମୟରୁ ହୋଇ ଆସୁଥିବା କୁଲାଡ଼ ରଥଯାତ୍ରା କଟକଣା ଯୋଗୁ ହୋଇପାରିନଥିଲା। ୩ ଠାକୁର ରତ୍ନ ସିଂହାସନରେ ବସି ପୂଜା ପାଇଥିଲେ।

**ପୁରୁଷୋତ୍ତମପୁର–** ପୁରୁଷୋତ୍ତମପୁର ସହର ସମେତ ଆଖପାଖ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ଚଳିତବର୍ଷ ରଥଯାତ୍ରା ସମ୍ପୂର୍ଣ୍ଣ ରୂପେ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ମାତ୍ର ବିଧିରକ୍ଷା କରି କେବଳ ସୀମିତ ସେବାୟତ ଜଗନ୍ନାଥଙ୍କୁ ମନ୍ଦିର ମଧରେ ବିଗ୍ରହଙ୍କୁ ବେଶଭୂଷାରେ ସଜ୍ଜିତ କରି ପୂଜାର୍ଚ୍ଚନା କରିଛନ୍ତି। ଭକ୍ତ ବିନା ସମସ୍ତ ମନ୍ଦିର ଖାଁଖାଁ ହୋଇ ପଡିଥିବାବେଳେ ଭକ୍ତମାନଙ୍କ ମଧରେ ନିରାଶ ଭାବ ଦେଖାଦେଇଛି।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ଓ ଏହାର ଆଖପାଖ ଅଞ୍ଚଳର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ବନ୍ଦ ରହିଛି। ହିଞ୍ଜିଳିକାଟୁ ରାଜବାଟୀସ୍ଥିତ ଦଧିବାମନ, ପାଟଣାସାହି, ବଇଁଚବଣିଆ ଜଗନ୍ନାଥ ମନ୍ଦିର, ବୁରୁପୋଡ଼ା, କଞ୍ଚୁରୁ ଆଦି ସ୍ଥାନରେ ରଥଯାତ୍ରା ହୋଇନି। କେବଳ ପରମ୍ପରା, ବିଧିରକ୍ଷା ନିମନ୍ତେ ବେଢ଼ାରେ ନୀତିକାନ୍ତି ପୂଜାର୍ଚ୍ଚନା କରାଯାଇଛି।

## ଗାର୍ଡଙ୍କୁ ମାଡ଼ ମାରି ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

**ଗଞ୍ଜାମ,୨୩।୬(ଡି.ଏନ୍.ଏ.)**

ଗଞ୍ଜାମ ସହର ଦୁର୍ଗାଦେବୀ ସାହି ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରୁ ସୋମବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଡ୍ୟୁଟିରେ ଥିବା ସିକ୍ୟୁରିଟି ଗାର୍ଡ ଜିତୁ ପଣ୍ଡାଙ୍କୁ ମାଡମାରି ଦୁର୍ବୃତ୍ତ ଲୁଟ୍ ଉଦ୍ୟମ କରିଥିଲେ। ସାହିଲୋକେ ପହଞ୍ଚିଯିବାରୁ ସେମାନେ ଦୌଡି ପଳାଇଥିଲେ। ଗଞ୍ଜାମ ପୋଲିସ ଜଣେ ଲୁଟେରାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଗାର୍ଡ ପଣ୍ଡା ଦେଇଥିବା ଏତଲା ଅନୁଯାୟୀ ଜଣେ ବ୍ୟକ୍ତି ସନ୍ଧ୍ୟାରେ ୨ଲକ୍ଷ ଟଙ୍କା ମେଶିନରେ ଡିପୋଜିଟ କରିଥିଲେ। ଏହାର କିଛି ସମୟ ପରେ ୩ ଜଣ ଯୁବକ ପହଞ୍ଚି ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଗାର୍ଡ ତାଙ୍କୁ ପ୍ରତିରୋଧ କରିବାରୁ ଜଣେ ଯୁବକ ଆକ୍ରମଣ କରିଥିଲେ। ଅନ୍ୟ ଉପାୟ ନ ପାଇ ଗାର୍ଡ ସାହିଲୋକଙ୍କୁ ଡାକ ପକାଇଥିଲେ। ସେମାନେ ପହଞ୍ଚିଯିବାରୁ ଲୁଟେରାମାନେ ପଳାଇଥିଲେ। ଏନେଇ ଗାର୍ଡ ଥାନାରେ ଏତଲା ଦେଇଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

# ଜମି ବିବାଦକୁ ନେଇ ମାଲିକ–କିନ୍ନର ଗୋଷ୍ଠୀ ମୁହାଁମୁହିଁ

**ବ୍ରହ୍ମପୁର ଅଫିସ,୨୩।୬**



ଜମି ବିବାଦକୁ ନେଇ ମାଲିକ–କିନ୍ନର ମୁହାଁମୁହିଁ।

### ଫୋର୍ସ ମୁତୟନ, ଉଭୟ ପକ୍ଷଙ୍କୁ ନୋଟିସ ଜାରି

ଗୋଷାଣୀନୂଆଗାଁରେ ଥାନା ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମୁଖରେ ଥିବା ଏକ ଜମି ବିବାଦ ଏବେ ଉଗ୍ରରୂପ ନେଇଛି। ଗୋଟିଏ ପଟେ ଜମି ମାଲିକ ନିଜ ଜାଗାରେ କାମ ଆରମ୍ଭ କରିଥିବା ବେଳେ ସେଠାରେ ରହୁଥିବା କିନ୍ନର ଓ ଅନ୍ୟ କେତେଜଣ ଲୋକ ଏହାର ପ୍ରତିବାଦ କରିଥିଲେ। ଫଳରେ ୨ ଗୋଷ୍ଠୀ ମଧରେ ମୁହାଁମୁହିଁ ପରିସ୍ଥିତି ସହ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତିଙ୍କ ନେତୃତ୍ୱରେ ସେଠାରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଜମି ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସେଥିପାଇଁ ପୋଲିସ ଉଭୟ ପକ୍ଷକୁ ଧାରା ୧୦୭ରେ ନୋଟିସ ଜାରି କରିଛି ବୋଲି ଏସ୍‌ଡ଼ିପିଓ ପତି ସୂଚନା ଦେଇଛନ୍ତି। ସେହିପରି ମାଲିକାନା ସତ୍ତ୍ୱେ କାଗଜପତ୍ର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ ପାଇଁ ଉଭୟ ଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ଲାଗି ରହିଥିବା ଚାପା ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ସେଠାରେ ୧୪୪ ଧାରା ଜାରି କରିବା ପାଇଁ ବ୍ରହ୍ମପୁର ଉପ ଜିଲାପାଳଙ୍କ ନିକଟରେ ଆବେଦନ କରିଥିବା ଏସ୍‌ଡ଼ିପିଓ ପତି ସୂଚନା ଦେଇଛନ୍ତି।

ପ୍ରକାଶଯେ, ବଡବଜାର ଅଞ୍ଚଳର ସତ୍ୟନାରାୟଣ ସୁବୁଦ୍ଧିଙ୍କର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଏକ ଜମି ରହିଛି। ଏଥିରେ ଗୃହ ନିର୍ମାଣ ପାଇଁ ସତ୍ୟନାରାୟଣ ଏକ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ସଂସ୍ଥା କର୍ମଚାରୀମାନେ ସେଠାରେ ମଙ୍ଗଳବାର କାମ ଆରମ୍ଭ କରିଥିଲେ। ହେଲେ ସେଠାରେ କିନ୍ନର ଓ କେତେଜଣ ଲୋକ ଘର କରି ରହୁଥିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଫଳରେ ଆମେ ଉଠିବୁ ନାହୁଁ। ଏଥିଯୋଗୁ ଉଭୟ ଗୋଷ୍ଠୀଙ୍କ ମଧରେ ଝଗଡା ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲା। ଚାପା ଉତ୍ତେଜନାକୁ ପ୍ରତିହତ କରିବା ପାଇଁ ପୋଲିସ ଜଗି ରହିବା ସହ ପରିସ୍ଥିତି ଉପରେ ଦୃଷ୍ଟି ରଖିଛି।

## ସାନ ରାମଚନ୍ଦ୍ରପୁରରେ ଗୋଷ୍ଠୀ ସଂଘର୍ଷ, ୮ ଆହତ

**ଗଞ୍ଜାମ,୨୩।୬(ଡି.ଏନ.ଏ.)**

ରମ୍ଭା ଥାନା ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ଗ୍ରାମରେ ଓଡିଆର୍‌ପି ଯୋଜନାରେ ମିଳୁଥିବା ଗୃହକୁ ଦୁଇ ଗୋଷ୍ଠୀଙ୍କ ମଧରେ ଛକାପଞ୍ଝା ଲାଗି ରହିଥିଲା। ଦୁଇ ଦିନ ତଳେ ଗ୍ରାମ କୋଠ ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଥିଲା। ମଙ୍ଗଳବାର ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ୮ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନେ ହେଲେ ଏମ. ଲକ୍ଷ୍ମଣ ପାତ୍ର, ବି. ମୋଚିରାମ ପାତ୍ର, ଜେ. ଚେନୟା ପାତ୍ର, ଏନ. ଜଗନ୍ନାଥ ପାତ୍ର, ଏନ.ଶାକଲେଡ ପାତ୍ର, ଏନ. ଦିଲୁ ପାତ୍ର, ଆର. ପାପାମା, ଆର. ଜଗନ୍ନାଥ ପ୍ରମୁଖ। ତହସିଲଦାର ଅବନୀ କୁମାର ସାହୁ, ଗଞ୍ଜାମ ଥାନା ଆଇଆଇସି ଦିଲୀପ କୁମାର ସାହୁ ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ପୋଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ଠେଙ୍ଗାବାଡ଼ି, ଟେକାପଥର ଫୋପଡ଼ା ଫୋପଡ଼ି ହୋଇଥିଲେ। ଫଳରେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଓଡିଆର୍‌ପିରେ ଘରକୁ ନେଇ ଲାଗିଥିବା ବିବାଦ ପୂର୍ବରୁ ରମ୍ଭା ଥାନାକୁ ଆସିଥିଲା। ମେ ୧୯ରେ ତହସିଲଦାର ଓ ପୋଲିସ ଉପସ୍ଥିତିରେ ଉଭୟ ଗୋଷ୍ଠୀକୁ ବୁଝାଯାଇଥିଲା। ମଙ୍ଗଳବାର ଗ୍ରାମ ସଭାପତି ଶାକଲେଡ ଓ ଅନ୍ୟମାନେ କୂଅ ସଫା କରୁଥିବା ବେଳେ ଅନ୍ୟ ଗୋଷ୍ଠୀର ପ୍ରାୟ ୩୦ରୁ ଉର୍ଦ୍ଧ ବ୍ୟକ୍ତି ଠେଙ୍ଗା ଖଣ୍ଡାରେ ଆକ୍ରମଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖିଛି।

### ପୋଲିସର ମୃଦୁ ଲାଠିଚାଳନା, ୭୦ରୁ ଉର୍ଦ୍ଧ୍ୱ ଅଟକ

## ଚିକିଟି ଏନ୍‌ଏସିର ୫ ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍

**ଚିକିଟି,୨୩।୬(ଡି.ଏନ.ଏ.)**

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ୫ ୱାର୍ଡକୁ ମଙ୍ଗଳବାର ଜିଲା ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ୧୨ ୱାର୍ଡ ବିଶିଷ୍ଟ ଏନ୍‌ଏସିର ଅନ୍ୟ ୱାର୍ଡର କେତେକ ସ୍ଥାନକୁ ବଫର ଜୋନ୍ ଘୋଷଣା କରାଯାଇଥିବା ତହସିଲଦାର ହରପ୍ରସାଦ ଭୋଇ ସୂଚନା ଦେଇଛନ୍ତି।

୧ନଂ. ଠାରୁ ୫ନଂ. ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବେଳେ ଚିକିଟିପେଣ୍ଠରେ ଥିବା ୬ନଂ. ଠାରୁ ୯ନଂ. ୱାର୍ଡ, ୧୦ନଂ. ୱାର୍ଡର ଜେନାପୁର ଓ ଲୋକନାଥପୁର, ୧୧ନଂ. ଓ ୧୨ନଂ. ୱାର୍ଡ କରବାଲୁଆ ସମେତ ୩ କିମି ଦୂରରେ ଥିବା ଧାନଘର, କେ.ଗୋପୀନାଥପୁର, ମୁକ୍ତାପୁର, ଜଗଡା, ଟି.କୁଳମଣିପୁରକୁ ବଫର ଜୋନ୍ ଘୋଷଣା କରାଯାଇଛି। ଗତ ୧୯ରେ ଚିକିଟି ବଜାରର ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନର ୨ ଭାଇଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ପୁଣି ୨୧ତାରିଖରେ ଆଉ ୨ଜଣ ସ୍ଥାନୀୟ ଲୋକଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଏପରି ପଦକ୍ଷେପ ନିଆଯାଇଛି। ସ୍ୱାସ୍ଥ୍ୟବିଭାଗ ଓ ପ୍ରଶାସନ ପକ୍ଷରୁ ଏମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । କଣ୍ଟେନ୍‌ମେଣ୍ଟ ଅଞ୍ଚଳର ଲୋକଙ୍କ ଜରୁରୀ ଔଷଧ ଓ ରାଶନ ସାମଗ୍ରୀ ଯୋଗାଇ ଦେବା ବ୍ୟବସ୍ଥା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଚିକିଟି ବିଡିଓ ଫାଲ୍‌ଗୁନି ମାଝି ଓ ସିଡିପିଓଙ୍କୁ ସମସ୍ତ କାର୍ଯ୍ୟ ମନିଟରିଂ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ପୁରୁଷୋତ୍ତମପୁରରେ ହେବ କୋଭିଡ୍ କେୟାର ସେଣ୍ଟର

### ଅନୁଧ୍ୟାନ କଲେ ଉପଜିଲାପାଳ

**ପୁରୁଷୋତ୍ତମପୁର,୨୩।୬(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଏନ୍‌ଏସିରେ ସ୍ୱତନ୍ତ୍ର ଭାବେ କୋଭିଡି କେୟାର ସେଣ୍ଟର ଖୋଲିବ। ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ମଙ୍ଗଳବାର ଆସି ଅନୁଧ୍ୟାନ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ତାରାତାରିଣି କଲ୍ୟାଣ ମଣ୍ଡପରେ ୧୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଖୋଲିବା ଲାଗି ପଦକ୍ଷେପ ନିଆଯାଇଛି। ଆନୁଷଙ୍ଗିକ କାର୍ଯ୍ୟ ଯଥାଶୀଘ୍ର ସାରି ସେଣ୍ଟର କାର୍ଯ୍ୟକ୍ଷମ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଏଥିଲାଗି ତହସିଲଦାର ଅରୁଣ କୁମାର ନାୟକ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓଙ୍କ ସହ ଆଲୋଚନା କରିଥିଲେ।

## ହୋମ୍ କ୍ୱାରାଣ୍ଟାଇନ ବୁଲି ଦେଖିଲେ ଉପ ଜିଲାପାଳ

**ଭଞ୍ଜନଗର,୨୩।୬(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ଭଞ୍ଜନଗର ସହରରେ ହୋମ୍ କ୍ୱାରେଣ୍ଟାଇନରେ ଥିବା ଲୋକମାନଙ୍କ ଘରକୁ ଯାଇଥିଲେ। ସମସ୍ତେ ସରକାରଙ୍କ ନିୟମ ପ୍ରକାରେ ସଙ୍ଗରୋଧରେ ଥିବା ଥିବା ଜଣାପଡ଼ିଛି। ଏଥିସହ ଉପଜିଲାପାଳ କେଏସ୍‌ୟୁବି କଲେଜରେ ହୋଇଥିବା ସହରର ଏକମାତ୍ର ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହାପରେ ବାଇପାସ୍ ରୋଡ଼ରେ ହୋଇଥିବା ଛତୁଆ କେନ୍ଦ୍ର ପରିଦର୍ଶନ କରି ଛତୁଆର ମାନ ଯାଞ୍ଚ କରିଥିଲେ ।




ଉପଜିଲାପାଳ ହୋମ୍ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

## ଦାରିଙ୍ଗବାଡ଼ି ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

**ଦାରିଙ୍ଗବାଡ଼ି,୨୩।୬(ଡି.ଏନ୍.ଏ.)**



ତୁଡୁକିବାଡ଼ି ଛକରେ ପୋଲିସ ପକ୍ଷରୁ ସିଲ୍ କରାଯାଉଛି।

ଦାରିଙ୍ଗବାଡ଼ି ପଞ୍ଚାୟତକୁ ମଙ୍ଗଳବାର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି ପ୍ରଶାସନ। ଜଣେ ଶିକ୍ଷକ କରୋନା ସଂକ୍ରମିତ ହେବାପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଦାରିଙ୍ଗବାଡ଼ି ତହସିଲଦାର ନୀତୀଶ କୁମାର ତ୍ରିପାଠୀ କହିଛନ୍ତି। ଶିକ୍ଷକ ଜଣକ ବହୁ ଲୋକଙ୍କ ସହ ମିଳାମିଶା ସହ ଦୋକାନ ବଜାର ବୁଲି ଥିବାରୁ ସଂକ୍ରମଣ ଆଶଙ୍କାରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ସମସ୍ତ ପ୍ରବେଶ ପଥରେ ବାରିକେଡ କରି ସିଲ୍ କରାଯିବା ସହ ଲୋକେ ଘରୁ ପଦାକୁ ବାହାରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବଣିକ ସଂଘ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅନୁମତି ମିଳିଛି। ସେହିପରି ଦାରିଙ୍ଗବାଡ଼ିକୁ ପ୍ରବେଶ ପଥ ରହିଥିବା ଗ୍ରୀନବାଡ଼ି ସମେତ, ପରପାଙ୍ଗା ଆଦି ଅଞ୍ଚଳରେ ସିଲ୍ କରାଯାଇଛି। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝିଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ତହସିଲଦାର ତ୍ରିପାଠୀ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡ଼ି ସରପଞ୍ଚ ରାଧାକାନ୍ତ ପ୍ରଧାନ ଜିଲାପାଳ କ୍ଷମତା ପ୍ରୟୋଗକରି ପଞ୍ଚାୟତକୁ ଶଟ୍‌ଡାଉନ କରିଥିଲେ। ପରେ ପ୍ରଶାସନର ନିର୍ଦ୍ଦେଶ ପରେ ସେ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ପ୍ରଶାସନ ଅସହଯୋଗ କରୁଥିବା ସେ ଅଭିଯୋଗ କରିଥିଲେ। ଏନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଘଟଣାକୁ ଗୁରୁତ୍ୱ ଦେବା ସହ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ।

## ଗଞ୍ଜାମରେ ପୁଣି ୩୦ ପଜିଟିଭ୍ ଚିହ୍ନଟ

### ଆକ୍ରାନ୍ତଙ୍କ ସଂଖ୍ୟା ୯୫୫

**ଛତ୍ରପୁର,୨୩।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ମଙ୍ଗଳବାର ପୁଣି ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ୬ ଜଣ କରୋନା ଯୋଦ୍ଧା, ୯ ଜଣ ଅନ୍ୟ ରାଜ୍ୟ ଫେରନ୍ତା ଓ ପଜିଟିଭମାନଙ୍କ ସଂସ୍ପର୍ଶରେ ଆସି ୧୫ ଜଣ ସଂକ୍ରମିତ ହୋଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ୧୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମଙ୍ଗଳବାର ଚିହ୍ନଟ ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ପଜିଟିଭ୍ ସଂଖ୍ୟା ୯୫୫କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୮୦ ଜଣ ସୁସ୍ଥ ହୋଇଥିବାବେଳେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୨୬୭ ଆକ୍ରାନ୍ତ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଚିହ୍ନଟ ପଜିଟିଭଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ସେ କହିଛନ୍ତି।

## ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୨୩।୬:** ସୋମବାର ସକାଳୁ ମଙ୍ଗଳବାର ସକାଳ ୬ଟା ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ସହରର ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୨୨୩ ଜଣଙ୍କଠାରୁ ୪୪,୬୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ ୯୮ ଗାଡି ଚାଳକଙ୍କୁ ୪୯ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ମଦ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨୨ଲିଟର ମଦ ଜବତ ହୋଇଥିବା ଏସ୍‌ପି ପିନାକ ମିଶ୍ର ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

## ଅସହାୟ ବୃଦ୍ଧ ଦମ୍ପତିଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ଖଜୁରିପଡା/ବଲସକୁମ୍ପା,୨୩।୬(ଡି.ଏନ୍.ଏ.)**

### ଧରିତ୍ରୀ ପ୍ରଭାବ



ଅସହାୟ ବୃଦ୍ଧ ଦମ୍ପତିଙ୍କ ନିକଟରେ ତହସିଲଦାର।

ଖଜୁରିପଡ଼ା ବ୍ଲକ ଟିଗ୍ରାପଙ୍ଗା ପଞ୍ଚାୟତ ଭୁକ୍ତାକନାଲି ଗ୍ରାମର ବୃଦ୍ଧ ଅନ୍ତର୍ଯ୍ୟାମୀ ଦିଗାଲ (୭୫) ଏବଂ ସ୍ତ୍ରୀ ରାଇବାରି (୭୦) ଭଙ୍ଗା କୁଡିଆରେ ଅସହାୟ ଅବସ୍ଥାରେ ରହୁଥିଲେ। ବୟସାଧିକ୍ୟ ଯୋଗୁ ଆଖିକୁ ଭଲ ଦିଶୁ ନ ଥିବାବେଳେ ଓଳିଏ ଖାଇଲେ ଆର ଓଳିକୁ ଉପାସ ରହୁଛନ୍ତି। ଏନେଇ ଗତ ୧୯ ତାରିଖରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ଖଜୁରିପଡା ତହସିଲଦାର ସସ୍ମିତା ନାୟକ ଏବଂ ଆର୍‌ଆଇ ପୁରାନାଥ ମଲ୍ଲିକ ରବିବାର ଭୁକ୍ତାକନାଲିରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ଭେଟିଛନ୍ତି। ତହସିଲଦାର ଜରିପାଲ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ବ୍ଲକ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ତ ସରକାରୀ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ରଥକୁ ନେଇ ଅଶାଳୀନ ମନ୍ତବ୍ୟ, ୩ ଅଟକ

ଭବାନୀପାଟଣା/କୋକସରା, ୨୩।୬ (ସ୍ୱ.ପ୍ର/ଡି.ଏନ୍.ଏ.)-କୋଭିଡ-୧୯ କଟକଣା ଯୋଗୁ ସମଗ୍ର ରାଜ୍ୟରେ ରଥ ଯାତ୍ରା ବନ୍ଦ ପାଇଁ ନାନା କଳ୍ପନା ଜାରି ରହିଥିଲା। ସୁପ୍ରିମକୋର୍ଟଙ୍କ ଆଦେଶ କ୍ରମେ କେବଳ ପୁରୀରେ ରଥ ଯାତ୍ରା ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାରେ ମଧ ପ୍ରଶାସନ ପକ୍ଷରୁ ରଥ ଟଣା ବନ୍ଦ କରାଯାଇଛି । ତେବେ ଜଣେ ଯୁବକ ସୋସିଆଲ ମିଡିଆରେ ରଥକୁ ନେଇ ଆଶାଳୀନ ମନ୍ତବ୍ୟ ଦେଇଥିଲେ। ସେହି ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଭାଜପା ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ,ଉପସଭାପତି ହିମାଂଶୁ ଶେଖର ପଣ୍ଡା ଭବାନୀପାଟଣା ଟାଉନ ଥାନାରେ ଏକ ଏତଲା ଦେଇଥିଲେ। ସଂପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖିଛି । ଅଟକ ଯୁବକଙ୍କ ଘର ଟେମରା ପଞ୍ଚାୟତ କର୍ଲାଗୁଡା ଗ୍ରାମରେ। କୋକସରା ଥାନାରେ ଏ ନେଇ ଏକ ମାମଲା (ନଂ.୧୨୪/୨୦୨୦) ରୁଜୁ ହୋଇଛି । ତାଙ୍କ ସହିତ ଅନ୍ୟ ୨ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ବାସୁଦେବ ଛତ୍ରିଆ କହିଛନ୍ତି ।

### ୧୫୩କୁ ଛୁଇଁଲା କରୋନା ସଂକ୍ରମଣ

ବଲାଙ୍ଗୀର ଅଫିସ/ ଲୋଇସିଂହା (ଡି.ଏନ.ଏ.), ୨୩।୬: ବଲାଙ୍ଗୀର ଜିଲାରେ ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ସଂକ୍ରମିତ ସଂଖ୍ୟା ୧୫୩କୁ ବୃଦ୍ଧି ପାଇଛି । ସଂକ୍ରମିତ ଜଣକ ଲୋଇସିଂହା ବ୍ଲକର ବୁର୍ଡା ଗ୍ରାମପଞ୍ଚାୟତର ବୋଲି ଜଣାପଡିଛି । ଏହି ସଂକ୍ରମିତ ଜଣକ ତାମିଲନାଡୁରୁ ଫେରି ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ମଙ୍ଗଳବାର ଗୋଟିଏ ଦିନରେ ଜିଲାରେ ୧୨ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଫଳରେ ଏବେ ଜଲାରେ ସୁସ୍ଥଙ୍କ ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ଏବେ ଜିଲାରେ ମାତ୍ର ୧୨ ଜଣ ସଂକ୍ରମିତ ସ୍ରକିୟ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ଦୁର୍ଘଟଣାରେ ଶଳା, ଭିଣୋଇ ମୃତ

ବରଗଡ଼ ଅଫିସ୍,୨୩।୬ : ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ମଙ୍ଗଳବାର ବାଇକ୍ ଓ ଟ୍ରକ ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୋହେଲା ଥାନା ସରକଣ୍ଡାର ଡୋଲାମଣି ମେହେର(୩୫) ଏବଂ ତାଙ୍କ ଭିଣୋଇ ବିଜେପୁର ଥାନା ପଡ଼ା ଗ୍ରାମର ଚକାଡ଼ୋଲା ମେହେର(୪୦)। ମୃତକମାନେ ବରଗଡ଼ ସହରକୁ ବାଇକ୍ ଯୋଗେ ଏକ ମୋବାଇଲ କିଣିବାକୁ ଯାଇଥିଲେ ଏବଂ ସେଠାରୁ ସରକଣ୍ଡା ଫେରୁଥିବା ବାଟରେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବରଗଡ଼ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଏହାସହିତ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍, ଟ୍ରକକୁ ଜବତ କରିଛି ।

### ଡିଏଫ୍ଓ ଅଫିସକୁ ଗଲା ଉଦ୍ଧାର ବଜ୍ରକାପ୍ତା

ଲୋଇସିଂହା, ୨୩।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକରୁ ଏକ ବଜ୍ରକାପ୍ତାକୁ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ମଙ୍ଗଳବାର ଉଦ୍ଧାର କରିଛନ୍ତି। ଉଦ୍ଧାର ବଜ୍ରକାପ୍ତାର ଲମ୍ବ ୩୫ ଇଞ୍ଚ ଓ ଓଜନ ପ୍ରାୟ ୧୨କେଜି। ବଜ୍ରକାପ୍ତାର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ ବଲାଙ୍ଗୀର ଡିଏଫ୍ଓଙ୍କ ଅଫିସକୁ ପଠାଯାଇଥିବା ବିଭାଗୀୟ ଅଧିକାରୀ ରାଜକିଶୋର ନାଏକ ସୂଚନା ଦେଇଛନ୍ତି। ଲୋଇସିଂହା-ପଦ୍ମପୁର ରାସ୍ତାର କରକଟିଆ ଛକକୁ ଲାଗି ଏକ ଜଙ୍ଗଲ ରହିଛି। ଉକ୍ତ ଛକରେ କେତେକ ବ୍ୟବସାୟୀଙ୍କ ଦୋକାନ ଅଛି। ସୋମବାର ଅପରାହ୍ନରେ ଆମିଷ ଦୋକାନ ପଛପଟେ ଏକ ବଜ୍ରକାପ୍ତା ବୁଲୁଥିବା ବ୍ୟବସାୟୀମାନେ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ବନ ବିଭାଗକୁ ସୂଚନା ଦିଆଯାଇଥିଲା । ବିଭାଗୀୟ ଅଧିକାରୀ ନାଏକଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ।

# ତେଲ ନଦୀରୁ ବାଲି ଚୋରାଚାଲାଣ

**କେସିଙ୍ଗା, ୨୩।୬ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ନିକଟସ୍ଥ ତେଲ ନଦୀରୁ ଦୈନିକ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ ହେଉଥିଲେ ସୁଦ୍ଧା ରାଜସ୍ୱ ବିଭାଗ ନିଦାବିଷ୍ଟୁ ସାଜିଛି । କେସିଙ୍ଗା ତହସିଲ ଅଧୀନ କେସିଙ୍ଗାର ବେଦାନ୍ତ ପମ୍ପ ହାଉସ ନିକଟ ବାଲିଘାଟ ଓ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ଛେନାଗାଁରୁ ଭବାନୀପାଟଣାକୁ ହାଇୱେ ଯୋଗେ ଦୈନିକ ବାଲି ଚୋରାଚାଲାଣ ହେଉଛି। କେସିଙ୍ଗା ବେଦାନ୍ତ ପମ୍ପ ହାଉସ ନିକଟରେ ଥିବା ବାଲିଘାଟକୁ ଏନ୍ଏସିର ୪ ନମ୍ବର ୱାର୍ଡର ଜନୈକ ବ୍ୟକ୍ତିଙ୍କୁ ୫ବର୍ଷ ପାଇଁ ୫ ହେକ୍ଟର ଜାଗା ଲିଜ୍ ପ୍ରଦାନ କରାଯାଇଛି । କିନ୍ତୁ ଲିଜ୍‌ଧାରୀ ୫ ହେକ୍ଟରରୁ ଅଧିକ ଜାଗାରୁ ବାଲି ଉଠାଇ କେସିଙ୍ଗା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଟ୍ରାକ୍ଟର ପିଛା ୫୦୦ ଟଙ୍କା ଓ ହାଇୱା ପିଛା କେସିଙ୍ଗା ଏନଏସି ଅଞ୍ଚଳ ପାଇଁ ୫ ହଜାର ଟଙ୍କାରେ ବିକ୍ରୟ କରାଯାଉଛି। କିନ୍ତୁ ଉକ୍ତ ଲିଜ୍‌ଧାରୀ ମଧ ରାତ୍ରିରେ କେସିଙ୍ଗା ବେଦାନ୍ତ ପମ୍ପ ହାଉସ ନିକଟସ୍ଥ ବାଲିଘାଟରୁ ହାଇୱା ଯୋଗେ ବିଶାଖାପାଟଣା, ବିଜୟନଗରମ୍, ରାୟଗଡା ଆଦି ସହରକୁ ଚୋରାରେ ଚାଲାଣ କରି ହାଇୱା ପିଛା ୮୦ରୁ ୯୦ ହଜାର ଟଙ୍କାରେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ସେହିପରି କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ନିକଟସ୍ଥ ଛେନାଗାଁରୁ ଦୈନିକ ଭବାନୀପାଟଣାକୁ ବାଲି ଚୋରା ଚାଲାଣ ମଧ କରାଯାଉଛି । ଏ ସଂକ୍ରାନ୍ତରେ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କୁ ପଚାରିବାରୁ ଏ ନେଇ ମୋତେ ଲିଖିତ ଆକାରରେ କେହି ବି ଅଭିଯୋଗ କରି ନାହାନ୍ତି ବୋଲି ପ୍ରକାଶ କରିଥିଲେ ।



ତେଲ ନଦୀରୁ ମେଶିନ ଯୋଗେ ବାଲି ଉଠାଯାଉଛି ।

**କେସିଙ୍ଗା**

- ରାଜସ୍ୱ ବିଭାଗ ନୀରବ
- ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି

# ଶ୍ରୀମନ୍ଦିରରେ ହେଲା ଦଧିବାମନଙ୍କ ନୀତିକାନ୍ତି

**ଭଟଲି,୨୩।୬(ଡି.ଏନ.ଏ)**

ସୁପ୍ରିମ୍‌କୋର୍ଟର ସଂଶୋଧିତ ରାୟ ପରେ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ତେବେ ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲିର ଦଧିବାମନଙ୍କ ରଥଯାତ୍ରା ହେଉ ନ ଥିବାରୁ ଭକ୍ତଙ୍କ ମନରେ ଦୁଃଖ ପ୍ରକାଶ ପାଇଛି। ତଥାପି ସରକାରୀ ନିୟମ ଅନୁଯାୟୀ ଭଟଲି ଦଧିବାମନ ଧାମରେ ମଙ୍ଗଳବାର ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ନୀତିକାନ୍ତି ପାଳିତ ହୋଇଯାଇଛି। ଏହିସବୁ ନୀତିକାନ୍ତି କେବଳ ମନ୍ଦିର ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ମଙ୍ଗଳବାର ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ପହଡ଼ଭଙ୍ଗ, ଦ୍ୱାରଫିଟା, ଅଖଣ୍ଡଦୀପ, ମଇଲମ, ଅବକାଶ ନୀତି ଆଦି ସମାପନ ହୋଇଥିଲା। ପରେ ମହାପ୍ରଭୁଙ୍କୁ ମଇଲମ ଓ ବେଶ ହୋଇ ସୂର୍ଯ୍ୟପୂଜା, ପଞ୍ଚୋପଚାର ପୂଜା ପୂର୍ବକ ଗୋପାଳ ବଲ୍ଲଭ ଭୋଗ ଲାଗି, ରୋଷହୋମ, ସକାଳ ଧୂପ, ଷୋଡ଼ଶ ଉପଚାର ପୂର୍ବକ ଭୋଗ ଲାଗି, ପହଣ୍ଡି ବେଶ, ପହଣ୍ଡି ପୂଜା ଏବଂ ମଙ୍ଗଳାର୍ପଣ ଆଦି ନୀତି ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ଯେଭଳି ଶ୍ରୀମନ୍ଦିର ମଧକୁ ପ୍ରବେଶ କରିପାରିବେ ନାହିଁ ସେଥିପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ପ୍ରଶାସନ ଦ୍ୱାରା ସିଲ୍ କରିଦିଆଯାଇଛି।



ଦଧିବାମନଙ୍କ ନୀତିକାନ୍ତି କରାଯାଉଛି ।

# ବଢୁଛି ସଂକ୍ରମଣ, ଆକ୍ରାନ୍ତଙ୍କ ସଂଖ୍ୟା ୬୮ ଛୁଇଁଲା

**ବରଗଡ଼ ଅଫିସ୍,୨୩।୬**

ବରଗଡ଼ ଜିଲାରେ ମଙ୍ଗଳବାର ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ଜଣେ ୬୨ବର୍ଷୀୟ ମହିଳା ଏବଂ ସେ ଗ୍ରାମର ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିଲେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କୁ ବରଗଡ଼ର କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୧୬ତାରିଖରେ କଟାପାଲି ଗ୍ରାମରେ ପ୍ରଥମେ ଜଣେ ୭୬ ବର୍ଷୀୟ ବୃଦ୍ଧ କରୋନା ସଂକ୍ରମିତ ଥିବା ଜଣାପଡ଼ିଥିଲା । ସେ କରୋନାରେ ଜୀବନ ହାରିଥିବାବେଳେ କଟାପାଲି ଗ୍ରାମରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି । ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୮ରେ ପହଞ୍ଚିଛି। ସେଥିରୁ କେବଳ କଟାପାଲି ଗ୍ରାମର ୧୨ଜଣ ହୋଇଥିବାବେଳେ କଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୩ଜଣ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ସଂକ୍ରମିତ ସ୍ୱାସ୍ଥ୍ୟକର୍ମୀମାନେ କଟାପାଲି, ବରଗଡ଼ ଡ୍ୟାମ କଲୋନୀ ଏବଂ ପାଇକମାଳର ବାସିନ୍ଦା ଅଟନ୍ତି। ସେହିପରି ମୃତ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଭଟଲି ବ୍ଲକ କମଗାଁ ଗ୍ରାମର ଅନ୍ୟ ଦୁଇଜଣ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ସଂକ୍ରମିତମାନେ ଗ୍ରାମର ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଅର୍ଥାତ୍ କଟାପାଲି ଗ୍ରାମର ଜଣଙ୍କଠାରୁ ଆରମ୍ଭ ହୋଇ ସମୁଦାୟ ୧୭ଜଣଙ୍କୁ କରୋନା ସଂକ୍ରମିତ କରି ପକାଇଛି । ତେବେ ଜିଲାର ସମୁଦାୟ ୬୮ ସଂକ୍ରମିତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୩ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ଅନ୍ୟ ୩୪ଜଣ ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ଯଥାକ୍ରମେ କଟକର ଅଶ୍ୱିନୀ ହସ୍‌ପିଟାଲ ଏବଂ ଭୁବନେଶ୍ୱରର କିମ୍ସ ହସପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟ ଆକ୍ରାନ୍ତମାନେ ବରଗଡ଼ର କୋଭିଡ୍ କେୟାର, କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି ।

# ମହନ୍ତ ଅପହରଣ ଘଟଣା: ଆଉ ଜଣେ କୋର୍ଟ ଚାଲାଣ

**ବିନ୍ଦିକା,୨୩।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନ୍ଦିକା ବ୍ଲକ ସାହାଜବାହାଲ ଗୋପାଳଜୀ ମଠର ମହନ୍ତ ତନ୍ମୟ ନନ୍ଦ ଦାଶ(୫୭) ଅପହରଣ ଘଟଣାରେ ମଙ୍ଗଳବାର ପୋଲିସ ଆଉ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସରୋଜ ବାଘ (୩୮) । ତାଙ୍କ ଘର ବିନ୍ଦିକା ବ୍ଲକ ଶଙ୍କରା ଗ୍ରାମର ଗୋଠପଡାରେ। ସରୋଜଙ୍କୁ ପୂର୍ବରୁ ପୋଲିସ ବୀରମହାରାଜପୁର ଅଞ୍ଚଳରୁ ଧରି ନେଇ ବିନ୍ଦିକା ଥାନାରେ ଅଟକ ରଖି ପଚରାଉଚରା କରୁଥିଲା । ମୋବାଇଲ ଟ୍ରାକିଂରୁ ଅପହରଣ ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ଜଣାପଡିଥିଲା । ମଠ ସମ୍ପତ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦ କାରଣରୁ ଗତ ୧୮ ତାରିଖ ଅପରାହ୍ନରେ ମହନ୍ତଙ୍କୁ ଅପହରଣ କରି ନିଆଯାଇଥିଲା । ଏହି ଘଟଣାରେ ପୂର୍ବରୁ ୫ ଜଣଙ୍କୁ ପୋଲିସ ଗିରଫ କରିଛି ।

# ଧୋଇଯାଇଛି ଆପ୍ରୋଚ ରାସ୍ତା

**ଅମରପାଲି, ୨୩।୬ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ପର୍ଡିଆପାଲି ଓ ହୋତାପାଲି ମଝିରେ ଆଡିଆପଥର ନାଳ ଉପରେ ଥିବା ପୋଲ ଲୋକଙ୍କ କାମରେ ଲାଗୁନାହିଁ। ଗତବର୍ଷର ପ୍ରବଳ ବର୍ଷାରେ ପୋଲକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ ଧୋଇ ହୋଇଯାଇଛି। ଫଳରେ ଉକ୍ତ ପୋଲ ଦେଇ ଯାତାୟାତ ହୋଇପାରୁନାହିଁ। ଲୋକେ ବାଧ ହୋଇ ନାଳ ଭିତରେ ପଶି ବିପଦପୂର୍ଣ୍ଣ ଭାବେ ଯିବାଆସିବା କରୁଛନ୍ତି। ହୋତାପାଲି ଗ୍ରାମର କୌଣସି ବ୍ୟକ୍ତି ରୋଗରେ ପଡ଼ିଲେ କିମ୍ବା ଗର୍ଭବତୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ମଧ ଯାଇପାରୁ ନାହିଁ। ଏହି ପୋଲ ଉପର ଦେଇ ପ୍ରତ୍ୟହ ଗୌଡଗାଡ, ଦାଦରପାଲି, ପର୍ଡିଆପାଲି, କୁହିଦାଦର, ମସିଣାପାଲି, ଦୁର୍ଜନତୈଲା, ମାଖନଖାଇ, ଚନାମୁରା, ବରଘାଟଦାଦର, ବ୍ରାହ୍ମଣୀପାଲି, ଗୋଘାଟ ଆଦି ଗ୍ରାମର ଲୋକେ ଯିବା ଆସିବା କରନ୍ତି। ଏବେ ବର୍ଷା ଦିନ ଆସିଲାଣି, ତେଣୁ ଅବସ୍ଥା ଆହୁରି ସଙ୍ଗିନ ହେବ। ଏ ନେଇ ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ ଯଥାଶୀଘ୍ର କାମ କରାଯିବ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲିଠାରୁ ପର୍ଡିଆପାଲି ଦେଇ ହୋତାପାଲି ଓ ମସିଣାପାଲି ପର୍ଯ୍ୟନ୍ତ ଉକ୍ତ ରାସ୍ତା ଯାଇଛି। ୬ ବର୍ଷ ପୂର୍ବେ ଉକ୍ତ ଆଡିଆ ନାଳ ଉପରେ ଏକ ପୋଲ ତିଆରି କରାଯାଇଥିଲା।



ପୋଲକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ ଧୋଇ ଯାଇଛି।

# ମନ୍ଦିର ପରିସରରେ ହେଲା ଶ୍ରୀଜୀଉଙ୍କ ପହଣ୍ଡି ବିଜେ

**ବଲାଙ୍ଗୀର ଅଫିସ, ୨୩।୬**

କରୋନା ସଂକ୍ରମଣ ଯୋଗୁଁ ବଲାଙ୍ଗୀରରେ ଚଳିତବର୍ଷ ରଥଯାତ୍ରା ପାଳନ ହୋଇନାହିଁ । ଜିଲା ପ୍ରଶାସନ ପକ୍ଷରୁ ରଥଯାତ୍ରା ଅବସରରେ ବଲାଙ୍ଗୀର ଜିଲାର ସମସ୍ତ ଜଗନ୍ନାଥ ମନ୍ଦିର, ମାଉସୀ ମା ମନ୍ଦିର, ରଥଖଳା ଓ ରଥଯାତ୍ରା ସହ ସମ୍ପର୍କିତ ଅନ୍ୟ ସ୍ଥାନ ମାନଙ୍କରେ ୧୪୪ ଧାରା ଜାରି କରାଯାଇଥିଲା । ଜନଗହଳି ଯେଭଳି ହେବନାହିଁ ଓ ମନ୍ଦିର ଭିତରେ ହିଁ ନୀତିକାନ୍ତି ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଜିଲା ପ୍ରଶାସନର ଏଭଳି ନିର୍ଦ୍ଦେଶ ପରେ ବଲାଙ୍ଗୀରର ବିଭିନ୍ନ ମନ୍ଦିରରେ କେବଳ ନୀତିକାନ୍ତି, ପୂଜାବିଧି ପାଳନ କରାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ସ୍ଥାନୀୟ ଗୋପାଳଜୀ ମନ୍ଦିର ପରିସରରେ ପବିତ୍ର ରଥଯାତ୍ରା ଅବସରରେ ତିନି ଜୀଉଙ୍କ ପାରମ୍ପରିକ ନୀତିକାନ୍ତି ପାଳନ କରାଯାଇଥିଲା। ଅତି ଅଳ୍ପ ସଂଖ୍ୟକ ପୂଜାରୀ, ସେବାୟତ ଓ ଭକ୍ତଙ୍କ ଗହଣରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଦେବୋତ୍ତର ମେନେଜର ସୁଧୀର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ପହଣ୍ଡି ବିଜେ କରାଯାଇ ପୁଣି ମନ୍ଦିର ମୁଖଶାଳାରେ ତିନି ଜୀଉଙ୍କୁ ରଖାଯାଇଥିଲା। ଶୈଳଶ୍ରୀ ପ୍ୟାଲେସ ଭିତରେ ବିଧିରକ୍ଷା ପୂର୍ବକ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯିବା ପରେ ରଥ ସେହି ପରିସରରେ ରଥଟଣା ଯାଇଥିଲା । ଏହା ସହିତ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିରରେ ମଧ ପାରମ୍ପରିକ ପୂଜାବିଧି କରାଯାଇଥିଲା । ଚଳିତବର୍ଷ ରଥଯାତ୍ରା ନ ହେବାରୁ ଭକ୍ତମାନେ ତିନି ଠାକୁରଙ୍କୁ ବଡଦାଣ୍ଡରେ ନ ଦେଖି ନିରାଶ ହୋଇଥିବା କହିଛନ୍ତି । ଉପଜିଲାପାଳ ମିଶ୍ର ଆଟଗାଁ ଯାଇ ସେଠାକାର ମନ୍ଦିରରେ ମଧ କେବଳ ପୂଜାବିଧିରେ ସାମିଲ ହୋଇଥିବା ଜଣାପଡ଼ିଛି । କୋଭିଡ ଗାଇଡ ଲାଇନ୍ ପାଳନ କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବାରୁ ଲୋକେ ମଧ ଅଧିକାଂଶ ଘରୁ ବାହାରି ନ ଥିବା ଦେଖାଯାଇଛି।



ବଲାଙ୍ଗୀର ଗୋପାଳଜୀ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଉଛି ।

# ୪.୪୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

**ସୋନପୁର,୨୩।୬(ନି.ପ୍ର.)**

ସୋନପୁର ଟାଉନ ପୋଲିସ ମଙ୍ଗଳବାର ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ହରଡଖୋଲଠାରେ ଚଢାଉ କରି ଏକ ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ଟ୍ରକ୍ ଡ୍ରାଇଭର ମଧ୍ୟପ୍ରଦେଶ ରେୱା ଜିଲା ମାଉଗଞ୍ଜର ଶିବରାମ କେୱାଟ୍(୩୨) ଓ ହେଲପର ରେୱା ଜିଲା କୁଡିର ମୋହନଲାଲ କେୱାଟ୍ (୪୨)ଙ୍କୁ ଗିରଫ କରାଯାଇଛି। ପୋଲିସ ଟ୍ରକ୍ ନଂ ଏପି୨୪ଟିବି–୦୦୫୪କୁ ଜବତ କରିବା ସହ ନମ୍ବର ପ୍ଲେଟ୍ ଅସଲି କି ନକଲି ଯାଞ୍ଚ କରୁଛି। ଏହି ଟ୍ରକ୍‌ରେ ଅଭିନବ ଉପାୟରେ ବୌଦ୍ଧ ଜିଲା ଶଗଡ଼ାରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ପୋଲିସ ଟିମ୍ ଯାଞ୍ଚ ସମୟରେ ଚୋରା ଚାଲାଣ ପାଇଁ ଟ୍ରକ୍ ଡାଲା ତଳେ ନିର୍ମିତ ଏକ ସ୍ୱତନ୍ତ୍ର ବାକ୍ସ ମଧ୍ୟରୁ ୪୫୫ଟି ଗଞ୍ଜେଇ ପ୍ୟାକେଟ୍‌ର ସନ୍ଧାନ ପାଇଥିଲା। ମାଜିଷ୍ଟ୍ରେଟ୍ ରାକେଶ ଅଗ୍ରୱାଲାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ ହୋଇଥିଲା। ବିପୁଳ ପରିମାଣର ଗଞ୍ଜେଇ ଏକ ଟ୍ରକରେ ଚୋରା ଚାଲାଣ କରାଯିବା ନେଇ ପୋଲିସକୁ ସୋମବାର ରାତିରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ପୋଲିସ ଟିମ୍ ସାରା ରାତି ରାସ୍ତାରେ ଜଗି ରହିଥିଲା। ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍ ହରଡଖୋଲ ପହଞ୍ଚିବା ପରେ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିଥିଲା।

# ଠକାମିର ଶିକାର ହେଉଛନ୍ତି ଯୁବକ




ନୁନ୍‌ମାଠ ଟୋଲ ଗେଟ।

**କେସିଙ୍ଗା, ୨୩।୬ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ସ୍ଥିତ ଜାତୀୟ ରାଜପଥ–୨୬ର ନିର୍ବାହୀ ଯନ୍ତ୍ରୀଙ୍କ ଅଜାଣତରେ ନୁନ୍‌ମାଠ ଟୋଲଗେଟରେ ନିଯୁକ୍ତି ପାଇଁ ସହରର ବିଭିନ୍ନ ଜାଗାରେ ବିଜ୍ଞାପନ ଦିଆଯାଇଥିବା ଜଣାପଡିଛି। କେନ୍ଦ୍ର ସରକାରଙ୍କ ଅନୁଦାନରେ ନୁନ୍‌ମାଠ ଟୋଲ ଗେଟ ନିର୍ମାଣାଧୀନ ରହିଛି । ୩୦୦ ମିଟର ଦୂରତା ବିଶିଷ୍ଟ ଏହି ଟୋଲଗେଟ ପାଇଁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୧୮–୧୯ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅର୍ଥ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ଟୋଲ ଗେଟ୍ କାର୍ଯ୍ୟ ଶେଷ ହୋଇଯାଇଛି । ଏଥିରେ ବିଦ୍ୟୁତ, ସିସି କ୍ୟାମେରା ସଂଯୋଗ କରାଯାଇ ନାହିଁ । ବିଲ୍ଡିଂ ଗୃହ ନିର୍ମାଣାଧୀନ ଅବସ୍ଥାରେ ଅଛି । ଏହି ଟୋଲଗେଟ୍‌ରେ ନିଯୁକ୍ତି ପାଇଁ ବନ୍ଧୁକଧାରୀଙ୍କୁ ୧୭ ହଜାର, ସୁପରଭାଇଜରଙ୍କୁ ୧୫ ହଜାର, ସିକ୍ୟୁରିଟି ଗାର୍ଡ ପାଇଁ ୧୨ ହଜାର, ଟିକେଟ କାଉଣ୍ଟର ପାଇଁ ନିଯୁକ୍ତ ପ୍ରାର୍ଥୀଙ୍କୁ ୧୨ ହଜାର ଟଙ୍କା ଦରମା ଦିଆଯିବ ବୋଲି ଏକ ବିଜ୍ଞାପନରେ ଉଲ୍ଲେଖ କରାଯାଇଛି । ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ନବମରୁ ଊର୍ଦ୍ଧ୍ୱ ରଖାଯାଇଥିବା ବେଳେ ବୟସ ସୀମା ୧୮ରୁ ୩୬ ବର୍ଷ ରଖାଯାଇଛି ଏବଂ ଏକ ଇ–ମେଲ୍‌ରେ ବାୟୋଡାଟା ପଠାଇବା ପାଇଁ ମେଲ୍ ଆଇଡି ଦିଆଯାଇଛି। ଯୋଗାଯୋଗ ପାଇଁ ଏକ ମୋବାଇଲ ନମ୍ବର ୭୬୫୬୦୯୫୫୮୬ ମଧ ଦିଆଯାଇଛି। ଏହି ନମ୍ବରରେ କେସିଙ୍ଗା ବ୍ଲକର ଉମରମାଲ ଗ୍ରାମର ଜନୈକ ଯୁବକ ଯୋଗାଯୋଗ କରିବାରୁ ୨୦ ହଜାର ଟଙ୍କା ଦେଲେ ନିଯୁକ୍ତି ଦିଆଯିବ ବୋଲି ଜଣେ ଅଜଣା ବ୍ୟକ୍ତି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ କେସିଙ୍ଗା ଜାତୀୟ ରାଜପଥ ୨୬ର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ନୋଟିଫିକେଶନ ହେବ। ଏହି ଟୋଲଗେଟ ନିଯୁକ୍ତିରେ କୌଣସି ପ୍ରକାର ବେନିୟମ ହୋଇପାରିବ ନାହିଁ। କେହି ଠକାମିର ଶିକାର ହେଲେ ସେଥିପାଇଁ ମୁଁ ଦାୟୀ ନୁହେଁ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ ।

**ନୁନ୍‌ମାଠ ଟୋଲ ଗେଟ୍‌ରେ ନିଯୁକ୍ତି ପାଇଁ ବିଜ୍ଞାପନ**

# ଅଘରିଆ ଜ୍ୟୋତି ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୨୩।୬: ସ୍ଥାନୀୟ ଅଘରିଆପଡା ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଅବସରରେ ୮୪ ଘର ଅଘରିଆ ସମାଜର ବାର୍ଷିକ ମୁଖପତ୍ର ଅଘରିଆ ଜ୍ୟୋତିର ଅଷ୍ଟାଦଶ ସଂଖ୍ୟା ଉନ୍ମୋଚିତ ହୋଇଛି । ଏହି ଉତ୍ସବରେ ପତ୍ରିକା ମୁଖ୍ୟ ସମ୍ପାଦକ ରାମଚନ୍ଦ୍ର ପଟେଲ ଭବାନୀ ଶଙ୍କର ପଟେଲ, ଦିଗାମ୍ବର ନାଏକ, ଅଧ୍ୟାପକ ସନ୍ତୋଷ କୁମାର ରାଉତ, ହରେକୃଷ୍ଣ ପଟେଲଙ୍କ ସହ ସମାଜ ସଭାପତି ହରିଶଙ୍କର ସାଏ, ଉପସଭାପତି ଷଡାନନ ରାଉତ, ମଣ୍ଡଳ ସଭାପତି ଦ୍ୱାରିକାନାଥ ପଟେଲ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ଜମି ପଟ୍ଟା ପ୍ରଦାନ

ପାଟଣାଗଡ, ୨୩।୬ (ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ଼ ତହସିଲ କାର୍ଯ୍ୟାଳୟ ତରଫରୁ ପ୍ରଥମ କରି ଗୋଟିଏ ଦିନରେ ଜମିପଟ୍ଟା ପ୍ରଦାନ ଆରମ୍ଭ ହୋଇଛି। ସୋମବାର ଗୋଟିଏ ଦିନରେ ତହସିଲ ଅନ୍ତର୍ଗତ ଡିଆଡୁମେର ଗ୍ରାମର କରୁଣାକର ବେର୍ଣ୍ଣା, ମୁନି ହେର୍ଣ୍ଣା, ଗୋକୁଳ ବାଗ, ଦଶରଥ ବେର୍ଣ୍ଣାଙ୍କୁ ଉପଜିଲାପାଳ ସୋମନାଥ ପ୍ରଧାନ ପଟ୍ଟା ବଣ୍ଟନ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଉପଜିଲାପାଳ ପଦ୍ମନାଭ ପୁରୋହିତ, ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡ ଉପସ୍ଥିତ ଥିଲେ।

# ୪ ଦିନ ପରେ ବି ଲିପୁନଙ୍କ ପତ୍ତା ମିଳୁନି

**ସମ୍ବଲପୁର,୨୩।୬(ବ୍ୟୁରୋ)**

**ସମ୍ବଲପୁର**

- ପରିବାର ଲୋକଙ୍କ କଥାରେ ତାଳମେଳ ନାହିଁ
- କୂଅ, ପୋଖରୀ ଶୁଖାଇ ଖୋଜିଲା ପୋଲିସ

ସମ୍ବଲପୁର ଜିଲା ଝୁଝୁମୁରା ଥାନା କୟାକୁଦ ପଞ୍ଚାୟତ ଗଇଳଗୁଡି ଗ୍ରାମର ଭ୍ରମର ଶବରଙ୍କ ୪ ବର୍ଷର ପୁଅ ଲିପୁନ ଗତ ୪ ଦିନ ହେବ ନିଖୋଜ ଅଛନ୍ତି । ତାଙ୍କ ପତ୍ତା ମିଳୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି । ଗତ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ଲୁପୁନ ଗାଁ ଦାଣ୍ଡକୁ ଖେଳିବାକୁ ଯାଇଥିଲେ। ତା' ପରେ ସେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି ସୁରାକ ପାଇପାରୁନାହିଁ ବୋଲି କହିଛି।

ପିଲାଟି ଗାଁ ପାଖରେ ଥିବା କୂଅ, ପୋଖରୀରେ ପଡିଯାଇଥିବା ବୋଲି ପ୍ରଥମେ ସନ୍ଦେହ କରାଯାଉଥିଲା। ପୋଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୋଟର ଲଗାଇ କୂଅ, ପୋଖରୀରୁ ପାଣି ନିଷ୍କାସନ କରିଥିଲେ । ତଥାପି ଲିପୁନଙ୍କ ପତ୍ତା ମିଳିନି। ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ଲିପୁନଙ୍କ ବାପା ଓ ଅଜାଙ୍କ କଥାରେ ତାଳମେଳ ରହୁନାହିଁ ବୋଲି ପୋଲିସ କହିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ପରିବାର ଲୋକଙ୍କ ସହ ଗାଁର ମହିଳାମାନେ ଥାନାକୁ ଯାଇ ଲିପୁନଙ୍କୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ପୋଲିସ ତଦନ୍ତରେ ଅବହେଳା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଝୁଝୁମୁରା ଥାନା ଅଧିକାରୀ ଆର.କେ.ବିଶ୍ୱାଳ କହିଛନ୍ତି, ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଉଛି । ସବୁ ଦିଗରୁ ତଦନ୍ତ କରାଯାଉଛି । ପରିବାର ସହ ଯୋଗଯୋଗରେ ଅଛୁ । ଖୁବ୍‌ଶୀଘ୍ର ସତ ପଦାକୁ ଆସିବ ବୋଲି ସେ କହିଛନ୍ତି ।

# ନାବାଳିକାଙ୍କୁ କ୍ରସର ମାଲିକଙ୍କ ବଳାତ୍କାର

**ପାଇକମାଳ, ୨୩।୬ (ଡି.ଏନ.ଏ.)**

ପାଇକମାଳ ବ୍ଲକ ଚୁହାପାଲି ସ୍ଥିତ ଏକ କ୍ରସରର ମାଲିକ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ପାଇକମାଳ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପାଇକମାଳ ପୋଲିସ କ୍ରସର ମାଲିକଙ୍କ ବିରୋଧରେ ଏକ ମାମଲା (ନଂ.୯୬/୨୦) ରୁଜୁ କରି ତାଙ୍କୁ ଅଟକ ରଖିଛି। ତେବେ ପାଇକମାଳ ସରକାରୀ ଚିକିତ୍ସାଳୟରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି।

## ସଂକ୍ଷେପରେ

### ପାତାଳି ଶ୍ରୀକ୍ଷେତ୍ର : ଗଡ଼ିଲାନି ରଥ, ଭକ୍ତ ନିରାଶ

**ଉଲୁଣ୍ଡା,୨୩।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଚଳିତବର୍ଷ ରଥଟଣା ଯାଇନାହିଁ । କରୋନା କଟକଣା ଯୋଗୁ ରଥଟଣା ହୋଇ ନ ଥିଲେ ହେଁ ଠାକୁରଙ୍କ ନୀତିକାନ୍ତି ବିଧି ମୁତାବକ ସମ୍ପନ୍ନ ହୋଇଛି। ମଙ୍ଗଳବାର ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଦ୍ୱାର ଫିଟା, ମଙ୍ଗଳ ଆଳତି, ଖେଚୁଡ଼ି ଭୋଗ ଲାଗି ହେବା ପରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ସପ୍ତମ ପାହାଚରେ ଟାହିଆ ଲାଗି କରାଯାଇଥିଲା। ସେଠାରୁ ଶ୍ରୀଜୀଉଙ୍କୁ ପହଣ୍ଡି କରି ଅରୁଣ ସ୍ତମ୍ଭ ପଛପଟ ଅସ୍ଥାୟୀ ଆଡ଼ପ ମଣ୍ଡପକୁ ବିଜେ କରାଯାଇଛି। ପଣ୍ଡିତ ବିଶେଶ୍ୱର ପାଢ଼ୀ, ଦେବାର୍ଚ୍ଚନ ଦାସ, ଗୁଣାକର ପଣ୍ଡା ସାମାଜିକ ଦୂରତ୍ୱ ରଖି ପୁଜାର୍ଚ୍ଚନା ସମ୍ପାଦନ କରିଥିଲେ। ପ୍ରକାଶ ଯେ ବିଗତ ବର୍ଷଗୁଡିକରେ ଏଠାରେ ଘୋଷଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଥିବା ବେଳେ ଚଳିତବର୍ଷ କୋଭିଡ୍ -୧୯ର କଟକଣା ଯୋଗୁ ଭକ୍ତମାନଙ୍କୁ ବାରଣ କରାଯାଇ ଥିବାରୁ ପାତାଳି ଶ୍ରୀ କ୍ଷେତ୍ର ଖାଁ ଖାଁ ଲାଗୁଥିଲା। ଟ୍ରଷ୍ଟର ସଂପାଦକ ଉତର କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜଗଦୀଶ କର୍ଣ୍ଣ, ମହାଦେବ ସାହୁ, ଜାନକୀ ରାମ ଦେହେରୀ ପ୍ରମୁଖ ସହଯୋଗ କରିଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଦେବଗଡ଼,୨୩।୬(ଡି.ଏନ୍.ଏ.):** ଦେବଗଡ଼ ରଜାମୁଣ୍ଡାଠାରେ ସମଗ୍ର ଦେବଗଡ଼ ବିକାଶ ମଞ୍ଚ ଓ ରାଜଶ୍ରୀ କ୍ଲବ ପକ୍ଷରୁ ଭାରତ-ଚାଇନା ସୀମାରେ ଶହୀଦ ହୋଇଥିବା ଭାରତର ୨୦ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ମଞ୍ଚର ଆବାହକ ସୁଧୀର କୁମାର ବ୍ରହ୍ମାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସେନା କର୍ମଚାରୀ ଜୌତିଷ କୁମାର ଭୁକ୍ତା, ବାଉରୀବନ୍ଧୁ ଧଳ, କେ.ସି. ବେହେରା, ବୋଆସ୍ କୁଲା, ତପନ କୁମାର ଗୁରୁ, ଗୁଣନିଧି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନମନ ଗଙ୍ଗଦେବ, ମିତ୍ରଭାନୁ ମହାପାତ୍ର, ମୋତିଲାଲ ଶର୍ମା, ତରଣୀକାନ୍ତ ଦାସ, ଦୟାସାଗର ଦ୍ୱିବେଦୀ, ଜନ୍ମେଜୟ ନାୟକ, ବୋହନ ନାଏକ, ବିଦ୍ୟାଧର ଦେହୁରୀ, ହିନ୍ଦୁ ନାଏକ, ଶଙ୍କର ନାଏକ, ରୋମାଞ୍ଚଳ ସାମଲ, ବୁବୁନ ନାଏକ, ସନ୍ତୋଷ ମିଶ୍ର, ବୁଚା ଫନ୍ଦକାର, ଗୁରୁଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ଅଭିଯୋଗରେ ଯୁବକ ଗିରଫ

**ପାଇକମାଲ, ୨୩।୬ (ଡି.ଏନ.ଏ.):** ବରଗଡ଼ ଜିଲା ପାଇକମାଲ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜଣେ ବ୍ୟକ୍ତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିବା ନେଇ ପାଇକମାଲ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ ପାଇକମାଲର ରମେଶ ଅଗ୍ରୱାଲ (୪୬)। ପୋଲିସ ତାଙ୍କୁ ଗିରଫ କରିଛି। ନାବାଳିକାଙ୍କ ପରିବାରର ଲିଖିତ ଅଭିଯୋଗ ପରେ ପାଇକମାଲ ପୋଲିସ ତାଙ୍କ ବିରୋଧରେ ଏକ ମାମଲା (ନଂ.୯୭/୨୦) ରୁଜୁ କରିଛି।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, କଲେଜ ଫି ଛାଡ଼ ଲାଗି ଦାବିପତ୍ର ପ୍ରଦାନ

**ଦେଓଗାଁ,୨୩।୬(ଡି.ଏନ.ଏ.):** ଚାଇନା ସୀମାନ୍ତ ଗଲୱାନରେ ପ୍ରାଣ ହରାଇଥିବା ଭାରତୀୟ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସୋମବାର ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ବ୍ଲକ ଛାତ୍ର କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତେ ସ୍ଥାନୀୟ ଡିଗ୍ରୀ କଲେଜକୁ ଯାଇ କରୋନା ମହାମାରୀ ଯୋଗୁ ପ୍ରଭାବିତ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି ଛାଡ କରିବା ପାଇଁ କିରାଣି ଧୀରେନ୍ଦ୍ର ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଯୁବନେତା ପପୁ ପାତ୍ର, କୁନା ସାହୁ, ଅସିତ ମିଶ୍ର, ସମୀର ସାହୁ, ଆଶିଷ ପାତ୍ର, ଆଶିଷ ସାହୁ, ମାଣିକ୍ୟ ପାତ୍ର, କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କଟକଣା ମାନୁ ନାହାନ୍ତି ହୋଟେଲ, ବାର

- ଅବାଧରେ ଭିତରେ ଚାଲିଛି ଖିଆପିଆ
- ଘଣ୍ଟାକ ପାଇଁ ଭଡାରେ ମିଳୁଛି ହୋଟେଲ ରୁମ୍

**ସମ୍ବଲପୁର,୨୩।୬ (ବ୍ୟୁରୋ)**

ମହାମାରୀ କରୋନା ସମସ୍ତଙ୍କୁ ଚିନ୍ତାରେ ପକାଇଛି । ସରକାର ସଂକ୍ରମଣ ଭୟରେ କଡା କଟକଣା ଜାରି କରିଛନ୍ତି। ଏଥିରେ ବିଭିନ୍ନ ବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି । ତଥାପି ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଗତ କିଛିଦିନ ତଳେ ସରକାର ସେହି କଟକଣାକୁ ସାମାନ୍ୟ କୋହଳ କରିଥିଲେ। ହେଲେ ସମ୍ବଲପୁର ଜିଲାର ଅଧିକାଂଶ ହୋଟେଲ ଓ ବିଦେଶୀ ମଦ ବାର ଏହି ସୁଯୋଗକୁ ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

ବାର୍‌ଗୁଡିକରେ ପୂର୍ବରୁ ଅନ୍‌ଲାଇନ ବୁକିଂ କରିବା ପରେ ହୋମ୍ ଡେଲିଭରି କରିବାର ନିୟମ ରହିଛି । ହେଲେ ଗ୍ରାହକମାନଙ୍କୁ ଅତି ଗୋପନୀୟ ଭାବେ ମଦ ବିକ୍ରି କରାଯାଉଛି । ଏପରି କି ଚିହ୍ନା ପରିଚୟ ଗ୍ରାହକମାନଙ୍କୁ ବାର୍ ଭିତରେ ମଦ ପିଇବାକୁ ସୁବିଧା ଯୋଗାଇ ଦିଆଯାଉଛି। ସେମାନଙ୍କୁ କର୍ମଚାରୀମାନେ ଅନ୍ୟ ଖାଇବା ସାମଗ୍ରୀ ମଧ୍ୟ ଯୋଗାଇ ଦେଉଛନ୍ତି। ବାର୍ ମାଲିକମାନଙ୍କ ଜାଣତରେ ଏଭଳି ହେଉଥିବା ଅଭିଯୋଗ ହେଉଛି । ଅନ୍‌ଲାଇନ ବୁକିଂ ନ କରି ମଦ ବିକ୍ରି କଲେ ଟିକସ ଫାଙ୍କିବାର ବାଟ ରହୁଛି। ସେଥିପାଇଁ ଗ୍ରାହକ, ବାର୍‌ମାଲିକ ଓ କର୍ମଚାରୀମାନେ ମିଳିମିଶି ସେଥିରୁ ଫାଉଦା ଉଠାଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସେହିପରି ହୋଟେଲରେ ମଧ୍ୟ କରୋନା କଟକଣା ପାଳନ ହେଉ ନ ଥିବା ଅଭିଯୋଗ ହେଉଛି । ହୋଟେଲରେ ୩୦ ପ୍ରତିଶତ ରୁମ୍ ବୁକିଂ ହୋଇପାରିବ । କମ୍ କର୍ମଚାରୀ କାମ କରିବେ ବୋଲି ସରକାର ଘୋଷଣା କରିଥିଲେ । ହେଲେ ସହରରେ ଥିବା ଅଧିକାଂଶ ହୋଟେଲରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଯେଉଁ ହୋଟେଲରେ ବାର୍ ସହିତ ରହିବା ସୁବିଧା ଅଛି ସେଠାରେ କରୋନା କଟକଣା ନିୟମ ଉଲ୍ଲଂଘନ ହେଉଛି । ନିଶା ସେବନ କରିବା ପାଇଁ ହୋଟେଲ ରୁମକୁ ବ୍ୟବହାର କରାଯାଉଛି । ଘଣ୍ଟାକୁ ୫ ଶହ ଟଙ୍କାରୁ ହଜାରେ ଟଙ୍କାରେ ବୁକିଂ କରାଯାଉଛି । ଏହା ପ୍ରତିଷ୍ଠିତ ବ୍ୟକ୍ତି, ବଡ ବ୍ୟବସାୟୀ, ଠିକାଦାରମାନଙ୍କୁ ବେଶ ସୁହାଉଛି । ରେଷ୍ଟୁରାଣ୍ଟରେ ପାର୍ସଲ ଦେବା ନିୟମ ରହିଥିଲେ ମଧ ଖାଦ୍ୟ ପରଷା ଯାଉଛି। ଗ୍ରାହକମାନେ ଖୁସିରେ ବସି ଖାଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି ।

ଅନ୍ୟପଟେ କେତେକ ହୋଟେଲରେ ମହାନଗର ନିଗମ ପକ୍ଷରୁ ଦେୟ ଯୁକ୍ତ କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଛି। ହେଲେ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିମାନେ ଅବାଧରେ ଯାତାୟାତ କରୁଛନ୍ତି । ସେମାନଙ୍କ ଘରୁ ଖାଇବା ଆସୁଛି । ଏକଥା ଜଣାପଡିବା ପରେ ଛୋଟ ବ୍ୟବସାୟୀ ଓ ଦୋକାନୀମାନେ କହିଛନ୍ତି, ନିୟମ ସମସ୍ତଙ୍କ ପାଇଁ ସମାନ ହେବା କଥା । ବଡ଼ ଲୋକମାନଙ୍କ ପାଇଁ ସହରରେ ହୋଟେଲ ଓ ବାର ରହିଛି । ତେଣୁ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । କେବଳ ରାସ୍ତା କଡରେ ଥିବା ଦୋକାନ, ଠେଲା, ଜନ ସାଧାରଣ ଉପରେ ପୋଲିସ ଦାଉ ସାଧୁଛି । ସେମାନଙ୍କ ପାଖରୁ ଫାଇନ ଆଦାୟ କରାଯାଉଛି, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି।

ଏ ସମ୍ପର୍କରେ ମହାନଗର ନିଗମ କମିଶନର ଯୋଗଲେଶ୍ୱରୀ ଦାସଙ୍କୁ ପଚାରିବାରୁ କଟକଣା ପାଳନ କରିବାକୁ କଡା ନିର୍ଦ୍ଦେଶ ଦିଆଯାଉଛି। ଯେଉଁ ହୋଟେଲ କିମ୍ବା ବାର ନିୟମ ଭଙ୍ଗ କରିବେ ଅଭିଯୋଗ ଆସିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏ ନେଇ ଜଣେ ହୋଟେଲ ଓ ବାର ମାଲିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏପରି ଅଭିଯୋଗ ସମ୍ପୂର୍ଣ୍ଣ ମିଛ । ଯଦି କୌଣସି ବ୍ୟକ୍ତି ଏପରି କରୁଥାନ୍ତି ତାହା ଆଇନ ବିରୋଧ । ସମ୍ବଲପୁର ଏସ୍‌ପି କନବର ବିଶାଳ ସିଂ କହିଛନ୍ତି, ସମସ୍ତେ କୋଭିଡ୍-୧୯ କଟକଣା ମାନିବାକୁ ବାଧ୍ୟ । ଯଦି କିଏ ବି ଏପରି କଟକଣାକୁ ଉଲ୍ଲଂଘନ କରୁଥିବା ନଜରକୁ ଆସିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଦୁଇପାଦ ଗଡ଼ିଲା ରଥ



ମଙ୍ଗଳବାର ସମ୍ବଲପୁର ମୁଦିପଡା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ପହଣ୍ଡି କରାଯାଉଛି ।

**ସମ୍ବଲପୁର, ୨୩।୬ (ବ୍ୟୁରୋ)**

ସମ୍ବଲପୁରରେ ମଙ୍ଗଳବାର କରୋନା କଟକଣା ଯୋଗୁ କେବଳ ବିଧି ରକ୍ଷା କରିବାକୁ ଯାଇ ରଥଯାତ୍ରା ହୋଇଛି। ପରମ୍ପରା ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥିଲେ। ରଥାରୂଢ଼ ଠାକୁରଙ୍କୁ ମହା ଆଳତି କରିବା ପରେ ତତ୍‌କ୍ଷଣାତ ମନ୍ଦିର ପରିସରସ୍ଥ ମାଉସୀ ମା'ମନ୍ଦିରକୁ ନିଆଯାଇ ଦ୍ୱାର ବନ୍ଦ କରାଯାଇଥିଲା। ୧୪୪ ଧାରା ଯୋଗୁ ସମ୍ବଲପୁର ସହରରେ ରଥ ଗଡିନାହିଁ। ବିଧି ରକ୍ଷା ନିମନ୍ତେ ୨ ପାଦ ରଥ ଟଣାଯାଇଥିଲା। ଏଣୁ ଐତିହାସିକ ସମ୍ବଲପୁର ସହରର ୨୯ଟି ମନ୍ଦିର ପରିସରରେ ରଥ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା । ଭକ୍ତଙ୍କ ଅନୁପସ୍ଥିତିରେ ମନ୍ଦିର ଖାଁ ଖାଁ ଲାଗୁଥିଲା। ଝାଡୁଆପଡ଼ା ବ୍ରହ୍ମପୁରା ଠାକୁରଙ୍କ ରାତି ୩ଟାରେ ମଙ୍ଗଳ ଆଳତି ହୋଇଥିଲା। ଏହା ପରେ ସ୍ନାନନୀତି, ସେନାପଟା ଲାଗି ନୀତି ସହ ଠାକୁରଙ୍କୁ ବେଶ କରାଯାଇଥିଲା । ପ୍ରାତଃ ୪ଟାରେ ମହାପ୍ରଭୁଙ୍କ ଧାଡି ପହଣ୍ଡି ହୋଇଥିଲା । ସାଢ଼େ ୪ଟାରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ । ବିଧି ରକ୍ଷା ନିମନ୍ତେ ରଥକୁ ମାତ୍ର ୧୦ ମିଟର ଆଗକୁ ନିଆଯାଇଥିଲା। ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ସଞ୍ଜୀବ ପାଢ଼ୀ, ସୁଧାଂଶୁ ବାବୁ, ପ୍ରାଣରଞ୍ଜନ ପଣ୍ଡା, କୈଳାସ ପଣ୍ଡା, ସୀତାରାମ ସୁପକାର ବେଶ କରିଥିଲେ । ସହରର ସମସ୍ତ ଜଗନ୍ନାଥ ମନ୍ଦିରର ପୂଜକ ଓ ସେବାୟତମାନେ ସାମାଜିକ ଦୂରତ୍ୱ ବଜାୟ ରଖି ମୁହଁରେ ମାସ୍କ ବାନ୍ଧିଥିବା ଦେଖିବାକୁ ମିଳିଥିଲା ।

# ଅଲୋଡ଼ା ବାପାଙ୍କ ପାଇଁ ଆଶ୍ରମ



ସମ୍ବଲପୁର ମାନେଶ୍ୱର ବ୍ଲକରେ ଥିବା ବୃଦ୍ଧାଶ୍ରମର ସଦସ୍ୟ ।

**ସମ୍ବଲପୁର,୨୩।୬ (ବ୍ୟୁରୋ)**

ରବିବାର ଥିଲା ଅନ୍ତର୍ଜାତୀୟ ପିତୃ ଦିବସ। ସାମାଜିକ ଗଣମାଧ୍ୟମରେ ଏଥିପାଇଁ ବାପାଙ୍କ ଫଟୋ, ବିଭିନ୍ନ ଭିଡିଓ ଅପ୍‌ଲୋଡ କରିଥିଲେ ଝିଅପୁଅମାନେ । ସେମାନଙ୍କ ଭଲ ପାଇବାକୁ ଦେଖି ବହୁ ଲୋକ ପ୍ରଶଂସା କରିଥିଲେ । ଏଥିପାଇଁ ବହୁ ଲାଇକ୍ ମିଳିଥିଲା । ହେଲେ ଏମିତି କେତେଜଣ ବାପା ଅଛନ୍ତି ଯେଉଁମାନେ ସେମାନଙ୍କ ଝିଅ, ପୁଅଙ୍କ ପାଇଁ ଅଲୋଡା ହୋଇଯାଇଛନ୍ତି । ଯେଉଁ ବାପା ଦିନେ ଭୋକିଲା ରହି ନିଜ ପିଲାମାନଙ୍କୁ ଖାଇବାକୁ ଦେଉଥିଲେ ତାଙ୍କୁ ଆଜି ଭଲରେ ମୁଠାଏ ଖାଇବାକୁ ମିଳୁନାହିଁ। ସ୍ନେହ, ଶ୍ରଦ୍ଧା ଓ ସହାନଭୂତିଠାରୁ ସେମାନେ ବହୁ ଦୂରରେ । ବୟସର ଶେଷ ପାହାଚରେ ପହଞ୍ଚି ଥିବା ଏପରି କେତେଜଣ ମଣିଷଙ୍କୁ ଆଶ୍ରୟ ଦେଇଛି ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମା ମନ୍ଦିର ରାସ୍ତାରେ ଥିବା ଏକ ଆଶ୍ରମ। ୧୬ ଜଣ ବୃଦ୍ଧଙ୍କ ଦାୟିତ୍ୱ ନେଇଛି ଏହି ଅନୁଷ୍ଠାନ। ସତ୍ୟନାରାୟଣ ମେଣ୍ଡେଲି ହିଁ ସେମାନଙ୍କ ପୁଅ ସାଜିଛନ୍ତି । ଏଥିପାଇଁ ସେ ନିଜ ହାତରୁ କିଛି ଟଙ୍କା ଖର୍ଚ୍ଚ କରନ୍ତି। ଆଉ କେତେଜଣ ବଦାନ୍ୟ ବ୍ୟକ୍ତି ବି ତାଙ୍କୁ ଏଥିପାଇଁ ସହଯୋଗ କରନ୍ତି । ତଥାପି ସତ୍ୟନାରାୟଣ ସେହି ବୃଦ୍ଧମାନଙ୍କ ସେବା, ଯତ୍ନରେ ହେଳା କରନ୍ତି ନାହିଁ। ଆଶ୍ରମରେ ଥିବା ବୃଦ୍ଧମାନଙ୍କ ମଧ୍ୟରୁ ୧୧ ଜଣ ଅସହାୟ ଥିବା ବେଳେ ୫ ଜଣ ପରିବାର ଥାଇ ମଧ୍ୟ ଏଠାରେ ରହୁଛନ୍ତି । କେଉଁଠି ବୋହୂ ସମସ୍ୟା ତ ଆଉ କେଉଁଠି ଘର ସମସ୍ୟାକୁ ପୁଅମାନେ ଆଳ କରି ବୃଦ୍ଧ ବାପାଙ୍କୁ ଆଣି ଏହି ଆଶ୍ରମରେ ଛାଡି ଚାଲିଯାଇଛନ୍ତି । କୌଣସି ବୃଦ୍ଧ ନିଜ ପରିବାରରେ ଦୁଃଖକଷ୍ଟରେ ଥିବା ଆମେ ସୂଚନା ପାଇବା ପରେ ତାଙ୍କ ଘରେ ପହଞ୍ଚି ଥାଉ । ଉଭୟ ପକ୍ଷ ରାଜି ହେଲେ ତାଙ୍କୁ ଆମ ଆଶ୍ରମରେ ଆଶ୍ରୟ ଦେଇଥାଉ । ପୁଅ ହୋଇ ନ ପାରିଲେ ମଧ୍ୟ ପୁଅ ଭଳି ସେବା, ସ୍ନେହ, ଯତ୍ନ ଦେବାକୁ ମୁଁ ଚେଷ୍ଟା କରିଥାଏ ବୋଲି ମେଣ୍ଡୋଲି କହିଛନ୍ତି । ସୂଚନାଯୋଗ୍ୟ, ମେଣ୍ଡୋଲି ମାନେଶ୍ୱର ବ୍ଲକର ଜିଲା ପରିଷଦ ସଭ୍ୟ ଅଛନ୍ତି ।

# ପୂର୍ବ ଶତ୍ରୁତାକୁ ନେଇ ହତ୍ୟା

**ମନମୁଣ୍ଡା,୨୩।୬(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦପଲା(ଆରମୂଳ)ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଯାଇଛି । ହତ୍ୟାର ଶିକାର ହୋଇଛନ୍ତି ଦିଗାମ୍ବର ସାହୁ(୩୫)। ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ସକାଳେ ଦିଗାମ୍ବର ନିଜ ଜମିରେ ଚାଷ କାର୍ଯ୍ୟ ପାଇଁ ଘରଠାରୁ ଦୂରରେ ରହୁଥିବା ବଡଭାଇ ରାଧାକାନ୍ତ ସାହୁଙ୍କ ନିକଟରୁ ହଳ ଧରି ଫେରୁଥିଲେ। ଏହି ସମୟରେ ନିଜ ଗ୍ରାମର ୭ଜଣ ବ୍ୟକ୍ତି ବନ୍ଧମୁଡାଠାରେ ଦିଗାମ୍ବରଙ୍କୁ କାଟି ଓ ଲୁହାଛଡରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଖବରପାଇ ଦିଗାମ୍ବରଙ୍କ ମା' ଉକିଆ ଘଟଣାସ୍ଥଳକୁ ଯାଇ ପ୍ରତିବାଦ କରିଥିଲେ। ଆକ୍ରମଣକାରୀ ତାଙ୍କୁ ଠେଲାପେଲା କରି ତଳେ ପକାଇ ଦେଇଥିଲେ। ଗ୍ରାମବାସୀ ଆସିବା ଦେଖି ଆକ୍ରମଣକାରୀ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଦିଗାମ୍ବରଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦିଗାମ୍ବରଙ୍କ ମା' ଉକିଆ ମନମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ନିକଟରେ ମୃତକଙ୍କ ସ୍ତ୍ରୀଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ମାଡ ମାରିଥିଲେ । ଏହାକୁ ନେଇ ଶତ୍ରୁତା ଲାଗି ରହିଥିଲା ।

# ପ୍ରତିଦ୍ୱନ୍ଦ୍ୱିତାକୁ ମୁକାବିଲା କରିବାର ବିଶ୍ୱାସ ରଖିଛି କୋଲ ଇଣ୍ଡିଆ

**ସମ୍ବଲପୁର, ୨୩।୬ (ବ୍ୟୁରୋ)**

ସରକାର ଘରୋଇ କମ୍ପାନୀକୁ ବାଣିଜ୍ୟିକ କୋଇଲା ଖନନ ଲାଗି ଅନୁମତି ଦେବା ପରେ ମଧ ରାଷ୍ଟ୍ରର ଅଗ୍ରଣୀ କୋଇଲା ଉତ୍ପାଦନକାରୀ ସଂସ୍ଥା ଭାବେ କୋଲ୍ ଇଣ୍ଡିଆ ଲିମିଟେଡ ଶ୍ରେଷ୍ଠ ସ୍ଥାନ ବଜାୟ ରଖିଛି । ଘରୋଇ କମ୍ପାନୀ ଗୁଡିକ ଉତ୍ପାଦନ ଓ ଲାଭ ଉପରେ ମଧ କୌଣସି ପ୍ରତିକୂଳ ପ୍ରଭାବ ପକାଇ ପାରିବ ନାହିଁ। ଅଥଚ କୋଇଲା ଗୁଣବତ୍ତାରେ ସମାନତା, ଉତ୍ପାଦନର ଖର୍ଚ୍ଚ କମ ଓ ନିର୍ଦ୍ଧାରିତ ସମୟରେ କୋଇଲା ବିତରଣରେ ସହାୟକ ହୋଇପାରିବ ବୋଲି ମଙ୍ଗଳବାର ପ୍ରେସ ବିବୃତିରେ କୋଲ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ଦେଶର ସମୁଦାୟ କୋଇଲା ଉତ୍ପାଦନ ସମ୍ବଳ ୩୧୯ ମିଲିୟନ ଟନ୍, ଯାହାକି ୫୪ ପ୍ରତିଶତ କୋଲ ଇଣ୍ଡିଆ ପାଖରେ ରହିଛି । କିଛି ମାସ ପୂର୍ବରୁ ସରକାର ୧୬ଟି କୋଇଲା ବ୍ଲକ ମହାରତ୍ନ କମ୍ପାନୀ କୋଲ ଇଣ୍ଡିଆକୁ ଆବଣ୍ଟନ କରିଥିଲେ, ଯାହାର ଖଣିଜ ସମ୍ପଦ କ୍ଷମତା ହାରାହାରି ୯ ମିଲିୟନ ଟନ୍ ଠାରୁ ୧୭୨ ମିଲିୟନ ଟନ୍ ବୃଦ୍ଧି ହୋଇପାରିବ । ୱେଷ୍ଟର୍ନ କୋଲ୍ ଫିଲ୍ଡ ଲିମିଟେଡକୁ ୫ଟି, ଭାରତ କୁକିଂ କୋଲ ଲିମିଟେଡକୁ ୫ଟି, ଇଷ୍ଟର୍ନ କୋଲ୍ ଫିଲ୍ଡ୍ସ ଲିମିଟେଡକୁ ୩ଟି, ସେଣ୍ଟ୍ରାଲ କୋଲ ଫିଲ୍ଡ୍ସ ଲିମିଟେଡକୁ ୨ଟି ଓ ମହାନଦୀ କୋଲ ଫିଲ୍ଡ୍ସ ଲିମିଟେଡକୁ ଗୋଟିଏ କୋଇଲା ବ୍ଲକ ଦିଆଯାଇଛି । ବାଣିଜ୍ୟିକ ଖଣି ନିଲାମ ଲାଗି ୪୧ଟି କୋଇଲା ବ୍ଲକ ମଧ୍ୟରୁ କୌଣସି ଗୋଟିଏ ହେଲେ କୋଲ ଇଣ୍ଡିଆର ନୁହେଁ । କିନ୍ତୁ କୋଲ୍ ଇଣ୍ଡିଆ ଲିମିଟେଡ ହାରାହାରି ୪୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ ଦକ୍ଷତା, କୁଶଳ ଶ୍ରମ ଶକ୍ତି, ଭିତିଭୂମି, ଶୃଙ୍ଖଳିତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ନିରାପତ୍ତା ସାମଗ୍ରୀ ନବୀକରଣର ପୁଞ୍ଜି ବିନିଯୋଗ, ବିଶାଳ କୋଇଲା ଭଣ୍ଡାର ଓ ଉପଭୋକ୍ତାମାନଙ୍କର ସହଯୋଗ କୋଲ ଇଣ୍ଡିଆକୁ ମିଳିଛି । ତେଣୁ କୋଲ ଇଣ୍ଡିଆ ପ୍ରତିଦ୍ୱନ୍ଦ୍ୱିତାକୁ ମୁକାବିଲା କରିବାକୁ ଦୃଢ଼ ବିଶ୍ୱାସ ରଖିଛି ବୋଲି ସେ କହିଛନ୍ତି।

# ଗାଁ ଲାଇବ୍ରେରିରେ ମୁଣ୍ଡ ଗୁଞ୍ଜିଛନ୍ତି

**ଲୋଇସିଂହା, ୨୩।୬(ଡି.ଏନ.ଏ.)**



ଭଙ୍ଗାଘର ନିକଟରେ ଭାରତୀ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଭାରତୀ ଭିତିରିଆଙ୍କ ମାଟି ଘର ଗତବର୍ଷ ବର୍ଷାରେ ଭାଙ୍ଗି ଯାଇଛି। ସେବେଠାରୁ ଗ୍ରାମବାସୀଙ୍କ ସହାୟତାରେ ଗାଁର ପୁରୁଣା ଲାଇବ୍ରେରିରେ ଭାରତୀଙ୍କ ପରିବାର ଆଶ୍ରୟ ନେଇଛନ୍ତି। ତେବେ ପକ୍କା ଘରଟିଏ ପାଇବା ପାଇଁ ଭାରତୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇ ସୁଦ୍ଧା ସୁଫଳ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଭାରତୀଙ୍କ ପରିବାର କହିଲେ ସ୍ୱାମୀ ଅଶୋକ ଭିତିରିଆ ଓ ପୁଅ ସାହିଲ। ଏକମାତ୍ର ଝିଅର ବିବାହ କରି ସାରିଛି। ଅଶୋକ ଏକ ଢାବାରେ କାମ କରି ଘର ଚଳାନ୍ତି। ଅଶୋକ ପାରିଶ୍ରମିକରୁ ଯାହା ବି ଟଙ୍କା କାଟି ସଞ୍ଚୟ କରିଥିଲେ ଝିଅ ବାହାଘରରେ ଖର୍ଚ୍ଚ କରି ଦେଇଛନ୍ତି। ଗତ ବର୍ଷ ପ୍ରବଳ ବର୍ଷାରେ ତାଙ୍କ ମାଟି ଘର ଭାଙ୍ଗି ଯାଇଥିଲା । ଅଳ୍ପକେ ୩ ପ୍ରାଣୀ ବର୍ତ୍ତିଯାଇଥିଲେ। ସେବେଠାରୁ ଗ୍ରାମବସୀ ଏହି ପରିବାରକୁ ଗାଁ ପାଠାଗାରରେ ରହିବାକୁ ଆଶ୍ରୟ ଦେଇଛନ୍ତି। ଭାରତୀଙ୍କ କହିବା ଅନୁଯାୟୀ ସେତେବେଳେ ସ୍ଥାନୀୟ ବିଧାୟକଙ୍କୁ ଘର ଭଙ୍ଗା ବାବଦରେ ଜଣାଇବା ସହ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳଙ୍କ ଆଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଭାରତୀ ବିଡିଓଙ୍କୁ ଦେଖା କରିବାକୁ ଯାଇଥିଲେ। ହେଲେ ଦେଖା ଦେବାକୁ ବିଡ଼ିଓ ମନା କରି ଦେଇଥିଲେ ବୋଲି ଭାରତୀ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ବିଡିଓ ବିଜୟ କୁମାର ହୋତା କହିଛନ୍ତି ଯେ, ସର୍ଭେ ତାଲିକାରେ ନାଁ ନ ଥିଲେ ସରକାରୀ ଯୋଜନାରେ ଘର ପାଇଁ ସହାୟତା ମିଳିବା ସମ୍ଭବ ନୁହେଁ। ନୂଆ ସର୍ଭେରେ ଯଦି ନାଁ ଆସେ ତେବେ ନିଶ୍ଚୟ ତାଙ୍କୁ ପକ୍କା ଘର ନିର୍ମାଣ ଲାଗି ସରକାରୀ ବ୍ୟବସ୍ଥା ଅନୁସାରେ ସହାୟତା ମିଳିବ। ସେହିଭଳି ତହସିଲଦାର ସନ୍ତୋଷ ଦାଶ କହିଛନ୍ତି ଯେ, ଭାରତୀଙ୍କ ଘରକୁ ବର୍ତ୍ତମାନ ବର୍ଷାରୁ ରକ୍ଷା ପାଇଁ ପଲିଥିନ ଦେବାର ବ୍ୟବସ୍ଥା କରିବେ।

# ପୁଅର ଅସ୍ତ୍ରୋପଚାର ପାଇଁ ଟଙ୍କା ନାହିଁ

**ବିନିକା,୨୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିଡି ଗ୍ରାମ ହାଇସ୍କୁଲ ପଡାର ରସିକ ପୁଟେଲ(୪୫) ଜଣେ ଦିନ ମଜୁରିଆ। ସ୍ତ୍ରୀ ରୀନା(୪୦), ବଡଝିଅ ଶ୍ରୁତି(୧୩) ମଝିଆ ଝିଅ ତୃପ୍ତି (୮) ଓ ୩ବର୍ଷର ପୁଅ ରୂପମ୍‌ଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ୨୦୧୭ରେ ବିନିକା ମୁଖ୍ୟ ଡାକ୍ତରଖାନାରେ ଜନ୍ମ ନେଇଥିଲେ ରୂପମ୍ । ପୁଅ ଜନ୍ମ ପରେ ଖୁସିରେ ନାଚି ଉଠିଥିଲେ ସାରା ପରିବାର। ହେଲେ ଏହି ଖୁସି ବେଶି ଦିନ ରହି ନ ଥିଲା। ରୂପମ୍ ଜନ୍ମ ହେବାର କିଛିଦିନ ପରେ ମଳତ୍ୟାଗରେ ସମସ୍ୟା ସୃଷ୍ଟି ହୋଇଥିଲା। ବହୁ ପରୀକ୍ଷା ନିରୀକ୍ଷା ପରେ ଶିଶୁର ମଳଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଜଣାପଡ଼ିଥିଲା । ପୁଅର ଏଭଳି ଅବସ୍ଥା ଦେଖି ରସିକଙ୍କ ପାଦତଳ ମାଟି ଯେମିତି ଖସିଯାଇଥିଲା । କ'ଣ କରାଯିବ ଚିନ୍ତା କରିପାରି ନ ଥିଲେ ଏହି ଦମ୍ପତି । ବିନିକା ଡାକ୍ତରଙ୍କ ପରାମର୍ଶ ପରେ ରୂପମ୍‌ଙ୍କୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବହୁଦିନ ଧରି ଚିକିତ୍ସା ଚାଲିଲା। ତଥାପି ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିଲା । ଶେଷରେ ଭିମ୍‌ସାରର ଡାକ୍ତରମାନେ ତାଙ୍କୁ କଟକ ଶିଶୁ ଭବନକୁ ରେଫର କରିଥିଲେ। ଟଙ୍କା ଯୋଗାଡ ପରେ ରସିକ ପୁଅକୁ କଟକ ଶିଶୁ ଭବନକୁ ନେଇଥିଲେ । ସେଠାରେ ରୂପମ୍‌ଙ୍କ ପେଟରେ ଏକ ରନ୍ଧ୍ର କରାଯାଇ ମଳ ନିର୍ଗତର ବ୍ୟବସ୍ଥା କରାଯାଇଥିଲା। ଡାକ୍ତର କହିଥିଲେ ଏଥିରେ ଚିନ୍ତା କରିବାର କିଛି ନାହିଁ। ଅସ୍ତ୍ରୋପଚାର ପରେ ରୂପମ୍ ସ୍ୱାଭାବିକ ଭାବେ ମଳତ୍ୟାଗ କରିପାରିବେ । କିନ୍ତୁ ଏଥିପାଇଁ ଆଉ କିଛି ମାସ ଅପେକ୍ଷା କରିବାକୁ ପଡ଼ିବ । କାରଣ ଏବେ ଅସ୍ତ୍ରୋପଚାର ଶିଶୁ ପାଇଁ ବିପଦ । ରୂପମ୍‌ର ଓଜନ ୧୦କେଜି ହେବା ପରେ ଅସ୍ତ୍ରୋପଚାର ହେବ । ତଥାପି ପ୍ରତି ୨ ମାସରେ ଥରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବ ଓ ଲେଖାଯାଇଥିବା ଔଷଧ ନିୟମିତ ତାଙ୍କୁ ଖାଇବାକୁ ଦେବାକୁ ପଡ଼ିବ।





ମା'ବାପାଙ୍କ ସହିତ ରୂପମ୍ ।

### ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ମା'ବାପା

ଏବେ ରୂପମ୍‌ଙ୍କ ଓଜନ ସାଢ଼େ ୧୦ କିଲୋ ହୋଇଗଲାଣି । ହେଲେ ତାଙ୍କୁ କଟକ ନେଇ ଅସ୍ତ୍ରୋପଚାର କରାଇବା ପାଇଁ ରସିକଙ୍କ ପାଖରେ ଟଙ୍କା ନାହିଁ । ଇତିମଧ୍ୟରେ ସ୍ତ୍ରୀ ରୀନାଙ୍କ ଯାହା ସୁନା ରୁପା ଗହଣା ଓ ବାସନକୁସନ ଥିଲା ତାହା ବିକ୍ରି ହୋଇସାରିଛି । ଏବେ ଟଙ୍କା ପାଇଁ ସମ୍ପର୍କୀୟ, ସାହିଭାଇଙ୍କ ଘରକୁ ଦୌଡୁଛନ୍ତି ରସିକ । ଏହି ପରିବାରର ଜମିବାଡି କିଛି ନାହିଁ । କେବଳ ରସିକଙ୍କ ରୋଜଗାର ଉପରେ ହିଁ ପରିବାର ନିର୍ଭରଶୀଳ । ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ତାଙ୍କୁ ମିଳି ସାରିଥିଲେ ମଧ୍ୟ ରୂପମ୍‌ଙ୍କ ଅସ୍ତ୍ରୋପଚାର ପାଇଁ ସେ କାମ ଆରମ୍ଭ ହୋଇପାରିନାହିଁ। ସରକାରୀ ଯୋଜନାରେ ତାଙ୍କୁ ମାସିକ ୩୫କେଜି ଚାଉଳ ମିଳୁଛି। ତାକୁ ହିଁ ଭରସା କରି ଚଳୁଛନ୍ତି ଏହି ୫ ପ୍ରାଣୀର କୁଟୁମ୍ବ । ରୂପମ୍‌ଙ୍କ ଅସ୍ତ୍ରୋପଚାର ପାଇଁ ସରକାରୀ ସହାୟତା ସହିତ କୌଣସି ଅନୁଷ୍ଠାନ କିମ୍ବା ସହୃଦୟ ବ୍ୟକ୍ତି ସାହାଯ୍ୟ କରିବାକୁ ରସିକ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଲୁହା ବୋଝେଇ ପିକ୍‌ଅପ୍ ଜବତ

**ବଇଣ୍ଡା,୨୩।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡାର କଦଳୀମୁଣ୍ଡାଠାରେ ଥିବା ଏକ କବାଡ଼ିଆ ଦୋକାନ ଉପରେ ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୋଲିସ ଚଢ଼ାଉ କରି ଲୁହାବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ. ଓଡି୧୯ଜେ-୪୧୯୩)କୁ ଜବତ କରିଛି। ଏଥିସହିତ ଜଣେ ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖିଛି। ବଇଣ୍ଡା ଅଞ୍ଚଳର କେତେକ କବାଡ଼ିଆ ଦୋକାନରେ ଚୋରା ଲୁହା, ଆଲୁମିନିୟମ, ତମ୍ବା ତାର କାରବାର ହେଉଥିବା ଅଭିଯୋଗ ହୋଇଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ ଦାସ ପ୍ରମୁଖ ଚଢ଼ାଉ କରିଥିଲେ।

### ଚୋରା ମହୁଲ ଫୁଲ ସହ ଗାଡ଼ି ଜବତ

**ଛେଣ୍ଡିପଦା,୨୩।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ପୋଲିସ ସୋମବାର ଦୁର୍ଗାପୁର ଛକରୁ ଏକ ଚୋରା ମହୁଲ ଫୁଲ ବୋଝେଇ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଉକ୍ତ ଭ୍ୟାନରେ ଅଢ଼େଇ ଟନରୁ ଊର୍ଦ୍ଧ୍ୱ ମହୁଲ ଫୁଲ ଥିବା ଜଣାପଡ଼ିଛି। କୋଶଳାରୁ ଏହି ମହୁଲ ଫୁଲ ପୁରୁଣାଗଡ ଚାଲାଣ କରାଯାଉଥିବା ଗିରଫ ଗାଡ଼ି ଚାଳକ ନିଶା ଥାନା ଝିଣ୍ଟିପାଳ ଗ୍ରାମର କୁମୁଦ ସାହୁ ସୂଚନା ଦେଇଥିବା ପୋଲିସ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ନଂ. ୧୪୦/୨୦ରେ ଏକ ମାମଲା ରୁଜୁ ହୋଇଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**କାମାକ୍ଷାନଗର, ୨୩।୬(ଡି.ଏନ.ଏ.):** କାମାକ୍ଷାନଗର ଥାନା ଜିରିଡ଼ାମାଳି ଛକରେ ମଙ୍ଗଳବାର ଅପରାହ୍ନରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇ ନୂଆ ଆଳତୁମା ଗ୍ରାମର କୈବଲ୍ୟ ଦେହୁରୀ (୩୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଢେଙ୍କାନାଳ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ଏ ସମ୍ପର୍କରେ କାମାକ୍ଷାନଗର ଥାନାକୁ ସୂଚନା ଦେଇଛି।

### ଜଳିଲା ମହାଦୀପ

**ଢେଙ୍କାନାଳ ଅଫିସ, ୨୩।୬:** ପୁରୀ ରଥଯାତ୍ରାକୁ କଟକଣା ମୁକ୍ତ କରାଯାଇଥିବାରୁ ଏହାକୁ ସ୍ୱାଗତ କରିଛି ଢେଙ୍କାନାଳ ଜଗନ୍ନାଥ ଚେତନା ସମିତି। ଏ ନେଇ ଶ୍ରୀବଳରାମ ମହାପ୍ରଭୁଙ୍କ ମନ୍ଦିରରେ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା। ପୂଜକ ଭାଗୀରଥି ପଣ୍ଡା, ସମିତି ସଭାପତି ପ୍ରଦ୍ୟୁମ୍ନ ରଥ, ଉପଦେଷ୍ଟା ଭାବଗ୍ରାହୀ ପଣ୍ଡା, ସଭ୍ୟ ଅଖିଳ ମହାପାତ୍ର, ମନ୍ଦିର ଜିମାଦାର ବସନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୮୯୫ ହେକ୍ଟରରେ ହେବ ବନୀକରଣ

**ଅନୁଗୋଳ ଅଫିସ, ୨୩।୬**



- ଲଗାଯିବ ୩ ଲକ୍ଷ ୧୪ ହଜାର ଚାରା
- ୬୮ କିମି ରାସ୍ତା ପାର୍ଶ୍ୱରେ ବି ପ୍ଲାଣ୍ଟେଶନ
- ବଣ୍ଟନ କରାଯିବ ୧୫ ଲକ୍ଷ ୨୮ ହଜାର

ବର୍ଷା ଆରମ୍ଭ ହୋଇଯାଇଥିବାରୁ ଅନୁଗୋଳ ବନଖଣ୍ଡରେ ଚାରା ରୋପଣ ପାଇଁ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ବନଖଣ୍ଡ ପକ୍ଷରୁ ଏଥିପାଇଁ ପାଖାପାଖି ସାଢ଼େ ୧୮ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ୩ ଲକ୍ଷ ୧୪ ହଜାର ଚାରା ୮୯୫ ହେକ୍ଟରରେ ଲଗାଯିବ। ସେହିପରି ବିଭିନ୍ନ ରାସ୍ତା ପାର୍ଶ୍ୱରେ ୬୮ କିମି ଯାଏ ପ୍ଲାଣ୍ଟେଶନ କରାଯିବ। ବଳକା ୧୫ ଲକ୍ଷ ୨୮ ହଜାର ଚାରା ବିଭିନ୍ନ ସଂସ୍ଥା, ସଙ୍ଗଠନ ଓ ଜନସାଧାରଣଙ୍କୁ ବଣ୍ଟନ କରାଯିବାର ଯୋଜନା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବନୀକରଣ ହେବାକୁ ଥିବା ବନଖଣ୍ଡର ୮୯୫ ହେକ୍ଟର ଜମି ମଧ୍ୟରୁ ବନ୍ତଳା ରେଞ୍ଜରେ ୧୦, ୫୦୦ ଚାରା ଲଗାଯିବ। ସେହିପରି ଜରପଡ଼ା ରେଞ୍ଜରେ ୪୬, ୫୦୦, ଛେଣ୍ଡିପଦା ରେଞ୍ଜରେ ୮୪, ୫୦୦, ଅନୁଗୋଳ ରେଞ୍ଜରେ ୩୩, ୬୬୦, ତାଳଚେର ରେଞ୍ଜରେ ୪୭, ୫୦୦ ଓ କଣିହାଁ ରେଞ୍ଜରେ ସର୍ବାଧିକ ୯୧, ୫୦୦ ଗମ୍ଭାରୀ, ଶିଶୁ, ଅଶନ, କରଞ୍ଜ, ଅର୍ଜୁନ, ଅଁଳା, ନିମ୍ବ, ଜାମୁ, ବାଉଁଶ ଆଦି ୧୫ କିସମର ଚାରା ଲଗାଯିବ। ଗତବର୍ଷ ଏହି ବନଖଣ୍ଡର ୧୭୫୭ ହେକ୍ଟର ଜମିରେ ୪ଲକ୍ଷ ୩୯ ହଜାର ୨୦୮ ଚାରା ରୋପଣ କରାଯାଇଥିଲା। ୫୭ କିଲୋମିଟର ରାସ୍ତା ପାର୍ଶ୍ୱରେ ପ୍ଲାଣ୍ଟେଶନ ହୋଇଥିଲା। ୮ ଲକ୍ଷ ୭୧ ହଜାର ୪୯୦ ଚାରା ବିଭିନ୍ନ ସଂସ୍ଥାକୁ ବଣ୍ଟନ କରାଯାଇଥିଲା। ୨୦୧୮-୧୯ରେ ମଧ୍ୟ ୧୭୫୨ ହେକ୍ଟର ଜମିରେ ବନୀକରଣ ହୋଇଥିଲା। ୩୭ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ରୋପଣ ସହ ୩ ଲକ୍ଷ ୪୩୦ ଚାରା ବଣ୍ଟନ କରାଯାଇଥିଲା। ୨୦୧୭-୧୮ରେ ୩୬୬.୫୩ ହେକ୍ଟର ଜମିରେ ୧ଲକ୍ଷ ୫୩ ହଜାର ୫୩୬ ଓ ୮ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ଲଗାଯାଇଥିଲା। ୩୩ ହଜାର ଅନ୍ୟମାନଙ୍କୁ ଦିଆଯାଇଥିଲା। ୨୦୧୬-୧୭ରେ ୨୯୯୬ ହେକ୍ଟରରେ ୮ ଲକ୍ଷ ୬୯ ହଜାର ୨୦୫ ଓ ୧୬୨ କିଲୋମିଟର ରାସ୍ତା ପାର୍ଶ୍ୱରେ ପ୍ଲାଣ୍ଟେଶନ କରାଯାଇଥିଲା। ୧୫ ଲକ୍ଷ ୮ ହଜାର ୭୬୦ ଚାରା ବଣ୍ଟାଯାଇଥିବା ବନଖଣ୍ଡ ପକ୍ଷରୁ କୁହାଯାଇଛି। ତେବେ ଏତେ ପରିମାଣର ଚାରା ରୋପଣ କରାଯାଉଥିଲେ ମଧ୍ୟ ଆବଶ୍ୟକ ଯତ୍ନ ନିଆଯାଉ ନ ଥିବାରୁ ଏହାର ଶତପ୍ରତିଶତ ଲାଭ ମିଳିପାରୁ ନାହିଁ ବୋଲି ପରିବେଶବିତମାନେ ଅଭିଯୋଗ କରିଛନ୍ତି। ଏ ନେଇ ଅନୁଗୋଳ ବନଖଣ୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚାରା ରୋପଣ ପରେ ଯତ୍ନ ନିଆଯାଉଛି। କିନ୍ତୁ କେତେକ ସ୍ଥାନରେ ବଣ୍ଟାଯାଉଥିବା ଚାରାର ଯତ୍ନ ନିଆଯାଉନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରେଞ୍ଜ ଅଧିକାରୀମାନଙ୍କୁ କୁହାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ୪ ହାଇୱା, ୨ ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ/ ଭୁବନ, (ଡି.ଏନ.ଏ.), ୨୩।୬**


ଜବତ ହାଇୱା

ବେଆଇନ ଭାବେ ବାଲି ଏବଂ ଚିପ୍ସ ଚାଲାଣ କରୁଥିବା ବେଳେ ମଙ୍ଗଳବାର ଭୁବନ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ହାଇୱା ଏବଂ ଗୋଟିଏ ଟ୍ରକ୍ ଜବତ କରାଯାଇଛି। ମାଲିକଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବା ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଛି। ତହସିଲଦାର ଶକ୍ତିକାନ୍ତ ରାୟ, ଆର୍‌ଆଇ ଶ୍ରୀକାନ୍ତ କୁମାର ପରିଡ଼ା ସଦଳବଳ ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି ଗଁଦିଆ ଥାନା ଷଡ଼ଙ୍ଗୀ ରାସ୍ତାରୁ ଏକ ବାଲିବୋଝେଇ ଟ୍ରକ୍‌କୁ ତହସିଲଦାର ସୁଶାନ୍ତ ମିଶ୍ର ଜବତ କରିଛନ୍ତି। ଚାଳକଙ୍କୁ ଅଟକ ରଖି ଗାଡ଼ି କାଗଜପତ୍ର ଯାଞ୍ଚ କରାଯାଉଛି।

## 'ମିଡିଆ ଇନ୍ ଦି ଟାଇମ୍ ଅଫ୍ କୋଭିଡ୍-୧୯ ଉନ୍ମୋଚିତ'

**ଢେଙ୍କାନାଳ ଅଫିସ, ୨୩।୬**

ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିରେ 'ମନୋଗ୍ରାଫ୍ ମିଡିଆ ଇନ୍ ଦି ଟାଇମ୍ ଅଫ୍ କୋଭିଡ୍-୧୯' ଉନ୍ମୋଚିତ ହୋଇଛି। ସଂସ୍ଥାନର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ସମ୍ବିତ ପାଲ, କେଦାରନାଥ ଜେନା, ଜିତେନ୍ଦ୍ର ପତି ଉପସ୍ଥିତ ଥିଲେ। ଏହାର ଇ-ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଛି। ମନୋଗ୍ରାଫ୍‌ରେ ସ୍ଥାନିତ ୪୭ ନିବନ୍ଧ ମଧ୍ୟରୁ ୪ଟି ଓଡ଼ିଆ ଭାଷାରେ ଲିଖିତ। ଗଣମାଧ୍ୟମ ଉପରେ କୋଭିଡ୍ ପ୍ରଭାବ, ନିର୍ଭୂଲ ଖବର ପରିବେଷଣ, କାର୍ଟୁନ୍, ଭିଜୁଆଲ କମ୍ୟୁନିକେଶନ, ସ୍ୱାସ୍ଥ୍ୟ ଯୋଗାଯୋଗ, ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗ, ଲୋକ ସମ୍ପର୍କ, ଅନ୍‌ଲାଇନ ଶିକ୍ଷା ଆଦି ବିଷୟ ଉପରେ ନିବନ୍ଧଗୁଡ଼ିକ ପର୍ଯ୍ୟବସିତ। ଏହା ଶିକ୍ଷାବିତ୍ ଏବଂ ଖବରଦାତାଙ୍କ ଲାଗି ବେଶ୍ ସହାୟକ ହେବ ବୋଲି ସୂଚନା ଦିଆଯାଇଛି।

## ଆଠମଲ୍ଲିକ ବିଧାୟକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ


ଦୁର୍ଘଟଣାଗ୍ରସ୍ତ ବିଧାୟକଙ୍କ ଗାଡ଼ି।

**ବନ୍ତଳା, ୨୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏଙ୍କ ଗାଡ଼ି (ନଂ. ଓଆର ୦୨ ବିଡି ୪୩୨୧) ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ବିଧାୟକ, ତାଙ୍କ ସହିତ ଥିବା ପିଏସ୍‌ଓ ଏବଂ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ବିଧାୟକ ସାଏ ଅପରାହ୍ନରେ ଭୁବନେଶ୍ୱରରୁ ଘରକୁ ଫେରିବା ରାସ୍ତାରେ ବନ୍ତଳା ଫିଲିଂ ଷ୍ଟେଶନକୁ ପେଟ୍ରୋଲ ପକାଇବାକୁ ଯାଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ଏକ ଗାଡ଼ି ବିଧାୟକଙ୍କ କାର୍‌କୁ ପଛରୁ ଧକ୍କା ଦେଇଥିଲା। ଏ ନେଇ ବିଧାୟକଙ୍କ ଡ୍ରାଇଭର ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମର ଭିକାରି ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିଲା। ପରେ ଉକ୍ତ ଗାଡ଼ିକୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ଜମିଜମା ସ୍ୱତ୍ୱ ନିର୍ଦ୍ଧାରଣ ନେଇ ଅସନ୍ତୋଷ

**ବଅଁରପାଳ, ୨୩।୬ (ଡି.ଏନ୍.ଏ.)**

ଅନୁଗୋଳ ଜିଲା କୁଲାଡ଼ ମହିମା ଟୁଙ୍ଗି ପରିସରରେ ମହାନିତ୍ୟ ଭକ୍ତ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ, ମେରାମଣ୍ଡଳୀ, ଖଳିବେରେଣୀ, ଗାଙ୍ଗିଯୋଡ଼ି, ଅଙ୍ଗାରବନ୍ଧ, ବନ୍ଦା ଓ କୁଲାଡ଼ ଗ୍ରାମ ମହିମା ସମାଜର ଭକ୍ତମାନେ ଯୋଗଦେଇଥିଲେ। କୌପିନଧାରୀ ମହିମା ସମାଜ ଅନ୍ତର୍ଭୁକ୍ତ ମହାନିତ୍ୟ ଭକ୍ତ ସମାଜ ଜମିଜମା ସ୍ୱତ୍ୱ ନିର୍ଦ୍ଧାରଣ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ। ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର ସମ୍ପାଦକ ଭୂତେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ପ୍ରଶାନ୍ତ ମହାପାତ୍ର ସଂଯୋଜନା ଓ ବିବରଣୀ ପ୍ରଦାନ କରିଥିଲେ। ଶତ୍ରୁଘନ ସାହୁ, ମଙ୍ଗରାଜ ସାହୁ, ପରମାନନ୍ଦ ଦେହୁରୀ, ବସନ୍ତ କୁମାର ସାହୁ, ସୁଧୀର କୁମାର ବେହେରା, ଅଶୋକ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଜ୍ଞାନୀ ବେହେରା, ଲୋକନାଥ ସାହୁ, ପ୍ରେମାନନ୍ଦ ଶେଠ ଓ ପରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଜିଟିଭ୍ ସଂଖ୍ୟା ୬୫, ସୁସ୍ଥ ହେଲେ ୨

**ଢେଙ୍କାନାଳ ଅଫିସ, ୨୩।୬**

ଢେଙ୍କାନାଳ ଜିଲାରେ ମଙ୍ଗଳବାର ୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପରଜଙ୍ଗ ବ୍ଲକ କୁମୁସୀ ସଙ୍ଗରୋଧ କେନ୍ଦ୍ରରୁ ୫, ସାଆନ୍ଦା ସଙ୍ଗରୋଧ କେନ୍ଦ୍ରରୁ ୨ ଏବଂ ଓଡ଼ାପଡା ବ୍ଲକ ମେରାମଣ୍ଡଳୀ ସଙ୍ଗରୋଧ କେନ୍ଦ୍ରରୁ ୨ଜଣ ଅଛନ୍ତି। ଏମାନଙ୍କୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୫ରେ



ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ ପଶ୍ଚିମବଙ୍ଗ, ୩ଜଣ ମହାରାଷ୍ଟ୍ର, ଜଣେ ଦିଲ୍ଲୀ ଏବଂ ଅନ୍ୟଜଣେ ତେଲେଙ୍ଗାନାରୁ ଆସିଥିଲେ। ୨୧ ତାରିଖରେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ୨୨ ତାରିଖ ସନ୍ଧ୍ୟାରେ ଆସିଥିବା ରିପୋର୍ଟରେ ସେମାନେ ପଜିଟିଭ୍ ବୋଲି ଜଣାପଡ଼ିଥିଲେ। ପରଜଙ୍ଗ ବ୍ଲକର ୭ ଆକ୍ରାନ୍ତଙ୍କୁ ତାଳଚେର ଏବଂ ଓଡ଼ାପଡ଼ାରୁ ଚିହ୍ନଟ ୨ଜଣଙ୍କୁ ଢେଙ୍କାନାଳସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଢେଙ୍କାନାଳ ପୌରାଞ୍ଚଳର ୨ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଫେରିଛନ୍ତି। ଏହାକୁ ମିଶାଇ ଅଦ୍ୟାବଧି ୫୧ଜଣ କରୋନା ମୁକ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ରାସ୍ତା ଖୋଳିଦେଲେ, ଯୋଗାଯୋଗ ବିଚ୍ଛିନ୍ନ
## ଠିକାସଂସ୍ଥା ନାମରେ ଅଭିଯୋଗ


ଖୋଳି ଦିଆଯାଇଥିବା ରାସ୍ତା।

**ବଇଣ୍ଡା, ୨୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ବନ୍ଧସାହିକୁ ସଂଯୋଗ କରୁଥିବା ମାଟିରାସ୍ତାକୁ ଏକ ଠିକାସଂସ୍ଥା ପକ୍ଷରୁ ଖୋଳି ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଉକ୍ତ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ମୁତାବକ, ଏହି ରାସ୍ତା ଉପରେ ୨୨ଟି ପରିବାର ନିର୍ଭରଶୀଳ। ଦୀର୍ଘ ବର୍ଷ ପୂର୍ବେ ୫୫ ନମ୍ବର ଜାତୀୟ ରାଜପଥରୁ ଗ୍ରାମକୁ ସଂଯୋଗୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଚଳିତ ବର୍ଷ ପଞ୍ଚାୟତ ପକ୍ଷରୁ ମୋରମ ପକାଯାଇ ମରାମତି କରାଯାଇଥିଲା। ରାସ୍ତା ନିକଟରେ ଏକ ପୋଖରୀ ଥିବାବେଳେ ରାଜପଥ ୪ ଲେନ୍ କରୁଥିବା ଠିକାସଂସ୍ଥା ପକ୍ଷରୁ ଏଥିରେ ମାଟି ପକାଇ ସମତଳ କରାଯାଉଛି। ହେଲେ କିଛି ଦିନ ହେବ ବର୍ଷା ପାଣି ପୋଖରୀରେ ଜମିବା ଯୋଗୁ ଏହାକୁ ନିଷ୍କାସନ ପାଇଁ ଠିକାସଂସ୍ଥା ଜେସିବି ମେଶିନ ଦ୍ୱାରା ରାସ୍ତା କାଟି ଦେଇଛି। ଫଳରେ ସପ୍ତାହେ ହେବ ଲୋକେ ରେଳଧାରଣା ଦେଇ ବିଲ ହୁଡାରେ ଯିବାଆସିବା କରୁଛନ୍ତି। ବିରୋଧ ସତ୍ତ୍ୱେ କେହି ଶୁଣୁ ନ ଥିବାରୁ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମର କୈଳାସ ପ୍ରଧାନ, ରଞ୍ଜନ ପ୍ରଧାନ, ହିମାଂଶୁ ପ୍ରଧାନ, କୁଳମଣି ପ୍ରଧାନ, ଧୋବେଇ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଉକ୍ତ ରାସ୍ତା ମରାମତି ମରିବାକୁ ଠିକାସଂସ୍ଥା ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସରପଞ୍ଚ ଜଳଧର ସାହୁ କହିଛନ୍ତି।

## ନାବାଳିକା ଉଦ୍ଧାର, ଜଣେ ଗିରଫ

**ବଇଣ୍ଡା,୨୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରୁ କିଛିଦିନ ତଳେ ଅପହରଣ କରାଯାଇଥିବା ଜଣେ ନାବାଳିକାଙ୍କୁ ହଣ୍ଡପା ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମାଣିକପୁର ଗ୍ରାମର କାହ୍ନା ବେହେରାଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୧୮/୨୦ରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଯୋଗର ଆବଶ୍ୟକତା ଉପରେ ଆଲୋକପାତ

**ବନ୍ତଳା, ୨୩।୬ (ଡି.ଏନ୍.ଏ.)**

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ପରିବାରର ସଦସ୍ୟଙ୍କ ସହ ଏଥିରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ସାମନ୍ତରାୟଙ୍କ ମାର୍ଗଦର୍ଶନରେ ସମସ୍ତେ ଏକ ଘଣ୍ଟା ଧରି ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ସୁସ୍ଥ ଓ ନିରୋଗ ଜୀବନ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖେଳ ଶିକ୍ଷୟିତ୍ରୀ ସୁଚିତ୍ରା ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପାଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ରଥଯାତ୍ରା


ଭୁବନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରତୀକାତ୍ମକ ରଥଯାତ୍ରା ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସନ୍ଧ୍ୟା ଆଳତି।


ଢେଙ୍କାନାଳ ସହର ମୁକ୍ତାଦେଇପୁର ଶାସନ ଅଞ୍ଚଳରେ ଛୋଟ ପିଲାମାନେ କୁନି ରଥରେ ଠାକୁରଙ୍କୁ ବସାଇ ଟାଣୁଛନ୍ତି।


ବଅଁରପାଳ ନାଲ୍‌କୋନଗରରେ ରଥାରୂଢ଼ ତିନି ଠାକୁର।


ଆଠମଲ୍ଲିକ ଜଗନ୍ନାଥ ମନ୍ଦିରରୁ ଠାକୁରଙ୍କୁ ରାଧାକୃଷ୍ଣ ମନ୍ଦିରକୁ ଅଣାଯାଇଛି।


ପରଜଙ୍ଗ ମାଉସୀ ମା' ମନ୍ଦିରରେ ପୂଜା ପାଉଥିବା ଶ୍ରୀଜୀଉ।


ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ତିନି ଠାକୁର।


ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ଠାକୁରଙ୍କ ପୂଜାର୍ଚ୍ଚନା।

## ଦୁଇ ଦୁର୍ଘଟଣାରେ ୬ ଗୁରୁତର

ଚିତ୍ରକୋଣ୍ଡା(ଡି.ଏନ.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ୨ଟି ଦୁର୍ଘଟଣାରେ ୬ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଲିମେଳାରୁ ଚିତ୍ରକୋଣ୍ଡାକୁ ବାଲି ଧରି ଆସୁଥିବା ଏକ ଟ୍ରକ ସ୍ପିଲୱେ ନିକଟସ୍ଥ ଯୁକୋ ପାର୍କଠାରେ ବ୍ରେକ ଫେଲ୍ ହୋଇଯିବାରୁ ପାର୍କର ପାଚେରି ଭାଙ୍ଗି ପାର୍କର ବୋଟିଂ କରାଯାଉଥିବା ପାଣି ଭିତରକୁ ପଶିଯାଇଥିଲା। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେହିପରି ବାଲିମେଳାରୁ ଇଟା ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ମନ୍ତ୍ରୀପୁଟ ଘାଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

### ସଂକ୍ଷେପରେ

## ଉଦ୍ଧାର ନବଜାତ ଶିଶୁକନ୍ୟା ମେଡିକାଲ ସ୍ଥାନାନ୍ତରିତ

ଜୟପୁର,୨୩।୬(ଡି.ଏନ.ଏ.): କୋରାପୁଟ ଜିଲା ଜୟପୁର ସଦର ଥାନାର ବିଶୋଇପୁଟ ଗ୍ରାମ ରାସ୍ତା ପାର୍ଶ୍ୱରୁ ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କୋରାପୁଟ ମେଡିକାଲ କଲେଜକୁ ମଙ୍ଗଳବାର ସ୍ଥାନାନ୍ତରିତ କରାଯାଇଛି। ସୋମବାର ଅପରାହ୍ନରେ ବିଶୋଇପୁଟ ଗ୍ରାମର ଜଣେ ମହିଳାଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ନବଜାତ କନ୍ୟାଙ୍କୁ ସଦର ଥାନା ପୋଲିସ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଥିଲା। ଏହି ଖବର ପାଇ ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଡ. ଗାୟତ୍ରୀ ଦେବୀଙ୍କ ନିର୍ଦ୍ଦେଶରେ ଚାଇଲ୍ଡଲାଇନର ସଦସ୍ୟମାନେ ପହଞ୍ଚି ଥିଲେ। ପରେ ଅଧକ୍ଷା ଡ. ଗାୟତ୍ରୀ ଏବଂ ଦଶମନ୍ତପୁର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର ମୁଖ୍ୟ ପରିଚାଳକ ସୌମ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରର ଦୁଇଜଣ ସେବିକାଙ୍କ ସହିତ ପହଞ୍ଚି ଶିଶୁକନ୍ୟାର ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅଧିକ ଚିକିତ୍ସା ନିମନ୍ତେ କୋରାପୁଟସ୍ଥିତ ମେଡିକାଲ କଲେଜକୁ ନବଜାତ କନ୍ୟାଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଶିଶୁକନ୍ୟା ସୁସ୍ଥହେବା ପରେ ସିଡବ୍ଲୁସି ଅଧକ୍ଷା ଏବଂ କମିଟିକୁ ରିପୋର୍ଟ ଦିଆଯାଇ ଦଶମନ୍ତପୁର ପୋଷ୍ୟକେନ୍ଦ୍ରରେ ରଖାଯିବା ବ୍ୟବସ୍ଥା କରାଯିବ ବୋଲି ଅଧକ୍ଷା ଡା. ଗାୟତ୍ରୀ ଦେବୀ କହିଛନ୍ତି।

## ୧୨ ଟିପ୍ପର ଜବତ

କୋଡିଙ୍ଗା,୨୩।୬(ଡି.ଏନ.ଏ)- ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତୋ ମଙ୍ଗଳବାର କୋଷାଗୁମୁଡା ବ୍ଲକ ପରିଦର୍ଶନରେ ଆସିଥିବା ବେଳେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ୧୨ଟି ଟିପ୍ପର ଜବତ କରିଛନ୍ତି। ପାପଡାହାଣ୍ଡି-କୋଡିଙ୍ଗା ରାସ୍ତା ମାଲେକୋଟଠାରୁ ୫ଟି ବାଲି ବୋଝେଇ ଟିପ୍ପରର କାଗଜପତ୍ର ଯାଞ୍ଚ ପରେ ଏହାକୁ ଜବତକରି କୋଡିଙ୍ଗା ତହସିଲକୁ ନେଇଥିଲେ। ପରେ କୋଡିଙ୍ଗା ତହସିଲଦାରଙ୍କ ସହ ଯାଇ ବିଭିନ୍ନ ଅଞ୍ଚଳରୁ ବାଲି ବୋଝେଇ ଟିପ୍ପର ଜବତ କରିଥିଲେ। ଉକିଆପଲ୍ଲୀ ପଞ୍ଚାୟତର ଗଜାଗାଁ ଠାରୁ ବାଲି ବୋଝେଇ ହୋଇ ଦାମନଯୋଡି ଚାଲାଣ ହେଉଥିଲା। ୮ଟି ଟିପ୍ପରରୁ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଜୁଆଆଡ୍ଡାରେ ଚଢ଼ାଉ: ୭ ଗିରଫ

ପାପଡ଼ାହାଣ୍ଡି, ୨୩।୬ (ଡି.ଏନ.ଏ.): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ମହରାଗୁଡା ଗ୍ରାମରେ ପାପଡାହାଣ୍ଡି ପୋଲିସ ମଙ୍ଗଳବାର ଚଢାଉ କରି ଲକ୍ଷାଧିକ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ଲକ୍ଷ ୧୦ ହଜାର ୫୦୦ ଟଙ୍କା ଜବତ କରିଛି। ଜଟାବାଲ ପଞ୍ଚାୟତ ଅନ୍ତର୍ଗତ ମହାରାଗୁଡା ଗ୍ରାମର ୨୦୦ ମିଟର ଦୂରରେ ଥିବା ଏକ ନିଛାଟିଆ ଘରେ ଜୁଆଖେଳ ଚାଲିଥିବା ଖବର ପାଇ ପାପଡାହାଣ୍ଡି ଥାନା ଅଧିକାରୀ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପାପଡାହାଣ୍ଡି ଥାନା ଓଆଇସି ଦିଲୀପ କୁମାର ପ୍ରଧାନ, ଅଶ୍ୱିନୀ କୁମାର ପଟ୍ଟନାୟକ ଏବଂ ପୋଲିସ କର୍ମଚାରୀ ଚଢାଉ କରିଥିଲେ।

## ମନ୍ଦିର ପରିସରରେ ନୀତିକାନ୍ତି ସମାପନ

ରାୟଗଡ଼ା ଅଫିସ, ୨୩।୬: ରାୟଗଡ଼ାରେ ତିନିଠାକୁରଙ୍କ ମନ୍ଦିର ବେଢ଼ାରେ ଶେଷ ହୋଇଛି ଗୁଣ୍ଡିଚାଯାତ୍ରା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରଥଟଣା କାର୍ଯ୍ୟକ୍ରମ ହୋଇ ନ ଥିବା ବେଳେ ମନ୍ଦିର ପରିସରରେ ହିଁ ଠାକୁରଙ୍କ ନୀତିକାନ୍ତି ସମାପନ ହୋଇଛି। ମଙ୍ଗଳବାର ସକାଳ ସାଢେ ୫ଟା ସମୟରେ ଅଣସର ଘରେ ପହଡ଼ ଖୋଲାଯିବା ପରେ ତିନିଠାକୁରଙ୍କ ମଙ୍ଗଳ ଆଳତି, ତଡ଼ପଲାଗି,ଗୋପାଳବଲ୍ଲଭ ଭୋଗ ଲାଗି ହେବା ପରେ ଦ୍ୱାରପାଳ ପୂଜା ହୋଇଥିଲା। ଏହାପରେ ତିନିଠାକୁରଙ୍କୁ ଧାଡ଼ି ପହଣ୍ଡିରେ ସେବାୟତମାନେ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ଅସ୍ଥାୟୀ ମାଉସୀ ମା' ମନ୍ଦିରକୁ ଆଣିଥିଲେ । କରୋନା କଟକଣା ଯୋଗୁ ମନ୍ଦିର ପରିସରରେ ପୋଲିସ ଛାଉଣୀ କରାଯାଇଥିବା ବେଳେ ମନ୍ଦିର ବାହାରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା ।

# ବନ୍ୟା ବେଳେ ରୋକିପାରୁନି କମ୍ ଉଚ୍ଚତାର ପୋଲ

- ବର୍ଷା ହେଲେ ପୋଲ ଉପରେ ପାଣି ପ୍ରବାହିତ ହେଉଛି
- ୨ ସ୍ଥାନରେ ମନ୍ଥର ଗତିରେ ଚାଲିଛି କାର୍ଯ୍ୟ
- ଅଧିକ ଉଚ୍ଚତାବିଶିଷ୍ଟ ପୋଲ ନିର୍ମାଣ ପାଇଁ ଯାଇଛି ପ୍ରସ୍ତାବ

ମାଲକାନଗିରି,୨୩।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ଏକ ପାହାଡ଼ ପର୍ବତ ଘେରା ଅଞ୍ଚଳ ରୂପେ ପରିଚିତ। ଜିଲାରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଥାଏ। ଜୟପୁର, ମାଲକାନଗିରି ଓ ମୋଟୁ ପର୍ଯ୍ୟନ୍ତ ପାଙ୍ଗାମ, ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି-୯୬ ଆଦି ଅଞ୍ଚଳର ନଦୀ ଉପରେ ନିର୍ମାଣ ହୋଇଥିବା ପୋଲଗୁଡ଼ିକ ଅଳ୍ପ ଉଚ୍ଚତାବିଶିଷ୍ଟ ହୋଇଥିବାରୁ ବର୍ଷାଋତୁରେ ବର୍ଷା ହେଲେ ଏହି ପୋଲଗୁଡ଼ିକ ଉପରେ ବର୍ଷାଜଳ ପ୍ରବାହିତ ହୋଇଥାଏ। ଦୁଇବର୍ଷ ତଳେ ପୋଟେରୁ ବଜାର ନିକଟସ୍ଥ ନଦୀରେ ବର୍ଷାଜଳ ଆସି ପୋଲ ଉପରେ ୧୦ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବାରୁ ପୋଟେରୁ ବଜାର ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ପୋଟେରୁ ଥାନାର ତଳ ମହଲା ମଧ୍ୟ ବନ୍ୟାଜଳରେ ବୁଡ଼ିଯାଇଥିଲା। ତେବେ ସେହି ସମୟରେ ପୋଟେରୁ ନଦୀ ଉପରେ ନୂତନ ରୂପେ ଅଧିକ ଉଚ୍ଚତା ବିଶିଷ୍ଟ ପୋଲ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ପୋଟେରୁ ନଦୀରେ ଅଧିକ ଉଚ୍ଚତାବିଶିଷ୍ଟ ପୋଲ ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଏମ୍‌ଭି-୭ ନିକଟରେ ଥିବା ତମସା ନଦୀ ଜଳ ପ୍ରବାହିତ ହେବାପାଇଁ ନିର୍ମିତ ପୋଲ କମ୍ ଉଚ୍ଚତା ହୋଇଥିବାରୁ ପ୍ରତିବର୍ଷ ବନ୍ୟାଜଳ ସେତୁ ଉପରେ ପ୍ରବାହିତ ହୋଇ କାଳିମେଳା-ମାଲକାନଗିରି ଯାତାୟାତ ଠପ୍ ହେଉଛି। ଲୋକେ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି। ଅନ୍ୟପକ୍ଷରେ କାଳିମେଳାଠାରୁ ପଡ଼ିଆ ଯାତାୟାତ ରାସ୍ତାରେ କନ୍ୟାଶ୍ରମ ନିକଟରେ ଥିବା ନଦୀରେ ନୂତନ ପୋଲ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ୨ ବର୍ଷରେ ମାତ୍ର ୩୦ ପ୍ରତିଶତ କାର୍ଯ୍ୟ ହୋଇଛି। ଏହି ପୋଲ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।


ନିର୍ମାଣାଧୀନ ପୋଲ।


କାର୍ଯ୍ୟ ସରି ଉଦ୍‌ଘାଟନ ହୋଇ ନ ଥିବା ପୋଲ।

ସେହିପରି ମାଲକାନଗିରି-ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାର ଏମ୍‌ଭି-୧୧, କୋରୁକୋଣ୍ଡା, ତାର୍ଲାକୋଟା ଆଦି ୩ଟି ଗ୍ରାମ ନିକଟରେ ଥିବା ନଦୀ ଉପରେ ଗତ ଦୁଇବର୍ଷ ହେଲା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରୁ ଏମ୍‌ଭି-୧୧ଠାରେ ପୋଲ ନିର୍ମାଣ କାର୍ଯ୍ୟ ସରିଛି। ତାର୍ଲାକୋଟା ଓ କୋରୁକୋଣ୍ଡା କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ମେ ୭ରେ ଜିଲାପାଳଙ୍କ ଅଧକ୍ଷତାରେ ବସିଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ବର୍ଷା ପୂର୍ବରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଏବଂ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପଦାଧିକାରୀମାନେ ଏହାକୁ ତ୍ୱରାନ୍ୱିତ କରି ଶେଷ କରିବାକୁ ସମ୍ମତି ଦେଇଥିଲେ। ମାଲକାନଗିରି-ବାଲିମେଳା ରାସ୍ତାର ଏମ୍‌ଭି-୧୧ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୭ଦିନ ଭିତରେ ଏହାକୁ ଉଦ୍‌ଘାଟନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଦେଢମାସ ବିତିଯାଇଥିଲେ ମଧ୍ୟ ଏହି ପୋଲ ଉଦ୍‌ଘାଟନ ହୋଇପାରିନାହିଁ। ପୋଲର ଉଭୟ ପାର୍ଶ୍ୱରେ ବାଲିବସ୍ତା ଦେଇ ଗାଡ଼ିମୋଟର ଚଳାଚଳକୁ ରୋକାଯାଇଛି। ଏ ସମ୍ପର୍କରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ସୁବାସ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ପୃକ୍ତ ପୋଲର ଅଳ୍ପ କିଛି କାମ ବାକିଥିବାରୁ ଏହା ଲୋକାର୍ପଣରେ ବିଳମ୍ବ ହେଉଛି। ଜିଲାପାଳଙ୍କ ସହ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ କରାଯିବ। ତାର୍ଲାକୋଟା, କୋରୁକୋଣ୍ଡା ଓ କନ୍ୟାଶ୍ରମଠାରେ ପୋଲ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତେବେ ଚଳିତ ବର୍ଷାଋତୁରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରେ। ଖୁବ୍‌ଶୀଘ୍ର ପୋଲ ନିର୍ମାଣ ଶେଷ କରିବାକୁ ସମ୍ପୃକ୍ତ ଠିକାଦାରମାନଙ୍କୁ ତାଗିଦ କରାଯାଇଛି। ଅନ୍ୟପକ୍ଷରେ ଅଗ୍ନିଶମ ବିଭାଗ ଜିଲାର ୭ଟି ବ୍ଲକରେ ବନ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି, ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଏହାର ମୁକାବିଲା କରିବାକୁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି।

## ହତ୍ୟା ଘଟଣାରେ ୪ ଗିରଫ

ନବରଙ୍ଗପୁର,୨୩।୬(ବି.ପ୍ର): ନବରଙ୍ଗପୁର ସଦର ବ୍ଲକ ସାନମସିଗାଁ ଛକରେ ଈଶ୍ୱର ପୂଜାରୀ (୨୧)ଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଧୀର ମାଝି, ଟୁନା ମାଝି, ମଦନ ମାଝି, ଈଶ୍ୱର ପୂଜାରୀ। ବିକ୍ରମପୁର ପଞ୍ଚାୟତ ଦେଉଳା ଗ୍ରାମର ଈଶ୍ୱର ୨ ଜଣ ସାଙ୍ଗ ସହ ମିଶି ୧୮ ତାରିଖ ରାତିରେ ସରଗିଗୁଡା ଗ୍ରାମକୁ ଯାଇଥିଲେ। ସେଠାରେ ଈଶ୍ୱର ଜଣେ ଯୁବତୀକୁ ଦେଖା କରିବାକୁ ଛାତ ଉପରକୁ ଚଢୁଥିଲେ। ଯୁବତୀଙ୍କ ଜେଜେ ଏହା ଦେଖି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକ ଛାତ ଉପରେ ପହଞ୍ଚିଯିବା ଈଶ୍ୱର ଜାଣି ପାରି ତଳକୁ ଡେଇଁ ପଡିଥିଲେ। ଯୁବତୀଙ୍କ ପରିବାର ଲୋକ ସୁଧୀର, ମଦନ, ଭିଣୋଇ ଈଶ୍ୱର ଓ ସମ୍ପର୍କୀୟ ଭାଇ ଟୁନା ଦେଉଳା ଗ୍ରାମର ଈଶ୍ୱରଙ୍କୁ କାବୁ କରି ମାଡ ମାରିଥିଲେ। ଘଟଣାସ୍ଥଳରେ ଈଶ୍ୱରଙ୍କ ମୃତ୍ୟୁ ଘଟିଥିଲ। ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଅଖାରେ ଭର୍ତ୍ତି କରି ବାଇକରେ ଆଣି ସାନମସିଗାଁ ଛକ ରାସ୍ତା ଉପରେ ଈଶ୍ୱରଙ୍କ ମୃତଦେହ ଶୁଆଇ ଦେଇଥିଲେ। ଈଶ୍ୱର ରାସ୍ତା ଉପରେ ମରି ପଡିଥିବା ତାଙ୍କ ଭାଇ ଖବର ପାଇଥିଲେ। ପୋଲିସ ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଥିଲା। କେସ୍ ନଂ. ୧୪୬/୨୦ରେ ମାମଲା ରୁଜୁ ହୋଇଛି।

## ପୁଷ୍ଟିବଗିଚା କାର୍ଯ୍ୟକ୍ରମ: ଅପପୁଷ୍ଟି ରୋକିବାକୁ ପରାମର୍ଶ

ମାଲକାନଗିରି,୨୩।୬(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ପଞ୍ଚାୟତର ରାମାଗୁଡ଼ାଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁଷ୍ଟିବଗିଚା ଆରମ୍ଭ ହୋଇଛି। ନିଜ ଘର ବାଡ଼ି ବଗିଚାରେ ଯେଉଁଭଳି ଅଞ୍ଚଳବାସୀ ପନିପରିବା ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଚାଷ କରିପାରିବେ ସେନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ମିଶନର ଡିପିଏମ୍ ପବିତ୍ର ମୋହନ ବାରା, ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମେନକା ପ୍ରଧାନ, ପ୍ରଦୀପ ମଣ୍ଡଳଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଆଦିବାସୀ ପରିବାରଗୁଡ଼ିକ ନିଜ ବାଡ଼ିବଗିଚାରେ ୧୩ ପ୍ରକାର ପରିବା କଦଳୀ, ସଜନା, ଅମୃତଭଣ୍ଡା, ଲେମ୍ବୁ, ଜହ୍ନି ଆଦି ଜୈବିକ ପଦ୍ଧତିରେ ଚାଷକରି ଅପପୁଷ୍ଟି ରୋକିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଆଗାମୀ ଦିନରେ ଜିଲାର ୭୫୦୦ ପରିବାରଙ୍କୁ ଏହି ପୁଷ୍ଟିବଗିଚା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।


ପୁଷ୍ଟିବଗିଚା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

## ମାନିଲେନି ୧୪୪ ଧାରା

ଜୟପୁର ,୨୩।୬(ଡି.ଏନ.ଏ ): ରଥଯାତ୍ରା ପାଇଁ କୋରାପୁଟ ଜିଲା ଜୟପୁର ଉପଜିଲାପାଳ ସୋମବାର ରାତି ୧୧ଟାରେ ମଙ୍ଗଳବାର ସହରର ମୁଖ୍ୟ ରାସ୍ତାରେ ୧୪୪ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଟାଉନଥାନା ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମାଇକ୍ ଯୋଗେ ୧୪୪ ଜାରି ନେଇ ଘୋଷଣା କରିଥିଲା। ମାତ୍ର ସେତେବେଳକୁ ସହରର ମୁଖ୍ୟରାସ୍ତାର ଦୋକାନ ବଜାର ସବୁ ଖୋଲି ଯାଇଥିବାରୁ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ୧୪୪ ନିର୍ଦ୍ଦେଶକୁ ଦୋକାନୀ କିମ୍ବା ସହରବାସୀ ମାନି ନ ଥିଲେ। ପୋଲିସ ଘୋଷଣା କରି ନୀରବ ରହିଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ କୌଣସି ପଦକ୍ଷେପ ନେଇ ନ ଥିଲା। ଏନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କୁ ପଚାରିବାରୁ ସେ କହିଲେ ଯେ, ଅପରାହ୍ନ ୨ଟା ପରେ ଦୋକାନ ବଜାର ବନ୍ଦ ରହୁଥିବାରୁ ଏହାକୁ ତୁରନ୍ତ ପାଳନ କରାଯାଇ ନ ଥିଲା।

## ଜୟପୁରରେ ଶ୍ରୀଜୀଉଙ୍କ ନୀତିକାନ୍ତି

ଜୟପୁର,୨୩।୬(ନି.ପ୍ର./ଡି.ଏନ୍.ଏ.) :ପ୍ରସିଦ୍ଧ ଶାବର ଶ୍ରୀକ୍ଷେତ୍ରରେ ମଧ ବିନା ଭକ୍ତରେ ସେବାୟତଙ୍କ ଦ୍ୱାରା କେବଳ ରୀତିନୀତି ସମ୍ପନ୍ନ ହୋଇ ରଥଯାତ୍ରା ହୋଇଛି। ଜୟପୁର ମନ୍ଦିର ପରିସରରେ ପ୍ରତୀକାତ୍ମକ ରଥ ପ୍ରତିଷ୍ଠା କରାଯାଇ ଅପରାହ୍ନ ସାଢେ ୩ଟାରେ ଶ୍ରୀଜୀଉଙ୍କ ପହଣ୍ଡି ହୋଇଥିଲା। ମନ୍ଦିର ପରିସରରେ ଏକ ୬ଫୁଟର ଛୋଟ ରଥ ନିର୍ମାଣ କରାଯାଇଛି। ଏଥିରେ ଅନନ୍ତଶୟନ ଏବଂ ମଦନମୋହନ ରଥାରୂଢ଼ ପରେ ବୁଧବାର ଆଡ଼ପ ମଣ୍ଡପ ହୋଇଥିବା ବଲ୍ଲଭନାରାୟଣ ମନ୍ଦିର ପର୍ଯ୍ୟନ୍ତ ଟଣାଯିବ। ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ଏବଂ ପତିତପାବନଙ୍କୁ ଅସ୍ଥାୟୀ ମଣ୍ଡପକୁ ନିଆଯିବ। ଏଠାକୁ ମହାପ୍ରଭୁଙ୍କ ପ୍ରତିମା ବିଜେ ପରେ ବିଭିନ୍ନ ଦିବସରେ ଠାକୁରଙ୍କ ବିଭିନ୍ନ ବେଶ ହେବ ବୋଲି ଜଗନ୍ନାଥଙ୍କ ମୁଖ୍ୟ ପୂଜକ ଡମ୍ବୁରଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପରମ୍ପରା ଅନୁଯାୟୀ ରାଜାରାଜୁଡ଼ା ସମୟରୁ ଜୟପୁରରେ ରଥଯାତ୍ରା ଦିନ ପ୍ରଥମ ଦିବସରେ ପହଣ୍ଡି ହୋଇ ତିନିଠାକୁର ରଥାରୂଢ଼ ହୋଇଥାନ୍ତି, ତା'ପରଦିନ ରଥଟଣା ହୋଇଥାଏ। ଜୟପୁରର ଆଖପାଖ ଗ୍ରାମାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ମଧ ବିନା ଭକ୍ତରେ ରଥଯାତ୍ରା ନୀତିକାନ୍ତି ସହ ଶେଷ ହୋଇଛି। ପୁରୁଣାଗଡ଼ାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ବାରିଣୀପୁଟସ୍ଥିତ ମନ୍ଦିର ବାଟ ଜଗନ୍ନାଥପୁର ଏବଂ ଆମ୍ବାଗୁଡ଼ାଠାରେ ମଧ କେବଳ ରୀତିନୀତିରେ ଯାତ୍ରା ହୋଇଥିଲା।

## ମନ୍ଦିର ବେଢ଼ାରେ ସମସ୍ତ ରୀତିନୀତି

ଗୁଣପୁର,୨୩।୬(ଡି.ଏନ.ଏ.): ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜଗନ୍ନାଥ ମନ୍ଦିରବେଢ଼ା ମଧ୍ୟରେ ମଙ୍ଗଳବାର ରଥଯାତ୍ରା ନୀତି ସମ୍ପନ୍ନ ହୋଇଛି। କରୋନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରଥଯାତ୍ରା ନ ହୋଇ କେବଳ ଠାକୁରଙ୍କ ମନ୍ଦିର ପରିସରରେ ରୀତିନୀତି ସମ୍ପନ୍ନ ହେବାକୁ ନିଷ୍ପତ୍ତି ହୋଇଥିଲା। ତିନିଠାକୁରଙ୍କୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରାଯାଇଛି। ଏହି କାର୍ଯ୍ୟକ୍ରମ ବେଳେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମବନ୍ଦର, ତହସିଲଦାର ଲକ୍ଷ୍ମୀନାରାୟଣ ସାବତ, ଉପଜିଲାପାଳଙ୍କ ସମେତ ପୂଜକ, ସେବକ, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ପରିସରରେ ଘୋଷଯାତ୍ରା

ନବରଙ୍ଗପୁର,୨୩।୬ (ବି.ପ୍ର.): ନବରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସରରେ ଚଳିତ ବର୍ଷ ରୀତିନୀତିରେ ରଥଯାତ୍ରା ପାଳିତ ହୋଇଛି। ମନ୍ଦିର ପରିସରରେ ଛୋଟ ରଥ ନିର୍ମାଣ କରାଯାଇଥିଲା। ମନ୍ଦିର ପରିସରରେ ଅସ୍ଥାୟୀ ମାଉସୀମା' ମନ୍ଦିର କରାଯାଇ ଘୋଷଯାତ୍ରା ପାଳନ କରାଯାଇଛି। ରଥଯାତ୍ରା ସମୟରେ ଯେପରି ନୀତିକାନ୍ତି କରାଯାଇ ପାଳନ କରାଯାଉଥିଲା ସେହିଭଳି ପାଳନ କରାଯାଇଛି ବୋଲି ରାଜ ପୁରୋହିତ ନରସିଂହ ତ୍ରିପାଠୀ କହିଛନ୍ତି। ରାଜପୁରୋହିତ ଛେରାପହରା କରିଥିଲେ। ସାମାଜିକ ଦୂରତା ରକ୍ଷା କରାଯାଇ ସମସ୍ତ କାର୍ଯ୍ୟ ହୋଇଥିଲା।

## ବିନା ଭକ୍ତରେ ମନ୍ଦିର ବେଢ଼ାରେ ହେଲା ପହଣ୍ଡି

### ସୁପ୍ରିମକୋର୍ଟ କଟକଣା

ମାଲକାନଗିରି/କୋରୁକୋଣ୍ଡା/ କାଳିମେଳା,୨୩।୬ (ଡି.ଏନ.ଏ.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରି ମାଲକାନଗିରି ଜିଲାବ୍ୟାପୀ ମହାପ୍ରଭୁଙ୍କ ଘୋଷଯାତ୍ରା ମନ୍ଦିର ପରିସରରେ କେବଳ ନୀତିକାନ୍ତି ହୋଇ ପାଳିତ ହୋଇଯାଇଛି। ଜିଲା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମୁଖ୍ୟ ଫାଟକରେ ତାଲା ପକାଇ କୋଭିଡ୍-୧୯ ନିୟମକୁ ପାଳନ କରି ପଟିଦିଅଁଙ୍କ ପହଣ୍ଡି ବିଜେ ହୋଇଥିଲା। ପରେ ନିର୍ମିତ ଛୋଟ ରଥରେ ଦିଅଁଙ୍କୁ ରଖାଯାଇ ମନ୍ଦିର ପରିସରରେ ହୋଇଥିବା ଅସ୍ଥାୟୀ ମାଉସୀ ମା' ଘରକୁ ନିଆଯାଇଥିଲା। ଏଥିରେ ରାଜ ପୁରୋହିତ ବିନାୟକ ଶତପଥୀ, ତହସିଲଦାର ଡ.ଗୁଣନିଧି ନାୟକ, ଥାନାଧିକାରୀ ରାମପ୍ରସାଦ ନାଗଙ୍କ ସମେତ ଅଳ୍ପ ସଂଖ୍ୟକ ସେବାୟତ ଉପସ୍ଥିତ ଥିଲେ। ଚିଦାନନ୍ଦ ସାହିସ୍ଥିତ ବନ ବିଭାଗର ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା କୋଭିଡ୍ ନିୟମ-୧୯ ଅନୁଯାୟୀ ପାଳିତ ହୋଇଛି। ଏଥିରେ ଡିଏଫ୍‌ଓ ପ୍ରଦୀପ ଦେବୀଦାସ ମୀରାସେ , ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସାମିଲ ହୋଇଥିଲେ।

ବାଲିମେଳାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମୁଖ୍ୟ ଫାଟକରେ ତାଲା ପକାଇ କୋଭିଡ୍-୧୯ ନିୟମ ଅନୁସାରେ ମନ୍ଦିର ବେଢ଼ା ଭିତରେ ଶ୍ରୀଜୀଉଙ୍କ ରଥଯାତ୍ରା ନୀତିକାନ୍ତି ହୋଇଥିଲା। ଛୋଟ ରଥରେ ପଟିଦିଅଁଙ୍କୁ ବିଜେକରି ଅସ୍ଥାୟୀ ମାଉସୀ ମା' ଘରକୁ ଆଣି ରଖାଯାଇଥିଲା। ଏଥିରେ ରାଜ ପୁରୋହିତ ମୃତ୍ୟୁଞ୍ଜୟ ଦାସଙ୍କ ସହ ବିଭାଗୀୟ ପଦାଧିକାରୀ ଓ କେତେଜଣ ସେବାୟତ ସାମିଲ ହୋଇଥିଲେ।

କାଳିମେଳା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ରୀତିନୀତିରେ ସମ୍ପନ୍ନ ହୋଇଛି। ପରିଚାଳନା କମିଟି ପକ୍ଷରୁ ମନ୍ଦିର ବେଢାରେ ଏକ ଅସ୍ଥାୟୀ ମାଉସୀ ମା' ମନ୍ଦିର ସ୍ଥାପନ ପରେ ଠାକୁରମାନଙ୍କୁ ପହଣ୍ଡି କରି ମାଉସୀମା' ମନ୍ଦିରକୁ ନିଆଯାଇଥିଲା। ବିଡିଓ ଉମା ଶଙ୍କର ଦଳାଇ ମନ୍ଦିର ଚତୁଃପାର୍ଶ୍ୱରେ ଛେରାପହଁରା କରିଥିଲେ। ଥାନା ଅଧିକାରୀ ସୁରଜ କୁମାର ଝାଙ୍କର ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ। ମନ୍ଦିର କମିଟି ସଭାପତି ତଥା ତହସିଲଦାର ଅଲୋକ କୁମାର ଅନୁଗୁଳିଆ,ବ୍ଲକ ଅଧକ୍ଷ ମାଲା ମାଡି ପ୍ରମୁଖ ଉପସ୍ଥିତ ଥିଲେ।

# ଗଜପତିରେ ୪୧ କରୋନା ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୩।୬(ସ୍ୱ.ପ୍ର.)-ଗଜପତି ଜିଲାରେ ମଙ୍ଗଳବାର ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୪୧ଜଣଙ୍କ ମଧ୍ୟରୁ ୪୦ଜଣ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଏବଂ ଜଣଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪୧ଜଣ ଚିହ୍ନଟ ପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭୯ରେ ପହଞ୍ଚିଛି। ଗଜପତି ଜିଲାପାଳ ଅନୁପମ ସାହା ଏ ନେଇ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ନୂତନ ଭାବେ ଯେଉଁ ୪୧ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ତାମିଲନାଡୁରୁ ୧୪ଜଣ,ଆନ୍ଧ୍ରରୁ ୫ ଜଣ,ତେଲଙ୍ଗାନାରୁ ୬ଜଣ,କର୍ନାଟକରୁ ଜଣେ,ମହାରାଷ୍ଟ୍ରରୁ ୫ଜଣ ପ୍ରବାସୀ ଗଜପତି ଜିଲାକୁ ଫେରିଥିଲେ। ଏମାନଙ୍କ ସହ ୮ଜଣ କଣ୍ଟେନମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୨ଜଣ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିହ୍ନଟ ହୋଇଛନ୍ତି।

## ରାୟଗଡ଼ାରେ ପୁଣି ୫ ଚିହ୍ନଟ

ରାୟଗଡ଼ା ଅଫିସ,୨୩।୬: ରାୟଗଡ଼ା ଜିଲାରେ ମଙ୍ଗଳବାର ପୁଣି ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ପୁରୁଷ। ଏମାନଙ୍କ ମଧ୍ୟରୁ ୩ଜଣ କାଶୀପୁର ସର୍ଗିଗୁଡ଼ା ଅଞ୍ଚଳର। ଅନ୍ୟ ୨ଜଣ ବିଷମକଟକ ନିକଟରେ ଥିବା କୁମାର ଡାମୁଣି ଅଞ୍ଚଳର ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ସର୍ଗିଗୁଡାର ୩ ଜଣଙ୍କ ମଧ୍ୟରୁ ଜଣେ ଏପ୍ରିଲ ୨୩ରେ ନେଲୋରରୁ ଫେରି କାଶୀପୁର ଟିଏମ୍‌ସିରେ ୧୪ ଦିନ କ୍ୱାରାଣ୍ଟାଇନରେ ରହି ଘରକୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଅନ୍ୟ ୨ ଜଣ ପ୍ରଥମ କରୋନା ଆକ୍ରାନ୍ତ ଦିଲ୍ଲୀ ଫେରନ୍ତା ମହିଳାଙ୍କ ସଂସ୍ପର୍ଶରେ ଆସିଥିଲେ। ଏହା ଜଣାପଡ଼ିବା ପରେ ପ୍ରଶାସନ ସେମାନଙ୍କ ସ୍ୱାବ୍ ସଂଗ୍ରହକରି ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଇଥିଲା। କୁମାର ଡାମୁଣି ଅଞ୍ଚଳର ଚିହ୍ନଟ ହୋଇଥିବା ୨ ବ୍ୟକ୍ତି ଆନ୍ଧ୍ରପ୍ରଦେଶର କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିଲେ। ଏ ସମ୍ପର୍କରେ ଆନ୍ଧ୍ର ପୋଲିସ ଜିଲା ପ୍ରଶାସନକୁ ଅବଗତ କରିବା ପରେ ଜିଲା ପ୍ରଶାସନ ଉଭୟଙ୍କୁ ଚିହ୍ନଟକରି ସେମାନଙ୍କ ସ୍ୱାବ୍ ସଂଗହକରି ଆର୍‌ଏମ୍‌ଆର୍‌ସିକୁ ପଠାଇଥିଲା। ସମସ୍ତଙ୍କ ରିପୋର୍ଟ ପଜିଟିଭ ଆସିଛି। ଏମାନଙ୍କୁ ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏମାନଙ୍କୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ସର୍ଗିଗୁଡ଼ା ଗ୍ରାମକୁ ପୂର୍ବରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବୈପାରିଗୁଡ଼ାରେ ଜଣେ

- ରିପୋର୍ଟ ଆସିବା ପୂର୍ବରୁ ଘରକୁ ପଠାଇ ଦେଇଥିଲେ
- ପଜିଟିଭ ଆସିବାରୁ ଘରୁ ଆଣି ପଠାଇଲେ ଜୟପୁର

ବୈପାରିଗୁଡା (ଡି.ଏନ୍.ଏ)

କୋରାପୁଟ ଜିଲା ବୈପାରିଗୁଡାରେ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତଙ୍କ ରିପୋର୍ଟ ପଜିଟିଭ ଆସିଛି। ସେ ଜଣେ ଯୁବକ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ସମ୍ପୃକ୍ତ ଯୁବକ ଜଣକ କିଛି ଦିନ ତଳେ ବାହାର ରାଜ୍ୟରୁ ଆସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ସେଠାରୁ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ରିପୋର୍ଟ ନ ଆସିବା ପୂର୍ବରୁ ତାଙ୍କୁ ସୋମବାର ସକାଳେ ଘରକୁ ପଠାଯାଇଥିଲା। ଉକ୍ତ ଦିନ ସନ୍ଧ୍ୟାରେ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ପୁଣି ଥରେ ଘରୁ କ୍ୱାରାଣ୍ଟାଇନ ସେଣ୍ଟରକୁ ଆଣି ସେଠାରୁ ଚିକିତ୍ସା ପାଇଁ ଜୟପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବି ଶତପଥୀ ଏବଂ କ୍ୱାରାଣ୍ଟାଇନ୍ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ସାଧୁରାମ ମେହେରଙ୍କୁ ପଚାରିବାରୁ ଉଭୟେ ସମାନ ମତ ଦେଇଛନ୍ତି। ସେମାନେ କହିଛନ୍ତି ଯେ, ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଏଠାରେ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ୭ ଦିନ ଏବଂ ହୋମ୍ କ୍ୱାରେଣ୍ଟାନ୍ ୭ ଦିନ ରଖାଯିବା ନିୟମ ଅଛି। ସମ୍ପୃକ୍ତ ଯୁବକ ଜଣକ ୧୦ ଦିନ ରହିବା ପରେ ସୋମବାର ତାଙ୍କୁ ହୋମ୍ କ୍ୱାରାଣ୍ଟାଇନକୁ ପଠାଯାଇଥିଲା। ମାତ୍ର କିଛି ସମୟ ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଚିକିତ୍ସା ପାଇଁ ଜୟପୁର ପଠାଯାଇଛି। ସୂଚନାଯୋଗ୍ୟ ଯେ, ଏହାକୁ ମିଶାଇ ବୈପାରିଗୁଡାରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ରେ ପହଞ୍ଚିଛି।

## ବିନା ଭକ୍ତରେ ବିଜେ କରିଛନ୍ତି ମହାପ୍ରଭୁ


ଚନ୍ଦାହାଣ୍ଡି


ଜୟପୁର


କାଳିମେଳା


ସୁନାବେଡ଼ା


ରାୟଗଡ଼ା

